ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମେ' ୨୬/୨୦୨୩ (୧୬ ପୃଷ୍ଠା) Bhubaneswar, Friday, May 26/2023 Page 16 ₹ 7.00 | SAMBALPUR
୪୯ଶ ଭାଗ ୧୮୦ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 180 ମୂଲ୍ୟ ₹୭/-

www.springvillegreens.com

REMARKABLE VALUE.
UNBEATABLE LOCATION

₹ 69.90 Lakhs*

SPRINGVILLE
GREENS

TAMANDO | BHUBANESWAR



Battery operated **Mini golf carts** for the residents

where
weekends
never **end** !

Swimming pool | AC Multipurpose hall
AC Indoor games room | AC Gym
AV room | Badminton court | Skating rink
Outdoor exercise zone | Joggers track
Yoga pavilion | 70% open space

Remarkable **Value.** Unbeatable **Location.**
13 lifestyle blocks | S+14 | 728 Apartments | 2-3 BHK

Project approved by all major leading banks
SBI ICICI Bank HDFC

*onwards | T&C apply

SUREKA | MERLIN GROUP®
Kolkata • Pune • Chennai • Ahmedabad • Bhubaneswar • Raipur

CONSTRUCTION IN FULL SWING
MODEL FLAT READY

Scan QR code for details

☎ 78943 00888
Phase I - RP/19/2021/00467 & Ph II - MP/19/2022/00794
www.rera.odisha.gov.in

Disclaimer : This ad is not a legal offering. It only describes the intent & concept of Springville Greens. All the areas / dimensions / elevations / pictures etc. are only indicative and are not as per scale. All the details are subject to change, alteration and modification as per the developer's discretion.

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୬ ମେ, ୨୦୨୩

ସମ୍ବଲପୁର ଶୀତଳଷଷ୍ଠୀ

ସ୍ୱତନ୍ତ୍ର ୨୦୨୩

ଭୀମଭୋଇ ନଗରସ୍ଥିତ ପୂଜାମଣ୍ଡପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଏମ୍‌ପି ସୁରେଶ ପୂଜାରୀ, ବିଧାୟକ ନାଉରୀ ନାୟକ।

ଶୀତଳଷଷ୍ଠୀ ଯାତ୍ରାରେ ମାନେଶ୍ୱର ମଣ୍ଡପରେ ଶିବ ପାର୍ବତୀ।

ଶୀତଳଷଷ୍ଠୀ ଯାତ୍ରାରେ କନ୍ୟାବିଦାୟ ନୀତି ଚାଲିଛି।

ଶୀତଳଷଷ୍ଠୀ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା

ଡ୍ରୋନ୍ ରଖିବ ନଜର, ୧୧ ଗିରଫ

ସମ୍ବଲପୁର,୨୫।୫(ବ୍ୟୁରୋ)

ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରାରେ ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଗୁରୁବାର ବିଳମ୍ବିତ ରାତିରେ ସହରର ବିଭିନ୍ନ ଛକରେ ପୋଲିସ ପକ୍ଷରୁ ନାକା କରାଯାଇଥିଲା। ଏହି ସମୟରେ ୧୧ ଜଣ ଅସାଜିକ ତତ୍ତ୍ୱଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ଛୁରି ଓ ଅନ୍ୟ ମାରଣାସ୍ତ୍ର ଜବତ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍‌ପି ବାତୁଲା ଗଙ୍ଗାଧର ସୂଚନା ଦେଇଛନ୍ତି। ସେ ଆହରି କହିଥିଲେ, ବିନା ଲାଇସେନ୍ସରେ ବାଇକ୍ ଚଳାଇବା, ନିଶାଦ୍ରବ୍ୟ ସେବନ କରି ବାଇକ୍ ଚଳାଇବା ସମୟରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ୩୧ଜଣଙ୍କୁ ଥାନାକୁ ଆଣି ନୋଟିସ ଦେଇ ଛାଡି ଦିଆଯାଇଛି। ସମ୍ବେଦନଶୀଳ ସ୍ଥାନରେ ପୋଲିସ କଡା ନଜର ରଖିଛି। ୬ରୁ ଅଧିକ ଡ୍ରୋନ୍ କ୍ୟାମେରା ରହିଛି । ଶୋଭାଯାତ୍ରା ସମୟରେ ସାଧା ପୋଷାକରେ ମଧ ପୋଲିସ ମୁତୟନ ରହିଛନ୍ତି। ନିଶାଦ୍ରବ୍ୟ ବିକ୍ରି ଓ ଚୋରା ଚାଲାଣକୁ ରୋକା ଯାଇଛି। ଟାଉନ ଥାନା ପରିସରରେ କଣ୍ଟ୍ରୋଲ ରୁମ୍ ରହିଛି। ୪ ଜଣ ଅରିରିକ୍ତ ଏସ୍‌ପି, ୧୯ ଜଣ ଡିଏସ୍‌ପି, ୪୦ ଜଣ ଇନ୍ସପେକ୍ଟର, ୧୬୪ ଜଣ ଏସ୍‌ଆଇ ପାହ୍ୟା ସହ ୩୨ ପ୍ଲାଟୁନ ଫୋର୍ସ ମୁତୟନ ରହିବେ। ବିଭିନ୍ନ ଛକର ପ୍ରବେଶ ପଥରେ କଡା ଯାଞ୍ଚ କରାଯାଉଛି। ସୁନାପାଲି ଅଞ୍ଚଳର ଅଧିକ ୩ ସ୍ଥାନରେ ନାକା ବୃଦ୍ଧି କରାଯିବ ବୋଲି ଏସ୍‌ପି ଗଙ୍ଗାଧର କହିଥିଲେ।

ଦେବଦମ୍ପତିଙ୍କ ନଗର ପରିକ୍ରମା

- ଦର୍ଶନ ପାଇଁ କନ୍ୟାଘରେ ଶ୍ରଦ୍ଧାଳୁଙ୍କ ଭିଡ଼
- ରାଜ୍ୟ ବାହାର କଳାକାର ମନ ମୋହିଲେ

ସମ୍ବଲପୁର,୨୫।୫ (ବ୍ୟୁରୋ)

ସମ୍ବଲପୁରର ପ୍ରସିଦ୍ଧ ଶୀଳତଷଷ୍ଠୀ ଯାତ୍ରାରେ ନବ ବିବାହିତ ଦେବଦମ୍ପତି ଗଇଁଠାଳ ହୋଇ ବିଳମ୍ବିତ ରାତ୍ରିରେ ନଗର ପରିକ୍ରମା କରିଥିଲେ। ଶୋଭାଯାତ୍ରା ସମୟରେ ଶିବପାର୍ବତୀଙ୍କ ଯୁଗଳମୂର୍ତ୍ତି ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ନଗର ପରିକ୍ରମାରେ ଝାଡୁଆପଡ଼ା ଆରଣ୍ୟ ଶୀତଳଷଷ୍ଠୀ ଯାତ୍ରା କମିଟି ପକ୍ଷରୁ ପ୍ରସ୍ତୁତ ଚାନ୍ଦିମେଢ଼ ବେଶ୍ ଆକର୍ଷଣୀୟ ହୋଇଥିଲା। ଏହା ସହ ରାଜ୍ୟ ବାହାର ଓ ଆଞ୍ଚଳିକ କଳାକାରଙ୍କ ନୃତ୍ୟଗୀତ ମନ ମୋହିଥିଲା।

ରାତିରେ ମଙ୍ଗଳ ଆଳତି ପରେ ନନ୍ଦପଡ଼ା ବମ୍‌ବରାଡ ବାଲୁଙ୍କେଶ୍ୱର ବାବା, ବାଲିବନ୍ଧା ସୋମନାଥ ବାବା, ଝାଡୁଆପଡ଼ା ଲୋକନାଥ ବାବା, ମୁଦିପଡ଼ା ଜାଗେଶ୍ୱର ବାବା, ବୁଢ଼ାରଜା ମହାଦେବ, ବଡ଼ବଜାର ଶୀତଳେଶ୍ୱର ବାବା, ଠାକୁରପଡ଼ା ଗୁପ୍ତେଶ୍ୱର ବାବା, ଦୁର୍ଗାପାଲି ଗୁଡ଼େଶ୍ୱର ବାବା ଓ ଜଗତ୍‌ଜନନୀ ମାତା ପାର୍ବତୀ ସୁସଜ୍ଜିତ ସିଂହାସନରେ ଉପବିଷ୍ଟ ହୋଇ ନଗର ପରିକ୍ରମାରେ ବାହାରିଥିଲେ। ଯାତ୍ରାପଥରେ ମହିଳାମାନେ ଘର ସମ୍ମୁଖରେ ପୂର୍ଣ୍ଣକଳସ ସ୍ଥାପନ କରିବା ସହ ଦୀପ ଜାଳି ଦେବଦମ୍ପତିଙ୍କୁ ବନ୍ଦାଣ କରିଥିଲେ। ଶିବପାର୍ବତୀଙ୍କ ଏହି ଅପୂର୍ବ ବେଶ ଦେଖିଲେ ଭକ୍ତଙ୍କ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ଜନଶ୍ରୁତି ରହିଛି । ଅପରପକ୍ଷେ କିନ୍ନରମାନେ ଅଭିଶପ୍ତ ଜୀବନରୁ ମୁକ୍ତି ପାଇବା ପାଇଁ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶିବପାର୍ବତୀଙ୍କ ବିବାହ ଶେଷ ପରେ କନ୍ୟାଘରେ ଗୁରୁବାର ସକାଳ ୮ଟାରୁ ପ୍ରତ୍ୟେକ ବିବାହ ମଣ୍ଡପରେ ଭକ୍ତମାନେ ଦର୍ଶନ କରିଥିଲେ। ମଧ୍ୟାହ୍ନରେ ସାମୂହିକ ପ୍ରସାଦସେବନ ଓ ଗୋଧୂଳି ଲଗ୍ନରେ କନ୍ୟା ବିଦାୟ ହୋଇଥିଲା। ପଞ୍ଚ ଉପଚାର ଓ ୧୦୮ ମହା ଆଳତି କରାଯାଇଥିଲା। ଏହାପରେ ପଣ୍ଡିତମାନେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳି, ପାରମ୍ପରିକ ଲୋକବାଦ୍ୟ, ଲୋକଗୀତରେ ମଣ୍ଡପ ପରିସର ଝୁମି ଉଠିଥିଲା। ଆତସବାଜିରେ ଆଲୋକ ବିକିରଣ ମୁକ୍ତାକାଶକୁ ରଙ୍ଗିନ କରିଥିଲା। ଦେବଦେବ ମହାଦେବ, ବମ୍ ବମ୍ ଭୋଲେ, ହରହର ମହାଦେବ ଜୟ ଧ୍ୱନିରେ ଭକ୍ତମାନେ ଶିବପାର୍ବତୀଙ୍କୁ ସୁସଜ୍ଜିତ ବିମାନରେ ଉପବିଷ୍ଟ କରାଇଥିଲେ। ସମ୍ବଲପୁର ଶୀତଳଷଷ୍ଠୀ ମିଳିତ ସମନ୍ୱୟ କମିଟି, ବଡ଼ବଜାର, ଠାକୁରପଡ଼ା, ଦୁର୍ଗାପାଲି, ବୁଢ଼ାରଜା କମିଟି ଆୟୋଜିତ ଶୋଭାଯାତ୍ରାରେ ଲୋକନୃତ୍ୟ, ଲୋକବାଦ୍ୟ ଓ ସଙ୍ଗୀତ ପରିବେଷିତ ହୋଇଥିଲା। ଶୁକ୍ରବାର ଗୋଧୂଳି ଲଗ୍ନରେ ଦେବଦମ୍ପତି ମନ୍ଦିର ପ୍ରବେଶ କରିବା କାର୍ଯ୍ୟକ୍ରମ ରହିଛି।



ନଗର ପରିକ୍ରମାରେ ବାହାରିଥିବା ଦେବଦମ୍ପତି।

ଦୁଲୁକିଲା ସମ୍ବଲପୁର ସହର: ଲକ୍ଷାଧିକ ଭକ୍ତଙ୍କ ସମାଗମ

ସମ୍ବଲପୁର,୨୫।୫ (ବ୍ୟୁରୋ)

ବ୍ରାହ୍ମମୁହୂର୍ତ୍ତରେ ଦେବଦମ୍ପତିଙ୍କ ବିବାହ ପରେ ଗୁରୁବାର ମଧ ରାତ୍ରିରୁ ଆରମ୍ଭ ହୋଇଥିଲା ନଗର ପରିକ୍ରମା। ମଙ୍ଗଳଆଳତି ପରେ ନିର୍ଦ୍ଧାରିତ ଯାତ୍ରାପଥରେ ଶିବପାର୍ବତୀ ସୁସଜ୍ଜିତ ବିମାନରେ ଉପବିଷ୍ଟ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ନନ୍ଦପଡା ବମ୍‌ବରାଡ ବାଲୁଙ୍କେଶ୍ୱର ବାବା, ଝାଡୁଆପଡା ଲୋକନାଥ ବାବା ଓ ମୁଦିପଡା ଜାଗେଶ୍ୱର ବାବାଙ୍କ ଶୋଭାଯାତ୍ରାରେ ନୃତ୍ୟଗୀତ ଓ ବାଦ୍ୟ ସହ ପ୍ରଜ୍ଞାପନ ମେଢ଼ ଦର୍ଶକଙ୍କ ମନ ମୋହିଥିଲା। ଗୋଧୂଳି ଲଗ୍ନରେ ଦେବଦମ୍ପତି ପରିକ୍ରମା କରି ସ୍ୱମନ୍ଦିର ସମ୍ମୁଖ ଅସ୍ଥାୟୀ ମଣ୍ଡପରେ ଉପବିଷ୍ଟ ହୋଇଥିଲେ। ଶୀତଳଷଷ୍ଠୀ ଯାତ୍ରା ଦେଖିବାକୁ ଆସିଥିବା ଭକ୍ତଙ୍କ ମନ ପୁଲକିତ ହୋଇଥିଲା। ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲା ପୋଲିସକୁ ଯାତ୍ରା କମିଟି ସଭ୍ୟମାନେ ସହଯୋଗ କରିଥିଲେ। ସେହିପରି ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଭକ୍ତମାନଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି। ନନ୍ଦି ମାତା ଓ ମାତା ପାର୍ବତୀଙ୍କ ଶୋଭାଯାତ୍ରାର ସମ୍ମୁଖ ଭାଗରେ ଯାତ୍ରା କମିଟିର ପ୍ରଜ୍ଞାପନ ମେଢ଼ ରହିଥିଲା। ଶୋଭାଯାତ୍ରାରେ ଦୁଲଦୁଲି, ଛଉ ନୃତ୍ୟ, କରମା ନାଚ, ରଥ ନାଚ, କଳିଙ୍ଗି ନାଚ, ଅଘୋରି ନାଚ, ମେଢ଼ ନାଚ, ଆଦିବାସୀ ନୃତ୍ୟ, ବାଡି ନାଚ, ଘୋଡା ନାଚ, ସମ୍ପ୍ରଦା, ଘଣ୍ଟବାଦ୍ୟ ସାମିଲ ରହିଛି।

ମା'ଙ୍କୁ ମେଲାଣି ଦେଇ ଭାବବିହ୍ୱଳ ପରିବାର

ସମ୍ବଲପୁର ପ୍ରସିଦ୍ଧ ଶ୍ରୀତଳଷଷ୍ଠୀ ଯାତ୍ରା

ସମ୍ବଲପୁର,୨୫।୫(ବ୍ୟୁରୋ)

ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା ଲୋକାଚାର ଭାବେ ଦେବଦମ୍ପତି ମହାଦେବ ଓ ପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଛି। ଶୁକ୍ରବାର ଗୋଧୂଳି ଲଗ୍ନରେ କନ୍ୟା ମାତାପିତା ସେମାନଙ୍କ ଘରୁ ମା' ପାର୍ବତୀଙ୍କୁ ମହାଦେବଙ୍କ ସହ ମେଲାଣି ଦେଇଛନ୍ତି। ମେଲାଣି ଦେବା ସମୟରେ ମାତାପିତାଙ୍କ ସହ ବିବାହ ଉତ୍ସବରେ ଯୋଗଦେଇଥିବା ପରିବାର ପରିଜନ ଭାବବିହ୍ୱଳ ହୋଇପଡିଥିଲେ। ସତେ ଯେମିତି ନିଜ ଝିଅକୁ ବିଦାୟ ଦେବା ଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ୨ଦିନ ଧରି ଘରେ ମାତା ପାର୍ବତୀ ରହିଥିବାରୁ ସମସ୍ତେ ବେଶ୍ ଉତ୍ସାହିତ ରହିଥିଲେ। ତେଣୁ ମେଲାଣି ଦେବା ସମୟରେ ଦୁଃଖଦ ପରିବେଶ ସୃଷ୍ଟି ହୋଇଥିଲା। ଝାଡୁଆପଡା ଲୋକନାଥ ବାବାଙ୍କ ସହ ପାର୍ବତୀଙ୍କୁ ମେଲାଣି ଦେବା ସମୟରେ ମହିଳାମାନେ କାନ୍ଧରେ ବୋହି ସୁସଜ୍ଜିତ ରଥକୁ ଆଣିଥିଲେ । ସନ୍ଧ୍ୟା ସମୟରେ ଆଳତି ହୋଇଥିଲା। ଦିନତମାମ କନ୍ୟା ଘରେ ଯୁଗଳ ଦର୍ଶନ ପାଇଁ ଭିଡ ଲାଗିରହିଥିଲା। ନିମନ୍ତ୍ରଣ ପାଇଥିବା ବନ୍ଧୁ ବାନ୍ଧବ ମଧ ପହଞ୍ଚିଥିଲେ। ଦର୍ଶନ କରିବା ସହ ପ୍ରସାଦସେବନର ବ୍ୟବସ୍ଥା ରହିଥିଲା। ରାତିରେ ଶୋଭାଯାତ୍ରାରେ ଯୁଗଳ ମୁରତି ନଗର ପରିକ୍ରମା କରିଥିଲେ। ପ୍ରାୟ ସମସ୍ତ ଯାତ୍ରା କମିଟି ପକ୍ଷରୁ ପରମ୍ପରା ଅନୁସାରେ କନ୍ୟା ବିଦାୟ ହୋଇଥିଲା।

ଝାଡୁଆପଡା ମହିଳାମାନେ ମାତା ପାର୍ବତୀଙ୍କୁ ମେଲାଣି ଦେଉଛନ୍ତି।

DAYANAND PUBLIC SCHOOL
Padiabahal, Sambalpur, Odisha, Pin-768112
Mob- 9938895475, 7381058813, 9437055175
ADMISSION OPEN FOR 2023-24
+2 SCIENCE (CBSE)
FACILITIES
Hostel facility, Library
Special classes for NEET/JEE
Science/ Maths lab
Sports Campus, Bus facility
Accelerate your preparation with our learning partner
ICI IMMUNITY CAREER INSTITUTE
Special attention for poor performer

ଦେବ ଦେବ ମହାଦେବ ଓ ଦେବୀ ପାର୍ବତୀଙ୍କ
ବିବାହ ଉତ୍ସବ - ଶୀତଳ ଷଷ୍ଠୀ
ଉପଲକ୍ଷେ ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା
ହୀରାଲାଲ ବେହେରା
ରାଜ୍ୟ ସାଧାରଣ ସମ୍ପାଦକ, ବିଜୁ ଯୁବ ଜନତା ଦଳ
ଏବଂ ରାଜ୍ୟ ପରିଷଦ ସଭ୍ୟ, ବିଜେଡି, ଓଡ଼ିଶା
ବିଜୁ ଯୁବ ଜନତା ଦଳ, ଓଡ଼ିଶା

ପବିତ୍ର ଶୀତଳଷଷ୍ଠୀ
ଉପଲକ୍ଷେ
ସମ୍ବଲପୁର ଜିଲ୍ଲାର ସମସ୍ତ
ଜନସାଧାରଣଙ୍କୁ
ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା।
ସମସ୍ତଙ୍କ ଜୀବନ ମଙ୍ଗଳମୟ ହେଉ ।
ଜୟପ୍ରକାଶ ଶତପଥୀ
ସଂପାଦକ
ଶିଳା ଶିବପ୍ରସାଦ
କାର୍ଯ୍ୟକାରୀ ସଭାପତି
ପ୍ରଶାନ୍ତ କୁମାର ରଥ
ସଭାପତି
କେମିଷ୍ଟ ଏବଂ ଡ୍ରଗିଷ୍ଟ ଏସୋସିଏସନ, ସମ୍ବଲପୁର

Azadi Ka Amrit Mahotsav
यूको बैंक UCO BANK
G20
ଶୀତଳଷଷ୍ଠୀ ଅଭିନନ୍ଦନ
UCO GST MITRA
Expand Your Horizons
LOAN: Above Rs.10 LAC UP TO Rs. 1 CRORE
ROI 10.85%
SECURITY:
✓ Primary: Hypothecations of Stocks & Book debt.
✓ Collateral : 100 % (SARFAESI enabled- Realisable Value)
✓ 75% Bank approved liquid security
✓ A hybrid model for CGTMSE Coverage (50:50)
MSME GOLD LOAN
@ 8.80%*
Fulfil your business needs against pledge of Gold Ornaments/ Jewellery/Coins
CONVERT YOUR DREAMS INTO REALITY
UCO HOME LOAN
Special Offers
UCO CAR LOAN
Competitive ROI · Lowest EMI · Processing Fee Waived
For Further Inquiry Contact:
Jogesh Chandra Naik : 9937860705
Krishna Kumar Singh : 7892356791
ୟୁକୋ ବ୍ୟାଙ୍କ
यूको बैंक UCO BANK
Honours Your Trust
Go DIGITAL Go CASHLESS
UCO e-banking · Mobile Banking · Internet Banking · BHIM AADHAAR PAY · BHIM UCO UPI · Debit Cards & Prepaid Card · m passbook · Bharat Bill Payment System BBPS
UCO DIGITAL BANKING PRODUCTS
Digitally empowering all with our new apps..
UCO PAY+
UCO SECURE
www.ucobank.com
यूको बैंक UCO BANK
Honours Your Trust

ଧରିତ୍ରୀ
DHARITRI

ଅଟୋରେ ଘରକୁ ଫେରିଲେ ସାରା

ବଲିଉଡ୍ ଅଭିନେତ୍ରୀ ସାରା ଅଲ୍ଲି ଖାନ୍ ଏକ ଇଭେଣ୍ଟରେ ଯୋଗଦେବା ପରେ ଠିକ୍ ସମୟରେ ତାଙ୍କ କାର୍ ନ ଆସିବାରୁ ସେ ଅଟୋରେ ଫେରିଥିଲେ।

୧୧

୧୨

ସିନ୍ଧୁ କ୍ୱାର୍ଟରଫାଇନାଲରେ

ପି.ଭି. ସିନ୍ଧୁ ମାଲେସିଆ ମାଷ୍ଟର୍ସ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ରାଷ୍ଟ୍ରପତିଙ୍କୁ ଅସମ୍ମାନ: ବିରୋଧୀ

ମୋଦି ସରକାରଙ୍କ ଅହଂକାର ସଂସଦୀୟ ବ୍ୟବସ୍ଥାକୁ ଧ୍ୱଂସ କରିଦେଇଛି: ଖାର୍ଗେ

ନୂଆଦିଲ୍ଲୀ,୨୫।୫

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୮ରେ ନୂଆ ପାର୍ଲାମେଣ୍ଟ ବିଲ୍ଡିଂକୁ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ତେବେ ରାଷ୍ଟ୍ରପତି ଦେଶର ପ୍ରଥମ ନାଗରିକ ଏବଂ ସଂସଦୀୟ ବ୍ୟବସ୍ଥାର ମୁଖ୍ୟ ହୋଇଥିବାରୁ ସେ ହିଁ ଉଦ୍‌ଘାଟନ କରିବା ଉଚିତ ବୋଲି ବିରୋଧୀ ଦଳଗୁଡ଼ିକ ଅଡ଼ିବସିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଉଦ୍‌ଘାଟନ ପୂର୍ବରୁ ଏହାର ପ୍ରତିବାଦରେ ୨୦ଟି ଦଳ ଉକ୍ତ କାର୍ଯ୍ୟକ୍ରମକୁ ବର୍ଜନ ପାଇଁ ନିଷ୍ପତ୍ତି ନେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମକୁ ରାଷ୍ଟ୍ରପତିଙ୍କୁ ନିମନ୍ତ୍ରଣ ନ କରିବା ରାଷ୍ଟ୍ରମୁଖ୍ୟଙ୍କ ପ୍ରତି ଅସମ୍ମାନ ବୋଲି ବିରୋଧୀ କହିଛନ୍ତି।

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦି ଜାଣି ରଖିବା ଉଚିତ ଯେ ପାର୍ଲାମେଣ୍ଟ ହେଉଛି ଲୋକଙ୍କ ଦ୍ୱାରା ପ୍ରତିଷ୍ଠିତ ଗଣତନ୍ତ୍ରର ମନ୍ଦିର। ରାଷ୍ଟ୍ରପତିଙ୍କ ଅଫିସ ହେଉଛି ପାର୍ଲାମେଣ୍ଟର ଅଗ୍ରଭାଗ। ମୋଦି ସରକାରଙ୍କ ଅହଂକାର ଭାରତର ସଂସଦୀୟ ବ୍ୟବସ୍ଥାକୁ ଧ୍ୱଂସ କରିଦେଇଛି ବୋଲି ଖାର୍ଗେ ହିନ୍ଦୀରେ ଟୁଇଟ୍ କରିଛନ୍ତି। ମୋଦି ରାଷ୍ଟ୍ରପତିଙ୍କ ଅଧିକାରକୁ କାହିଁକି ଛଡ଼ାଇନେଇଛନ୍ତି, ୧୪୦ କୋଟି ଭାରତୀୟ ତା'ର କାରଣ ଜାଣିବାକୁ ଚାହୁଁଛନ୍ତି ବୋଲି ଖାର୍ଗେ କହିଛନ୍ତି। କଂଗ୍ରେସ, ଡିଏମ୍‌କେ, ଏଏପି, ଶିବସେନା(ୟୁବିଟି), ସମାଜବାଦୀ ପାର୍ଟି, ସିପିଆଇ, ସିପିଆଇଏମ୍,

☞ପୃଷ୍ଠା-୨

ରାଷ୍ଟ୍ରପତି ଉଦ୍‌ଘାଟନ କରନ୍ତୁ: ସୁପ୍ରିମକୋର୍ଟରେ ଆବେଦନକାରୀ

ନୂଆଦିଲ୍ଲୀ,୨୫।୫

ରାଷ୍ଟ୍ରପତି ହେଉଛନ୍ତି ଦେଶର ପ୍ରଥମ ନାଗରିକ ଏବଂ ସଂସଦୀୟ ପ୍ରତିଷ୍ଠାନର ମୁଖ୍ୟ। ତେଣୁ ପାର୍ଲାମେଣ୍ଟର ନୂଆ ବିଲ୍ଡିଂକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରିବର୍ତ୍ତେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଉଦ୍‌ଘାଟନ କରାଇବା ପାଇଁ ଲୋକ ସଭା ସେକ୍ରେଟାରିଏଟ୍‌କୁ ନିର୍ଦ୍ଦେଶ ଦେବା ନିମନ୍ତେ ଗୁରୁବାର ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ ହୋଇଛି। ଆଇନଜୀବୀ ଜୟା ସୁକିନ ଏହି ଆବେଦନରେ ଲୋକ ସଭା ସେକ୍ରେଟାରିଏଟ୍ ପକ୍ଷରୁ ମେ' ୧୮ରେ ଜାରି ବିବୃତିକୁ ଉଲ୍ଲେଖ କରିବା ସହ ସଂସଦର ନୂଆ କୋଠା ଉଦ୍‌ଘାଟନକୁ ସମ୍ବିଧାନର ଉଲ୍ଲଂଘନ ବୋଲି ଅଭିହିତ କରିଛନ୍ତି। ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ନିମନ୍ତ୍ରଣକ୍ରମେ

☞ପୃଷ୍ଠା-୨

ପୁରୀରେ ଗୁରୁବାର ଅପରାହ୍ନରେ କାଳବୈଶାଖୀ ଝଡ଼ବର୍ଷା ପରେ ସନ୍ଧ୍ୟା ସମୟରେ ଲୋହିତବର୍ଣ୍ଣ ଧାରଣ କରିଥିବା ଶ୍ରୀମନ୍ଦିର ଆକାଶ।

କଲେଜ ଛାତ୍ରୀଛାତ୍ରଙ୍କୁ ମାଗଣା ୱାଇଫାଇ

ଉଚ୍ଚଶିକ୍ଷା ବିଭାଗ କାର୍ଯ୍ୟ ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଉଛି: ମନ୍ତ୍ରୀ

ଭୁବନେଶ୍ୱର,୨୫।୫(ବ୍ୟୁରୋ)

ଆସନ୍ତା ଶିକ୍ଷାବର୍ଷରୁ ରାଜ୍ୟର ସବୁ କଲେଜ, ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ମାଗଣା ୱାଇଫାଇ ଓ ୧ ଜିବି ଡାଟା ମିଳିବ। ଗୁରୁବାର ଉଚ୍ଚଶିକ୍ଷା ବିଭାଗର ସମୀକ୍ଷା ବୈଠକ ପରେ ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ଏହା ଘୋଷଣା କରିଛନ୍ତି। ମାଗଣା ୧ ଜିବି ଡାଟା ଯୋଗାଇବା ପାଇଁ ଇଲେକ୍ଟ୍ରୋନିକ୍ସ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗ କାର୍ଯ୍ୟ କରିବ। ସେହିପରି ପଛୁଆ ବ୍ଲକରେ ବିଜ୍ଞାନ ଡିଗ୍ରୀ କଲେଜ ପ୍ରତିଷ୍ଠା ନେଇ ରାଜ୍ୟ ସରକାର ଯୋଜନା କରୁଛନ୍ତି। ୨୦୦୦ ମସିହାରେ ରାଜ୍ୟରେ ମାତ୍ର ୫୪୮ ଯୁକ୍ତ୩ କଲେଜ ଥିଲା, ଏବେ ୧୦୨୪ରେ ପହଞ୍ଚିଛି। ସେହିପରି ବିଶ୍ୱବିଦ୍ୟାଳୟ ୬ରୁ ୨୫ରେ ପହଞ୍ଚିଛି। ୨୦୦୦ ମସିହାରେ ୩.୨ ଲକ୍ଷ ଛାତ୍ରୀଛାତ୍ର ଯୁକ୍ତ୩ରେ ନାଁ ଲେଖାଇ ଥିବାବେଳେ ୨୦୨୩ରେ ଏହା ୬.୫ ଲକ୍ଷ ହୋଇଛି। ଖୁବ୍ ଶୀଘ୍ର ଷ୍ଟୁଡେଣ୍ଟ ସ୍ପୋର୍ଟସ ପଲିସି ଓ ଷ୍ଟୁଡେଣ୍ଟ ଷ୍ଟାର୍ଟ ଅପ୍ ନୀତି ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସବୁ କଲେଜରେ ଅନ୍ତର୍ଜାତୀୟ ୟୁଥ୍ ଫେଷ୍ଟିଭାଲ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା ପରେ ଗୁରୁବାର ଗୀତଗୋବିନ୍ଦ ସଦନଠାରେ ଖବରଦାତାମାନଙ୍କୁ ସୂଚନା ଦେଇ ମନ୍ତ୍ରୀ ପୂଜାରୀ କହିଛନ୍ତି,

☞ପୃଷ୍ଠା-୨

ଗାୟିକା ଟିନା ଟର୍ନରଙ୍କ ପରଲୋକ

ନ୍ୟୁୟର୍କ, ୨୫।୫: 'କୁଇନ୍ ଅଫ୍ ରକ୍ ଏନ୍ ରୋଲ୍' ଭାବେ ପରିଚିତ ଆମେରିକା ଜନ୍ମିତ ସୁଇସ୍ ଗାୟିକା ଟିନା ଟର୍ନରଙ୍କର ତାଙ୍କ ଜୁରିଚ୍‌ସ୍ଥିତ ବାସଭବନରେ ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୮୩ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ୬୦ ଓ ୭୦ ଦଶକରେ ସେ

☞ପୃଷ୍ଠା-୨

ଆଜିର ସମ୍ପାଦକୀୟ

ଅଶାନ୍ତ ଦେଶ

କାଳବୈଶାଖୀ ତାଣ୍ଡବ ଜିଲାପାଳଙ୍କୁ ରିପୋର୍ଟ ମାଗିଲେ ଏସ୍ଆର୍‌ସି

ପୃଷ୍ଠା-୫

Muthoot Finance
GOLD LOAN
5840+ ଶାଖା*
1800 313 1212

PATANJALI®
ସବୁଠାରୁ ନାଚୁରାଲ
ସବୁଠାରୁ ପ୍ରଭାବୀ
ପତଞ୍ଜଳି ଏଲୋଭେରା ଜେଲ୍‌ରେ ଅଛି
୯୯.୯୯% ଏଲୋଭେରା
ନାଚୁରାଲ ଗ୍ଲୋ ପାଆନ୍ତୁ, ପିମ୍ପଲ୍ସ, ରିଙ୍କଲ୍ସ ଓ ଡ୍ରାଇନେସ୍ ମୁକ୍ତ ତ୍ୱଚା ପାଇଁ ଶହେ ଫାଇଦାଯୁକ୍ତ ପତଞ୍ଜଳି ଏଲୋଭେରା ଜେଲ୍ ଆପଣାନ୍ତୁ ।
ମଏଶ୍ଚରାଇଜ୍‌ଡ ଗ୍ଲୋଇଂ ତ୍ୱଚା
ବ୍ରଣ (କାଠବ୍ରଣ), ଦୂର କରେ
ଟାନିଂକୁ ହ୍ରାସ କରିବାରେ ଉପଯୋଗୀ
ଚର୍ମ ସମସ୍ୟା ଦୂର କରିବାରେ ଉପଯୋଗୀ
ଦାଗ-ଚିହ୍ନ ଦୂର କରେ
ନୂଆ ଅଫର ସହିତ
ଫ୍ରି ଏଲୋଭେରା ଫେସ୍‌ୱାଶ୍ 2 ଏଲୋଭେରା ଜେଲ୍ ସହିତ
Shop Online- www.patanjaliayurved.net | Customer Care Number - 18001804108 | Email ID - feedback@patanjaliayurved.org | Website - www.patanjaliayurved.org

BUY 2 GET 1 Aloevera Gel Face Wash -60 ml FREE
PATANJALI saundarya aloe vera gel
MOISTURIZES, NOURISHES AND REJUVENATES THE SKIN, HAIR & SCALP
150ml
PATANJALI Aloe Vera Gel Face Wash
NO PARABENS SLES SOAP
DERMATOLOGICALLY TESTED & SAFE
HYDRATION BOOSTER

MALABAR GOLD & DIAMONDS
CELEBRATE THE BEAUTY OF LIFE
From North to South, East to West, here she comes to
#ShowTheWay
brides of india
Scan the QR code to watch the Brides Of India anthem
10 MALABAR PROMISES
COMPLETE TRANSPARENCY
ASSURED LIFETIME MAINTENANCE
ZERO DEDUCTION GOLD EXCHANGE
100% HUID COMPLIANT GOLD
TESTED & CERTIFIED DIAMONDS
GUARANTEED BUYBACK
COMPLIMENTARY INSURANCE
FAIR PRICE POLICY
RESPONSIBLY SOURCED PRODUCTS
FAIR LABOUR PRACTICES
*Conditions apply
RUPALI SQUARE, SAHEED NAGAR, BHUBANESWAR. TEL: 8008655916, 06742542916 | NEAR POLICE STATION, CHANDRASEKHARPUR, BHUBANESWAR. TEL: 06742913916 | CANTONMENT ROAD, CUTTACK. TEL: 06712303916
BUY ONLINE AT: malabargoldanddiamonds.com | INDIA | USA | SINGAPORE | MALAYSIA | UAE | QATAR | KSA | OMAN | KUWAIT | BAHRAIN

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଗୁଡ଼ କିଣିଥିଲି ପଉଟିଏ,
ପୁଅ ବାହା କଲି, ଝିଅ ବାହା କଲି,
ଆହୁରି ବଳିଲା ପଉଟିଏ।

ଅତି କୃପଣ, ଶାମୁକାଏ ଚିନିରେ ସମୁଦ୍ର ଯାକ ପଣା କଲା। ସାଧାରଣତଃ ପୁଅ ଝିଅଙ୍କ ବିବାହ କରାଇବାରେ ବ୍ୟକ୍ତିଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ। ଏପରିକି ସଞ୍ଚିତ କରାଯାଇଥିବା ଅର୍ଥ ବେଳେବେଳେ ନିଅଣ୍ଟ ପଡୁଥିବାର ମଧ୍ୟ ଲକ୍ଷ୍ୟ କରାଯାଇଥାଏ। ବିବାହ ନେଇ ଯୋଜନା କରାଯାଇଥିବା ଖର୍ଚ୍ଚରୁ ଆଉ କିଛି ଅର୍ଥ ବଳି ପଡ଼ିଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଗଜ ମୂର୍ଖ ଚଲଣା ଚୋର,
ଅଣ୍ଟି ନ ପୂରିଲେ ଆହୁରି ତୋଳ।

ସବୁ ଆତ୍ମସାତ୍ କରି ସୁଦ୍ଧା ଆହୁରି ନିଅଣ୍ଟ। କିଛି ବ୍ୟକ୍ତିଙ୍କ ମନରେ ଅଧିକ ପାଇବାକୁ ଲୋଭ ଏବଂ ଆଶା ରହିଥାଏ। ଯେତେ ପାଇଲେ ମଧ୍ୟ ସେମାନଙ୍କ ମନର ଆଶା କେବେହେଲେ ମେଣ୍ଟିପାରି ନ ଥାଏ। ଆଶାଠୁ ଅଧିକ ଲୋଭ କରୁଥିବା ମୂର୍ଖ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ସ୍ତ୍ରୀଙ୍କ ଗଳାକାଟି ହତ୍ୟା

ଶ୍ୱଶୁରଘରେ ସ୍ୱାଇଁଙ୍କ ବୀଭତ୍ସକାଣ୍ଡ

ଭଦ୍ରକ ଅଫିସ, ୨୫।୫

ଶଳା ବାହାଘର ପାଇଁ ଶ୍ୱଶୁର ଘରକୁ ଆସିଥିଲେ ଝିଅଜ୍ୱାଇଁ। ରାତିରେ ସ୍ୱାମୀ ସ୍ତ୍ରୀ ଖାଇପିଇ ଶୋଇଥିଲେ। କିନ୍ତୁ ରାତିରେ ସ୍ତ୍ରୀଙ୍କ ବେକକୁ ଧାରୁଆ ଅସ୍ତ୍ରରେ କାଟି ହତ୍ୟା କରିଛନ୍ତି ସ୍ୱାମୀ। ଏମିତି ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି ଭଦ୍ରକ ଜିଲା ଆଗରପଡ଼ା ଥାନା ଅଧୀନ ହଜାରୀ ସାହିରେ। ମୃତ ମହିଳା ହେଲେ ବିନୋଦ ସିଂହଙ୍କ ଝିଅ ଲକ୍ଷ୍ମୀପ୍ରିୟା। ଏହି ଘଟଣାରେ ପୋଲିସ ମୃତ ଲକ୍ଷ୍ମୀପ୍ରିୟାଙ୍କ ସ୍ୱାମୀ ରବୀନ୍ଦ୍ର କୁମାର ସିଂହଙ୍କୁ ଗୁରୁବାର ଗିରଫ କରିଛି। ମୃତ ଲକ୍ଷ୍ମୀପ୍ରିୟାଙ୍କ ଭାଇ ରାଜେଶ କୁମାର ସିଂହଙ୍କ ଅଭିଯୋଗକ୍ରମେ ଥାନାରେ ଏକ ହତ୍ୟା ମାମଲା (ନଂ.୧୦୦/୨୩) ରୁଜୁ ହୋଇଛି।

ଉତ୍ତରପ୍ରଦେଶ ଆଗ୍ରାର ରବୀନ୍ଦ୍ର ୧୮ବର୍ଷ ତଳେ ଲକ୍ଷ୍ମୀପ୍ରିୟାଙ୍କୁ ବିବାହ କରିଥିଲେ। ଦୁଇମାସ ତଳେ ଶଳା ବାହାଘର ପାଇଁ ସେ ସ୍ତ୍ରୀଙ୍କୁ ସାଙ୍ଗରେ ନେଇ ଶ୍ୱଶୁରଘରକୁ ଆସିଥିଲେ। ବୁଧବାର ରାତିରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହେବାରୁ ସେ ଲକ୍ଷ୍ମୀପ୍ରିୟା ମୁହଁରେ ତକିଆ ପକାଇ ବେହୋସ କରିବା ପରେ ବେକ କାଟି ହତ୍ୟା କରିଥିଲେ। ସକାଳ ୫ଟାରେ ନିକଟସ୍ଥ ପୁରୁଷଣ୍ଡ ଗ୍ରାମରେ ରବୀନ୍ଦ୍ର ସନ୍ଦେହଜନକ ଭାବେ ବୁଲୁଥିବା ବେଳେ ଶୁଭେନ୍ଦୁ ସିଂହ ନାମକ ବ୍ୟକ୍ତି ତାଙ୍କୁ ଦେଖି ପଚାରିବାରୁ ସେ ଘଟଣା ସମ୍ପର୍କରେ କହିଥିଲେ। ଶୁଭେନ୍ଦୁ ତାଙ୍କୁ ଅଟକ ରଖି ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ ଓ ବିଟିପୁର ସରପଞ୍ଚଙ୍କ ପ୍ରତିନିଧି ସପନ ସିଂହଙ୍କୁ ଜଣାଇଥିଲେ। ସେମାନଙ୍କଠାରୁ ଖବରପାଇ ପୋଲିସ ପହଞ୍ଚି ରବୀନ୍ଦ୍ରଙ୍କୁ ଥାନାକୁ ନେବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଅଭିଯୁକ୍ତ ରବୀନ୍ଦ୍ରଙ୍କୁ ଗିରଫ ସହ ସାଇଣ୍ଟିଫିକ ଟିମ୍ ଦ୍ୱାରା ଘଟଣାର ତଦନ୍ତ କରାଯାଇଛି। ତେବେ ସ୍ତ୍ରୀ ଚରିତ୍ରକୁ ସନ୍ଦେହ କରି ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାକୁ କେନ୍ଦ୍ରକରି ରବୀନ୍ଦ୍ର ଏଭଳି କାଣ୍ଡ ଘଟାଇଥିବା ନେଇ ସ୍ୱୀକାର କରିଛନ୍ତି ବୋଲି ଆଗରପଡ଼ା ଥାନାଧିକାରୀ ମୋନାଲିସା କର ସୂଚନା ଦେଇଛନ୍ତି।

ଡାକ୍ତରଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ

ଚାନ୍ଦବାଲି,୨୫।୫(ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଜଣେ ନର୍ସଙ୍କୁ ପ୍ରେମ ନିବେଦନ କରିବା ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତରଙ୍କୁ ମହଙ୍ଗା ପଡ଼ିଛି। ଗୁରୁବାର ଉକ୍ତ ନର୍ସ ଡାକ୍ତରଙ୍କ ବିରୋଧରେ ଯୌନ ନିର୍ଯାତନା ନେଇ ଚାନ୍ଦବାଲି ଥାନାରେ ଅଭିଯୋଗ କରିଛନ୍ତି। ମହିଳା ନର୍ସ ଜଣକ ଏତଲାରେ ଉଲ୍ଲେଖ କରିଛନ୍ତି ଯେ, ଉକ୍ତ ଡାକ୍ତର ବହୁ ସମୟରେ ତାଙ୍କୁ ଅଶ୍ଳୀଳ ଇଙ୍ଗିତ ସହ ଏକୁଟିଆ ପାଇଲେ ଟଣାଓଟରା କରିବା ଏବଂ ରାତିରେ ଫୋନ୍‌ରେ ପ୍ରେମ ନିବେଦନ କରନ୍ତି। ସେ ଏଥିରେ ରାଜି ନ ହେବାରୁ ତାଙ୍କୁ ଗାଳିଗୁଲଜ କରିବା ସହ କ୍ୱାର୍ଟର୍ସରେ ପଶି ବଳାତ୍କାର କରିବାକୁ ଧମକ ଦେଇଥିଲେ। ପୋଲିସ ଅଭିଯୋଗ ଅଧାରରେ ଏକ ମାମଲା (ନଂ.୧୬୭/୨୩) ରୁଜୁ କରିବା ସହ ନର୍ସଙ୍କ ୧୬୪ ବୟାନ ରେକର୍ଡ କରାଯାଇଛି। ଅପରପକ୍ଷେ ପୂର୍ବଶତ୍ରୁତା ପାଇଁ ନର୍ସ ଜଣକ ମିଥ୍ୟା ଅଭିଯୋଗ ଆଣିଛନ୍ତି ବୋଲି ଉକ୍ତ ଡାକ୍ତର କହିଛନ୍ତି।

ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୪୯ତମ ଶ୍ରାଦ୍ଧୋତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ନବୀନ ନିବାସଠାରେ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି।

ସନ୍ଦେହରେ ଜମିକୁ ଜଳସେଚନ ଲକ୍ଷ୍ୟ

କାନପୁର ନଦୀବନ୍ଧ ଯୋଜନା

ଯୋଡ଼ା,୨୫।୫(ଡି.ଏନ୍.ଏ.)

ନିର୍ମାଣାଧୀନ କାନପୁର ନଦୀବନ୍ଧ ଯୋଜନା।

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍‌ରେ ନିର୍ମାଣାଧୀନ ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ନଦୀବନ୍ଧ ଯୋଜନା କାନପୁର ପ୍ରକଳ୍ପ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମାତ୍ର ଯୋଜନାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଡ୍ୟାମ୍ ପାଣି ଚାଷୀମାନଙ୍କ ପାଇଁ ଉପଯୋଗୀ ହେବ ନା ଶିଳ୍ପ ପାଇଁ ଲାଭଦାୟକ, ଏହାକୁ ନେଇ ଏବେଠୁ ଦ୍ୱନ୍ଦ୍ୱ ଉପୁଜିଲାଣି। କାରଣ ବୈତରଣୀ ନଦୀ ଉପରେ କାନପୁର ନଦୀବନ୍ଧ ଯୋଜନା ଦ୍ୱାରା ଚମ୍ପୁଆ, ଝୁମ୍ପୁରା, ପାଟଣା, କେନ୍ଦୁଝର ସଦର ସମେତ ଯୋଡ଼ା ବ୍ଲକ୍‌ର ୨୯, ୫୭୮ହେକ୍ଟର ଚାଷଜମି ଜଳସେଚିତ ହେବାର ଲକ୍ଷ୍ୟ ରହିଥିବାବେଳେ ବର୍ତ୍ତମାନ ବିଭିନ୍ନ ଶିଳ୍ପ କମ୍ପାନୀ ଜିଲାରେ ପ୍ରବାହିତ ନଦୀରୁ ପାଣି ନେବା ସହ ସ୍ଲରି ପାଇପ ମାଧ୍ୟମରେ ମାଲ ପରିବହନ କରୁଛନ୍ତି। ଏପରି କି କାନପୁର ନଦୀବନ୍ଧ ପ୍ରକଳ୍ପ ଶେଷ ହୋଇ ନ ଥିବାବେଳେ ଦୁଇ କମ୍ପାନୀ ଜଳ ନେବା ପାଇଁ ଅନୁମୋଦନ ପାଇଥିବା ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ମିଳିଛି।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏନ୍‌ଜିଟି ନିକଟରେ ଦାଖଲ କରିଥିବା ରିପୋର୍ଟ ଅନୁଯାୟୀ, ଜିନ୍ଦଲ ଷ୍ଟିଲ ଆଣ୍ଡ୍ ପାୱାର ଲିମିଟେଡ୍ ୨୬ ଇଞ୍ଚ ମୋଟେଇ ପାଇପ୍‌ରେ ୨୩ .୦ କ୍ୟୁସେକ ଜଳ ଓ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ କମ୍ପାନୀ ୩୨ ଇଞ୍ଚ ମୋଟେଇ ପାଇପ୍‌ରେ କାନପୁର ନଦୀବନ୍ଧରୁ ଜଳ ନେବା ପାଇଁ ଅନୁମୋଦନ ପାଇଛନ୍ତି। ଏହା କାର୍ଯ୍ୟକ୍ଷମ ହେବା ଅପେକ୍ଷାରେ ରହିଛି। ଅପରପକ୍ଷରେ ୨୦୧୩ରୁ ବିଆର୍‌ପିଏଲ୍ କମ୍ପାନୀ ୧୩ ଇଞ୍ଚ ମୋଟେଇ ପାଇପ୍ ଜରିଆରେ ୪.୭୦ କ୍ୟୁସେକ୍ ଜଳ କାନପୁର ବୈତରଣୀ ନଦୀରୁ ନେଉଛି। ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ୨୦୦୯ରୁ ବସନ୍ତପୁର ନିକଟ ବୈତରଣୀ ନଦୀ ଉପର ମୁଣ୍ଡରୁ ୨୦ ଇଞ୍ଚ ମୋଟେଇ ପାଇପ୍‌ରେ ୧୧.୭୭ କ୍ୟୁସେକ୍ ଜଳ ନେଉଛି। ଏତଦ୍ ବ୍ୟତୀତ ୪.୩ ମେଗାୱାଟ ଜଳବିଦ୍ୟୁତ୍ ଶକ୍ତି ଉତ୍ପନ୍ନ ହେବାର ପ୍ରସ୍ତାବ ରହିଛି। କିନ୍ତୁ ଯଦି ନଦୀବନ୍ଧରୁ କମ୍ପାନୀଗୁଡ଼ିକୁ ଉପରୋକ୍ତ ପରିମାଣର ଜଳ ଦିଆଯାଏ, ତେବେ ଚାଷ ଜମିକୁ ଜଳ ନିଅଣ୍ଟ ପଡ଼ିବାର ସମ୍ଭାବନା ରହିଛି ବୋଲି ପରିବେଶବିତ୍ ମତ ଦେଉଛନ୍ତି। ଏଥିସହ ସ୍ଲରି ପାଇପ୍‌ରେ ମାଲ୍ ପରିବହନ ସମୟରେ ଏହା ଫାଟିବା ଦ୍ୱାରା ଜଳ ପ୍ରଦୂଷଣ ହେବାର ମଧ୍ୟ ଆଶଙ୍କା ରହିଛି। କାରଣ ୨୦୨୧ରେ ଏକ ସ୍ଲରି ପାଇପ୍‌ଲାଇନ ସୁନାନଦୀ ଉପରେ ଫାଟିଥିଲା। ଏ ନେଇ କାନପୁର ପ୍ରକଳ୍ପ ଯନ୍ତ୍ରୀ ପ୍ରସନ୍ନ କୁମାର ପାଣି କହିଛନ୍ତି, ପାଇପ୍ ଲାଇନରେ ପାଣି ଯିବା କଥା ମୁଁ କିଛି ଜାଣି ନାହିଁ, ଆପଣମାନେ ଏସବୁ ଖବର କେଉଁଠାରୁ ପାଉଛନ୍ତି। ଏ ପର୍ଯ୍ୟନ୍ତ କେଉଁଠି ଆପ୍ରୁଭାଲ ହୋଇନାହିଁ। ପାଣି ଯିବା ତ ବହୁ ଦୂରର କଥା, ଓଲଟା କେଉଁଠି ହେଲାଣି କି ବୋଲି ସେ ପ୍ରଶ୍ନ କରିଥିଲେ। ଏଥିସହ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ କ’ଣ ପାଣି ଦେଉଛି ବୋଲି ପ୍ରଶ୍ନ କରିବା ସହ ତଳ ମୁଣ୍ଡରୁ ପାଣି ନେଲେ କେନାଲ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ସେ କହିଥିଲେ।

ପ୍ରକାଶଯୋଗ୍ୟ, ୨୦୨୨ରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ ଯୋଡ଼ାସ୍ଥିତ ସୁନାନଦୀର ପ୍ରଦୂଷଣ ସମ୍ପର୍କରେ ଏକ ଜନସ୍ୱାର୍ଥ ମାମଲା ଉପରେ ରାୟ ଶୁଣାଇଥିଲେ। ଏଥିରେ ସୁନାନଦୀ ଶଯ୍ୟାରେ ଖଣିଜ ସ୍ଲରି ପାଇପ୍‌ଲାଇନ ସଂଯୋଗୀକରଣ ହେଲେ ଏହାଦ୍ୱାରା ପ୍ରଦୂଷଣ ବୃଦ୍ଧି ପାଇବ। ଏହାକୁ ଦୃଷ୍ଟିରେ ରଖି ୨୦୨୨ରେ ଜଏଣ୍ଟ କମିଟି ଦ୍ୱାରା ଏହାର ଅନୁସନ୍ଧାନ କରାଯାଇଥିଲା। ଏଥିରେ କେନ୍ଦୁଝର ଏଡିଏମ୍ ଯଦୁମଣି ମହଲା, ସିପିସିବି, କୋଲକାତାର ବୈଜ୍ଞାନିକ ଡ. ଜି.ପି. ସିଂ, ଭୁବନେଶ୍ୱର ଏମ୍‌ଓଇଏଫ୍‌ର ବୈଜ୍ଞାନିକ ସନ୍ଦୀପ ନନ୍ଦୀ, ବୈତରଣୀ ଇରିଗେଶନ ଡିଭିଜନର ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ପ୍ରଣବ ନାୟକ, କେନ୍ଦୁଝର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ରିଜିଓନାଲ ଅଫିସର ପ୍ରଶାନ୍ତ କରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କମ୍ପାନୀ ଅଧିକାରୀ ସାମିଲ ଥିଲେ।

ପ୍ରଥମ ପୃଷ୍ଠାରୁ...

ରାଷ୍ଟ୍ରପତିଙ୍କୁ ଅସମ୍ମାନ...

ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା, କେରଳ କଂଗ୍ରେସ-ମଣି, ବିଦ୍ୟୁତ୍‌ହାଲାଇ ଚିରୁଥେଗାଲ କଚ୍‌ଚି, ରାଷ୍ଟ୍ରୀୟ ଲୋକ ଦଳ, ଟିଏମ୍‌ସି, ସଂଯୁକ୍ତ ଜନତା ଦଳ, ଏନ୍‌ସିପି, ଆର୍‌ଜେଡି, ଆଇୟୁଏମ୍‌ଏଲ୍, ନ୍ୟାଶନାଲ କନ୍‌ଫରେନ୍ସ, ରିଭୋଲ୍ୟୁଶନାରି ସୋସିଆଲିଷ୍ଟ ପାର୍ଟି ଏବଂ ମାରୁମାଲାର୍ଚି ଦ୍ରାବିଡ ମୁନେତ୍ରା କାଜାଗାମ୍ ବୁଧବାର ଏକାଠି ହୋଇ ଗଣତନ୍ତ୍ରର ଆତ୍ମାକୁ ଶୋଷିନିଆଯାଇଥିବା ସମାଲୋଚନା କରିଥିଲେ। ସେମାନେ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ଘାଟନୀ ଉତ୍ସବକୁ ବର୍ଜନ କରିବା ପାଇଁ ମିଳିତ ବିବୃତି ଜାରି କରିଥିବାବେଳେ ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସି କହିଛନ୍ତି, ଯଦି ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ପାର୍ଲାମେଣ୍ଟର ନୂଆ କୋଠାକୁ ଉଦ୍‌ଘାଟନ କରିବେ ନାହିଁ ତେବେ ତାଙ୍କ ଦଳ ଏହି କାର୍ଯ୍ୟକ୍ରମରେ ଯୋଗଦେବ ନାହିଁ। ଇତିମଧ୍ୟରେ ସାମାଜିକ ଗଣମାଧ୍ୟମରେ ୨୦ ବିରୋଧୀ ଦଳ ପକ୍ଷରୁ ଦିଆଯାଇଥିବା ବର୍ଜନ ଆହ୍ୱାନ ‘Boycott of #ParliamentBuilding opening’ ଟ୍ରେଣ୍ଡ୍ କରିବାରେ ଲାଗିଛି। ରାଜ୍ୟ ସଭାର ଟିଏମ୍‌ସି ନେତା ଡେରେକ୍ ଓ’ବ୍ରାଏନ୍ କହିଛନ୍ତି, ଏକଛତ୍ରବାଦୀ ସରକାର ସଂସଦୀୟ ପରମ୍ପରାକୁ ଧ୍ୱସ୍ତବିଧ୍ୱସ୍ତ କରୁଥିବାବେଳେ ଏହି ବର୍ଜନ ଡାକରା ଭାରତୀୟ ବିବିଧତା ଓ ବହୁଳବାଦ ଏହାର ଜବାବ। ଏକଦା ବିଶାଳ ସମାବେଶୀ ଥିବା ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଏବେ କେବଳ ଭାଜପାରେ ସଙ୍କୁଚିତ ହୋଇଯାଇଛି। ସେହିପରି ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ମଧ୍ୟ ରାଷ୍ଟ୍ରପତିଙ୍କ ଦ୍ୱାରା ପାର୍ଲାମେଣ୍ଟର ନୂତନ କୋଠା ଉଦ୍‌ଘାଟନ କରାଯିବାର ଯଥାର୍ଥତା ସମ୍ପର୍କରେ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ସରକାର-କାର୍ଯ୍ୟପାଳିକାର ମୁଖ୍ୟ, ବ୍ୟବସ୍ଥାପିକାର ନୁହନ୍ତି। କିନ୍ତୁ ରାଷ୍ଟ୍ରପତି ଭାରତୀୟ ସାଧାରଣତନ୍ତ୍ର ଓ ପାର୍ଲାମେଣ୍ଟ ମୁଖ୍ୟ ବୋଲି ସେ କହିଛନ୍ତି। ଅଲ୍ ଇଣ୍ଡିଆ ଆଦିବାସୀ କଂଗ୍ରେସ ମୋଦି ସରକାର ଆଦିବାସୀଙ୍କୁ ଅପମାନିତ କରିଥିବା ଦର୍ଶାଇ ମେ’ ୨୬ରେ ଦେଶବ୍ୟାପୀ ବିକ୍ଷୋଭ କରିବାକୁ ନିଷ୍ପତ୍ତି ନେଇଛି। ସଙ୍ଗଠନର ମୁଖ୍ୟ ଶିବାଜୀ ରାଓ ମୋଘେ ଏଆଇସିସି ମୁଖ୍ୟାଳୟରେ ଖବରଦାତାଙ୍କୁ ସମ୍ବୋଧିତ କରି କହିଛନ୍ତି, ପ୍ରଥମ ଥର ପାଇଁ ଜଣେ ଆଦିବାସୀ ମହିଳା ଦେଶର ରାଷ୍ଟ୍ରପତି ହୋଇଛନ୍ତି। ରାଷ୍ଟ୍ରପତିଙ୍କ ପରିବର୍ତ୍ତେ ମୋଦି ଉଦ୍‌ଘାଟନ କରିବା ଗଣତନ୍ତ୍ର ପାଇଁ ଅପମାନ। ସେହିପରି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ଆବାହକ ଅରବିନ୍ଦ କେଜ୍‌ରିୱାଲ ମଧ୍ୟ ରାଷ୍ଟ୍ରପତିଙ୍କୁ ଉଦ୍‌ଘାଟନ କରିବାକୁ କାହିଁକି ଦିଆଯାଉନାହିଁ ବୋଲି ପ୍ରଶ୍ନ କରିଛନ୍ତି। ରାଜ୍ୟ ସଭା ସଦସ୍ୟ କପିଲ ସିବଲଙ୍କ ମତରେ ପାର୍ଲାମେଣ୍ଟ ହେଉଛି ଭାରତୀୟ ଗଣତନ୍ତ୍ରର ପ୍ରତୀକ। ଉକ୍ତ ଉତ୍ସବରେ ରାଷ୍ଟ୍ରପତିଙ୍କ ଅନୁପସ୍ଥିତି ଆମ ଗଣତନ୍ତ୍ରିକ ମୂଲ୍ୟବୋଧକୁ ନ୍ୟୁନ କରିଦେବ ବୋଲି ସେ ଟୁଇଟ୍ କରିଛନ୍ତି। ଅନ୍ୟପକ୍ଷେ ବିରୋଧୀ ଦଳଗୁଡ଼ିକ ବର୍ଜନ ନିଷ୍ପତ୍ତିର ପୁନର୍ବିଚାର କରନ୍ତୁ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଅନୁରୋଧ କରିଛନ୍ତି। ବରିଷ୍ଠ ଭାଜପା ନେତା ରବିଶଙ୍କର ପ୍ରସାଦ ନୂଆ ପାର୍ଲାମେଣ୍ଟ ବିଲ୍ଡିଂକୁ ଭାରତର ଗର୍ବ ଭାବେ ଅଭିହିତ କରି ଉକ୍ତ ଐତିହାସିକ କାର୍ଯ୍ୟକ୍ରମରେ ବିରୋଧୀ ଖୋଲା ହୃଦୟରେ ସାମିଲ ହେବା ଉଚିତ ବୋଲି ପରାମର୍ଶ ଦେଇଛନ୍ତି। ଆନ୍ଧ୍ର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଚନ୍ଦ୍ରାବାବୁ ନାଇଡୁ ତାଙ୍କ ଦଳ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଏଥିରେ ସାମିଲ ହେବା ନେଇ ଘୋଷଣା କରିଛି। ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ସୁପ୍ରିମୋ ଏଚ୍.ଡି. ଦେବେଗୌଡ଼ା କହିଛନ୍ତି, ପାର୍ଲାମେଣ୍ଟ ହେଉଛି ଦେଶର ସମ୍ପତ୍ତି, ଯାହାକି ଟିକସଦାତାଙ୍କ ଅର୍ଥରେ ନିର୍ମିତ। ସେ ଏହି କାର୍ଯ୍ୟକ୍ରମରେ ଯୋଗଦେବେ।

ରାଷ୍ଟ୍ରପତି ଉଦ୍‌ଘାଟନ...

ପ୍ରଧାନମନ୍ତ୍ରୀ ମୋଦି ନୂଆ ସଂସଦ ଭବନକୁ ଆସନ୍ତା ୨୮ରେ ଉଦ୍‌ଘାଟନ କରିବାକୁ ଯାଉଛନ୍ତି। ସମ୍ବିଧାନ ଅନୁସାରେ ପାର୍ଲାମେଣ୍ଟର ୩ ପ୍ରମୁଖ ଅଙ୍ଗ ହେଉଛନ୍ତି ଭାରତର ରାଷ୍ଟ୍ରପତି ଏବଂ ବ୍ୟବସ୍ଥାପିକାର ଦୁଇ ସର୍ବୋଚ୍ଚ ସଦନ ରାଜ୍ୟ ସଭା ଓ ଲୋକ ସଭା। ସମ୍ବିଧାନର ଅନୁଚ୍ଛେଦ ୮୭ ଅନୁସାରେ ସଂସଦର ପ୍ରତ୍ୟେକ ଅଧିବେଶନ ଆରମ୍ଭରେ ରାଷ୍ଟ୍ରପତି ଉଭୟ ଗୃହକୁ ସମ୍ବୋଧନ କରିଥାଆନ୍ତି। କିନ୍ତୁ ଉଭୟ ଲୋକ ସଭା ସେକ୍ରେଟାରିଏଟ୍ ଓ ଭାରତ ସରକାର ରାଷ୍ଟ୍ରପତିଙ୍କୁ ଉଦ୍‌ଘାଟନୀ ସମାରୋହକୁ ନିମନ୍ତ୍ରଣ ନ କରି ଅପମାନିତ କରିବାକୁ ଉଦ୍ୟମ ଚଳାଇଛନ୍ତି ବୋଲି ଉକ୍ତ ପିଟିଶନରେ ଉଲ୍ଲେଖ କରାଯାଇଛି।

କଲେଜ ଛାତ୍ରୀଛାତ୍ରଙ୍କୁ...

ରାଜ୍ୟରେ ୨୦୧୬-୧୭ଠାରୁ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ମାଧ୍ୟମରେ ୧ପ୍ରତିଶତ ସୁଧ ହାରରେ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷା ଋଣ ଯୋଗାଇ ଦିଆଯାଉଛି ଏବଂ ବଳକା ସୁଧର ଭାର ସରକାର ବହନ କରୁଛନ୍ତି। ମନ୍ତ୍ରୀ କହିଛନ୍ତି, ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ମାଗଣା ଲାପ୍‌ଟପ ଯୋଗାଇଦେବା ନିମନ୍ତେ ମାର୍ଗଦର୍ଶିକାରେ ଥିବା ରାଜ୍ୟସ୍ତରୀୟକୁ ଜିଲା ଓ ମଣ୍ଡଳରେ ପରିବର୍ତ୍ତନ କରାଯାଇ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ କରାଯାଇଛି। ସର୍ବଭାରତୀୟ ସେବା ପରୀକ୍ଷା ନିମନ୍ତେ ଓଡ଼ିଆ ଛାତ୍ରୀଛାତ୍ରମାନଙ୍କୁ ତାଲିମ ପ୍ରଦାନ ନିମନ୍ତେ ସମସ୍ତ ବର୍ଗର ୨୦୦ ମେଧାବୀ ବେସାମରିକ ସେବା ଆଶାୟୀମାନଙ୍କ ପାଇଁ ମାଗଣାରେ ତାଲିମ ବ୍ୟବସ୍ଥା ସହ ରହିବା ଓ ଖାଇବାର ବ୍ୟବସ୍ଥା କରାଯାଇଛି। ଶିକ୍ଷା କ୍ଷେତ୍ରରେ ପଛୁଆ ବ୍ଲକର ଦ୍ୱାଦଶ ଶ୍ରେଣୀ ପାସ୍ କରିଥିବା ଛାତ୍ରୀଛାତ୍ରମାନେ ବିଶେଷ କରି ବିଜ୍ଞାନ ଡିଗ୍ରୀ ପାଠ୍ୟକ୍ରମରେ ପଢ଼ିବା ପାଇଁ ଆଶା ରଖିଥିବା ଛାତ୍ରୀଛାତ୍ରମାନଙ୍କ ଯତ୍ନ ନେବା ନିମନ୍ତେ ବିଜ୍ଞାନ ଡିଗ୍ରୀ ମହାବିଦ୍ୟାଳୟ ପ୍ରତିଷ୍ଠା କରିବା ଲାଗି ପଦକ୍ଷେପ ନିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ୨୦୦୦ରେ ଉଚ୍ଚଶିକ୍ଷା ନିମନ୍ତେ ବଜେଟ ବ୍ୟବସ୍ଥା ୪୭୩ କୋଟି ଥିବାବେଳେ ୨୦୨୩ ରେ ଏହା ୩,୧୭୩ କୋଟିକୁ ବୃଦ୍ଧି କରାଯାଇଛି। ଓଡ଼ିଆ ଭାଷାକୁ ପ୍ରୋତ୍ସାହନ ଦେବା ପାଇଁ ୨୦୧୬-୧୭ ମସିହାରୁ ସରକାର ୨୦ ହଜାର ଟଙ୍କା(ଏକକାଳୀନ) ୧୨୦୦ ସ୍ନାତକ ଏବଂ ୩୦୦ ସ୍ନାତକୋତ୍ତର ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ପ୍ରଦାନ କରୁଛନ୍ତି। ଅନଗ୍ରସର ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ସରକାର ୨୦୧୯-୨୦ ମସିହାରୁ ବାର୍ଷିକ ୨୦ ହଜାର ଟଙ୍କା ଗୋପବନ୍ଧୁ ସହାୟତା ଯୋଜନାରେ ଯୋଗାଇ ଦେଉଛନ୍ତି। ଏଥିପାଇଁ ବଜେଟରେ ପ୍ରତିବର୍ଷ ସରକାର ୪୦କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସ୍ଥା ରଖିଛନ୍ତି। କଳିଙ୍ଗ ଶିକ୍ଷା ସହାୟତା ଯୋଜନା ଅଧୀନରେ ଶିକ୍ଷା ଋଣ ନେଇଥିବା ଛାତ୍ରୀଛାତ୍ରମାନେ ୧% ସୁଧ ଦେଉଥିଲା ବେଳେ ସୁଧ ବାବଦକୁ ବଳକା ଅର୍ଥ ସରକାର ବହନ କରୁଛନ୍ତି। ନିଯୋଜନ ଓ ନିଯୁକ୍ତି ସୁଯୋଗ ସୃଷ୍ଟି ଲାଗି ପ୍ରତ୍ୟେକ ବର୍ଷ ୫୦ ହଜାର ଛାତ୍ରୀଛାତ୍ରମାନଙ୍କୁ ଚାକିରି ମେଳା ମାଧ୍ୟମରେ ଇଣ୍ଟର୍ନଶିପ୍ ଓ ଦକ୍ଷତା ବିକାଶ ତାଲିମ ନିଗମ ଏବଂ ଶିଳ୍ପ ଚୟନକାରୀ ସଂସ୍ଥାମାନଙ୍କ ମିଳିତ ସହଯୋଗରେ ପ୍ରଦାନ କରିବା ବ୍ୟବସ୍ଥା କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଉଚ୍ଚଶିକ୍ଷା ସଚିବ ବିଷ୍ଣୁପଦ ସେଠୀ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ଗାୟିକା ଟିନା ଟର୍ନରଙ୍କ...

ଥିଲେ ସବୁଠୁ ଲୋକପ୍ରିୟ ଗାୟିକା। ଏସିଡ୍ କୁଇନ୍ ଭାବେ ସେ କେତେ ପିଢ଼ିଙ୍କ ପାଇଁ ସ୍ମରଣୀୟ ହୋଇ ରହିବେ। ୧୯୩୯ ନଭେମ୍ବର ୨୬ରେ ଜନ୍ମିତ ଟିନା ୧୯୫୭ରେ ଇକେ ଟର୍ନରଙ୍କ କିଙ୍ଗ୍‌ସ ଅଫ୍ ରାଇମ୍‌ରୁ ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ। ୧୯୫୮ରେ ତାଙ୍କ ପ୍ରଥମ ରେକର୍ଡ ‘ବକ୍ସଟପ୍’ ପ୍ରକାଶ ପାଇଥିଲା। ଇକେଙ୍କ ସହ ଟିନା ଅନେକ ଗୀତ ଗାଇ ଖ୍ୟାତି ଅର୍ଜନ କରିଥିଲେ। ୧୯୬୦ରେ ତାଙ୍କ ଗୀତ ‘ଏ ଫୁଲ୍ ଇନ୍ ଲଭ୍’ ହିଟ୍ ହୋଇଥିଲା। ଏହା ପରେ ସେ ଅନେକ ହିଟ୍ ମ୍ୟୁଜିକ୍ ଆଲବମ୍ ଭେଟିଦେଇଛନ୍ତି। ୮୦ ଦଶକରେ ତାଙ୍କର ଅନେକ ଗୀତ ଶୀର୍ଷ ୪୦ ମଧ୍ୟରେ ସାମିଲ ହୋଇଥିଲା। ୧୯୮୮ରେ ତାଙ୍କର ଏକ ଷ୍ଟେଜ୍ ଶୋ’ରେ ୧ ଲକ୍ଷ ୮୦ ହଜାର ଦର୍ଶକ ଯୋଗ ଦେଇଥିଲେ। ସେ ଗୀତ ଗାଇବା ସହ କେତେକ ଚଳଚ୍ଚିତ୍ରରେ ଅଭିନୟ ମଧ୍ୟ କରିଥିଲେ। ସଙ୍ଗୀତ କ୍ୟାରିୟରରେ ସଫଳତାର ଶୀର୍ଷ ଛୁଇଁଥିବା ଏହି ଗାୟିକାଙ୍କର ବ୍ୟକ୍ତିଗତ ଜୀବନ ଦୁଃଖମୟ ଥିଲା। ତାଙ୍କର ପ୍ରଥମ ବୈବାହିକ ଜୀବନ ବେଶୀଦିନ ତିଷ୍ଠି ନ ଥିଲା। ତାଙ୍କୁ ସ୍ୱାମୀ ଅକଥନୀୟ ନିର୍ଯାତନା ଦେଉଥିଲେ। ୨୦୧୩ରେ ସେ ଏର୍‌ୱିନ୍ ବାଚ୍‌କୁ ଦ୍ୱିତୀୟ ବିବାହ କରିଥିଲେ।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

ମେଷ

ଆଜି କଲ୍ୟାଣ ଚନ୍ଦ୍ର ହେତୁ ଯାହା କରିବେ ନିର୍ବିଘ୍ନରେ ଫଳପ୍ରଦ ହେବ। କିନ୍ତୁ ଚୁ -ନାମାକ୍ଷର ବ୍ୟକ୍ତିଙ୍କ ମାନସିକ ସ୍ଥିତି ଦୁର୍ବଳ ରହିବ। ପାରିବାରିକ ସମସ୍ୟା,ପରିବହନରେ ଝଗଡ଼ା, ଯାନବାହନରେ କ୍ଷତିର ସମ୍ଭାବନା ହେତୁ ସତର୍କତା ରକ୍ଷା କରିବା ଭଲ। କର୍ମକ୍ଷେତ୍ରସ୍ଥ ବିଶୃଙ୍ଖଳିତ ପରିସ୍ଥିତିରେ ପଡି ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ।

ବୃଷ

ଶ୍ରୀଚନ୍ଦ୍ର ବୈଷୟିକ ଅଭିବୃଦ୍ଧିରେ ସହାୟକ ହେବା ସହ ଅତ୍ୟଧିକ ଭାବପ୍ରବଣତା କ୍ଷତି ସାଧନ କରିପାରେ। ଓ -ନାମାକ୍ଷର ବିବାଦୀୟ ସ୍ଥିତିରେ ନିଜର ପ୍ରାମାଣସିଦ୍ଧ ଯୁକ୍ତି ବଳରେ ସମସ୍ୟାର ସମାଧାନ କରିବେ। ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ। ଶିଳ୍ପ, ବ୍ୟବସାୟ ଓ କର୍ମକ୍ଷେତ୍ର ସମସ୍ୟାବହୁଳ ହେବାର ଆଶଙ୍କା ରହିଛି।

ମିଥୁନ

ରାଶିରେ ଶୁକ୍ର ଏକାଧାରରେ ସୁଖ, ସମ୍ପଦ କରିବାରେ ସମର୍ଥ ହୋଇପାରିବ। ଘ-ନାମାକ୍ଷର ରାହୁଙ୍କ କୁପ୍ରଭାବରେ ସମସ୍ୟାଦେଇ ଚଳିବାକୁ ବାଧହେବେ। ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବା ସାଙ୍ଗକୁ ବନ୍ଧୁଙ୍କ ସାହାଯ୍ୟ ହେତୁ ପରିସ୍ଥିତିରେ ଉନ୍ନତି ଘଟିବ। ପ୍ରଶାସନ, ରାଜନୀତି ତଥା ଗଠନମୂଳକ କାର୍ଯ୍ୟରେ ଉତ୍ସାହିତ ହେବେ।

କର୍କଟ

ଡ-ନାମାକ୍ଷର ବ୍ୟକ୍ତିଙ୍କ ସକାଶେ ଆଜି ଦିନ ଭିତରେ ବିଶେଷ କିଛି ଅସୁବିଧା ହେବନି। ଅସୁସ୍ଥତାବଶତଃ ଅଶ୍ଳେଷା ନକ୍ଷତ୍ରର କେତେକ କାମ ସ୍ଥଗିତ ରହିଯାଇପାରେ। ପରିସ୍ଥିତିକୁ ସାମନା କରିବାକୁ ଯାଇ ଗତକାଲିର ଯୋଜନା ବଦଳାଇବା ପାଇଁ କଷ୍ଟ ସ୍ୱୀକାର କରିବାକୁ ପଡିବ। ବନ୍ଧୁଙ୍କ ସହ ଦେଖା କରିବାର ସୁଯୋଗ ପାଇବେ।

ସିଂହ

ମଘା ନକ୍ଷତ୍ର ବ୍ୟକ୍ତିଙ୍କର କର୍ମକ୍ଷେତ୍ରରେ ବିଭିନ୍ନ ଅଭିଯୋଗ ଆସିପାରେ କିନ୍ତୁ ନିଜର ପ୍ରାଧାନ୍ୟତା ପୂର୍ବପରି ଅକ୍ଷୁଣ୍ଣ ରହିବ। ଦାୟିତ୍ୱହୀନ ଭାବରେ ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଅବହେଳା କରି ସମାଲୋଚିତ ହୋଇପାରନ୍ତି। ପ୍ଲଟିଂ କାରବାର,ପରିବହନ, ପ୍ରଶାସନ, ମାଲିମକଦ୍ଦମା କ୍ଷେତ୍ର ଉନ୍ନତ ରହିବ।

କନ୍ୟା

ଆଜି ସକାଳୁ ବିଭିନ୍ନ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ପୂ-ନାମାକ୍ଷର ବ୍ୟକ୍ତିଙ୍କ ସକାଶେ ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢ଼ାଇ ଦେବ। ଯାନ୍ତ୍ରିକ ତଥାପି କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସିତ ହେବେ। ନିଜ ପରିସରର ବ୍ୟକ୍ତିଙ୍କ ଅନୁରୋଧରେ ସାଂଗଠନିକ କାର୍ଯ୍ୟର ନେତୃତ୍ୱ ନେଇପାରନ୍ତି।

ତୁଳା

ସକାଳୁ ସକାଳୁ ଶୁଭ ଖବର ପାଇ ମନ ଏକ ପ୍ରକାର ଖୁସି ହୋଇଯିବ। ତ-ନାମାକ୍ଷର ବ୍ୟକ୍ତିମାନଙ୍କ ସବୁ କାମ ବହୁ ଡେରିରେ ହେଉଥିବାରୁ ମନଟା ଭଲ ଲାଗିବ ନାହିଁ। ଖଳ ଲୋକମାନଙ୍କ କଥାକୁ ବିଶ୍ୱାସ କରି ନିଜର ଅତି ବିଶ୍ୱସ୍ତ କର୍ମଚାରୀଟିର ମନୋଭାବ ବଦଳିଯିବ। ଗୁରୁଜନମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହୋଇପାରନ୍ତି।

ବିଛା

ପ୍ରତ୍ୟେକ କ୍ଷେତ୍ରରେ ଅସ୍ଥିର ଫଳ ପାଇବା କାରଣରୁ ମନ ବିଚଳିତ ରହିବ। ମାତ୍ର, ପ୍ରଶାସନ, ରାଜନୀତି, ଯାତ୍ରା ଓ କଚେରି ମାମଲ କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ନୀ-ନାମାକ୍ଷର ବ୍ୟକ୍ତିମାନେ ଯାତ୍ରାରେ ଅଜଣା ଅଶୁଣା ବ୍ୟକ୍ତି ପ୍ରତି ସତର୍କ ରୁହନ୍ତୁ। ପାରିବାରିକ କ୍ଷେତ୍ରରେ ଛୋଟ ମୋଟ ସମସ୍ୟାକୁ ନେଇ ବିଶେଷ ବ୍ୟସ୍ତ ହୋଇପାରନ୍ତି।

ଧନୁ

ବିଭିନ୍ନ ସମସ୍ୟା ସାଙ୍ଗକୁ ଖର୍ଚ୍ଚ ବଢ଼ିବା କାରଣରୁ ମାନସିକ ସ୍ଥିତି ବିଗିଡି ଯିବ। ଭି-ନାମାକ୍ଷର ବ୍ୟକ୍ତିଙ୍କ ପାଇଁ ନିଜର ଲୋକଟି ଅନ୍ୟଦ୍ୱାରା ପ୍ରଭାବିତ ହୋଇ ସେହି ବ୍ୟକ୍ତି କାମ କରିବେ ନାହିଁ। ପରିବହନରେ ସମସ୍ୟାକୁ ଅତି ଚତୁରତାର ସହ ସମାଧାନ କରିବେ। ବନ୍ଧୁଙ୍କ ମନୋରଞ୍ଜନ କାର୍ଯ୍ୟରେ ଅନୁରୋଧରେ ଅଂଶଗ୍ରହଣ କରିପାରନ୍ତି।

ମକର

ଆଜି ସକାଳୁ ସକାଳୁ କୌଣସି ଶୁଭ ଖବର ମନକୁ ଆହ୍ଲାଦିତ କରିବ। ବନ୍ଧୁଙ୍କ ରୁଗ୍‌ଣ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଖ-ନାମାକ୍ଷର ବ୍ୟକ୍ତିମାନଙ୍କୁ ଆର୍ଥିକ ଅନଟନର ସମ୍ମୁଖୀନ ହେବାକୁ ପଡ଼ିପାରେ। ଉଚ୍ଚବର୍ଗଙ୍କ ସହାୟତା ପାଇବା ସହ କର୍ମକ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ।

କୁମ୍ଭ

ଆଜି ବିନା ଆହ୍ୱାନରେ ଅନ୍ୟ ସକାଶେ ମଧ୍ୟସ୍ଥତା କରିବାକୁ ଯାଇ ଅପଦସ୍ଥ ହେବେ। ଯାତ୍ରା ଅଧାରୁ ଫେରି ଆସିବାକୁ ପଡ଼ିପାରେ। ଶିକ୍ଷା, ଗବେଷଣା, ବିଦେଶ ଯାତ୍ରା, କଳା, ସାହିତ୍ୟ, ସଙ୍ଗୀତ ଓ ଆଲୋଚନା କ୍ଷେତ୍ର ପ୍ରଶସ୍ତ ରହିବ। ଘଟଣା ଚକ୍ରରେ ପଡି ମିଥ୍ୟା କହିବାକୁ ବାଧ ହେବେ ଓ ସମାଲୋଚିତ ହୋଇପାରନ୍ତି।

ମୀନ

ଚ-ନାମାକ୍ଷର ବ୍ୟକ୍ତିଙ୍କ ସକାଶେ ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ବିବାଦ ବଢ଼ିପାରେ। ଅବଶ୍ୟ ବନ୍ଧୁଙ୍କଠାରୁ ସହାୟତା ପାଇ ସମସ୍ୟାର ମୁକାବିଲା କରିପାରିବେ। ଅଧସ୍ତନ କର୍ମଚାରୀଙ୍କୁ କଟୁକଥା ପ୍ରୟୋଗ କଲେ ନିଜକୁ ହିଁ ଅପମାନିତ ହେବାକୁ ପଡ଼ିବ। ଜମିଜମା କିମ୍ବା ପିଲାଙ୍କ ସମ୍ବନ୍ଧୀୟ ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିପାରେ।

ଆଜି ଜ୍ୟେଷ୍ଠ ଶୁକ୍ଳ ସପ୍ତମୀ ଶୁକ୍ରବାର, ମେ’ ୨୬ ତାରିଖ, ରାଶି ନକ୍ଷତ୍ର-ଅଶ୍ଳେଷା/କର୍କଟ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ୦୬।୦୪ ଗତେ ଘ.୦୬।୫୬ ମଧ୍ୟେ, ଘ.୧୨।୦୯ ଗତେ ଘ.୦୨।୪୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୦୫ ଗତେ ଘ.୧୧।୪୩ ମଧ୍ୟେ ରାହୁକାଳ।

୬ ରାଜସ୍ୱ କର୍ମଚାରୀ ନିଲମ୍ବିତ

ନୟାଗଡ଼ ଅଫିସ,୨୫।୫

ନୟାଗଡ଼ ଜିଲା ରଣପୁର ତହସିଲ ମୟୂରଖାଲିଆ ବେଆଇନ ଖଣିଖନନ ମାମଲାରେ ୬ ରାଜସ୍ୱ କର୍ମଚାରୀଙ୍କୁ ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଗୁରୁବାର ନିଲମ୍ବନ କରିଛନ୍ତି । ସେମାନେ ହେଲେ ରଣପୁର ତହସିଲର ସେକ୍ସନ ଅଫିସର ଚନ୍ଦ୍ର ଶେଖର ନନ୍ଦ, ରାଜସ୍ୱ ସୁପର ଭାଇଜର ପ୍ରମୋଦ କୁମାର ବେହେରା, ଆରଆଇ ପ୍ରଶାନ୍ତ ନାୟକ ଓ ପ୍ରଶାନ୍ତ ପ୍ରଧାନ, ଭାପୁର ତହସିଲର କନିଷ୍ଠ ରାଜସ୍ୱ ସହାୟକ ଅରୁଣ କୁମାର ସେଠୀ, ଖଣ୍ଡପଡ଼ା ତହସିଲର ସେକ୍ସନ ଅଫିସର ଏମ୍‌ଡି ସୁଲତାନ ହକ୍ ।

ସୂଚନା ଅନୁଯାୟୀ, ମୟୂରଖାଲିଆ ମୌଜାର ୧୬୮୯ ପ୍ଲଟରୁ ୪ ଏକର ମାଙ୍କଡ଼ା ପଥର ଖଣି ପାଇଁ ଚାନ୍ଦପୁର ଥାନା ଚମ୍ପାଗଡ଼ର ସୁଶାନ୍ତ କୁମାର ବରାଡ଼ଙ୍କୁ ୫ ବର୍ଷିଆ ଲିଜ୍ ଦିଆଯାଇଥିଲା । ସେହିଭଳି ଅଗ୍ରୱାଲା ଇନଫ୍ରାବିଲ୍‌ଡ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ଶଶାଙ୍କ ଅଗ୍ରୱାଲଙ୍କୁ ସାଧାରଣ ମାଟି ଖନନ ଓ ପରିବହନ ନିମନ୍ତେ ୨ ଏକର ଜମିକୁ ସାମୟିକ ପରମିଟ୍ ଦିଆଯାଇଥିଲା । ସେମାନେ ଉକ୍ତ ପ୍ଲଟ ନିକଟସ୍ଥ ଅନ୍ୟାନ୍ୟ ଜାଗାରୁ ବେଆଇନ ଭାବେ ମାଙ୍କଡ଼ା ପଥର ଓ ମୋରମ ଚାଲାଣ କରିବା ସହ ଗ୍ରାମ୍ୟ ଜଙ୍ଗଲ ନଷ୍ଟ କରୁଥିଲେ । ଏ ବାବଦରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) କୋଲକାତାଙ୍କ ନିକଟରେ ବଜ୍ରକୋଟର ଦିଲୀପ କୁମାର ସାମନ୍ତରାୟ ଓ ଓସ୍ତପଡ଼ାର ଦୀପକ କୁମାର ରାଉତରାୟ କେସ ନଂ-ଓଏ ୮୩/୨୦୨୨ ଅଭିଯୋଗ ଦାଖଲ କରିଥିଲେ।

ମୟୂରଖାଲିଆ ବେଆଇନ ଖଣିଖନନ ମାମଲା

ଅଭିଯୋଗ ପରେ ଏନ୍‌ଜିଟିର ନିର୍ଦ୍ଦେଶ ଅନୁସାରେ ନୟାଗଡ଼ ଜିଲାପାଳ, ରାଜ୍ୟ ସରକାରଙ୍କ ଖଣି ବିଭାଗର ଅଧିକାରୀ, ବୈଜ୍ଞାନିକ ପ୍ରମୁଖ ଏହାର ଯାଞ୍ଚ କରିଥିଲେ । ଅନୁମତିଠାରୁ ଅଧିକ ଖଣିଜ ଉତ୍ତୋଳନ କରାଯାଇଥିବାରୁ ଖଣି ମାଲିକଙ୍କୁ ଗତ ଜାନୁୟାରୀ ୧୦ରେ ୨କୋଟି ୮୧ ଲକ୍ଷ ୫୯ ହଜାର ୯୪୫ ଟଙ୍କା ଜରିମାନା ହୋଇଥିଲା । ଜରିମାନା ଏଡାଇବା ଆଳରେ ୨୫ ଲକ୍ଷ ଟଙ୍କା ଲାଞ୍ଚ ଅଭିଯୋଗ ଲିଜ୍‌ଧାରୀ ଆଣିଥିଲେ ବୋଲି ଅଭିଯୋଗ ଉଠିଥିଲା । ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ବଜ୍ରକୋଟର ଦିଲୀପ କୁମାର ସାମନ୍ତରାୟ, ଓସ୍ତପଡାର ଦୀପକ କୁମାର ରାଉତରାୟ ଓ ଚମ୍ପାଗଡର ଗଣେଶ କୁମାର ମାନ୍ଧାତା ୨୫ ଲକ୍ଷ ଲାଞ୍ଚ ମାଗିଥିବା ଅଭିଯୋଗ ହୋଇଥିଲା । ଗତ ଜାନୁୟାରୀ ୨୬ରେ ଜିଲାପାଳଙ୍କ ଉପସ୍ଥିତିରେ ଉପରୋକ୍ତ ୩ଜଣ ଲିଜ୍‌ଧାରୀ ସୁଶାନ୍ତଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଖଣି ବନ୍ଦ କରାଇ ଦେବାକୁ ଧମକ ଦେଇଥିଲେ ବୋଲି ଅଭିଯୋଗ ହୋଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଗତ ଏପ୍ରିଲ ୧୧ରେ ଲିଜ୍‌ଧାରୀ ଚମ୍ପାଗଡ଼ର ସୁଶାନ୍ତ କୁମାର ବରାଡଙ୍କ ଅଭିଯୋଗକୁ ଭିତ୍ତି କରି ଚାନ୍ଦପୁର ଥାନାରେ ଏକ ମାମଲା(ନଂ. ୬୮/୨୦୨୩) ରୁଜୁ ହୋଇଥିଲା। ଅନ୍ୟପକ୍ଷେ ଲିଜ୍‌ଧାରୀ ଆଣିଥିବା ୨୫ ଲକ୍ଷ ଲାଞ୍ଚ ଅଭିଯୋଗକୁ ଏନ୍‌ଜିଟି ଗ୍ରହଣ ନ କରିବାରୁ ଏହି ଲାଞ୍ଚ ମାମଲାର ସତ୍ୟତା ନ ଥିବା ଜଣାପଡିଥିଲା । ୨୦୨୨ ଡିସେମ୍ବର ୬ରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଦାଖଲ କରିଥିବା ସତ୍ୟପାଠକୁ ଏନ୍‌ଜିଟି ଗ୍ରହଣ କରି ଦୁଇ ଲିଜ୍‌ଧାରୀ ସୁଶାନ୍ତ କୁମାର ବରାଡ଼ ଓ ଅଗ୍ରୱାଲା ଇନଫ୍ରାବିଲ୍‌ଡ ପ୍ରାଇଭେଟ୍ ଲିମିଟେଡର ନିର୍ଦ୍ଦେଶକ ଶଶାଙ୍କ ଅଗ୍ରୱାଲଙ୍କ ବିରୋଧରେ ଓଏମ୍‌ଏମ୍‌ସି ରୁଲ ୨୦୧୬ ଧାରା ୫୧ ଅନୁସାରେ ଫୌଜଦାରି ମାମଲା ୨ମାସ ମଧ୍ୟରେ ଦାଏର କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ସେହିପରି ପରିବେଶ କ୍ଷତିପୂରଣ ଭରଣା ସମ୍ପର୍କରେ ହିସାବକରି ୨ ଲିଜ୍‌ଧାରୀଙ୍କଠାରୁ ୨ମାସ ମଧ୍ୟରେ କ୍ଷତିପୂରଣ ଅସୁଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୁଣି ରଣପୁର ତହସିଲର ତତ୍କାଳୀନ ତହସିଲଦାର ଯୁଗଳ କିଶୋର ମିଶ୍ର ଓ ସଞ୍ଜୟ କୁମାର ସାମନ୍ତରାୟ, ଅତିରିକ୍ତ ତହସିଲଦାର ଅଶୋକ କୁମାର ପଟ୍ଟନାୟକ, ୬ ରାଜସ୍ୱ ଅଧିକାରୀଙ୍କ ସମେତ ୯ଜଣଙ୍କ ବିରୋଧରେ ଦୁଇ ମାସ ମଧ୍ୟରେ ଫୌଜଦାରି ମାମଲା ରୁଜୁ କରିବାକୁ ଜିଲାପାଳ ଓ ରଣପୁର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ରଣପୁର ତହସିଲଦାରଙ୍କ ଅଭିଯୋଗ ଅନୁଯାୟୀ ୨ ଲିଜ୍‌ଧାରୀ, ୬ ରାଜସ୍ୱ କର୍ମଚାରୀ, ରାଜସ୍ୱ ଅଫିସର ଏପରି ୧୧ ଜଣଙ୍କ ନାମରେ ୩୭୯, ୪୨୦, ୪୬୮, ୧୨ ପିଟିଏସ୍ ଆକ୍ଟ, ୫୧ ଓଏମ୍‌ଏମ୍ ରୁଲରେ ୭୯/୨୩ରେ ମାମଲା ରୁଜୁ ହୋଇଥିଲା। ଇତିମଧ୍ୟରେ ୬ଜଣ ରାଜସ୍ୱ କର୍ମଚାରୀ ନିଲମ୍ବିତ ହୋଇ ସାରିଛନ୍ତି । ଏହା ପରେ ଅବସରପ୍ରାପ୍ତ ତହସିଲଦାର ଯୁଗଳ କିଶୋର ମିଶ୍ର, ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟ ଓ ଅତିରିକ୍ତ ତହସିଲଦାର ଅଶୋକ କୁମାର ପଟ୍ଟନାୟକଙ୍କ ସମେତ ଦୁଇ ଲିଜ୍‌ଧାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ ହେଉଛି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଜୁନ୍ ୨୯ରୁ ଯୁକ୍ତ୨ ନାମଲେଖା

ଭୁବନେଶ୍ୱର,୨୫।୫(ବ୍ୟୁରୋ)

ଜୁଲାଇ ୨୯ରୁ ଯୁକ୍ତ୨ ପାଠପଢ଼ା ଆରମ୍ଭ ହେବ। ଏଥିପାଇଁ ମେ' ୨୯ରୁ ନାମ ଲେଖା ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ସୂଚନାନୁସାରେ, ଛାତ୍ରୀଛାତ୍ର ମନ ପସନ୍ଦର କଲେଜରେ ନାମ ଲେଖାଇବା ପାଇଁ ସାମସ୍ ପୋର୍ଟାଲ ମାଧ୍ୟମରେ ଆବେଦନ କରିବେ। www.samsodisha.gov.inରେ ଲଗ୍ ଇନ୍ କରି କମନ ଆପ୍ଲିକେଶନ ଫର୍ମ ପୂରଣ କରିବା ସହ ଜୁନ୍ ୨୦ ମଧ୍ୟରେ ଆବେଦନ କରିବାକୁ ପଡିବ। ଜୁନ୍ ୨୮ରେ ପ୍ରଥମ ସିଲେକ୍ସନ ତାଲିକା ପ୍ରକାଶ ପାଇବ। ତାଲିକାରେ ନାମ ଥିବା ଛାତ୍ରୀଛାତ୍ର ଜୁନ୍ ୨୯ରୁ ଜୁଲାଇ ୭ ମଧ୍ୟରେ ନାମ ଲେଖାଇବେ। କୌଣସି ଆବେଦନକାରୀ କଲେଜ ବଦଳାଇବାକୁ ଚାହୁଁଥିଲେ ଏହି ସମୟ ମଧ୍ୟରେ ଆବେଦନ କରିପାରିବେ। ଜୁଲାଇ ୧୩ରେ ଦ୍ୱିତୀୟ ସିଲେକ୍ସନ ତାଲିକା ପ୍ରକାଶ ପାଇବ। ଜୁଲାଇ ୧୪ରୁ ୧୭ ତାରିଖ ମଧ୍ୟରେ ଏହି ଛାତ୍ରୀଛାତ୍ର ନାମ ଲେଖାଇପାରିବେ। ଏହି ସମୟ ମଧ୍ୟରେ ଆବେଦନକାରୀ କଲେଜ ବଦଳାଇବାକୁ ଚାହୁଁଥିଲେ ଏଥିପାଇଁ ଆବେଦନ କରିପାରିବେ। ଜୁଲାଇ ୧୯ରୁ ୨୧ ମଧ୍ୟରେ ସ୍ପଟ୍ ଆଡ୍‌ମିଶନ ପ୍ରକ୍ରିୟା ଚାଲୁରହିବ। ନାମଲେଖାରୁ ବଞ୍ଚିତ ହୋଇଥିବା ଛାତ୍ରୀଛାତ୍ର ଏହି ପର୍ଯ୍ୟାୟରେ ନାମ ଲେଖାଇପାରିବେ। ଜୁଲାଇ ୨୬ ଓ ୨୭ରେ ସ୍ପଟ୍ ସିଲେକ୍ସନ୍ ତାଲିକା ପ୍ରକାଶ ପାଇବା ସହ ୨୭ ତାରିଖରେ ନାମଲେଖା ଯିବ। ନାମଲେଖା ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବାର ଦିନକ ପରେ ଅର୍ଥାତ୍ ଜୁଲାଇ ୨୯ରୁ ପିଲାମାନଙ୍କର ପାଠପଢ଼ା ଆରମ୍ଭ ହେବ।

ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟାକଲେ ସ୍ୱାମୀ

ପାରଳାଖେମୁଣ୍ଡି/କାଶୀନଗର, ୨୫।୫(ଡି.ଏନ୍.ଏ)

ପାରିବାରିକ କଳହକୁ କେନ୍ଦ୍ରକରି ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି ସ୍ୱାମୀ। ଏଭଳି ଅଭାବନୀୟ ଘଟଣା ଘଟିଛି ଗଜପତି ଜିଲା କାଶୀନଗର ବ୍ଲକ ସାରା ଗ୍ରାମରେ। ଏହି ଗ୍ରାମର ଚନ୍ଦ୍ରଶେଖର କାର୍ଜି ଓ ସ୍ତ୍ରୀ ଉର୍ମିଳା କାର୍ଜି ଗୁରୁବାର ସକାଳେ ଗାଁ ନିକଟସ୍ଥ କାଜୁ ତୋଟାକୁ କାମ କରିବାକୁ ଯାଇଥିଲେ। କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ସ୍ୱାମୀ ଚନ୍ଦ୍ରଶେଖର ସ୍ତ୍ରୀ ଉର୍ମିଳାଙ୍କୁ ଟାଙ୍ଗିଆରେ ହାଣି ମୁଣ୍ଡରୁ ଗଣ୍ଡି ଅଲଗା କରିଦେଇଥିଲେ। ଘଟଣା ସ୍ଥଳରେ ଗଣ୍ଡିଟିକୁ ଛାଡ଼ିଦେଇ କଟାମୁଣ୍ଡକୁ ହାତରେ ଧରି ଘରକୁ ଆସିଥିଲେ। ଗାଁ ଲୋକେ ଏହା ଦେଖି ପୋଲିସକୁ ଖବର ଦେଇଥିଲେ। କାଶୀନଗର ପୋଲିସ ପହଞ୍ଚି କଟାମୁଣ୍ଡ ଓ ଗଣ୍ଡି ଜବତ କରିବା ସହ ଚନ୍ଦ୍ରଶେଖରଙ୍କୁ ଗିରଫ କରିଥିଲା। ଏ ନେଇ କାଶୀନଗର ଥାନାରେ ନଂ ୬୦/୨୩ରେ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ସୁଶାନ୍ତ ସାହୁ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଉର୍ମିଳା ଚନ୍ଦ୍ରଶେଖରଙ୍କ ଦ୍ୱିତୀୟ ସ୍ତ୍ରୀ ଥିଲେ।

ଅଭିଯୁକ୍ତଙ୍କୁ ଧରିବାକୁ ଯାଇ ପୋଲିସ ଆକ୍ରମଣର ଶିକାର: ଏଏସ୍‌ଆଇ ଗୁରୁତର

ଭେଡ଼େନ, ୨୫।୫(ଡି.ଏନ୍.ଏ.)

ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ଧୁବେନପାଲିରେ ବୁଧବାର ରାତିରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଅଭିଯୁକ୍ତଙ୍କୁ ଧରିବାକୁ ଯାଇ ପୋଲିସ ଏଏସ୍‌ଆଇ ରାମଚନ୍ଦ୍ର ଦାଶ ଆକ୍ରମଣର ଶିକାର ହୋଇଛନ୍ତି।

ଆହତ ପୋଲିସ ଏଏସଆଇ ରାମଚନ୍ଦ୍ର ଦାଶ ଓ ଅଭିଯୁକ୍ତ ବୃନ୍ଦାବନ ପଧାନ।

ଅଭିଯୁକ୍ତଙ୍କ କଟୁରି ଚୋଟରେ ତାଙ୍କର ମୁଣ୍ଡ ଓ ହାତରେ ଗଭୀର କ୍ଷତ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଭେଡ଼େନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ଅଁଳାପାଲି ପଞ୍ଚାୟତ ଅନ୍ତର୍ଗତ ଡେନ୍ଦୁଲିଟିକ୍ରା ଛକରେ ଗତ ସୋମବାର ସନ୍ଧ୍ୟାରେ ମୋହନ ସାହୁ ଓ ବୃନ୍ଦାବନ ପଧାନ ଓରଫ ଭାଲୁ କୌଣସି କାରଣରୁ ବରଗାଁ ଗ୍ରାମର ଦୈତାରୀ ପାଣିଗ୍ରାହୀଙ୍କୁ ଏକ ଧାରୁଆ ଅସ୍ତ୍ରରେ ମରଣାନ୍ତକ ଆକ୍ରମଣ କରି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଦୈତାରୀଙ୍କ ଅଭିଯୋଗ କ୍ରମେ ପୋଲିସ ଏ ନେଇ ଥାନାରେ ଏକ ମାମଲା (ନଂ.୧୫୭/୨୩)ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଚଳାଇଥିଲା। ତେବେ ବୃନ୍ଦାବନ ପଧାନ ଧୁବେନପାଲିରେ ଲୁଚି ରହିଥିବା ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ଭେଡ଼େନ ଥାନା ଅଧିକାରୀ ସଙ୍ଗୀତା ମହାପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଏସ୍.ଆଇ ଦୟାନିଧି ପାତ୍ର, ଏଏସ୍‌ଆଇ ରାମଚନ୍ଦ୍ର ଦାଶ, ହାବିଲଦାର ଜୟରାମ ଆଚାର୍ଯ୍ୟ ସଦଳବଳ ଚଢାଉ କରିଥିଲେ। ପୋଲିସକୁ ଦେଖି ବୃନ୍ଦାବନ ହଠାତ୍ ଏକ ଧାରୁଆ କଟୁରିରେ ଅତର୍କିତ ଆକ୍ରମଣ କରିଥିଲା। ଏଥିରେ ଏଏସ୍‌ଆଇ ଦାଶ ଗୁରୁତର ଆହତ ହୋଇଥିଲେ।

ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହେବାକୁ ଉଦ୍ୟମ କରୁଥିବାବେଳେ ଅନ୍ୟ ପୋଲିସ କର୍ମଚାରୀ ତାଙ୍କୁ କାବୁ କରିଥିଲେ। ପୋଲିସ ଆକ୍ରମଣରେ ବ୍ୟବହୃତ କଟୁରିକୁ ଜବତ କରିଛି। ଏ ନେଇ ଭେଡ଼େନ ଥାନାରେ ଏକ ମାମଲା (ନଂ.୧୫୯/୨୩) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

ଜାଲ୍ ଚିଠିରେ ଟଙ୍କା ଠକି ସିଆର୍‌ସିସି ନିଲମ୍ବିତ

ବିଇଓଙ୍କ କାର୍ଯ୍ୟାଳୟରେ ଏଡିଇଓ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ସିଆର୍‌ସିସି ଓ ସାମାଜିକ କର୍ମୀ।

ରାୟଗଡ଼ା,୨୫।୫(ସ୍ୱ.ପ୍ର.)

ଆକାଉଣ୍ଟରେ ଅଧିକ ଦରମା ଜମା ହୋଇଥିବା ନେଇ ବିଇଓ ଏବଂ ତାଙ୍କ କାର୍ଯ୍ୟାଳୟର ଟ୍ରେଜରରଙ୍କ ନାମରେ ଜାଲ୍ ଚିଠି ଓ ଦସ୍ତଖତକରି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କଠାରୁ ସିଆର୍‌ସିସି ସୁରେଶ କୁମାର ପାସ୍ତୁରେଡ୍ଡୀ ଠକି ନେଇଥିବା ୨ଲକ୍ଷ ୨୦ ହଜାର ଟଙ୍କା ଗୁରୁବାର ଫେରାଇଛନ୍ତି। ବିଇଓ ତଥା ଏଡିଇଓ ଭଜନଲାଲ ମାଝି ଗୁରୁବାର ବିଇଓ କାର୍ଯ୍ୟାଳୟ ଚିଠି ନଂ. ୧୬୧୫/୨୩ରେ ସିଆର୍‌ସିସି ପାସ୍ତୁରେଡ୍ଡୀଙ୍କୁ ନିଲମ୍ବନ କରିଛନ୍ତି।

ପ୍ରକାଶ ଯେ, ରାୟଗଡ଼ା ବ୍ଲକର ଝୁଞ୍ଜାମଣି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମ ମେଲେକା ୨୦୨୨ ନଭେମ୍ବରରେ ଅବସର ନେଇଥିଲେ। ଏହାପରେ ହାଟଶେଷଖାଲ କ୍ଲଷ୍ଟର ସିଆର୍‌ସିସି ଭାବେ ସୁଲଭା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ସହକାରୀ ଶିକ୍ଷକ ସୁରେଶ କୁମାର ପାସ୍ତୁରେଡ୍ଡୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାମଙ୍କୁ ଦୁଇଟି ଚିଠି ମାଧ୍ୟମରେ ଆକାଉଣ୍ଟକୁ ଅଧିକ ଦରମା ଯାଇଥିବା କହି ଜମା କରିବାକୁ କହିଥିଲେ।। ରାୟଗଡ଼ା ବିଇଓଙ୍କ କାର୍ଯ୍ୟାଳୟ ତରଫରୁ ଏପ୍ରିଲ ୧୮ରେ ଚିଠି ନଂ. ୮୪/୨୩ରେ ସିଆର୍‌ସିସି ସୁରେଶ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାମଙ୍କଠାରୁ ୧ଲକ୍ଷ ୭୪ ହଜାର ଏବଂ ଏହାର ସୁଧ ବାବଦକୁ ୪୪ ହଜାର ହିସାବରେ ସର୍ବମୋଟ ୨ଲକ୍ଷ ୨୦ ହଜାର ଟଙ୍କା ଆଦାୟ କରିବାକୁ ନିର୍ଦ୍ଦେଶ ଥିଲା । ତେବେ ପରବର୍ତ୍ତୀ ସମୟରେ ରାମଙ୍କ ନାମରେ ମେ ୧୨ରେ ବିଇଓ କାର୍ଯ୍ୟାଳୟ ଚିଠି ନଂ. ୨୮/୨୩ ସିଆର୍‌ସିସି ସୁରେଶ ଦେଇଥିଲେ । ଏହି ଚିଠି ପାଇବା ପରେ ସେ ମେ ୨୪ରେ ସିଆର୍‌ସିସି ସୁରେଶଙ୍କୁ ଟଙ୍କା ଦେଇଥିଲେ। ପରେ ତାଙ୍କର ସନ୍ଦେହ ହେବାରୁ ବିଇଓଙ୍କ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଏନେଇ ସାମାଜିକ କର୍ମୀ ବଳରାମ ପଣ୍ଡା ଜାଣିବା ପରେ ରାମଙ୍କ ପାଖକୁ ଯାଇ ତାଙ୍କ ସହ ଆଲୋଚନା କରି ଘଟଣା ବୁଝିଥିଲେ। ଏହାପରେ ସେ ବିଇଓ କାର୍ଯ୍ୟାଳୟରେ ପଚାରିବା ବେଳେ ଉକ୍ତ ଚିଠି ଦୁଇଟି ଜାଲ୍ ବୋଲି ଜଣାପଡ଼ିଥିଲା।

ରାୟଗଡ଼ା ଶିକ୍ଷା ବିଭାଗ

୨ ଲକ୍ଷ ୨୦ ହଜାର ଫେରାଇଲେ ସିଆର୍‌ସିସି

ବଳରାମ ପଣ୍ଡା ବିଇଓ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଭଜନଲାଲ ମାଝିଙ୍କୁ ଜଣାଇବା ପରେ ସମସ୍ତ ସତ୍ୟାସତ୍ୟ ପଦାକୁ ଆସିଥିଲା। ବଳରାମ ରାମଙ୍କ ଗ୍ରାମରେ ପହଞ୍ଚିବା ବେଳେ ସିଆର୍‌ସିସି ସୁରେଶ ସେଠାରେ ପହଞ୍ଚି ଘଟଣାର ବୁଝାମଣାକରି ଚପାଇବାକୁ ଉଦ୍ୟମ କରିଥିଲେ। ସାମାଜିକ କର୍ମୀ ବଳରାମ ପହଞ୍ଚିବା ପରେ ଗ୍ରାମବାସୀଙ୍କ ସହାୟତାରେ ରାମ ମେଲେକା ଏବଂ ସିଆର୍‌ସିସି ସୁରେଶଙ୍କୁ ରାୟଗଡ଼ା ବିଇଓ କାର୍ଯ୍ୟାଳୟକୁ ଆଣିଥିଲେ। ବିଇଓ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଭଜନଲାଲ ମାଝିଙ୍କ ସମ୍ମୁଖରେ ସିଆର୍‌ସିସି ଲିଖିତ ଆକାରରେ ଦୋଷ ସ୍ୱୀକାର କରିଥିଲେ।


G20 INDIA
Azadi Ka Amrit Mahotsav
ଏକ ସ୍ୱଚ୍ଛ ଅର୍ଥନୀତିର ନିର୍ମାଣ
ଆମ ସମସ୍ତଙ୍କର ଦାୟିତ୍ୱ ଅଟେ
ଏସ୍‌ଏଫ୍‌ଟି ଫାଇଲିଂର ଶେଷ ତାରିଖ
ମେ ୩୧, ୨୦୨୩
JAANKARI BABU

ଯଦି ଆପଣ
- ସବ୍ ରେଜିଷ୍ଟ୍ରାର
- ସମବାୟ ବ୍ୟାଙ୍କ
- ବ୍ୟାଙ୍କିଙ୍ଗ୍ କମ୍ପାନୀ
- ଏନ୍‌ବିଏଫ୍‌ସି
- ନିଧି
- ପୋଷ୍ଟମାଷ୍ଟର ଜେନେରାଲ
- ବଣ୍ଡ, ଡିବେଞ୍ଚର କିମ୍ବା ଶେୟାର୍ ଜାରିକର୍ତ୍ତା
- ମ୍ୟୁଚୁଆଲ ଫଣ୍ଡର ଟ୍ରଷ୍ଟି କିମ୍ବା ମ୍ୟୁଚୁଆଲ ଫଣ୍ଡର ବ୍ୟାପାର ପରିଚାଳକ
- ବୈଦେଶିକ ମୁଦ୍ରା ବିନିମୟ ଡିଲର
- ସାମଗ୍ରୀ କିମ୍ବା ସେବା ଯୋଗାଣକାରୀ (ଯାହାଙ୍କ ଖାତା ଆୟକର ଅଧିନିୟମ, ୧୯୬୧ର ଧାରା ୪୪ଏବି ଅଧୀନରେ ସମୀକ୍ଷା ଆବଶ୍ୟକ କରୁଥିବ)
- ଡିଭିଡେଣ୍ଡ ପୈଠ କରୁଥିବା କମ୍ପାନୀ
- ନିଜର ଶେୟାର୍‌କୁ ପୁନଶ୍ଚ କିଣୁଥିବା କମ୍ପାନୀ ଅଟନ୍ତି

ତେବେ ଆପଣ
ଆୟକର ନିୟମାବଳୀ, ୧୯୬୨ର ନିୟମ ୧୧୪ଇ ଅନୁଯାୟୀ ଆର୍ଥିକବର୍ଷ ୨୦୨୨-୨୩ ଅବଧିରେ ତୃତୀୟ ପକ୍ଷଙ୍କ ସହିତ ସମ୍ପାଦନ କରିଥିବା ନେଣଦେଣଗୁଡ଼ିକ ପାଇଁ ଫର୍ମ ନଂ. ୬୧ଏରେ **ଆର୍ଥିକ ନେଣଦେଣଗୁଡ଼ିକର ବିବରଣୀ (ଏସ୍‌ଏଫ୍‌ଟି)** ଫାଇଲ୍ କରିବେ ।

cbc 15401/13/0003/2324

ପଞ୍ଜୀକରଣ ଏବଂ ଦାଖଲ ପାଇଁ ପରିଦର୍ଶନ କରନ୍ତୁ https://report.insight.gov.in
ତଥାପି, ଡାକଘର ଏବଂ ସବ୍-ରେଜିଷ୍ଟ୍ରାରମାନେ ସେମାନଙ୍କର ବିବରଣୀଗୁଡ଼ିକୁ ଟିଆଇଏନ୍ ସୁବିଧା କେନ୍ଦ୍ରରେ ଦାଖଲ କରିପାରିବେ; ବିବରଣୀ www.tin-nsdl.comରେ ଉପଲବ୍ଧ

ଦୟାକରି ଧ୍ୟାନରେ ରଖନ୍ତୁ
- ଏସ୍‌ଏଫ୍‌ଟି ଫାଇଲିଂରେ ବିଳମ୍ବ ହେଲେ ବିଳମ୍ବର ପ୍ରତ୍ୟେକ ଦିନ ପାଇଁ ଆପଣ ଟ.୧୦୦୦/- ପର୍ଯ୍ୟନ୍ତ ଜରିମାନା ପୈଠ କରିବା ପାଇଁ ଉତ୍ତରଦାୟୀ ରହିବେ ।
- ବିବରଣୀ ଫାଇଲିଂ କରା ନ ଯିବା କିମ୍ବା ଭୁଲ୍ ବିବରଣୀ ଫାଇଲିଂ କରାଯିବା କ୍ଷେତ୍ରରେ ମଧ୍ୟ ଜରିମାନା ଲାଗୁ ହୋଇପାରେ ।

ସହାୟତା ପାଇଁ ଦୟାକରି ଆପଣଙ୍କ ରାଜ୍ୟ/ଅଞ୍ଚଳର ଡିଆଇଟି (ଆଇ ଆଣ୍ଡ ସିଆଇ)ଙ୍କ ସହିତ ଯୋଗାଯୋଗ କରନ୍ତୁ । ଯୋଗାଯୋଗ ବିବରଣୀ https://incometaxindia.gov.in/Documents/departmental-directory.pdfରେ ଉପଲବ୍ଧ ।

For e-Brochures, Scan QR Code
INCOME TAX DEPARTMENT
ଆୟକର ବିଭାଗ
କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ପରିଷଦ
ଅଧିକ ସୂଚନା ପାଇଁ, ଦୟାକରି ପରିଦର୍ଶନ କରନ୍ତୁ: https://report.insight.gov.in
For more information Scan QR Code
@IncomeTaxIndia @IncomeTaxIndiaOffcial @IncomeTaxIndiaOffcial @Income Tax India @ Income Tax India Offcial

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୬ ମେ, ୨୦୨୩

ଈଶ୍ୱରଙ୍କ ହାତରେ ସବୁତକ ସମୟ ଅଛି – ତେଣୁ ସେ କୌଣସି କାର୍ଯ୍ୟରେ ତରବର ହୁଅନ୍ତି ନାହିଁ। ସେ ମଧ ତାଙ୍କ ଲକ୍ଷ୍ୟ ସମ୍ବନ୍ଧେ ନିଶ୍ଚିତ। ତାଙ୍କର ସଫଳତା ସମ୍ବନ୍ଧେ ବି ନିଶ୍ଚିତ। ତେଣୁ ସେ ସହସ୍ରବାର କାର୍ଯ୍ୟରୁ ବିରତ ହେଲେ ବି, ବ୍ୟସ୍ତ ହୁଅନ୍ତି ନାହିଁ। କାରଣ ତଦ୍ୱାରା ସେ ପୂର୍ଣ୍ଣତାର ନିକଟବର୍ତ୍ତୀ ହୁଅନ୍ତି। **–ଶ୍ରୀଅରବିନ୍ଦ**

ଅଶାନ୍ତ ଦେଶ

ବ୍ରହ୍ମ ଚେଲ୍ଲାନି

ଆଫଗାନିସ୍ତାନ ଓ ପାକିସ୍ତାନ ଘୋର ଅବ୍ୟବସ୍ଥା ମଧ୍ୟକୁ ଫସିଯାଉଛନ୍ତି । ଆମେରିକା ହିଁ ଏହର ମୁଖ୍ୟ କାରଣ। ଦୀର୍ଘ ସମସ୍ୟା ସହ ଜଡ଼ିତ ଏହି ଦୁଇ ଦେଶରେ ଯେପର୍ଯ୍ୟନ୍ତ ଅଶାନ୍ତି ରହିଥିବ ସେଯାଏ ଇସ୍‌ଲାମିକ ସନ୍ତ୍ରାସବାଦ ଲାଗିରହିବ ଏବଂ ଅନ୍ତର୍ଜାତୀୟ ସୁରକ୍ଷା ଉପରେ ଏହାର ଗମ୍ଭୀର ପ୍ରଭାବ ପଡ଼ିବ। ପ୍ରଥମେ ଆଫଗାନିସ୍ତାନ ସ୍ଥିତିକୁ ଲକ୍ଷ୍ୟ କରିବା। ଆମେରିକା ତାଲିବାନ୍ ମୌଳବାଦୀଙ୍କୁ ଆଫଗାନିସ୍ତାନ ଶାସନ ଭାର ଦେବା ପାଖାପାଖି ୨୨ ମାସ ହୋଇଗଲାଣି। ତା' ପରଠାରୁ ଏହା ଏକ ସନ୍ତ୍ରାସବାଦ ଗଡ଼ ଭାବେ ସାମ୍ନାକୁ ଆସିଛି। ଆଫଗାନ ଲୋକଙ୍କ ବିରୋଧରେ ନିର୍ଯାତନା ଦେବା ଏବଂ ମଧ୍ୟଯୁଗୀୟ ପରମ୍ପରାଗୁଡ଼ିକୁ ପୁନର୍ବାର ଲାଗୁକରିଛି। ଏହାବାଦ୍ ଆଫଗାନ୍ ମହିଳାଙ୍କ ଅଧିକାର କ୍ଷୁଣ୍ଣ କରିଛି। ଅନ୍ୟପକ୍ଷରେ ଅଲ୍‌କାଏଦା ଓ ଅନ୍ୟସବୁ ସନ୍ତ୍ରାସବାଦ ଗୋଷ୍ଠୀ ସହ ତାଲିବାନ୍ ନିବିଡ଼ ସମ୍ପର୍କ ରଖିଛି। ପେଣ୍ଟାଗନରୁ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି ଯେ, ଅଲ୍‌କାଏଦା ଏବଂ ଇସ୍‌ଲାମିକ ଷ୍ଟେଟ୍ (ଆଇଏସ୍) ସନ୍ତ୍ରାସବାଦୀ ଗୋଷ୍ଠୀଙ୍କ ପାଇଁ ଆଫଗାନିସ୍ତାନ ଏକ ସୁରକ୍ଷିତ ସ୍ଥାନ । ସେଠାରୁ ଏସିଆ, ୟୁରୋପ ଏବଂ ଆମେରିକା ଉପରେ ଆକ୍ରମଣ କରିବା ପାଇଁ ସେମାନେ ଯୋଜନା କରୁଛନ୍ତି। ବାସ୍ତବରେ ଏଥିରେ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ। କାରଣ ତାଲିବାନ୍ ସରକାର ତା' କ୍ୟାବିନେଟରେ ଅନ୍ତର୍ଜାତୀୟ ସନ୍ତ୍ରାସବାଦୀ ଓ ନିଶାଦ୍ରବ୍ୟ ଚୋରାଚାଲାଣ କରୁଥିବା ବ୍ୟକ୍ତିମାନଙ୍କୁ ସାମିଲ କରିଛି। ଗତବର୍ଷ କାବୁଲରେ ଆମେରିକାର ଡ୍ରୋନ୍ ଆକ୍ରମଣରେ ଅଲ୍‌କାଏଦା ନେତା ଆୟମାନ ଅଲ ଜୱାହିରିଙ୍କର ମୃତ୍ୟୁ ଘଟିଥିଲା ଏବଂ ତାଙ୍କୁ ଜାତିସଂଘ ଅନ୍ତଃରାଷ୍ଟ୍ରୀୟ ସନ୍ତ୍ରାସବାଦ ଭାବେ ଘୋଷଣା କରିଥିଲା।

ଇସ୍‌ଲାମିକ ଷ୍ଟେଟ୍ ଆଫଗାନିସ୍ତାନରୁ ଏହାର ସନ୍ତ୍ରାସବାଦ କାର୍ଯ୍ୟକଳାପ ସମ୍ପ୍ରସାରଣ କରିବାକୁ ଚେଷ୍ଟା କରିପାରେ। ତାଲିବାନ୍ ସହ ଏହାର ମେଣ୍ଟ ଯୋଗୁ ଅନ୍ତର୍ଜାତୀୟ ସ୍ତରରେ ଦୀର୍ଘମିଆଦୀ ଭୟଙ୍କର ବିପଦ ସୃଷ୍ଟି ହେବାର ସମ୍ଭାବନା ରହିଛି। ଯେତେବେଳେ ଆମେରିକା ଆଫଗାନିସ୍ତାନ ଛାଡ଼ିଲା ସେତେବେଳେ ତାହାର ସହଯୋଗୀ ମେଣ୍ଟକୁ ବି ଏକୁଟିଆ କରି ଚାଲିଆସିଲା। ଏହାବ୍ୟତୀତ ସେଠାରେ ବିଲିୟନ ଡଲାର ମୂଲ୍ୟର ଅତ୍ୟାଧୁନିକ ଆମେରିକୀୟ ସେନା ଉପକରଣ ଓ ରଣନୀତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଗ୍ରାମ୍ ଏୟାରବେସ୍ ସମେତ ଅନେକ ମିଲିଟାରି ବେସ୍ ଛାଡ଼ି ଆସିଲା। ଏଣୁ ବିଶ୍ୱର ଏକମାତ୍ର ସନ୍ତ୍ରାସବାଦୀ ଗୋଷ୍ଠୀ ଭାବେ ତାଲିବାନ୍ ପାଖରେ ଏବେ ତାହାର ନିଜସ୍ୱ ବାୟୁ ସେନା ଅଛି। ଗତ ମାସରେ ଜୋ ବାଇଡେନ ପ୍ରଶାସନ ଦ୍ୱାରା ୧୨ ପୃଷ୍ଠା ତଥ୍ୟ ସମ୍ବଳିତ ରିପୋର୍ଟ ଜାରି କରାଯାଇଥିଲା। ଏଥିରେ ଆଫଗାନିସ୍ତାନରେ ସମ୍ପୂର୍ଣ୍ଣ ବିଫଳତା ପାଇଁ ଡୋନାଲ୍ଡ ଟ୍ରମ୍ପଙ୍କୁ ଦୋଷ ଦେବାକୁ ପ୍ରୟାସ କରିଛି ବାଇଡେନ୍ ପ୍ରଶାସନ। କେବଳ ତାଙ୍କ ପୂର୍ବ ପ୍ରଶାସନ ଦ୍ୱାରା ସୃଷ୍ଟି କରାଯାଇଥିବା ସ୍ଥିତି ଆଫଗାନିସ୍ତାନରୁ ସେନା ପ୍ରତ୍ୟାହାର କରାଯିବା ଲାଗି ବାଇଡେନ ପ୍ରଶାସନକୁ ନିଷ୍ପତ୍ତି ନେବାକୁ ବାଧ କରିଥିଲା ବୋଲି ରିପୋର୍ଟ ଦାବି କରିଛି। କିନ୍ତୁ ଏହା ନିଃସନ୍ଦେହ ଯେ, ଟ୍ରମ୍ପ୍ ପ୍ରଶାସନ ତାଲିବାନ୍‌ଙ୍କ ସହ ଏକ ବିପଜ୍ଜନକ ଚୁକ୍ତିକୁ ବନ୍ଦ କରିଥିଲା। କିନ୍ତୁ ବାଇଡେନ ତାଙ୍କର ଶୀର୍ଷ ସେନାଧକ୍ଷମାନଙ୍କ ମତକୁ ନ ମାନି ସେଠାରୁ ସେନା ପ୍ରତ୍ୟାହର କରିବା ନିଷ୍ପତ୍ତି ନେଇଥିଲେ। ଫଳରେ ଆଫଗାନିସ୍ତାନରେ ସ୍ଥିତି ଖରାପ ହେବା ସହ ଅରାଜକତା ବଢ଼ିଗଲା ଏବଂ ତାଲିବାନ୍ ଶୀଘ୍ର କ୍ଷମତାକୁ ଫେରିବା ସହଜ ହୋଇଗଲା।

ଆମେରିକାର ନୀତି ପାକିସ୍ତାନକୁ ଭୁଲ୍ ବାଟରେ ନେଇଆସିଛି। ପାକିସ୍ତାନ ସହ ଆମେରିକାର ସମ୍ପର୍କ ଯୋଗୁ ପାକିସ୍ତାନର ମିଲିଟାରି ଏବଂ ଏହାର ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ) ଏଜେନ୍ସି ପଡ଼ୋଶୀ ଦେଶଗୁଡ଼ିକ ବିରୋଧରେ ସନ୍ତ୍ରାସବାଦକୁ ଏକ ଅସ୍ତ୍ର ଭାବେ ପ୍ରୟୋଗ କରିବାରେ ସକ୍ଷମ ହୋଇଛନ୍ତି। ଟ୍ରମ୍ପ୍ ପ୍ରଶାସନ ଏହି ବିଷୟକୁ ଠିକ୍ ଜାଣିପାରିଥିଲା ଏବଂ ପାକିସ୍ତାନ ଯେ ପର୍ଯ୍ୟନ୍ତ ସନ୍ତ୍ରାସବାଦ ସଂଗଠନଗୁଡ଼ିକ ସହ ସମ୍ପର୍କ ଶେଷ ନ କରିଛି ସେଯାଏ ତା'ଠାରୁ ଦୂରେଇ ରହିବାକୁ ପ୍ରତିଶ୍ରୁତିବଦ୍ଧ ଥିଲା। କିନ୍ତୁ ବାଇଡେନ୍ ପ୍ରଶାସନ ଏହି ନୀତିକୁ ପୂରା ଓଲଟାଇଦେଲା। ଏପରି କି ପାକିସ୍ତାନ ୧୯୯୦ ଦଶନ୍ଧିରେ ତାଲିବାନ୍‌କୁ ଶକ୍ତିଶାଳୀ କରିବା ଫଳରେ ଆଇଏସ୍ଆଇ ସାହାଯ୍ୟରେ ତାହା ଆଫଗାନିସ୍ତାନରେ ଆମେରିକାକୁ ହରାଇପାରିଥିଲା। ଏହା ସତ୍ତ୍ୱେ ଗତବର୍ଷ ବାଇଡେନ୍ ପ୍ରଶାସନ ପାକିସ୍ତାନ ସରକାରକୁ ଋଣ ଖିଲାପ ସ୍ଥିତିକୁ ଟାଳିବାରେ ସାହାଯ୍ୟ କରିଥିଲା। ଏହାର ଠିକ୍ ପରେ ଏଫ୍-୧୬ ବିମାନର ଆଧୁନିକୀକରଣ ପାଇଁ ୪୫୦ ମିଲିୟନ ଡଲାର ଦେବା ଲାଗି ଚୁକ୍ତି କରିଥିଲା। ଏହା ପରେ ସନ୍ତ୍ରାସବାଦୀଙ୍କୁ ପାଣ୍ଠି ଯୋଗାଣ ବିରୋଧରେ ଲଢେଇ କରୁଥିବା ପ୍ୟାରିସ ସ୍ଥିତ ଆନ୍ତଃ ସରକାରୀ ସଂସ୍ଥା ଫାଇନାନ୍ସିଆଲ ଆକ୍ସନ ଟାସ୍କ ଫୋର୍ସ ଦ୍ୱାରା କରାଯାଇଥିବା 'ଗ୍ରେ ଲିଷ୍ଟ'ରୁ ପାକିସ୍ତାନକୁ ବାହାର କରି ଆଣିବାରେ ଆମେରିକା ସାହାଯ୍ୟ କରିଥିଲା।

ପାକିସ୍ତାନ ଏବେ ଏକ ବଡ଼ ରାଜନୈତିକ ଅସ୍ଥିରତା ବା ଅଶାନ୍ତ ସ୍ଥିତିକୁ ସାମ୍ନା କରୁଛି। ବେସାମରିକ ଓ ସାମରିକ ମଧ୍ୟରେ ଥିବା ସମ୍ପର୍କରେ ହଠାତ୍ ପରିବର୍ତ୍ତନ ଯୋଗୁ ଏହା ଉପୁଜିଛି । ପାକିସ୍ତାନର ମିଲିଟାରି ପ୍ରତ୍ୟକ୍ଷ ଭାବେ ୩୩ ବର୍ଷ ଶାସନ କରିଛି। ଯେତେବେଳେ ଏହା କ୍ଷମତାରେ ନ ଥାଏ ସେତେବେଳେ ସହଜରେ ନିୟନ୍ତ୍ରିତ ହେଉଥିବା ନିର୍ବାଚିତ ସରକାର ଉପରେ ଏଭଳି ଚାପ ପକାଏ ଯେ, ତାହା ଜେନେରାଲଙ୍କ ବାସ୍ତବ ନେତୃତ୍ୱକୁ ସମର୍ଥନ କରେ। ଅନ୍ୟପକ୍ଷରେ ୨୦୧୭ ଠାରୁ ମିଲିଟାରିକୁ ସମର୍ଥନ କରିବାରେ ବିଫଳ ହୋଇ ଦୁଇ ଜଣ ପ୍ରଧାନମନ୍ତ୍ରୀ ତଡ଼ାଖାଇଛନ୍ତି। ସେହି ପ୍ରଧାନମନ୍ତ୍ରୀଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଇମ୍ରାନ ଖାନ୍। ପାକିସ୍ତାନ ପ୍ରତିଷ୍ଠା ହେବାର ୭୫ ବର୍ଷ ପରେ ପ୍ରଥମଥର ପାଇଁ ତାଙ୍କ ସମର୍ଥକମାନେ ମିଲିଟାରି କ୍ଷମତାକୁ ସିଧାସଳଖ ଆହ୍ୱାନ ଦେଇଛନ୍ତି। ଚଳିତ ମାସରେ ଦୁର୍ନୀତି ଅଭିଯୋଗରେ ଖାନ୍ ଗିରଫ ହେବା ପରେ ପାକିସ୍ତାନରେ ଗଣ ପ୍ରତିବାଦ ଦେଖାଯାଇଥିଲା। ପ୍ରତିବାଦକାରୀମାନେ ମିଲିଟାରି ହେଡ୍‌କ୍ୱାର୍ଟର୍ସ ଓ ଏକ ମୁଖ୍ୟ ଆଇଏସ୍ଆଇ କ୍ଷେତ୍ରରେ ପ୍ରବେଶ କରି କ୍ଷତି କରିବା ସହ ଜଣେ ଟପ୍ ସେନା କମାଣ୍ଡରଙ୍କ ଘରେ ନିଆଁ ଲଗାଇ ଦେଇଥିଲେ। ପୁନର୍ବାର ରାଜନୈତିକ ସଙ୍କଟ ପ୍ରକାଶ ପାଇଥିବାରୁ ପାକିସ୍ତାନ ଋଣ ପରିଶୋଧ ଖିଲାପର ଦ୍ୱାରଦେଶରେ ଦୋଦୁଲ୍ୟମାନ ସ୍ଥିତିରେ ରହିଛି। ସହଯୋଗୀଙ୍କ ସ୍ୱଳ୍ପମିଆଦୀ ଋଣଗୁଡ଼ିକ ଦ୍ୱାରା ଏହାକୁ ବଞ୍ଚାଇ ରଖାଯାଉଛି।

ବିଶେଷକରି ପାକିସ୍ତାନରେ ମିଲିଟାରି ବିରୋଧୀ ପ୍ରତିବାଦରୁ ଦେଖାଯାଉଛି ଯେ ସେଠାରେ କିଛି ଉନ୍ନତି ଘଟିଛି। ଏଭଳି ପ୍ରତିବାଦ ଏବେ ନାଗରିକ ଓ ମିଲିଟାରି ସମ୍ପର୍କର ପୁନଃ ସମନ୍ୱୟ ପ୍ରତିଷ୍ଠା ପାଇଁ ବାଧ କରିବାର ଅଧିକ ସମ୍ଭାବନା ରହିଛି। କିନ୍ତୁ ବିନା ଲଢ଼େଇରେ ମିଲିଟାରି ନରମିବ ନାହିଁ। ମିଲିଟାରି ଶାସନ ଏବେ ଗଣ ଗିରଫ ପାଇଁ ଧୀରେ ଧୀରେ ଆଗେଇଲାଣି। ଏହାସହ ଘଟିଥିବା ହିଂସାରେ ଗିରଫ ନାଗରିକମାନଙ୍କ ବିଚାର ମିଲିଟାରି ଆଇନ ଅନୁଯାୟୀ ହେବ ବୋଲି ସେନା ମୁଖ୍ୟ ଘୋଷଣା କରିଛନ୍ତି। ମିଲିଟାରି ଦେଶରେ ଜରୁରୀ ସ୍ଥିତି ଘୋଷଣା କରିପାରେ କିମ୍ବା ଏହା ଜବରଦସ୍ତ କ୍ଷମତା ଦଖଲ କରିପାରେ। ନାଗରିକ ଓ ମିଲିଟାରି ସଂଘର୍ଷରୁ ଗୃହଯୁଦ୍ଧର ସମ୍ଭାବନା ଅଛି। ଏଭଳି ସ୍ଥିତି ଅନ୍ତଃରାଷ୍ଟ୍ରୀୟ ସନ୍ତ୍ରାସବାଦୀ ଶକ୍ତିଗୁଡ଼ିକୁ ତିଷ୍ଠି ରହିବା ଲାଗି ସୁହାଇବ। ସମ୍ପ୍ରତି ପାକିସ୍ତାନ ଏକ ସନ୍ତ୍ରାସବାଦ କେନ୍ଦ୍ର ପାଲଟିଛି ଓ ଏହା ଆଫଗାନିସ୍ତାନରେ ଅସ୍ଥିରତା ସୃଷ୍ଟି କରୁଛି। ପାକିସ୍ତାନର ମିଲିଟାରି ଏବଂ ସନ୍ତ୍ରାସବାଦୀ ଗୋଷ୍ଠୀଗୁଡ଼ିକ ମଧ୍ୟରେ ଥିବା ସମ୍ପର୍କ ଯେ ପର୍ଯ୍ୟନ୍ତ ନ କଟିଛି, ସେଯାଏ ଆଫଗାନିସ୍ତାନ ସ୍ଥିତିରେ କୌଣସି ଉନ୍ନତି ଆସିବ ନାହିଁ କି ଅନ୍ତଃରାଷ୍ଟ୍ରୀୟ ସନ୍ତ୍ରାସବାଦ ବିରୋଧୀ ଲଢେଇରେ ବିଜୟ ଲାଭ କରିହେବ ନାହିଁ।

ପ୍ରାଧ୍ୟାପକ, ଷ୍ଟ୍ରାଟେଜିକ ଷ୍ଟଡ଼ିଜ,
ସେଣ୍ଟର ଫର୍ ପଲିସି ରିସର୍ଚ୍ଚ, ନୂଆଦିଲ୍ଲୀ

ସବୁରି ମୂଳରେ 'ମୁଁ'

ଡ. ସୀତାକାନ୍ତ ତ୍ରିପାଠୀ

ଥରେ ଶ୍ରେଣୀ ଶିକ୍ଷକ ଜଣେ ଛାତ୍ରକୁ ଡାକି ଉପସ୍ଥିତ ଛାତ୍ର ସଂଖ୍ୟା ଗଣି ତାଙ୍କୁ ଜଣାଇବାକୁ କହିଲେ। ଛାତ୍ର ଜଣକ ମଧ୍ୟ ଆଗ୍ରହ ସହକାରେ ଗଣି ସାରିବା ପରେ ଏକ ନିର୍ଦ୍ଦିଷ୍ଟ ସଂଖ୍ୟା ଶିକ୍ଷକଙ୍କୁ କହିଲା। କିନ୍ତୁ ଶିକ୍ଷକଙ୍କର ସନ୍ଦେହ ହେଲା କାରଣ ପ୍ରାର୍ଥନା ସଭା ସମୟରେ ଉପସ୍ଥିତ ପିଲା ସଂଖ୍ୟାଠାରୁ ତାହା ୧ କମ୍ ଥିଲା। ତେବେ ଶ୍ରେଣୀର ଉପସ୍ଥିତ ପିଲା ସଂଖ୍ୟା ଅଧିକ ହେବ ସିନା କମ୍ ହେବାର ତ କୌଣସି କାରଣ ନାହିଁ। ତା'ଛଡ଼ା ଯଦି କୌଣସି କାରଣରୁ ପିଲାଟିଏ ବିଦ୍ୟାଳୟ ବାହାରକୁ ଯିବ ତାଙ୍କୁ ତ ନିଶ୍ଚୟ ଜଣାଇବ। ସନ୍ଦେହ ମୋଚନ ପାଇଁ ନିଜେ ଆସି ଗଣିଲେ ଏବଂ ତାଙ୍କର ସନ୍ଦେହ ମଧ ଠିକ୍ ଥିଲା। ଶେଷରେ ଜଣାପଡ଼ିଲା ଉକ୍ତ ଛାତ୍ରଜଣକ ଗଣିବା ଅବସରରେ ନିଜକୁ ସେଥିରେ ସାମିଲ କରିବା ପାଇଁ ଭୁଲି ଯାଇଛି। ସତେ ଯେପରି ସିଏ ଉକ୍ତ ଶ୍ରେଣୀର ଛାତ୍ର ନୁହେଁ।

ଏହା ଏକ ଗଳ୍ପ / ଉଦାହରଣ ହୋଇପାରେ କିନ୍ତୁ ଆମେ ସମସ୍ତେ ଏପରି ଅବସ୍ଥା ଦେଇ ଗତି କରୁଛନ୍ତି। ଆମେ କେତେବେଳେ ନିଜର ଉପସ୍ଥିତିକୁ ଭୁଲିଯାଉଛନ୍ତି ତ ଆଉ କେତେବେଳେ ନିଜ ଉପସ୍ଥିତି ଜାହିର କରିବା ପାଇଁ ଅନେକ ତୁମ୍ଭିତୋଫାନ ପରିସ୍ଥିତି ସୃଷ୍ଟି କରୁଛନ୍ତି। 'ମୁଁ' କୁ ନେଇ ମଣିଷର ଉଭୟ ସ୍ୱାଭିମାନ ଓ ଅହଂକାର ଆସେ ଏବଂ ଏହି ଅହଂକାରକୁ ନେଇ ଯାବତୀୟ ପାରିବାରିକ, ସାମାଜିକ ଓ ରାଜନୈତିକ ବିଶୃଙ୍ଖଳା। ସମାଜର ରୀତି, ନୀତି, ନିୟମ ସବୁ 'ମୁଁ' ର ଶୃଙ୍ଖଳରେ ବନ୍ଧା। ଅନେକ ସମୟରେ ଦେଖାଯାଏ ଅଧିକାର ଜାହିର କରିବା ସମୟରେ 'ମୁଁ' ର ସ୍ୱର ଯେମିତି ତେଜୀୟାନ ଓ ତୀକ୍ଷ୍ଣ ଥାଏ କର୍ତ୍ତବ୍ୟ ପାଳନ ବେଳକୁ ତାହା ସତେ ଯେପରି ନିଷ୍ପ୍ରଭ ହୋଇଆସେ।

ଯେଉଁମାନେ 'ମୁଁ'ର ଚେତନାରୁ ଉର୍ଦ୍ଧ୍ୱକୁ ଯାଇଛନ୍ତି ସେମାନେ ଅମରତ୍ୱ ଲାଭ କରିଛନ୍ତି। ନିଜକୁ ତ୍ୟାଗ ଓ ତିତିକ୍ଷାରେ ଅଭିମନ୍ତ୍ରିତ କରି ସମାଜରେ ପରମ ପୂଜ୍ୟ ହୋଇଛନ୍ତି। ରାଜା ପରିକ୍ଷିତ କ୍ଷଣିକ ଅହଂକାର ଓ କ୍ରୋଧର ବଶବର୍ତ୍ତୀ ହୋଇ ଋଷିଙ୍କ ଦେହରେ ମୃତ ସର୍ପ ପକାଇ ଦେବା ପରେ ଶାପଗ୍ରସ୍ତ ହୋଇଥିଲେ ଏବଂ ଉକ୍ତ ଶାପରୁ ମୁକ୍ତ ହେବା ପାଇଁ ତାକୁ ଅନେକ ବାଟ ବତାଇଥିବା ବେଳେ ତାଙ୍କର ଉତ୍ତର ଥିଲା ସମ୍ପୂର୍ଣ୍ଣ ଭିନ୍ନ ; 'ମୋତେ ପଛକେ ତକ୍ଷ ଖାଉ, ମୋ ବଂଶ ବ୍ରହ୍ମ ଶାପ ନୋହୁ' ଅର୍ଥାତ୍ ମୁଁ ପଛେ ତକ୍ଷକ ଦଂଶନରେ ମରିଯାଏ କିନ୍ତୁ ମୋ ପାଇଁ ମୋର ବଂଶ ଅଭିଶପ୍ତ ନ ହେଉ। ଠିକ୍ ସେହିପରି ଆମ ସୀମାରେ ମୁତୟନ ଥିବା ବୀର ଯବାନମାନଙ୍କ ପାଖରେ 'ମୁଁ ଓ ମୋର ପରିବାର ଭାବନା ଦେଶର ସୁରକ୍ଷା ଆଗରେ ତୁଚ୍ଛ। ନ ହେଲେ କ୍ଷଣିକ ମଧ୍ୟରେ ସମଗ୍ର ଦେଶର ପରିସ୍ଥିତି କ'ଣ ହେବ ତାହା ଆମ ସମସ୍ତଙ୍କୁ ଅନୁମେୟ।

'ମଣିଷ ସ୍ୱାଭିମାନକୁ ନେଇ ବଞ୍ଚେ ଆଉ ସ୍ୱାଭିମାନକୁ ନେଇ ମରେ' ନ୍ୟାୟରେ ବିଶ୍ୱ ବିଜୟୀ ଆଲେକ୍‌ଜାଣ୍ଡାରଙ୍କ ଠାରୁ ଯୁଦ୍ଧରେ ପରାଜିତ ହେବା ପରେ ମଧ ରାଜା ପୁରୁ ତାଙ୍କଠାରୁ ଜଣେ ରାଜାର ମର୍ଯ୍ୟାଦା ଓ ସମ୍ମାନ ଆଶା କରିଥିଲେ, ଯାହା ଇତିହାସରେ ଏକ ବିରଳ ଉଦାହରଣ। 'ମୁଁ' ଓ 'ମୋର' ଅହଂକାରକୁ ନେଇ ଅନେକ ବଂଶ, ରାଜ ପରିବାର ଧ୍ୱଂସପ୍ରାପ୍ତ ହୋଇଥିବାର ଅନେକ ଗଳ୍ପ ଓ କିମ୍ବଦନ୍ତୀ ରହିଛି। ରାଜା ଇନ୍ଦ୍ରଦ୍ୟୁମ୍ନ ଶ୍ରୀମନ୍ଦିର ସ୍ଥାପନା ପରେ ଚତୁର୍ଦ୍ଧା ମୂର୍ତ୍ତିକୁ ନୀଳକନ୍ଦରରେ ପ୍ରତିଷ୍ଠା କରି ସାରିବା ପରେ ତାଙ୍କୁ ଯେତେବେଳେ ବର ମାଗିବା ପାଇଁ କୁହାଯାଇଥିଲା ତାଙ୍କର ପ୍ରାର୍ଥନା ଥିଲା ସମ୍ପୂର୍ଣ୍ଣ ଭିନ୍ନ। ନିଜକୁ ନିର୍ବଂଶ କରିବା ପାଇଁ ସିଏ ଭଗବାନଙ୍କୁ ମାଗୁଣି କରିଥିଲେ। ତାଙ୍କର ଆଶଙ୍କା ଥିଲା ଯେ ଭବିଷ୍ୟତ ପିଢ଼ିଙ୍କ ପାଇଁ ଉକ୍ତ ମନ୍ଦିରକୁ ତାଙ୍କ ବଂଶଜଙ୍କ କରାମତି କହି ଗର୍ବ କରିବାକୁ ହୁଏତ ଅବସର ମିଳିବ। ବର୍ତ୍ତମାନ ପରିପ୍ରେକ୍ଷୀରେ ଆମେ ସମସ୍ତେ ଚାହୁଁ ଆମର ପିଲା ଶ୍ରେଷ୍ଠ ହେଉ। ବଂଶ, ଖାନଦାନି ଓ ବୁନିୟାଦି ନାଁରେ ବିଭିନ୍ନ କ୍ଷେତ୍ରରେ ସମସ୍ତେ ନିଜ ନିଜର ଗାଦି ମାଡ଼ି ବସି ଉତ୍ତର ପିଢ଼ିକୁ ସେଥିରେ ବସାଇବାରେ ବ୍ୟସ୍ତ ଓ ସେଥିପାଇଁ ସମସ୍ତ ନୀତି, ନିୟମ, ଆଇନ କାନୁନକୁ ଜଳାଞ୍ଜଳି ଦେବାପାଇଁ ମଧ ସେମାନେ ପ୍ରସ୍ତୁତ। ଆଉ କଥାରେ କଥାରେ କୁହନ୍ତି 'ଚାଟ ଘର ପିଲା ଚାଟ, ଭାଟ ଘର ପିଲା ଭାଟ'। କାହିଁକି, ଜଣେ ସାଧାରଣ ପିଲା ପାଖରେ କ'ଣ ପ୍ରତିଭା ନ ଥାଏ ? ବରଂ ପୃଷ୍ଠପୋଷକତା ଅଭାବରୁ ବଣମଲ୍ଲୀଟି ବଣରେ ଫୁଟି ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ବଣରେ ଝଡ଼ିଯାଏ ସିନା ତା' ବିଷୟରେ ଜନ ସମାଜ ପାଖରେ କୌଣସି ଖୋଜ ଖବର ନ ଥାଏ। 'ଗୁଣ ଚିହ୍ନେ ଗୁଣିଆ, ସୁନା ଚିହ୍ନେ ବଣିଆ' ନ୍ୟାୟରେ ଯଦି ପ୍ରତି ମଣିଷ ମଧ୍ୟରେ ଥିବା ପ୍ରତିଭା ଖୋଜିବାର ପ୍ରୟାସ କରାଯାଇ ପାରନ୍ତା ତା'ହେଲେ ହୁଏତ 'ମୁଁ'ର ପରିଭାଷା ବଦଳିପାରନ୍ତା।

ଭଦ୍ରକ, ମୋ–୯୭୭୮୭୬୪୩୯୪

ଏଇ ଭାରତରେ

ବାର୍ଦ୍ଧକ୍ୟରେ ବିଭିନ୍ନ ଶାରୀରିକ ଅସୁସ୍ଥତା ଦେଖାଯାଏ। ମୁଖ୍ୟତଃ ପାର୍କିନସନ ଡିଜିଜ୍ ବୃଦ୍ଧାବସ୍ଥାରେ ବଡ଼ ସମସ୍ୟା ଭାବେ ଉଭା ହୁଏ। ଏହି ରୋଗୀମାନଙ୍କୁ କେତେକାଂଶରେ ଉପଶମ ଲାଗି ପୁଣେର ହୃଷୀକେଶ ପାୱାରଙ୍କ ପ୍ରଚେଷ୍ଟା ପ୍ରଶଂସନୀୟ। ସେ ମାଗଣାରେ ପାର୍କିନସନ ରୋଗୀଙ୍କୁ ଡ୍ୟାନ୍ସ ଥେରାପି ଯୋଗାଇ ଦେଉଛନ୍ତି। ଶହେ କି ଦୁଇଶହ ନୁହେଁ, ହଜାର ହଜାର ରୋଗୀ ଏହି ସେବାର ସୁଯୋଗ ନେଉଛନ୍ତି। ହୃଷୀକେଶ ସେଣ୍ଟର ଫର୍ କଣ୍ଟେମ୍ପୋରାରି ଡ୍ୟାନ୍ସ ପ୍ରତିଷ୍ଠା କରି ସେଠାରେ ଥେରାପି ବ୍ୟବସ୍ଥା କରିଛନ୍ତି। ପୁଣେ ବ୍ୟତୀତ ବେଙ୍ଗାଲୁରୁ, ଚେନ୍ନାଇ ଏବଂ ମୁମ୍ବାଇ ସମେତ ଦେଶର ବିଭିନ୍ନ ସ୍ଥାନରୁ ବରିଷ୍ଠ ନାଗରିକମାନେ ଏଠାକୁ ଆସୁଛନ୍ତି। ମାତ୍ର ଅଳ୍ପ କେତେଜଣଙ୍କୁ ନେଇ ସେ ୨୦୧୧ରେ ଡ୍ୟାନ୍ସ ଥେରାପି ଆରମ୍ଭ କରିଥିଲେ। ଏହି ଥେରାପିରେ ଏବେ ଅନେକ ହଜାର ବରିଷ୍ଠ ନାଗରିକ ଯୋଗ ଦେଉଛନ୍ତି। ପିଲାଦିନରୁ ହୃଷୀକେଶଙ୍କର ଡ୍ୟାନ୍ସ ପ୍ରତି ଆଗ୍ରହ ରହିଥିଲା। ଏଣୁ ସେ ଶିକ୍ଷା ଶେଷ କରି ୨୦୦୮ରେ ପ୍ରଥମେ ଏକ ଡ୍ୟାନ୍ସ କ୍ଲାସ୍ ଆରମ୍ଭ କରିଥିଲେ। କିନ୍ତୁ ପରେ ବରିଷ୍ଠ ନାଗରିକମାନଙ୍କ ପାର୍କିନସନ ସମସ୍ୟାକୁ ଲକ୍ଷ୍ୟ କରି ସେମାନଙ୍କ ପାଇଁ ଡ୍ୟାନ୍ସ ଥେରାପି ଆରମ୍ଭ କରିଥିଲେ। ବିଭିନ୍ନ ସଂସ୍ଥା ଓ ବ୍ୟକ୍ତିଙ୍କଠାରୁ ପ୍ରାପ୍ତ ଦାନ ଅର୍ଥରେ ସେ ଏହି କାର୍ଯ୍ୟ କରୁଛନ୍ତି।

୨୫ ବର୍ଷ ତଳର ଧରିତ୍ରୀ

DHARITRI

୨୬ ମେ ୧୯୯୮

- ଶ୍ରୀଲଙ୍କାରେ ତାମିଲ ଉଗ୍ରପନ୍ଥୀ ଓ ସୈନ୍ୟଙ୍କ ମଧ୍ୟରେ ସାନି ସଂଘର୍ଷ ଘଟି ୧୮ ଜଣ ବିଦ୍ରୋହୀ ଗେରିଲାଙ୍କ ସମେତ ୨୨ ନିହତ।
- ଅରୁଣାଚଳ ପ୍ରଦେଶର ଶାସକ ଅରୁଣାଚଳ କଂଗ୍ରେସ ପ୍ରାର୍ଥୀ ଚୌନା ମିନ୍ ବିନା ପ୍ରତିଦ୍ୱନ୍ଦ୍ୱିତାରେ ରାଜ୍ୟ ବିଧାନସଭା
- ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତଙ୍କ ୬୧ ବର୍ଷ ବୟସରେ ପରିଲୋକ।

su|do|ku ସୁ-ଡୋ-କୁ

Puzzles by Srikant Ghosh

		4						
	9	3						
			5	3				2
	3				9	1		8
		8	2				6	
			4		7			
	1						8	
9						6	2	
		2				3		1

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

9	1	3	8	7	4	5	6	2
8	6	5	9	3	2	1	4	7
4	2	7	6	1	5	9	3	8
2	8	4	3	5	1	6	7	9
6	5	9	4	8	7	3	2	1
3	7	1	2	9	6	4	8	5
5	4	6	7	2	9	8	1	3
7	9	8	1	4	3	2	5	6
1	3	2	5	6	8	7	9	4

ଗତକାଲିର ଉତ୍ତର

ସରକାରୀ ଆବଣ୍ଟନ କେନ୍ଦ୍ର

ଅଞ୍ଜନ ଚାନ୍ଦ

ସ୍କୁଲ୍‌ରେ ନୂଆ ଗେଟ୍ ତିଆରି ହୋଇଛି। ରଙ୍ଗକାମ ସରିଛି, ନାମ ଲେଖାଯାଇନାହିଁ। ଦିନେ ସକାଳେ ଦେଖିବାବେଳକୁ କିଏ ଜଣେ ଦୁର୍ବୃତ୍ତ ବଡ଼ ବଡ଼ କଳା ଅକ୍ଷରରେ ଲେଖିଦେଇଛି–'ସରକାରୀ ଆବଣ୍ଟନ କେନ୍ଦ୍ର।' ତଳେ ଛୋଟ ଅକ୍ଷରରେ–'ଏଠାରେ ପାଠକୁ ଛାଡ଼ି ଆଉସବୁ ବଣ୍ଟାଯାଏ।' ସେହି ବିଷୟକୁ ନେଇ ଆଜି ସବୁଠି ଚର୍ଚ୍ଚା ଏବଂ ଆଶ୍ଚର୍ଯ୍ୟ ଯେ, ରାତି ଅନ୍ଧାରରେ ଯେଉଁ ଅଜ୍ଞାତ ଲୋକଟି ଏହା ଲେଖିଛି ବୟସ୍କମାନେ ତାହାକୁ ଠିକ୍ ବୋଲି କହୁଛନ୍ତି। ଆମ ସମୟରେ ଗୁରୁ ସ୍କୁଲ୍‌ରେ ଶିକ୍ଷାଦାନ କରୁଥିଲେ, ଏବେ ମାଷ୍ଟରମାନେ ଅଣ୍ଡାଦାନ କରୁଛନ୍ତି।

ଆଜକୁ ପ୍ରାୟ ପଚିଶ ବର୍ଷ ତଳେ ସରକାରୀ ସ୍କୁଲ୍‌ଗୁଡ଼ିକ ପ୍ରତି ଜନସାଧାରଣଙ୍କ ଏପରି ହେୟଭାବ ନ ଥିଲା। ସେତେବେଳେ ସେହି ସ୍କୁଲ୍‌ରୁ ହିଁ ପ୍ରତିଭାବାନ୍ ବିଦ୍ୟାର୍ଥୀ ସୃଷ୍ଟି ହେଉଥିଲେ। ଅଭିଭାବକମାନେ ନିଜ ପିଲାମାନଙ୍କୁ ସେଠାରେ ପଢ଼ାଇବାକୁ ଆଗ୍ରହୀ ଥିଲେ। ଏପରିକି ସହରାଞ୍ଚଳ ପିଲାମାନେ ମଧ୍ୟ ଛାତ୍ରାବାସରେ ରହି ଗ୍ରାମାଞ୍ଚଳରେ ଥିବା ସରକାରୀ ସ୍କୁଲ୍‌ରେ ପାଠ ପଢୁଥିଲେ।

ନୂଆ ଶତାବ୍ଦୀର ଆରମ୍ଭବେଳକୁ ଦେଶର ଶିକ୍ଷାନୀତି ବଦଳିଲା। ସବୁ ପିଲାଙ୍କୁ ଶିକ୍ଷାଦେବାର ଉଦ୍ଦେଶ୍ୟ ରଖି 'ସର୍ବଶିକ୍ଷା' ନାମରେ ଯେଉଁ ଅଭିଯାନଟି ଆରମ୍ଭ ହେଲା, ସେହିଦିନରୁ ସ୍କୁଲ୍‌ଗୁଡ଼ିକ ଧୀରେ ଧୀରେ ସରକାରୀ ଆବଣ୍ଟନ କେନ୍ଦ୍ରରେ ପରିଣତ ହେଲା। ଗରିବ ଛାତ୍ରୀଛାତ୍ର ଏବଂ ସେମାନଙ୍କ ଅଭିଭାବକମାନଙ୍କୁ ସ୍କୁଲ୍ ଅଭିମୁଖୀ କରାଇବା ପାଇଁ ଗୋଟିଏ ଗୋଟିଏ ଯୋଜନା ଏଥିରେ ଅନ୍ତର୍ଭୁକ୍ତ ହେଲା। ଚାଉଳଠାରୁ ଟଙ୍କା ପର୍ଯ୍ୟନ୍ତ ହରେକ୍ ରକମର ଜିନିଷ ଶିକ୍ଷକମାନେ ପିଲାମାନଙ୍କୁ ବାଣ୍ଟିଲେ। ଯାହା ବାଣ୍ଟିଲେ ତାହାର ଠିକ୍ ହିସାବ ଲେଖି ଉପର ଅଫିସ୍‌ରେ ଦାଖଲ କଲେ। ଏହି କାଗଜପତ୍ର କାମଗୁଡ଼ିକୁ ସେମାନଙ୍କଠାରୁ ଆଦାୟ କରିବା ପାଇଁ ଉପରୁ ଯେଉଁ ତାଗିଦା ଆସିଲା, ସେମାନେ ବୁଝିଲେ ଯେ ବରଂ କ୍ଲାସ୍‌ରେ ପାଠପଢ଼ା ନ ହେଲେ ଚଳିବ କିନ୍ତୁ ହିସାବ କାଗଜ ଠିକ୍ ସମୟରେ ଦାଖଲ ନ କଲେ ବିପଦ।

ଦୁଇ ଦଶନ୍ଧିରୁ ଅଧିକ ସମୟ ବିତିଯାଇଛି। ସର୍ବଶିକ୍ଷା ଏବେ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ସହ ମିଶି 'ସମଗ୍ରଶିକ୍ଷା'ରେ ପରିଣତ ହୋଇଛି। ବାରମ୍ବାର ସର୍ଭେ କରାଯାଇଛି ଏବଂ ଏହାର ସଫଳତା ଓ ବିଫଳତା ବାବଦରେ ଶିକ୍ଷିତ ତଥା ସଚେତନ ଜନସାଧାରଣ ବେଶ୍ ଜାଣିଛନ୍ତି। ସଂଖ୍ୟାରେ କିଛି ପରିମାଣରେ ଉନ୍ନତି ହୋଇଥିବା ବେଳେ ଗୁଣାତ୍ମକ ମାନ ଏପରି ହ୍ରାସ ପାଇଛି ଯେ, ଓଡ଼ିଆ ଅକ୍ଷର ସମ୍ପୂର୍ଣ୍ଣ ଶିଖି ନ ଥିବା ପିଲା ମଧ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ବସିଯାଉଛି। ସେଥିପାଇଁ ତ ସରକାରୀ ସ୍କୁଲ୍‌ରୁ ବହୁ ସାହାଯ୍ୟ ସୁବିଧା ମିଳୁଥିବା ସତ୍ତ୍ୱେ ଅଭିଭାବକମାନେ ଭାବୁଛନ୍ତି ମୋର ଯଦି ସାମର୍ଥ୍ୟ ଓ ସୁଯୋଗ ଥାଆନ୍ତା ମୁଁ ବି ମୋ ପିଲାକୁ ପ୍ରାଇଭେଟ୍ ସ୍କୁଲ୍‌ରେ ପଢ଼ାଇଥା'ନ୍ତି।

ଖବରକାଗଜରୁ ପଢ଼ିବାକୁ ମିଳେ ସୁପ୍ରିମ୍‌କୋର୍ଟ ଅର୍ଡର ଦେଇଛନ୍ତି ଶିକ୍ଷକମାନେ ସ୍କୁଲ୍‌ରେ କେବଳ ଶିକ୍ଷାଦାନ କରିବେ। ଏହା ବ୍ୟତୀତ ସେମାନଙ୍କୁ ଅନ୍ୟ କୌଣସି କାମରେ ବାଧକରି ନିଯୁକ୍ତ କରାଯାଇପାରିବ ନାହିଁ। ଖବରଟି ପଢ଼ିବାବେଳେ ମନେହୁଏ, ଏହା କ'ଣ ଏଇ ଦେଶର କଥା। ଶିକ୍ଷକମାନେ ଭାବନ୍ତି, ଯେଉଁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏହି ନିର୍ଦ୍ଦେଶଟି ଦେଇଛନ୍ତି ସତରେ କ'ଣ ମୁଁ ସେହି ଦେଶର ନାଗରିକ!

ଅତଳ ପଙ୍କରେ ପଡ଼ିଥିବା ଲୋକଟି ଉପରକୁ ଉଠିବାକୁ ଯେତେ ଉଦ୍ୟମ କରେ ସେତେ ତଳକୁ ସେ ବୁଡ଼ି ବୁଡ଼ି ଯାଏ। ବର୍ତ୍ତମାନ ସରକାରୀ ଶିକ୍ଷାର ଅବସ୍ଥା ଠିକ୍ ସେହିପରି। ପିଲାମାନଙ୍କର ଉନ୍ନତି ପାଇଁ ଚେଷ୍ଟା ଚାଲିଛି। ଚିଠି ପରେ ଚିଠି। ନିର୍ଦ୍ଦେଶ ପରେ ନିର୍ଦ୍ଦେଶ। ଶିକ୍ଷା ବିଭାଗର କାର୍ଯ୍ୟ ବହୁତ ବଢ଼ିଯାଇଛି। କାର୍ଯ୍ୟାଳୟ ଓ ଅଧିକାରୀଙ୍କ ସଂଖ୍ୟା ମଧ ତଦନୁଯାୟୀ ବଢ଼ିଛି। ତଥାପି କାମ ଏତେ ବଳେଇ ପଡୁଛି ଯେ, ସିଆର୍‌ସିମାନେ ମଧ ପାଠ ପଢ଼ାଇବା କାମକୁ ଭୁଲି ସାନ ଅଫିସର ଭାବରେ ସ୍କୁଲ୍‌ରୁ ସ୍କୁଲ୍‌କୁ ଘୂରି ବୁଲୁଛନ୍ତି। ଶିକ୍ଷକମାନେ କାଗଜକଲମ ଗାରେଇ ଦିନକୁ ଦିନ କିରାଣି ହୋଇଯାଉଛନ୍ତି।

କଥାରେ ଅଛି, ଅର୍ଥରେ ଅନର୍ଥ। ଲକ୍ଷ୍ମୀ ଓ ସରସ୍ୱତୀଙ୍କ ବାସ ଏକତ୍ର ସମ୍ଭବ ନୁହେଁ। ଲକ୍ଷ୍ମୀ ପ୍ରବେଶ କଲେ ସରସ୍ୱତୀ ସ୍ୱତଃ ବିଦାୟ ନିଅନ୍ତି। ସରକାରୀ ସ୍କୁଲ୍‌ଗୁଡ଼ିକରେ ଏହାର ଉଦାହରଣ ଯଥେଷ୍ଟ। ବର୍ତ୍ତମାନ ସମୟରେ ଅର୍ଥରେ ଏମିତି ଯାଦୁ ରହିଛି ଯେ, ମଣିଷ ଭିତରେ ଭେଦଭାବ ନ ରଖି ସମସ୍ତଙ୍କ ମନରେ ତାହା ଲୋଭ ସୃଷ୍ଟି କରୁଛି। ଯେଉଁଠି ଲୋଭ, ସେଇଠି ପାପ। ଦୁର୍ନୀତି ଅଭିଯୋଗରେ ସ୍କୁଲ୍ ଭିତରକୁ ଗଣ୍ଡଗୋଳ ଓ ରାଜନୀତିର ଅନୁପ୍ରବେଶ ଘଟୁଛି। ତଥାପି ଏବେ ମଧ ବହୁ ଶିକ୍ଷକ ଅଛନ୍ତି, ଯେଉଁମାନେ ସ୍କୁଲ୍‌ରେ କେବଳ ପିଲାମାନଙ୍କୁ ପାଠ ପଢ଼ାଇବାକୁ ଚାହାନ୍ତି। ସେମାନଙ୍କର ଦକ୍ଷତା ଅନୁସାରେ କିପରି ସହଜରେ ଶିକ୍ଷାଦାନ କରିହେବ ସେ ଉପାୟ ନିଜେ ଚିନ୍ତା କରନ୍ତି। ପାଠପଢ଼ାରେ ଅମନଯୋଗୀ ପିଲାର ମନକୁ କ୍ଲାସ୍‌ରୁମ୍ ଭିତରକୁ ଫେରାଇ ଆଣିବାକୁ ଅନୁଶାସନ କରନ୍ତି। ପାଠପଢ଼ା ସରିବା ପରେ ତା' ସହ ସ୍ନେହରେ ଦୁଇପଦ କଥା ହୁଅନ୍ତି। ପଢ଼ାଇବା ଆଗରୁ ନିଜେ ପଢ଼ନ୍ତି। ଶିକ୍ଷଣୀୟ ଗପ କୁହନ୍ତି। ଶିକ୍ଷା ସହିତ ଛାତ୍ରମାନଙ୍କର ଚରିତ୍ର ନିର୍ମାଣ କରନ୍ତି। ସର୍ବୋପରି ଶିକ୍ଷାଦାନ କାର୍ଯ୍ୟକୁ ନିଜର ବୃତ୍ତି ଭାବେ ଗ୍ରହଣ କରିଥିବାରୁ ମନରେ ଗର୍ବ ଅନୁଭବ କରନ୍ତି।

କିନ୍ତୁ ବର୍ତ୍ତମାନ ଏହି ଶିକ୍ଷକୀୟ ଗୁଣଗୁଡ଼ିକର ବିଶେଷ କିଛି ଗୁରୁତ୍ୱ ନାହିଁ। ଜଣେ ଶିକ୍ଷକ ସପ୍ତାହରେ ଛଅଦିନ ସ୍କୁଲ୍‌ରେ ପାଠ ପଢ଼ାଇ ନ ଥାନ୍ତୁ କେହି କିଛି କହିବେ ନାହିଁ। ଯଦି ଦିନଟିଏ କୌଣସି ପିଲାକୁ ମଧ୍ୟାହ୍ନ ଭୋଜନରେ ଅଣ୍ଡା ଦିଆଯାଇନାହିଁ ତା' ପରଦିନ ଅଭିଭାବକ ସ୍କୁଲ୍‌କୁ ଆସି ଅଭିଯୋଗ କରିବେ।

ଶିକ୍ଷାନୀତିର ଅନୁଦିନ ପରିବର୍ତ୍ତନ ସହିତ ଶିକ୍ଷକମାନେ ବି ଏବେ କ୍ରମଶଃ ଯାନ୍ତ୍ରିକ ହେଉଛନ୍ତି ଏବଂ ସେମାନଙ୍କର ସ୍ୱାଭାବିକ ସୃଜନ ଶକ୍ତି ହରାଇ ବସୁଛନ୍ତି। ଏ ସମୟରେ ଜ୍ଞାନ ଆହରଣଠାରୁ ପରୀକ୍ଷାରେ ଅଧିକ ଲବ୍ଧାଙ୍କ ପାଇବାର ପ୍ରବଳ ଇଚ୍ଛା ଛାତ୍ର ଓ ଅଭିଭାବକ ସମସ୍ତଙ୍କ ମନକୁ କବଳିତ କରିଛି। ଏ ଦୁଇଟି ବିଲକ୍ଷଣ ସମାଜ ପାଇଁ କଦାଚିତ୍ ଶୁଭଙ୍କର ନୁହେଁ।

ଶେଷକଥାରେ ଏତିକି କୁହାଯାଇପାରେ– ସରକାରୀ ସ୍କୁଲ୍‌ରେ ପାଠ ପଢୁଥିବା ଛାତ୍ରୀଛାତ୍ରମାନେ ସରକାରୀ ସାହାଯ୍ୟ ପାଆନ୍ତୁ, ଏଥିରେ କାହାର କିଛି ଆପତ୍ତି ନାହିଁ କିନ୍ତୁ ସାହାଯ୍ୟର ମାଧ୍ୟମ ଶିକ୍ଷାୟତନ କିମ୍ବା ଶିକ୍ଷକମାନେ ନ ହୁଅନ୍ତୁ। ସ୍କୁଲ୍‌ରୁ ତଥ୍ୟ ସଂଗ୍ରହ କରି ଅନ୍ୟ ସଂସ୍ଥା ମାଧ୍ୟମରେ ସାହାଯ୍ୟଗୁଡ଼ିକୁ ସେମାନଙ୍କ ଘରେ ପହଞ୍ଚାଇ ଦିଆଯାଉ। ସ୍କୁଲ୍‌ରେ କେବଳ ପାଠପଢ଼ା ହେଉ ଏବଂ ଶିକ୍ଷକମାନେ କେବଳ ସେହି କାର୍ଯ୍ୟରେ ନିଯୁକ୍ତ ହୁଅନ୍ତୁ। ରାଜନୈତିକ ପ୍ରଭାବରୁ ମୁକ୍ତ ହୋଇ ସରକାରୀ ସ୍କୁଲ୍ ତଥା ସ୍କୁଲ୍‌ର ଶିକ୍ଷକମାନେ ସେମାନଙ୍କର ପୂର୍ବ ଗୌରବ ଫେରିପାଆନ୍ତୁ।

ବିକାଶ ନଗର,
ଅଙ୍ଗାରଗଡ଼ିଆ, ବାଲେଶ୍ୱର
ମୋ: ୬୩୭୦୬୬୧୧୪୭

ପାଠକ ଶ୍ରେଷ୍ଠ ବିଚାରକ

ମନ୍ଦିରରେ ଗାଇଡ୍ ବ୍ୟବସ୍ଥା ହେଉ

ମହାଶୟ,

ଓଡ଼ିଶାର ପ୍ରସିଦ୍ଧ ଧର୍ମପୀଠଗୁଡ଼ିକୁ ଦୈନିକ ହଜାର ହଜାର ସଂଖ୍ୟାରେ ତୀର୍ଥଯାତ୍ରୀ ବିଭିନ୍ନ ପ୍ରକାର ଯାନବାହନ ତଥା ପଦବ୍ରଜରେ ଆସିଥାନ୍ତି। ନିଜ ନିଜର ଧର୍ମବିଶ୍ୱାସ, ଆର୍ଥିକ ଅବସ୍ଥା ଅନୁଯାୟୀ ଭୋଗରାଗ, ଦେବଦେବୀଙ୍କ ଦାନବାକ୍ସ କିମ୍ବା ହୁଣ୍ଡିରେ ଦାନ କରି ନିଜ ନିଜର ମନସ୍କାମନା ପୂରଣ କରନ୍ତି। ଏବେ କିନ୍ତୁ ଅନେକ କ୍ଷେତ୍ରରେ ଦେଖାଯାଉଛି, ସେମାନେ ଭୂଇଁରେ ପାଦ ଦେଉ ଦେଉ ପଣ୍ଡାମାନେ ଘେରିଯାଇ ସତ, ମିଛ ଯୋଡ଼ି ତାଙ୍କୁ ବିଭିନ୍ନ ଭାବରେ ଶୋଷଣ କରୁଛନ୍ତି। ଅନେକ ସମୟରେ ଜବରଦସ୍ତ ଅର୍ଥ ଆଦାୟ କରନ୍ତି ନତୁବା ତୀର୍ଥଯାତ୍ରୀମାନଙ୍କୁ ଦୁର୍ବ୍ୟବହାର କରିଥାନ୍ତି। ଫଳରେ ସେମାନେ ଏକ ତିକ୍ତ ଅନୁଭୂତି ନେଇ ଫେରନ୍ତି। କ୍ୱଯଦି ପ୍ରଶାସନ ପକ୍ଷରୁ ଶିକ୍ଷିତ, ତାଲିମପ୍ରାପ୍ତ ଗାଇଡ୍ ବ୍ୟବସ୍ଥା କରାଯାଆନ୍ତା ତେବେ ଭାରତର ବିଭିନ୍ନ ପ୍ରାନ୍ତରୁ ଆସୁଥିବା ତୀର୍ଥଯାତ୍ରୀ ଓଡ଼ିଶାର ଶୃଙ୍ଖଳା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ ନ କରି ପ୍ରଶଂସା କରି ଖୁସି ମନରେ ବିଦାୟ ନିଅନ୍ତେ।

–ବନମାଳୀ ବେହେରା, ସାକ୍ଷୀଗୋପାଳ

ଚିରନ୍ତନୀ

ସାଧୁକୁ କରିଲ ହନ୍ତା ପଣ୍ଡିତକୁ
କରିଲ ପାଷାଣ୍ଡ
ସୂକ୍ଷ୍ମତମ କେନ୍ଦ୍ର ତୁମେ ବିଶ୍ୱର
ବିରାଟ ମାନଦଣ୍ଡ !
(ସୁନା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଗୁରୁବାର କାଳବୈଶାଖୀ ପ୍ରଭାବରେ ଆଠଗଡ଼ ବ୍ଲକର କଟକ-ସମ୍ବଲପୁର ରାସ୍ତାରେ ଗଛ ଡାଳ ଭାଙ୍ଗିପଡ଼ିଛି।

ଦୁଗ୍ଧ, ଦୁଗ୍ଧଜାତ ଦ୍ରବ୍ୟର ମାନ ଯାଞ୍ଚ ହେବ

ଦେଶବ୍ୟାପୀ ଯାଞ୍ଚ କରିବ ଏଫ୍ଏସ୍ଏସ୍ଏଆଇ

- ■ ଅପମିଶ୍ରଣକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ
- ■ ନିଷ୍ପତ୍ତିକୁ ସ୍ୱାଗତକଲା ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ
- ■ ଏମ୍ଏସ୍ପି ନିର୍ଦ୍ଧାରଣ ହେଉ, ଗୋଖାଦ୍ୟ ଓ ଔଷଧର ମୂଲ୍ୟବୃଦ୍ଧି ରୋକାଯାଉ

ଭୁବନେଶ୍ୱର, ୨୫।୫ (ବ୍ୟୁରୋ)

ସମଗ୍ର ଦେଶରେ ଦୁଗ୍ଧ ଏବଂ ଦୁଗ୍ଧଜାତ ସାମଗ୍ରୀର ମାନ ଯାଞ୍ଚ କରାଯିବ। ଭାରତ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ସବୁଠାରୁ ଆଗରେ ଥିବାବେଳେ ଦୁଗ୍ଧରେ ଅପମିଶ୍ରଣ ଚିନ୍ତାର ବିଷୟ ପାଲଟିଛି। ତେଣୁ ଅପମିଶ୍ରଣ ରୋକିବା ପାଇଁ ଖାଦ୍ୟ ନିରାପତ୍ତା ଓ ମାନକ ପ୍ରାଧିକରଣ (ଏଫ୍ଏସ୍ଏସ୍ଏଆଇ) ପକ୍ଷରୁ ଦେଶବ୍ୟାପୀ ଏହି ଯାଞ୍ଚ ମିଶନ ମୋଡ୍‌ରେ ଆରମ୍ଭ କରାଯିବ। ଦୁଗ୍ଧ ଓ ଦୁଗ୍ଧଜାତ ସାମଗ୍ରୀ ଯଥା ଦହି, ପନିର, ଖୁଆ, ଛେନା, ଘିଅ, ଲହୁଣି ଆଦି ଦ୍ରବ୍ୟର ଗୁଣବତ୍ତା ପରୀକ୍ଷା କରାଯିବ। ଏପରିକି ଦୁଗ୍ଧ ବ୍ୟବହାର ହେଉଥିବା ଆଇସ୍‌କ୍ରିମ୍‌ର ମାନ ମଧ୍ୟ ପରଖାଯିବ। ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସବୁ ଜିଲାରୁ ଉଭୟ ସଂଗଠିତ ଓ ଅସଂଗଠିତ କ୍ଷେତ୍ରରୁ ନମୁନା ସଂଗ୍ରହ ହେବ। ଯାଞ୍ଚ ପରେ ଖାଦ୍ୟ ଅପମିଶ୍ରିତ ଥିବା ଜଣାପଡିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନେକ ସମୟରେ କ୍ଷୀରରେ ପାଣି, ଡିଟରଜେଣ୍ଟ ଓ ଅନ୍ୟ ଅଣଖାଦ୍ୟ ଅପମିଶ୍ରଣ କରାଯାଇ ବିକ୍ରି କରାଯାଉଥିବା ନଜରକୁ ଆସୁଛି। ସେହିପରି ଦୁଗ୍ଧଜାତ ସାମଗ୍ରୀରେ ନକଲି ସାମଗ୍ରୀ ମିଶାଯାଉଥିବା ଜଣାପଡିବା ପରେ ଏଫ୍ଏସ୍ଏସ୍ଏଆଇ ଏଭଳି ପଦକ୍ଷେପ ନେବାକୁ ଯାଉଛି।

ଜନସଂଖ୍ୟା ବୃଦ୍ଧି ସହ ଦିନକୁ ଦିନ ଦୁଗ୍ଧ ଏବଂ ଦୁଗ୍ଧଜାତ ସାମଗ୍ରୀର ଚାହିଦା ବୃଦ୍ଧି ପାଉଛି। ସେହିଭଳି ଶକ୍ତିବର୍ଦ୍ଧକ ଖାଦ୍ୟ ହୋଇଥିବାରୁ ପିଲାଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ଏହାକୁ ଖାଇବା ପାଇଁ ଡାକ୍ତର ମଧ୍ୟ ପରାମର୍ଶ ଦେଇଥାନ୍ତି। ତେଣୁ ଲୋକଙ୍କ ଚାହିଦାକୁ ଦେଖି କିଛି ଅସାଧୁ ବ୍ୟବସାୟୀ ଏଥିରେ ଅପମିଶ୍ରଣ କରି ଆବଶ୍ୟକତା ମେଣ୍ଟାଇବାକୁ ଚେଷ୍ଟା କରୁଛନ୍ତି। ଏହାଦ୍ୱାରା ସମ୍ପୃକ୍ତ ବ୍ୟବସାୟୀ ଲାଭବାନ୍ ହେଉଥିବାବେଳେ ଲୋକଙ୍କ ସ୍ୱାସ୍ଥ୍ୟକୁ ନେଇ ଖେଳ ଖେଳୁଛନ୍ତି। ତେଣୁ ଏହା ଉପରେ ରୋକ ଲଗାଇବା ପାଇଁ ବିଭିନ୍ନ ସମୟରେ ସର୍ଭେ କରାଯାଇଛି। ପୂର୍ବରୁ ୨୦୧୧, ୨୦୧୬, ୨୦୧୮, ୨୦୨୦ ଓ ୨୦୨୨ରେ ଏଫ୍ଏସ୍ଏସ୍ଏଆଇ ପକ୍ଷରୁ ସର୍ଭେ କରାଯାଇ ଦୁଗ୍ଧ ଏବଂ ଦୁଗ୍ଧଜାତ ସାମଗ୍ରୀର ମାନ ଯାଞ୍ଚ କରାଯାଇଥିଲା। ଚଳିତ ବର୍ଷ ପୁଣିଥରେ ଏଭଳି ପଦକ୍ଷେପ ନିଆଯାଉଥିବାରୁ ଦୁଗ୍ଧଚାଷୀଙ୍କଠାରୁ ଆରମ୍ଭ କରି ଗ୍ରାହକ ଓ ବ୍ୟବସାୟୀ ସମସ୍ତେ ଏହାକୁ ସ୍ୱାଗତ କରିଛନ୍ତି।

ଏ ସମ୍ପର୍କରେ ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ଅଧ୍ୟକ୍ଷ ରବି ବେହେରା କହିଛନ୍ତି, ଏଫ୍ଏସ୍ଏସ୍ଏଆଇର ଏହି ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ତେବେ ମାନ ପରୀକ୍ଷଣ ଓ ଯାଞ୍ଚ ନାଁରେ ଫୁଡ୍ ସେଫ୍‌ଟି ଆଣ୍ଡ୍ ଅଥରିଟି ଅଫ୍ ଇଣ୍ଡିଆ ପକ୍ଷରୁ ଜୁଲମ୍ କରାଗଲେ ତାହାକୁ ବରଦାସ୍ତ କରାଯିବ ନାହିଁ। ଦୁଗ୍ଧ ଉତ୍ପାଦନରେ ଭାରତ ହେଉଛି ବିଶ୍ୱର ୧ ନମ୍ବର ଦେଶ। ମାତ୍ର ଏଠାରେ ମୁଣ୍ଡପିଛା ୨୧୫ ଗ୍ରାମ୍ ଦୁଗ୍ଧ ଆବଶ୍ୟକ ହେଉଥିବାବେଳେ ଜଣେ ବ୍ୟକ୍ତିକୁ ୧୬୦ ଗ୍ରାମ୍ ମିଳିପାରୁଛି। ଫଳରେ ବୟସ୍କ, ରୋଗୀ, ଗର୍ଭବତୀ ମହିଳା ଓ ଶିଶୁମାନେ ଦୁଗ୍ଧ ଅଭାବଜନିତ ପୁଷ୍ଟିହୀନତାର ଶିକାର ହେଉଛନ୍ତି। ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ନିୟୋଜିତ ଥିବା ଗ୍ରାମାଞ୍ଚଳର ଅର୍ଦ୍ଧଶିକ୍ଷିତ ମହିଳା, ଚାଷୀ ଓ ଯୁବତୀଯୁବକ ଦୁଗ୍ଧ ଏବଂ ଦୁଗ୍ଧଜାତ ଦ୍ରବ୍ୟର ଉଚିତ୍ ମୂଲ୍ୟ ପାଇପାରୁ ନାହାଁନ୍ତି। ସ୍ୱାଧୀନତାର ଏତେବର୍ଷ ପରେ ମଧ୍ୟ କେନ୍ଦ୍ର ଓ ରାଜ୍ୟ ସରକାର ଦୁଗ୍ଧ ଏବଂ ଦୁଗ୍ଧଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) ନିର୍ଦ୍ଧାରଣ କରିବାରେ ବିଫଳ ହୋଇଛନ୍ତି। ଫଳରେ ଗ୍ରାମାଞ୍ଚଳର ଦୁଗ୍ଧଚାଷୀମାନେ ତାଙ୍କ ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ପାଇବାରୁ ବଞ୍ଚିତ ହେବା ସହ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ତେଣୁ ସରକାର ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ମାନ ପରୀକ୍ଷଣ ପାଇଁ ତତ୍ପରତା ଦେଖାଇବା ସହ ଦୁଗ୍ଧଚାଷୀଙ୍କୁ ଉଚିତ ମୂଲ୍ୟ ଦେବା, ଗୋଖାଦ୍ୟ ସମେତ ଔଷଧ ଓ ଇଞ୍ଜେକ୍ସନର ଦର ବୃଦ୍ଧିକୁ ରୋକିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ବେହେରା ଦାବି କରିଛନ୍ତି।

ଉପକୂଳ ଓଡ଼ିଶାରେ ବ୍ୟାପକ କ୍ଷୟକ୍ଷତି

କାଳବୈଶାଖୀ ତାଣ୍ଡବ

ଜିଲାପାଳଙ୍କୁ ରିପୋର୍ଟ ମାଗିଲେ ଏସ୍ଆର୍‌ସି

ଭୁବନେଶ୍ୱର, ୨୫।୫(ବ୍ୟୁରୋ)

ସକାଳୁ ପାରଦ ଉପରମୁହାଁ ହେଲା। ପୂର୍ବାହ୍ନ ୧୧ଟା ୩୦ ବେଳକୁ ଭୁବନେଶ୍ୱରର ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ଛୁଇଁଲା। ଧୀରେ ଧୀରେ ଗ୍ରୀଷ୍ମର ପ୍ରକୋପ ବଢ଼ିଚାଲିଲା। ମଧ୍ୟାହ୍ନରେ ତାତି ୪୦ ଡିଗ୍ରୀ ଅତିକ୍ରମ କରିଗଲା। ତେବେ ଅପରାହ୍ନରେ ହଠାତ୍ ପାଗ ବଦଳିଲା। ପ୍ରାୟ ୨ଟା ୩୦ ବେଳକୁ ଘୋଟିଆସିଲା କଳାହାଣ୍ଡିଆ ମେଘ। ଆରମ୍ଭ ହୋଇଗଲା ଡୁହାକୁ ଡୁହା ବଜ୍ରପାତ। ୪୦ରୁ ୫୦ କି.ମି. ବେଗରେ ପବନ ବୋହିବା ସହ ମୂଷଳ ଧାରାରେ ବର୍ଷା ହେଲା। ଅସହ୍ୟ ଗୁଳୁଗୁଳି, ଗରମରେ ଆଉଟୁପାଉଟୁ ହେଉଥିବା ଲୋକେ ସାମାନ୍ୟ ଆଶ୍ୱସ୍ତ ହେଲେ। ତେବେ ଝଡ଼ତୋଫାନ ଉପକୂଳ ଓଡ଼ିଶାର ଚିତ୍ର ବଦଳାଇ ଦେଇଛି। ରାଜଧାନୀ ସମେତ କଟକ, ପୁରୀ, ଢେଙ୍କାନାଳ, ଖୋର୍ଦ୍ଧା, ନୟାଗଡ଼, କେନ୍ଦ୍ରାପଡ଼ା, ଯାଜପୁର ଓ କଟକରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବିଭିନ୍ନ ସ୍ଥାନରେ ଟିଣଛପର ଉଡ଼ିଯାଇଥିବାବେଳେ ଗଛ ପଡ଼ି ରାସ୍ତା ଜାମ୍ ହୋଇଛି। କୁଆପଥର ମାଡ଼ରେ ଫସଲ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ତାର ଛିଣ୍ଡିବା, ଖୁଣ୍ଟ ଉପୁଡ଼ି ପଡ଼ିବା କାରଣରୁ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି। ଅନ୍ୟପଟେ ତୁରନ୍ତ କ୍ଷୟକ୍ଷତି ରିପୋର୍ଟ ଦେବାକୁ ଜିଲାପାଳମାନଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍ଆର୍‌ସି) ସତ୍ୟବ୍ରତ ସାହୁ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟୁତ୍ ସରବରାହ ତୁରନ୍ତ ପୁନଃ ସଂଯୋଗ କରିବା, ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ଗଛ କାଟି ରାସ୍ତା ସଫା କରିବା, ମୃତାହତଙ୍କ ସମ୍ପର୍କରେ ଠିକ୍ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଜାରି କରାଯାଇଛି।

ଆଠଗଡ଼-ମୁଣ୍ଡଳୀ ରାସ୍ତାର ରାଜନଗର ଛକରେ ଝଡ଼ବର୍ଷାର ଭୟଙ୍କର ରୂପ ଦେଖିବାକୁ ମିଳିଛି। ଏଠାରେ ଥିବା ମହାରାଜା ହୋଟେଲରେ ଲୋକେ ବସି ଖାଉଥିବା ବେଳେ ଟିଣଛପର ୨୦୦ ମିଟର ଉଡ଼ିଯାଇଥିଲା। ଫଳରେ ହୋଟେଲର ସମସ୍ତ ଖାଦ୍ୟ ସହ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଛି। ପାଖରେ ଥିବା ଅଞ୍ଜଳି ହୋଟେଲର ପାଚେରି ମଧ୍ୟ ଭାଙ୍ଗିପଡ଼ିଛି। ରାଜା ଆଠଗଡ଼-ନରସିଂହପୁର ୬୫ନଂ. ରାଜ୍ୟ ରାଜପଥର ଗୋପୀନାଥପୁର ଓ ସେହି ବ୍ଲକର କଟକ-ସମ୍ବଲପୁର ରାସ୍ତାରେ ଗଛ ଭାଙ୍ଗିପଡ଼ିଛି। ଏଥିଯୋଗୁ ଯାନବାହନ ଚଳାଚଳ ସାମୟିକ ବାଧାପ୍ରାପ୍ତ ହୋଇଥିଲା। ପୁରୀ ଜିଲାର ବିଭିନ୍ନ ବ୍ଲକରେ ଝଡ଼ବର୍ଷାରେ ବହୁ ନଡ଼ିଆ, ଗୁଆ, କଦଳୀ, ଆମ୍ବ ଗଛ ଭାଙ୍ଗିଛି। ଚାଳଛପର ଓ ଆଜବେଷ୍ଟସ୍ ଛପର ଉଡ଼ିଯାଇଛି। ପିପିଲି ଦେଇ ଯାଇଥିବା ରାସ୍ତାରେ ବିଦ୍ୟୁତ୍ ତାର ଛିଣ୍ଡିପଡ଼ିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଶତାଧିକ ଯାନବାହନ ଅଟକି ରହିଥିଲା। କାଳବୈଶାଖୀ ବେଳେ ଭୁବନେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳରେ ୨୪,୭୭୬ ଥର ବିଜୁଳି ମାରିଛି। ଆସନ୍ତା ୩ରୁ ୪ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଏଭଳି ପାଗ ଜାରିରହିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ତେବେ କାଳବେଶାଖୀ ପ୍ରଭାବ ରହିଲେ ମଧ୍ୟ ତାତିରେ ବ୍ରେକ୍ ଲାଗିବାର ସମ୍ଭାବନା କ୍ଷୀଣ।

କାଳବୈଶାଖୀ ପ୍ରଭାବରେ ହୋଇଥିବା ବର୍ଷା ଉପକୂଳ ଓଡ଼ିଶାକୁ ଶୀତଳ କରିଥିଲେ ମଧ୍ୟ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ପ୍ରଚଣ୍ଡ ତାତିରୁ ନିସ୍ତାର ମିଳିନାହିଁ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗୁରୁବାର ତାଳଚେରରେ ସର୍ବୋଚ୍ଚ ତାପମାତ୍ର ୪୨.୮ ଡିଗ୍ରୀ ଛୁଇଁଛି। ସେହିପରି ସମ୍ବଲପୁର ୪୨.୭, ନୂଆପଡ଼ା ୪୨.୪, ଝାରସୁଗୁଡ଼ା ୪୨.୨, ସୁନ୍ଦରଗଡ଼ ୪୨.୨, ବୌଦ୍ଧ ୪୧.୬, ସୋନପୁର ୪୧.୪, ବରଗଡ଼ ୪୧.୨, ଅନୁଗୋଳ ୪୧.୨, ବଲାଙ୍ଗୀର ୪୧.୧, ହୀରାକୁଦ ୪୧.୧ ଏବଂ ନୟାଗଡ଼ରେ ତାପମାତ୍ରା ୪୦.୫ ଡିଗ୍ରୀ ରେକର୍ଡ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବଲାଙ୍ଗୀର, ସମ୍ବଲପୁର, ବୌଦ୍ଧ, ସୋନପୁର, ନୂଆପଡ଼ା ଜିଲାରେ ପାରଦ ୪୦ରୁ ୪୪ ଡିଗ୍ରୀ ଯାଏ ପହଞ୍ଚିବା ସମ୍ଭାବନା ରହିଛି। ଅପରପକ୍ଷେ ଖୋର୍ଦ୍ଧା, ପୁରୀ, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ନୟାଗଡ଼, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ ଜିଲାରେ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେବେ ସମ୍ପୃକ୍ତ ସ୍ଥାନରେ ମଧ୍ୟାହ୍ନରେ ପାରଦ ୪୦ ଡିଗ୍ରୀ କିମ୍ବା ତା’ଠାରୁ ଅଧିକ ରହିବ। ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଏଭଳି ପାଗ ଜାରି ରହିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି।

ମହାପ୍ରଭୁଙ୍କୁ ଦର୍ଶନ କଲେ ମହାନଦୀ ଟ୍ରିବ୍ୟୁନାଲ ଅଧ୍ୟକ୍ଷ

ମହାପ୍ରଭୁଙ୍କ ଦର୍ଶନ ସାରି ଟ୍ରିବ୍ୟୁନାଲ୍‌ର ଅଧ୍ୟକ୍ଷ ବିଚାରପତି ଏ.ଏମ୍. ଖାନୱିଲକର୍ ଫେରୁଛନ୍ତି।

ପୁରୀ ଅଫିସ, ୨୫।୫

ମହାନଦୀ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଓ ସଦସ୍ୟ ଗୁରୁବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଦୁଇଦିନିଆ ପୁରୀ ଗସ୍ତରେ ଆସିଥିବା ଟ୍ରିବ୍ୟୁନାଲ୍‌ର ଅଧ୍ୟକ୍ଷ ତଥା ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଏ.ଏମ୍. ଖାନୱିଲକର୍ ସସ୍ତ୍ରୀକ ବୁଧବାର ପୁରୀରେ ପହଞ୍ଚିବା ପରେ ମେ ଫେୟାର ହୋଟେଲରେ ଅବସ୍ଥାନ କରିଥିଲେ। ଗୁରୁବାର ସକାଳେ କଡ଼ା ସୁରକ୍ଷା ମଧ୍ୟରେ ଖାନ୍‌ୱିଲକର ତାଙ୍କ ସହଧର୍ମିଣୀଙ୍କ ସହିତ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ଉଭୟଙ୍କୁ ଜିଲା ପ୍ରଶାସନ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମହାପ୍ରଭୁଙ୍କଲାଗି ଖଣ୍ଡୁଆ ପ୍ରଦାନ କରାଯିବା ସହ ସ୍ୱାଗତ କରାଯାଇଥିଲା। ପରେ ଉଭୟଙ୍କୁ ଶ୍ରୀମନ୍ଦିରକୁ ପାଛୋଟି ନିଆଯାଇଥିଲା। ଦୁହେଁ ମହାପ୍ରଭୁଙ୍କୁ ଦର୍ଶନ କରି ଆଶିଷ ନେଇଥିଲେ। ପରେ ଶ୍ରୀମନ୍ଦିର ନୀଳଚକ୍ରରେ ବାନା ବାନ୍ଧିବା ଲାଗି କାର୍ଯ୍ୟାଳୟରେ ରସିଦ କାଟିଥିଲେ। ମା’ ବିମଳା ଓ ମା’ ଲକ୍ଷ୍ମୀଙ୍କ ସମେତ ଅନ୍ୟ ପାର୍ଶ୍ୱ ଦେବଦେବୀଙ୍କ ଦର୍ଶନ କରିଥିଲେ। ମୁକ୍ତିମଣ୍ଡପ ଓ କୋଇଲିବୈକୁଣ୍ଠ ବୁଲି ଦେଖିବା ପରେ ଫେରିଆସିଥିଲେ। ଏହି ଅବସରରେ ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଅତିରିକ୍ତ ଏସ୍‌ପି ମିହିର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମହାନଦୀ ଟ୍ରିବ୍ୟୁନାଲ୍‌ର ପ୍ରାୟ ୩୨ଜଣିଆ ଦଳ ମଧ୍ୟ ଶ୍ରୀମନ୍ଦିରରେ ଚତୁର୍ଦ୍ଧା ବିଗ୍ରହଙ୍କ ଦର୍ଶନ କରିଥିଲେ।

ମାଲବାହୀ ଇଞ୍ଜିନ ଲାଇନଚ୍ୟୁତ

ଲାଇନଚ୍ୟୁତ ପରେ ମରାମତି କାର୍ଯ୍ୟ ଚାଲୁଛି।

ଛତ୍ରପୁର,୨୫।୫(ଡି.ଏନ୍.ଏ)

ଗଞ୍ଜାମ ଜିଲା ଛତ୍ରପୁର ଓ ଗଞ୍ଜାମ ଷ୍ଟେଶନ ମଧ୍ୟଭାଗରେ ଗୁରୁବାର ଏକ ମାଲ ବୋଝେଇ ଟ୍ରେନ୍‌ର ୨ଟି ଇଞ୍ଜିନ୍ ଲାଇନ୍‌ଚ୍ୟୁତ ହୋଇଥିଲା। ଏମଓଆଇଭି/ଏମ୍ ବଲ୍କ ଲୋଡ ଡାଉନ୍ ଟ୍ରେନ୍ ସାଉଥ ସେଣ୍ଟରରୁ ବଇରି ଅଭିମୁଖେ ଯାଉଥିବା ବେଳେ ଗୁରୁବାର ପୂର୍ବାହ୍ନ ୯ ଟା ୨୦ରେ ଛତ୍ରପୁର ଓ ଗଞ୍ଜାମ ଷ୍ଟେସନ ମଧ୍ୟଭାଗ ତଥା ବଡଶଙ୍ଖ ନିକଟ ମା’ କନ୍ଧୁଣୀ ଦେବୀ ମନ୍ଦିର ସମ୍ମୁଖ ରେଳ ଟ୍ରାକ୍ ୫୭୪/୨୪-୨୬ ର ରାଇଟ୍ ସାଇଡରେ ଟ୍ରେନର ସମ୍ମୁଖ ଦୁଇ ଇଞ୍ଜିନ୍ ଲାଇନଚ୍ୟୁତ ହୋଇଥିଲା। ଏଥିରେ କେହି ଆହତ ହୋଇନଥିଲେ। କେବଳ ଟ୍ରାକ୍‌ରେ ମାଲ ବୋଝେଇ ଟ୍ରେନ୍ ର ୬୯ଟି ବଗି ରହିଯାଇଥିଲା। ଫଳରେ ଗୋଟିଏ ଟ୍ରାକ୍‌ରେ ଟ୍ରେନ୍ ଯିବା ଆସିବା ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଅନ୍ୟ ଟ୍ରାକ୍‌ରେ ଟ୍ରେନ୍ ଚଳାଚଳ କରୁଥିବାରୁ ବହୁ ଟ୍ରେନ୍ ବିଳମ୍ବରେ ଚାଲୁଥିଲା। ଦୀର୍ଘ ୮ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଟ୍ରାକ ମରାମତି କରିବା ପରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଥିଲା । ଖବର ପାଇ ଖୋର୍ଦ୍ଧା ଡିଆରଏମ୍ ରିଙ୍କେଶ ରାୟଙ୍କ ସମେତ ରେଲୱେ ବିଭାଗର ବିଭିନ୍ନ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ମନିଟରିଂ କରିଥିଲେ।

୩ ଚିତାବାଘ ଛାଲ ଜବତ, ଅଭିଯୁକ୍ତ ଗିରଫ

ରାୟଗଡ଼ା ଅଫିସ,୨୫।୫

ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ଟିମ୍ ଦ୍ୱାରା ଗୁରୁବାର ରାୟଗଡ଼ାରୁ ୩ ଚିତାବାଘ ଛାଲ ଜବତ କରାଯାଇଛି। ଘଟଣାରେ ସମ୍ପୃକ୍ତ ଡମ୍ବୁରୁଧର ମାଝିଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ଥାନା ଅନ୍ତର୍ଗତ ନାକଟିଗୁଡ଼ା ହୁଣ୍ଡିବର ଗ୍ରାମରେ ଅଭିଯୁକ୍ତ ଡମ୍ବୁରୁଧରଙ୍କ ଘର ବୋଲି ଜଣାପଡିଛି। ଏଥିସହ ଜବତ ବାଘଛାଲକୁ ପରୀକ୍ଷା ନିମନ୍ତେ ଡେରାଡୁନ୍‌ସ୍ଥିତ ବନ୍ୟଜନ୍ତୁ ପରୀକ୍ଷାଗାରକୁ ପଠାଯିବ ବୋଲି ଏସ୍‌ଟିଏଫ୍ ତରଫରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ଏସ୍‌ଟିଏଫ୍ ଟିମ୍ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି, ଏକ ବିଶେଷ ସୂତ୍ରରୁ ଖବର ପାଇ ଏସ୍‌ଟିଏଫ୍ ଟିମ୍ ଗୁରୁବାର ୩୨୬ନମ୍ବର ଜାତୀୟ ରାଜପଥର ରାୟଗଡ଼ା ଜିଲା ସଦର ଥାନା ଅନ୍ତର୍ଗତ ଶିରିଗୁଡ଼ା ନିକଟସ୍ଥ ସ୍ୱର୍ଗଧାମ ଛକଠାରେ ଡମ୍ବୁରୁଧର ନାମକ ଅଭିଯୁକ୍ତ ଶୀକାର କରି ଆଣିଥିବା ଚିତାବାଘ ଛାଲର ଡିଲ୍ କରୁଥିଲେ। ଏହି ସମୟରେ ଏସ୍‌ଟିଏଫ ଟିମ୍ ଅଚାନକ ଚଢାଉ କରି ଘଟଣାସ୍ଥଳରୁ ଡମ୍ବୁରୁଧରଙ୍କୁ ଗିରଫ କରିବା ସହ ତାଙ୍କଠାରୁ ୩ଟି ଚିତାବାଘ ଛାଲ ସହ ଅନ୍ୟ କିଛି ଆପରାଧିକ ସାମଗ୍ରୀ ଜବତ କରିଥିଲା। ଗିରଫ ପରେ ରାୟଗଡ଼ା ଏସ୍‌ଡିଜେଏମ୍‌ଙ୍କ କୋର୍ଟ ଚାଲାଣ କରାଯାଇଥିଲା ।

ବଜ୍ରକାପ୍ତା କାତି, ୪ ଦେଶୀ ବନ୍ଧୁକ ଜବତ

୨ ଶିକାରୀ ଗିରଫ

ବାରିପଦା ଅଫିସ/ଉଦଳା, ୨୫।୫(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ଶିକାରୀ ଗୁଳିରେ ଜଣେ ଫରେଷ୍ଟ ଗାର୍ଡଙ୍କ ମୃତ୍ୟୁ ପରେ ବନବିଭାଗ ତତ୍ପର ହୋଇପଡ଼ିବା ସହ ଯାଞ୍ଚକୁ କଡାକଡ଼ି କରିଛି। ଗୁରୁବାର ବନବିଭାଗର କର୍ମଚାରୀମାନେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୭ କେ.ଜି. ବଜ୍ରକାପ୍ତା କାତି ସହିତ ୪ଟି ଦେଶୀ ବନ୍ଧୁକ ଜବତ କରିଛନ୍ତି। ଏହି ଘଟଣାରେ ୨ଶିକାରୀଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ସେମାନଙ୍କଠାରୁ ବନ୍ୟଜନ୍ତୁ ମାଂସ, ଶିଂଘ ଓ ଫାଶ ପ୍ରଭୃତି ମଧ୍ୟ ଜବତ ହୋଇଛି। ଅଭିଯୁକ୍ତ ଦ୍ୱୟ ହେଲେ କପ୍ତିପଦା ରେଞ୍ଜ ବଡ଼ଖମଣ ତାଳସାରୀ ଗ୍ରାମର ମଙ୍ଗଲ ସିଂ ଓ ଗାନସା ହୋ। ଶିମିଳିପାଳ ଅଭୟାରଣ୍ୟରେ ଶିକାରୀମାନେ ନିର୍ବିଘ୍ନରେ ବନ୍ଧୁକ ମୁନରେ ବନ୍ୟଜନ୍ତୁ ଶିକାର ଚଳାଇଛନ୍ତି। କୋର୍ ଅଞ୍ଚଳ ମଧ୍ୟରେ ପ୍ରବେଶ କରି ଶିକାର ପରେ ମାଂସ ବିକ୍ରି କରୁଥିବା ବେଳେ ଅବଶିଷ୍ଟ ଦେହାବଶେଷକୁ ବେପାରୀଙ୍କୁ ବିକ୍ରି କରୁଥିବା ଜଣାପଡ଼ିଛି। କେତେଜଣ ଅସାଧୁ ବନ କର୍ମଚାରୀଙ୍କୁ ହାତ ବାରିସୀ କରି ସେମାନେ ଏଭଳି ଶିକାର ଚଳାଉଥିବା ଅଭିଯୋଗ ହୋଇଛି। କିଛି ଦିନ ପୂର୍ବେ ବଜ୍ରକାପ୍ତା କାତି ବିକ୍ରି ନିମନ୍ତେ ଡିଲ୍ ଚାଲିଥିବା ବେଳେ କପ୍ତିପଦା ପୋଲିସ ଚଢ଼ାଉ କରି ଜଣେ ଫରେଷ୍ଟରଙ୍କ ସମେତ ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏଭଳି ଘଟଣା ସମସ୍ତଙ୍କୁ ଚକିତ କରିଥିବା ବେଳେ ଶିମିଳିପାଳ ପାଦଦେଶରେ ଶିକାରୀମାନେ ସକ୍ରିୟ ହୋଇ ଉଠିଥିବା ପରିଲକ୍ଷିତ ହୋଇଛି। ବନବିଭାଗ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଶିକାର ରୋକାଯାଇ ପାରିବ ବୋଲି ସାଧାରଣରେ ଦାବି ହେଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୬ ମେ, ୨୦୨୩

ବୈଶାଖୁଙ୍କ ଘରକୁ ଯାଇ ଭତ୍ତା ଟଙ୍କା ଦେଲେ ବିଏସଏସଓ

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଝାରମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଲୁଚକିବାହାଲ ଗ୍ରାମର ବୈଶାଖୁ ଭୂଏ । ବାର୍ଦ୍ଧକ୍ୟ ଭତ୍ତା ପାଇଁ ହଟହଟା ହେଉଥିବା ନେଇ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ । ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆଶା ପଧାନ ତାଙ୍କ ଘରକୁ ଯାଇ ୫ ମାସର ଭତ୍ତା ଟଙ୍କା ପ୍ରଦାନ କରିଥିଲେ । ଏହି ଅବସରରେ ପଞ୍ଚାୟତର କେତେକ ପ୍ରତିନିଧି ଉପସ୍ଥିତ ଥିଲେ ।

ଶୀତଳ ଷଷ୍ଠୀ ପାଇଁ ବଲାଙ୍ଗୀର ଉତ୍ସବମୁଖର

ବଲାଙ୍ଗୀର ଅଫିସ, ୨୫।୫

ବଲାଙ୍ଗୀର ସହରରେ ଶୀତଳ ଷଷ୍ଠୀ ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହେଉଛି। ବିଭିନ୍ନ ପଡାରେ ଅନୁଷ୍ଠିତ ଶୀତଳଷଷ୍ଠୀ ଯାତ୍ରାରେ ବୁଧବାର ଶିବ-ପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ସହରର ବିଭିନ୍ନ ପଡାର ଶୀତଳଷଷ୍ଠୀ ପୂଜା କମିଟି ପକ୍ଷରୁ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ବିଭିନ୍ନ ପଡାରୁ ବରପକ୍ଷଙ୍କ ବରଯାତ୍ରୀ ଶୋଭାଯାତ୍ରା ବାହାରିଥିଲା। ଦେବାଧିଦେବ ଶିବଙ୍କୁ ନେଇ ଶ୍ରଦ୍ଧାଳୁମାନେ କନ୍ୟାପକ୍ଷ ଘରକୁ ବରଯାତ୍ରୀ ଯାଇଥିଲେ। ସହର ଉତ୍ସବ ମୁଖର ହୋଇ ଉଠିଥିଲା। ଆକର୍ଷଣୀୟ ସାଜସଜ୍ଜାରେ ସଜ୍ଜିତ ବରଯାତ୍ରୀ ଦଳ ସାଂସ୍କୃତିକ ଦଳ, କୀର୍ତ୍ତନ ଏବଂ ନୃତ୍ୟଦଳକୁ ନେଇ ବରଯାତ୍ରାରେ ବାହାରିଥିଲେ। ବିଳମ୍ବିତ ରାତିରେ ବିବାହ ସମ୍ପନ୍ନ ହୋଇଥିଲା। ଗୁରୁବାର କନ୍ୟାପକ୍ଷ ଘରେ ଦେବଦମ୍ପତି ଶିବ-ପାର୍ବତୀଙ୍କ ଯୁଗଳ ଦର୍ଶନ ଅନୁଷ୍ଠିତ ହୋଇଥିଲା।

ଏବିଏସ୍ଏସ୍ ସ୍ଥିତ ଶ୍ରୀ ସିଦ୍ଧେଶ୍ୱର ବାବାଙ୍କ ୩୫ ତମ ଶୀତଳ ଷଷ୍ଠୀ ଯାତ୍ରାରେ କନ୍ୟା ମାତାପିତା ମାଲପଡା ନିବାସୀ ଅଞ୍ଜନା ଅଗ୍ରୱାଲ ଓ ବୀରେନ୍ଦ୍ର ଅଗ୍ରୱାଲ ଏବଂ ବର ମାତାପିତା ମାଲପଡା ନିବାସୀ ଲୀନା ଅଗ୍ରୱାଲ ଏବଂ ସନ୍ତୋଷ ଅଗ୍ରୱାଲ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ଏବିଏସ୍ଏସ୍ ଷଷ୍ଠୀ କମିଟି ସଭାପତି ସମୀର ସାହାଣୀ, ଉପସଭାପତି ବଳରାମ ରାଉତ, ସମ୍ପାଦକ ବର୍ଷି ମିଶ୍ର ଏବଂ କୋଷାଧ୍ୟକ୍ଷ ସଞ୍ଜୀବ ସାହୁ, ସୁରଞ୍ଜିତ ସାହାଣୀ ତଥା ମାଲପଡାର ରଞ୍ଜିତ ବେହେରା ଉପସ୍ଥିତ ଥିଲେ। ସୁଦପଡା ଏବଂ ଗାନ୍ଧୀନଗର ଶୀତଳଷଷ୍ଠୀ ପୂଜା କମିଟି ପକ୍ଷରୁ ବର ପିତାମାତା ଭାବେ ଗାନ୍ଧୀନଗରପଡା ନିବାସୀ ସାର୍ଥ ପଟେଲ ଓ ପ୍ରମିଳା ପଟେଲ ଏବଂ କନ୍ୟା ମାତାପିତା ଭାବେ ସୁଦପଡା ନିବାସୀ ଶୋଭାକର ମିଶ୍ର ଏବଂ ଅମୂଲ୍ୟ ମିଶ୍ର ଦାୟିତ୍ୱ ତୁଲାଇଛନ୍ତି। ରାଧାରାଣୀପଡା ଶୀତଳଷଷ୍ଠୀ ଯାତ୍ରାରେ କନ୍ୟାପକ୍ଷ ଭାବେ ରାଧାରାଣୀପଡାର ପ୍ରଦୀପ କୁଅଁର ଏବଂ ରଶ୍ମିତା କୁଅଁର ମାତାପିତା ଭାବେ କନ୍ୟାଦାନ କରିଥିଲେ। କଂସାରୀପଡାର ବିକ୍ରମ ନାଏକ ଏବଂ ମୀନାକ୍ଷୀ ନାଏକ ବରପିତାମାତା ଭାବେ ଦାୟିତ୍ୱ ତୁଲାଇଥିଲେ। ବିବିଏସ୍ଏସ୍ ଶୀତଳ ଷଷ୍ଠୀ ଯାତ୍ରାରେ ଚଳିତବର୍ଷ ରାଧାରାଣୀପଡାର ଅଞ୍ଜୁ ପୃଷ୍ଟି ଓ ଗୁପ୍ତେଶ୍ୱର ପୃଷ୍ଟି ବର ମାତାପିତା ଦାୟିତ୍ୱ ତୁଲାଇଥିବାବେଳେ ଟିକ୍ରାପଡାର ସାଧନା ଦାସ ଏବଂ ଅଶୋକ ଦାସ କନ୍ୟାମାତାପିତା ଦାୟିତ୍ୱ ତୁଲାଇଥିଲେ। ପେଲେସ ଲାଇନ୍ ଶୀତଳ ଷଷ୍ଠୀରେ ସନ୍ଧ୍ୟାରାଣୀ ମହାନ୍ତି ଓ ଅନିଲ ମହାନ୍ତି କନ୍ୟା ମାତାପିତା ଦାୟିତ୍ୱ ତୁଲାଇଥିଲେ ଏବଂ ସାଗରପଡାର ଯାମିନା ଭୋଇ ଓ ଶାନ୍ତନୁ ଭୋଇ ବର ମାତାପିତା ଦାୟିତ୍ୱ ତୁଲାଇଥିଲେ। ଗୁରୁବାର ଦେବଦମ୍ପତି ଯୁଗଳ ଦର୍ଶନରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି। ଗୁରୁବାର ବିଳମ୍ବିତ ରାତିରୁ ବିଭିନ୍ନ ପୂଜା କମିଟି ପକ୍ଷରୁ ଦେବଦମ୍ପତିଙ୍କ ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏଥିସକାଶେ ପୋଲିସ ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରାରେ ବିଭିନ୍ନ ପୂଜା କମିଟି ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶୋଭାଯାତ୍ରାର ପ୍ରବଳ ଭିଡକୁ ପରିଚାଳନା କରିବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି।

ବଲାଙ୍ଗୀର ରାଧାରାଣୀପଡାର ପ୍ରଦୀପ କୁଅଁର ଏବଂ ରଶ୍ମିତା କୁଅଁର ଶୀତଳ ଷଷ୍ଠୀ ପୂଜାରେ କନ୍ୟାଦାନ କରୁଛନ୍ତି।

ସରିଲା ବିବାହ, ଯୁଗଳ ଦର୍ଶନ ଦେଲେ ଦେବଦମ୍ପତି

- ଆଜି ସହର ପରିକ୍ରମା କରିବ ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା

ମୃତକଙ୍କ ପରିବାରକୁ ୨୦ଲକ୍ଷ ଦିଅ:ଭାଜପା

କଣ୍ଟାବାଞ୍ଜି, ୨୫।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ପାଟଣାଗଡ ତମିଆ ଛକରେ ବୁଧବାର ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶିଙ୍କ କାର (ନଂ.ଓଡି୦୩ଏକ୍ସ ୪୬୧୩)ଧକ୍କାରେ ଇନ୍ଦପୁର ଗ୍ରାମର ଟଙ୍କଧର ବିଶ୍ୱାଳଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାରକୁ ୨୦ଲକ୍ଷଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଯୋଗାଇ ଦେବାକୁ ଭାଜପା ଦାବି କରିଛି। ଗୁରୁବାର କଣ୍ଟାବାଞ୍ଜିଠାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଦଳର ଜିଲା ସଭାପତି ଶିବାଜୀ ମହାନ୍ତି ଏକ ଖବରଦାତା ସମ୍ମିଳନୀ କରି ଉପରୋକ୍ତ ଦାବି କରିଛନ୍ତି। ସେ ଆହୁରି ଅଭିଯୋଗ କରିଛନ୍ତି ଯେ, ଯଦି ଦୁର୍ଘଟଣା ସମୟରେ ସାଂସଦ ବିଶି ଗାଡିରେ ଉପସ୍ଥିତ ନ ଥିଲେ ତେବେ ତାଙ୍କ ସୁରକ୍ଷା କର୍ମୀ କାହିଁକି ଉପସ୍ଥିତ ଥିଲେ । ଯଦି ସରକାର ମୃତକଙ୍କ ପରିବାରକୁ କ୍ଷତି ପୂରଣ ନ ଦିଅନ୍ତି ତେବେ ଭାଜପା ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ କହିଛନ୍ତି।

ସଂକ୍ଷେପରେ

ପାଓମେକ୍ସ ଅଧିକାରୀଙ୍କୁ ମରଣାନ୍ତକ ଆକ୍ରମଣ

ଟିଟିଲାଗଡ଼,୨୫।୫ (ଡି.ଏନ.ଏ): ବଲାଙ୍ଗୀର ଜିଲା ଟିଟିଲାଗଡ ସହର ଉପକଣ୍ଠ ଜଗୁଆ ପଞ୍ଚାୟତ ତୁର୍ଲା ସ୍ଥିତ ଗ୍ରାଫାଇଟ ଇଣ୍ଡିଆ ପାଓମେକ୍ସ କାରଖାନାର ଫିନିସିଙ୍ଗ ବିଭାଗ ମୁଖ୍ୟ ଯୁକ୍ତେଶ୍ୱର ମହାପାତ୍ରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ପୂର୍ବାହ୍ନରେ ସେ ତାଙ୍କ ବାସଭବନରୁ ମଧାହ୍ନ ଭୋଜନ ସାରି କାରଖାନାକୁ ଫେରୁଥିବା ବେଳେ କେତେକ ମୁଖା ପିନ୍ଧା ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏନେଇ ସମ୍ପୃକ୍ତ ଅଧିକାରୀ କାରଖାନା ପରିସରକୁ ଦୌଡି ପଳାଇ ନିଜ ଜୀବନ ବଞ୍ଚାଇ ଥିଲେ। ପରେ ଅନ୍ୟ ଅଧିକାରୀଙ୍କ ସହ ଟିଟିଲାଗଡ ଥାନାକୁ ଆସି ଲିଖିତ ଅଭିଯୋଗ କରିଛନ୍ତି। ଆକ୍ରମଣରେ ଅଧିକାରୀଙ୍କ ମୁହଁ ଏବଂ ମୁଣ୍ଡରେ ଆଘାତ ଲାଗିଛି। ଆକ୍ରମଣକାରୀଙ୍କ ମଧ୍ୟରୁ ଜଣକୁ ଅଧିକାରୀ ଚିହ୍ନି ପାରିଥିବା ପୋଲିସକୁ କହିଛନ୍ତି। ସୂଚନାଯୋଗ୍ୟ ଯେ, ୨୦୧୧ରେ କାରଖାନାର ଡିଜିଏମ ଆର.ଏସ. ରାୟଙ୍କୁ କାରଖାନା ନିକଟରେ ମରଣାନ୍ତକ ଆକ୍ରମଣ ସହ ତାଙ୍କ ଜିପରେ ନିଆଁ ଲଗାଇଦେବାରୁ ସେ ଜୀବନ୍ତ ଦଗ୍ଧ ହୋଇ ଯାଇଥିଲେ। ଗୁରୁବାର ସମାନ ଢଙ୍ଗରେ ଆକ୍ରମଣ ଘଟଣା ଆଲୋଡନ ସୃଷ୍ଟି କରିଛି।

ରେଳ ଷ୍ଟେଶନରେ ଡିସ୍‌ପ୍ଲେ ବୋର୍ଡ ଲଗାଅ

ଲାଠୋର,୨୫।୫(ଡି.ଏନ.ଏ.): ବଲାଙ୍ଗୀର ଜିଲା ହରିଶଙ୍କର ରୋଡ଼ ରେଳ ଷ୍ଟେଶନରେ ରହିଛି ୩ଟି ପ୍ଲାଟଫର୍ମ। ଦୁଇ ଓ ତିନି ନମ୍ବର ପ୍ଲାଟଫର୍ମରେ ଡିସପ୍ଲେ ବୋର୍ଡ଼ ନାହିଁ। ୧ନଂ ପ୍ଲାଟଫର୍ମରେ ଡିସପ୍ଲେ ବୋର୍ଡ଼ ମଧ୍ୟରୁ ୪ଟି ଖୁଣ୍ଟର ଡ଼ିସପ୍ଲେ କାମ କରୁ ନାହିଁ। ଫଳରେ ଯାତ୍ରୀମାନେ ବିଭିନ୍ନ ଏକ୍ସପ୍ରେସରେ ଯାତ୍ରା କଲା ବେଳେ କେଉଁ ବର୍ଥ କେଉଁଠି ଲାଗିବ ଜାଣିପାରୁ ନାହାନ୍ତି। ଏକ୍ସପ୍ରେସଗୁଡ଼ିକ କମ୍ ସମୟ ରହଣି କରୁଥିବା ହେତୁ ଯାତ୍ରୀମାନେ ଧାଁ ଦୌଡ କରି ଟ୍ରେନରେ ଚଢୁଛନ୍ତି ଓ ଓହ୍ଲାଉଛନ୍ତି। ବିଶେଷ କରି ବରିଷ୍ଠ ନାଗରିକମାନେ ରାତିରେ ଯାତାୟତ କଲା ବେଳେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ଷ୍ଟେଶନ ମାଷ୍ଟର ଦିନେଶ ବେହେରାଙ୍କୁ ପଚାରିବାରୁ ଆଗାମୀ ଦିନରେ ସମସ୍ତ ସମସ୍ୟାର ସମାଧାନ ହେବ ବୋଲି କହିଥିଲେ।

କଳାହାଣ୍ଡି ବିଶ୍ୱବିଦ୍ୟାଳୟକୁ ଉଚ୍ଚ ଶିକ୍ଷା ବିଭାଗର କାରଣ ଦର୍ଶାଅ ନୋଟିସ

ଭବାନୀପାଟଣା,୨୫।୫(ସ୍ୱ.ପ୍ର): କଳାହାଣ୍ଡି ବିଶ୍ୱବିଦ୍ୟାଳୟକୁ ଉଚ୍ଚ ଶିକ୍ଷା ବିଭାଗ କାରଣ ଦର୍ଶାଅ ନୋଟିସ ଜାରି କରିଛି। ଚଳିତ ମାସ ୨୩ ଓ ୨୪ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ଇ -ଆଡମିସନ ଟ୍ରେନିଂ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳ ସଚିବ ଅନୁପସ୍ଥିତ ଥିବାରୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ସେହିପରି କଳାହାଣ୍ଡି ବିଶ୍ୱବିଦ୍ୟାଳୟ ସମେତ ୮ଟି ଡିଗ୍ରୀ କଲେଜ ବି ନୂଆ ପଦ୍ଧତିରେ ହେବାକୁ ଇ-ଆଡମିଶନ ଟ୍ରେନିଂ କାର୍ଯ୍ୟକ୍ରମରେ ଅନୁପସ୍ଥିତ ଥିଲେ। ଏ ନେଇ ଆର୍ଟ ଡିଗ୍ରୀ କଲେଜ ଅଧକ୍ଷକଙ୍କୁ ବି ନୋଟିସ କରିଛି ଉଚ୍ଚ ଶିକ୍ଷା ବିଭାଗ। ଆସନ୍ତା ୨୯ ତାରିଖ ସୁଦ୍ଧା ନୋଟିସର ଜବାବ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ସରପଞ୍ଚଙ୍କ ମନମୁଖି କାର୍ଯ୍ୟ ଅଭିଯୋଗରେ ଜିଲାପାଳଙ୍କୁ ଦାବିପତ୍ର

ନୂଆପଡା ଅଫିସ,୨୫।୫: ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ସରପଞ୍ଚ ଜୟନ୍ତିମଲା ପ୍ରଧାନ ଏକ ବର୍ଷ କାର୍ଯ୍ୟକାଳ ମଧ୍ୟରେ ନିଜ ମନମୁଖୀ କାର୍ଯ୍ୟ କରିବା ସହ ପଞ୍ଚାୟତ ପାଣ୍ଠିକୁ ନିଜ ମନମୁଖୀ ଖର୍ଚ୍ଚ କରି ୱାର୍ଡ ସଭ୍ୟା/ସଭ୍ୟମାନଙ୍କୁ ହିସାବ ନ ଦେବା ଓ ପଚାରିଲେ ଅସଭ୍ୟ ବ୍ୟବହାର କରିବା ଆଦି ଅଭିଯୋଗ କରି ଗୁରୁବାର ନୂଆଗାଁ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟା/ସଭ୍ୟ ଜିଲାପାଳ ହେମକାନ୍ତ ସାଏଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲାପାଳ ସାଏ ଏହାର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ୱାର୍ଡ ସଭ୍ୟଙ୍କ କହିବା ମୁତାବକ ସରପଞ୍ଚ ନିର୍ବାଚିତ ହୋଇ ପଦବୀରେ ରହିଲା ଦିନ ଠାରୁ ତାଙ୍କ ଦିଅର ସବୁ କାର୍ଯ୍ୟ ବୁଝାସୁଝା କରୁଛନ୍ତି। ଗତ ୨୩ ରେ ପଞ୍ଚାୟତରେ ଏକ ବୈଠକ ହୋଇଥିଲା। ସେହି ବୈଠକରେ ହିସାବ ମାଗିବାରୁ ସରପଞ୍ଚ ବୈଠକରୁ ଉଠି ଯାଇଥିଲେ । ତେଣୁ କରି ସମସ୍ତ ୱାର୍ଡ ସଭ୍ୟା ସଭ୍ୟ ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇ ଉଚିତ ପଦକ୍ଷେପ ନେବା ପାଇଁ ଦାବି କରିଛନ୍ତି।

ପଟ୍ଟା ମିଳିଛି, ଜମି ଚିହ୍ନଟ ହେଉନି

ଲୋଇସିଂହା, ୨୫।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ୩୪ ନଂ ଜିଲା ପରିଷଦ ଜୋନ ଅଧୀନ କେତେକ ଗ୍ରାମର ଶତାଧିକ ଭୂମିହୀନ ପରିବାରକୁ ସ୍ଥାନୀୟ ତହସିଲି ପକ୍ଷରୁ ପଟ୍ଟା ପ୍ରଦାନ କରାଯାଇଛ । ହେଲେ ତହସିଲ ପକ୍ଷରୁ ପଟ୍ଟାଧାରୀଙ୍କୁ ଜମି ଚିହ୍ନଟ କରାଯାଉନାହିଁ । ଫଳରେ ସରକାରଙ୍କ ଆବାସ ଯୋଜନାରୁ ସେମାନେ ବଞ୍ଚିତ ହେଉଛନ୍ତି। ପଟ୍ଟାଧାରୀମାନେ ଜମି ଚିହ୍ନଟ ପାଇଁ ତହସିଲ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ଜିଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦ୍ୱାରସ୍ଥ ହେଲେ ମଧ୍ୟ ସୁଫଳ ପାଇ ନ ଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ପଟ୍ଟାଧାରୀ ଭୂମିହୀନ ପରିବାରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସରଗାଡ ପଞ୍ଚାୟତ ଅନ୍ତର୍ଗତ ସିଂହାଣୀମୁଣ୍ଡା ଗ୍ରାମର ୪୦ଜଣ ଭୂମିହୀନକୁ ୩୦ବର୍ଷ ହେଲା ପଟ୍ଟା ପ୍ରଦାନ କରାଯାଇଛି। ସେହିପରି ରତାଖଣ୍ଡି ପଞ୍ଚାୟତ ସଦର ଗ୍ରାମର ୩୫ ଭୂମିହୀନଙ୍କୁ ମଧ୍ୟ ପଟ୍ଟା ମିଳିଛି । ବାନିପାଲି ଗ୍ରାମର ୩୫ ଜଣ ଏବଂ କୁଶମେଲ ଗ୍ରାମରେ ୫୦, ବରକାନି ଗ୍ରାମର କେତେକ ଭୂମିହୀନ ପରିବାର ଦୀର୍ଘ ୩୦ ବର୍ଷ ହେଲା ପଟ୍ଟା ଧରି ବସିଛନ୍ତି। ଜମି ଚିହ୍ନଟ କରାଯାଉ ନ ଥିବାରୁ ଘର ପାଇଁ ବାରଦ୍ୱାର ହେଉଛନ୍ତି। ନିଜସ୍ୱ ଜମି ନଥିବାରୁ ଆବସ ଘର, ବିଜୁ ପକ୍କାଘର ପାଇବାରୁ ସେମାନେ ବଞ୍ଚିତ ହେଉଛନ୍ତି। ସମ୍ପୃକ୍ତ ଅଞ୍ଚଳର ପଟ୍ଟାଧାରୀ ଜିଲା ପରିଷଦ ସଭ୍ୟା ସଂଯୁକ୍ତା ବରିହାଙ୍କୁ ଭେଟି ଜଣାଇଛନ୍ତି। ଜିଲା ପରିଷଦ ସଭ୍ୟା ବରିହା କହିଛନ୍ତି, ତହସିଲ ଓ ଜିଲା ପ୍ରଶାସନକୁ ଭେଟିବା ସହ ଲିଖିତ ଭାବେ ଜଣାଇଛୁ । ତେବେ ଜମି ଚିହ୍ନ ପାଇଁ ଦିନ ଗଡାଇ ଚାଲିଛି ପ୍ରଶାସନ । ଖୁବ୍‌ଶୀଘ୍ର ପଟ୍ଟାଧାରୀଙ୍କୁ ଧରି ତହସିଲ ଅଫିସ ଘେରାଉ କରାଯିବ ବୋଲି ସେ କହିଛନ୍ତି।

ଉତ୍କଳମଣୀ ହାଇସ୍କୁଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଉନ୍ନୀତ

ଲୋଇସିଂହା,୨୫।୫(ଡି.ଏନ.ଏ)

୧୯୬୨ ମସିହାରେ ପ୍ରତିଷ୍ଠ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ସାଲେଭଟା ସ୍ଥିତ ଉତ୍କଳମଣୀ ହାଇସ୍କୁଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଉନ୍ନୀତ ହୋଇଛି। ସମଗ୍ର ଶିକ୍ଷା ଅଭିଯାନ ମାଧ୍ୟମରେ ୨୦୨୩-୨୪ ଶିକ୍ଷାବର୍ଷରୁ ଏଠାରେ ଯୁକ୍ତ୨ କଳା ବିଭାଗ ଖୋଲିବ। ଏଠାରେ ଆଗଲପୁର ବ୍ଲକ ଜୋନ ୨ ଅନ୍ତର୍ଗତ କେତେକ ପଞ୍ଚାୟତ ଏବଂ ସୁବର୍ଣ୍ଣପୁର ଜିଲା ଡୁଙ୍ଗରିପାଲି ବ୍ଲକର କେତେକ ପଞ୍ଚାୟତର ଛାତ୍ରୀଛାତ୍ର ଉପକୃତ ହେବେ। ଏହାକୁ ନେଇ ଅଭିଭାବକ ମହଲରେ ଖୁସିର ଲହରୀ ଖେଳିଯାଇଛି। ସାଲେଭଟାରେ ବାଳିକା, ବାଳକ ହାଇସ୍କୁଲ ସମେତ ସରସ୍ୱତୀ ଶିଶୁ ମନ୍ଦିର ପରି କେତେକ ଘରୋଇ ଶିକ୍ଷାନୁଷ୍ଠାନ ରହିଛି। ଏଠାରେ କଲେଜ ନ ଥିବାରୁ ଏଠାକାର ଛାତ୍ରୀଛାତ୍ର ଲୋଇସିଂହା, ରୋତ କିମ୍ବା ସୁବର୍ଣ୍ଣପୁର ଜିଲା ଡୁଙ୍ଗରିପାଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପାଇଁ ଯାଇଥାନ୍ତି। ସାଲେଭଟାରେ କଲେଜ ପ୍ରତିଷ୍ଠା ପାଇଁ ୧୯୯୦ ଦଶକରୁ ଉଦ୍ୟମ ଚାଲିଥିଲା। ଗୁରୁବାର ରାଜ୍ୟର ୯୨ ହାଇସ୍କୁଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳକୁ ଉନ୍ନୀତ ପାଇଁ ଓଡିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଭିତ୍ତିଭୂମି ପାଇଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଉନ୍ନୀତ ବିଦ୍ୟାଳୟ ପିଛା ୧୬.୫୦ ଲକ୍ଷ ଖର୍ଚ୍ଚ କରାଯିବ। ଏହା ଜଣା ପଡିବା ପରେ ଯୁବନେତା ଆକାଶ ମିଶ୍ର କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଜିଲା ପରିଷଦ ଅଧ୍ୟକ୍ଷ ଦେବକୀ ସାହୁ ଜିଲାପାଳ ଏବଂ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ହତ୍ୟାର ଶିକାର ବ୍ୟକ୍ତିଙ୍କ ପରିବାରକୁ ମିଳିଲା ସହାୟତା

ବୁଦ୍ଧଦେବଙ୍କ ପରିବାରକୁ ଗ୍ରାମବାସୀ ସହାୟତା ପ୍ରଦାନ କରୁଛନ୍ତି।

ସଇଁତଳା, ୨୫।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଳା ଥାନା ଅନ୍ତର୍ଗତ ଦେଓଗାଁ ଗ୍ରାମର ବୁଦ୍ଧଦେବ ନାଗଙ୍କୁ ଗତ ୨୨ ତାରିଖ ବିଳମ୍ବିତ ରାତିରେ ପଥରରେ ଛେଚି ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘରର ଏକମାତ୍ର ରୋଜଗାରକ୍ଷମ ବୁଦ୍ଧଦେବଙ୍କ ମୃତ୍ୟୁ ପରେ ତାଙ୍କ ସାନ ଭାଇ ହେମସାଗର ନାଗ ଓ ମା' ମହିମା ନାଗ ଅସହାୟ ହୋଇପଡ଼ିଛି। ବୟସାଧିକ୍ୟ କାରଣରୁ ମା' ଘରେ ପଡି ରହିଥିବା ବେଳେ ସାନଭାଇ ହେମସାଗରଙ୍କ ମାନସିକ ରୋଗ ରହିଥିବା ଗ୍ରାମବାସୀ କହିଛନ୍ତି। ଏବେ ବୁଦ୍ଧଦେବଙ୍କ ଶୁଦ୍ଧିକ୍ରିୟା କରିବାକୁ ପରିବାର ପାଖରେ ଟଙ୍କା ନାହିଁ। ଶୁଦ୍ଧକ୍ରିୟା ପାଇଁ ଗ୍ରାମବାସୀ ଚାନ୍ଦା କରି ୯ ହଜାର ଟଙ୍କା, ଗ୍ରାମର ସମୀର ପୁରୋହିତ ୫୦ କେଜି ଚିନି ଓ ରିଙ୍କୁ ଯୋଷୀ ଗୋଟିଏ ଟିଣ ତେଲ ପ୍ରଦାନ କରିଛନ୍ତି। ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥିବା ବୁଦ୍ଧଦେବଙ୍କ ଅନ୍ୟ ଦୁଇ ଭାଇ ଧ୍ରୁବ ନାଗ ଓ ପ୍ରସନ୍ନ ନାଗ ଭାଇଙ୍କ ମୃତ୍ୟୁ ଖବର ପାଇ ଗ୍ରାମକୁ ଆସିଛନ୍ତି। ଗୁରୁବାର ଗ୍ରାମର ନିତ୍ୟାନନ୍ଦ ଯୋଷୀ, ଅମୂଲ୍ୟ ନାଗ, ନିଲନ ନାଗ, ସମୀର ପୁରୋହିତ, ରିଙ୍କୁ ଯୋଷୀ, କାଳିଆ କୁମ୍ଭାର, ପରମାନନ୍ଦ ବେଷ୍ଟକାରଙ୍କ ସମେତ ବହୁ ଗ୍ରାମବାସୀ ବୁଦ୍ଧଦେବଙ୍କ ଘରକୁ ଯାଇ ରାଶନ ସାମଗ୍ରୀ ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ବୁଦ୍ଧଦେବଙ୍କ ମା'ଙ୍କୁ ଆବାସ ଯୋଜନାରେ ଘର ସହ ବାର୍ଦ୍ଧକ୍ୟ ଭତ୍ତା ତଥା ରାଶନ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଆଜୀବନ ଦଣ୍ଡ ଭୋଗୁଥିବା କଏଦୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ବଲାଙ୍ଗୀର ଅଫିସ, ୨୫।୫: ବଲାଙ୍ଗୀର ଜିଲା କାରାଗାରରେ ଆଜୀବନ ଦଣ୍ଡ ଭୋଗୁଥିବା ଜଣେ କଏଦୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଗୁରୁବାର ମୃତ୍ୟୁ ଘଟିଛି। ମୃତ କଏଦୀ ହେଲେ ବେଲପଡା ଥାନା ସର୍ଗିଗୁଡା ଗାଁର ସୁନାଧର ବାଗ (୭୦)। ଗୁରୁବାର ସକାଳେ ସୁନାଧର ଅସୁସ୍ଥ ହୋଇପଡିବାରୁ ତାଙ୍କୁ ଜିଲା କାରାଗାରରୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ଥିତି ଉଦ୍‌ବେଗଜନକ ହେବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ତେବେ ଅପରାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ସୁନାଧରଙ୍କ ମୃତ୍ୟୁ ହୋଇଯାଇଥିବା ଜେଲ ଅଧୀକ୍ଷକ ସର୍ବେଶ୍ୱର ସାହ ସୂଚନା ଦେଇଛନ୍ତି। ୨୦୦୭ ମସିହାରେ ସର୍ଗିଗୁଡା ଗାଁର ଜଣେ ୧୧ ବର୍ଷୀୟା ନାବାଳିକାଙ୍କୁ ହତ୍ୟା ମାମଲାରେ ସେ ଦୋଷୀ ସାବ୍ୟସ୍ତ ହୋଇ ଜେଲରେ ରହିଥିଲେ।

ଭିନ୍ନକ୍ଷମ ଚିହ୍ନଟ ଶିବିର

ଦେଓଗାଁ,୨୫।୫(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କଛାରପାଲି ପ୍ରାଥମିକ ବିଦ୍ୟାଳୟରେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଘରକୁ ଘର ବୁଲି ଭିନ୍ନକ୍ଷମ ଚିହ୍ନଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭିନ୍ନକ୍ଷମମାନଙ୍କୁ ତ୍ୱରିତ ସହାୟତା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରାଲିଗାଲ ସ୍ୱେଚ୍ଛାସେବୀ ସଦସ୍ୟା ବିଦ୍ୟୁତ୍‌ଲତା ଖମାରୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ବିନୟ କୁମାର ପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏ ପରିପେକ୍ଷୀରେ ଭିନ୍ନକ୍ଷମଙ୍କୁ ଚିହ୍ନଟକରି ତ୍ୱରିତ ସହାୟତା ଯୋଗାଇ ଦେବାକୁ ଉପସ୍ଥିତ ଅଧିକାରୀ ଓ ବିଏସଏସଓ ସୁଶାନ୍ତ କୁମାର ବାଗ, ଜୋନାଲ ଓକିଲ ଦିଲିପ କୁମାର ପଣ୍ଡା, ପ୍ରକାଶ କୁମାର ସେଠ, ସାମାଜିକ କର୍ମୀ ସଞ୍ଜିବ କୁମାର ସାହୁଙ୍କୁ ସେ ପରାମର୍ଶ ଦେଇଥିଲେ। ୧୫ ଜଣ ଭିନ୍ନକ୍ଷମଙ୍କୁ ଚିହ୍ନଟକରି ସହାୟତା ଉପକରଣ ବଣ୍ଟନ କରାଯାଇଥିଲା। ଜିଲାଜଜ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଏହି ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଥିଲା ।

ତଦନ୍ତ କଲେ ଭାରପ୍ରାପ୍ତ ସିଡିଏମ୍ଓ

କଣ୍ଟାବାଞ୍ଜି, ୨୫।୫ (ଡି.ଏନ.ଏ.)

ନବଜାତକ ମୃତ୍ୟୁ ଘଟଣା

- ଡାକ୍ତରଙ୍କ କାର୍ଯ୍ୟକୁ ନେଇ ଉଦ୍‌ବେଗ ପ୍ରକାଶ କଲେ
- ୫-ଟିରେ ନିର୍ମିତ ଆମ ହସ୍ପିଟାଲ କାର୍ଯ୍ୟର ତଦାରଖ

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସରକାରୀ ଡାକ୍ତରଖାନାରେ ଗତ ବୁଧବାର ଏକ ନବଜାତ ଶିଶୁର ମୃତ୍ୟୁ ଘଟଣା ଘଟିଥିଲା। ଡାକ୍ତରଙ୍କ ଅବହେଳା ଯୋଗୁ ଶିଶୁର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗର ତଦନ୍ତ କରିବା ପାଇଁ ଗୁରୁବାର ଭାରପ୍ରାପ୍ତ ସିଡିଏମ୍ଓ ଡା କୁବେର ଚନ୍ଦ୍ର ମହନ୍ତ କଣ୍ଟାବାଞ୍ଜି ହସ୍ପିଟାଲ ପହଞ୍ଚିଥିଲେ। ଏହା ସହିତ ସିଡିଏମ୍ଓ ହସ୍ପିଟାଲ ପରିସରରେ ୫-ଟିରେ ନିର୍ମିତ ଆମ ହସ୍ପିଟାଲ କାର୍ଯ୍ୟର ତଦାରଖ ମଧ୍ୟ କରିଥିଲେ। ଜିଲାପାଳ ଚଞ୍ଚଳ ରାଣାଙ୍କ ନିର୍ଦ୍ଦେଶ ଅନୁସାରେ ନିର୍ମାଣ କାର୍ଯ୍ୟ ୧୫ ଦିନ ମଧ୍ୟରେ ସମ୍ପୂର୍ଣ୍ଣ କରି ବିଭାଗକୁ ହସ୍ତାନ୍ତର କରାଯିବ ବୋଲି କହିଥିଲେ। ନିର୍ମାଣ କାର୍ଯ୍ୟ ମନ୍ଥର ଚାଲିଥିବା ନେଇ ଭାରପ୍ରାପ୍ତ ସିଡିଏମଓ କ୍ଷୋଭ ପ୍ରକାଶ କରିଥିଲେ ।

ପ୍ରାପ୍ତ ସୂଚନା ଅନୁଯାୟୀ ବୁଧବାର କଣ୍ଟାବାଞ୍ଜି ଉପକଣ୍ଠସ୍ଥ ଧାମନଡଙ୍ଗା ଗାଁର ମଦନ ମାଝିଙ୍କ ସ୍ତ୍ରୀ ପ୍ରଭାତିଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ତାଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ତେବେ ବିଭାଗୀୟ ଡାକ୍ତର ଠିକ୍ ଭାବେ ଚିକିତ୍ସା କରି ନ ଥିବାରୁ ନବଜାତ ଶିଶୁର ମୃତ୍ୟୁ ହୋଇଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାକୁ ନେଇ ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା । ମଦନ ମାଝିଙ୍କ ଅଭିଯୋଗ ଅନୁସାରେ ସକାଳୁ ତାଙ୍କ ସ୍ତ୍ରୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଅପରାହ୍ନ ସାଢେ ଚାରିଟାରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ଆସି ପୁତସନ୍ତାନ ଜନ୍ମ ହେଇଛି ଓ ତାର ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା କହିଥିଲେ। ପରେ ନବଜାତକର ମୃତ୍ୟୁ ହୋଇଥିବା ମଦନ ଓ ପରିବାର ଲୋକେ ଜାଣିବା ପରେ ଡାକ୍ତରଙ୍କ ଅବହେଳାରୁ ଏଭଳି ସ୍ଥିତି ଉପୁଜିଛି ବୋଲି ଅଭିଯୋଗ କରିଥିଲେ। ଏନେଇ ଖବର ପରିବେଷଣ ପରେ ଭାରପ୍ରାପ୍ତ ସିଡିଏମ୍ଓ ଡା ମହନ୍ତ ଡାକ୍ତରଖାନାରେ ପହଞ୍ଚ ଅଭିଯୋଗର ତଦାରଖ କରିଥିବା ଜଣାପଡିଛି। ତେବେ ଏନେଇ ସେ ଡାକ୍ତରଙ୍କ କାର୍ଯ୍ୟକଳାପକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିବା ଜଣାପଡିଛି।

୫୦ କିମି ଗ୍ରାମ୍ୟ ରାସ୍ତାକୁ ଅନୁମୋଦନ

ବଲାଙ୍ଗୀର ଅଫିସ, ୨୫।୫

ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ରଙ୍କ ଦ୍ୱାରା ପ୍ରସ୍ତାବିତ ୫୦ରୁ ଉର୍ଦ୍ଧ୍ୱ କିଲୋମିଟର ଗ୍ରାମ୍ୟ ରାସ୍ତାକୁ ଅନୁମୋଦନ କରାଯିବା ସହ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରାଯାଇଛି। ଅନୁମୋଦନ ଲାଭ କରିଥିବା ରାସ୍ତାଗୁଡିକ ହେଲା ମହଲେଇରୁ ବଗଡା ଉଚ୍ଚ ବିଦ୍ୟାଳୟ ଦେଇ ବାବିଯୋର ରାସ୍ତା, କୁଲିଆବାହାଲ ପଞ୍ଚାୟତ ସମିତି ରାସ୍ତାର ୮ କିଲୋମିଟର, ଲୁହାଖାନରୁ ଦେଷଣ୍ଟ ପୂର୍ତ୍ତ ବିଭାଗ ଛକ ଦେଇ କୁକ୍ରିମହୁଲ ୭.୫ କିମି ପଞ୍ଚାୟତ ରାସ୍ତା, ସାଗରପାଲି-ଦେଓଗାଁ ରେଲୱେ ଷ୍ଟେଶନ ଦେଇ ଚନ୍ଦ୍ରପୁରରୁ ଜରାସିଂହା ଯାଏ ୬ କିମି, ବଲାରପାଲି ଛକରୁ ଭିମଡୁଙ୍ଗୁରି କୁଦେଇମାଲ, ବନ୍ଧପାଲି ଏବଂ ଥାଲବନ୍ଧ ପଞ୍ଚାୟତ ସମିତି ରାସ୍ତା ପର୍ଯ୍ୟନ୍ତ ୭ କିମି, ପୂର୍ତ୍ତବିଭାଗ ମାଲପଡା ଛକରୁ କେନ୍ଦୁଘାଟ ଦେଇ ବଡବାହାଲ ରେଙ୍ଗାଲପଡା ପଞ୍ଚାୟତ ସମିତି ୭ କିମି, ଜାତୀୟ ରାଜପଥ ୨୬ରୁ ବରକାନୀ ଖରସେଲ ଡୁଙ୍ଗୁରି ଦେଇ ଝାରମୁଣ୍ଡା ଏବଂ ଉଡାର ପର୍ଯ୍ୟନ୍ତ ୭ କିମି ରାସ୍ତା। ଏହାସହିତ ପଳର୍ତ୍ତ ବିଭାଗ ରାସ୍ତାରୁ ଚାନ୍ଦଲି ପାହାଡ ୫ କିମି, କୁଡାସିଂହା ସିରସ ଠାରୁ କୁତୁର୍ଲା ପର୍ଯ୍ୟନ୍ତ ୫ କିମି, ଗୌରଗୋଠ ଦେଇ ରତାଖଣ୍ଡି ଏବଂ କୁଲିଆବାହାଲ-ବର୍ଲା ରାସ୍ତା ଅନୁମୋଦନ ଲାଭ କରିଥିବା ଜଣାପଡିଛି। ଏହି ଅନୁମୋଦନ ପରେ ଏ ସମସ୍ତ ଅଞ୍ଚଳରେ ଦାବି ମୁତାବକ ଲୋକମାନଙ୍କର ଆଶାପୂରଣ ହୋଇଥିବାରୁ ସେ ଅଞ୍ଚଳର ଲୋକେ ଏ ରାସ୍ତା ଗୁଡିକରୁ ନିଜର ଅର୍ଥନୈତିକ ବିକାଶ କରିପାରିବେ ବୋଲି ବିଧାୟକ ମିଶ୍ର ଜରାସିଂହା ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି। ବୁଧବାର ବିଧାୟକ ମିଶ୍ର ନିଜ ଜରାସିଂହା ଗସ୍ତ ସମୟରେ ସେଠାରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ପଥେଇ ଦୁର୍ଗା ମଣ୍ଡପ, ଶାନ୍ତିପଡା କ୍ଲବ ଉନ୍ନତିକରଣ ର ଉଦ୍ଘାଟନ ଅବସରରେ ଲୋକମାନଙ୍କୁ ଏ ସମସ୍ତ ରାସ୍ତା ଗୁଡିକ ନିର୍ମାଣ ପାଇଁ ଅନୁମୋଦନ ଆସିଯାଇଥିବା ସୂଚନା ଦେଇଥିଲେ। ଜରାସିଂହା ଗସ୍ତ ସମୟରେ ବିଧାୟକଙ୍କ ସହ ଦୁର୍ଗା ପ୍ରସାଦ ସିଂଦେଓ, ଅମିତ ତ୍ରିପାଠୀ, ନରସିଂହ ଦଣ୍ଡସେନା, ଦୁର୍ଯ୍ୟୋଧନ ମେହେର, କରୁଣା ମେହେର, ଅଂଶୁମାନ କର୍ତ୍ତି, ପ୍ରମୋଦ ସିଂ ନିନା, ଅନ୍ତ ବେହେରା, ବୃନ୍ଦାବନ ଭୋଇ ଉପସ୍ଥିତ ଥିଲେ।

ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଜରାସିଂହା ଠାରେ ଜନସାଧାରଣଙ୍କ ସହ ଆଲୋଚନା କରୁଛନ୍ତି।

ଉନ୍ନତ ଗମନାଗମନ ଅର୍ଥନୈତିକ ବିକାଶର ସହାୟକ ହୋଇଥାଏ: ନରସିଂହ

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୬ ମେ ୨୦୨୩

ଦୈନିକ ବଜାରରେ ଅଗ୍ନିକାଣ୍ଡ

ବରଗଡ଼ ଅଫିସ୍: ବରଗଡ଼ ସହର ପେଣ୍ଠସ୍ଥଳୀରେ ରହିଥିବା ଦୈନିକ ବଜାର(ହାଟପଡା)ରେ ଶୁକ୍ରବାର ରାତି ପ୍ରାୟ ୧୦ଟା ୪୫ରେ ଅଗ୍ନିକାଣ୍ଡ ଘଟିଛି। ୧୦ରୁ ଊର୍ଦ୍ଧ୍ୱ ଦୋକାନ ଜଳିଯାଇଛି। ଅଗ୍ନିକାଣ୍ଡ ଯୋଗୁ ଲକ୍ଷାଧିକ ପରିମାଣର ସାମଗ୍ରୀ ନଷ୍ଟ ହୋଇଛି ବୋଲି ଦୋକାନୀମାନେ କହିଛନ୍ତି । ତେବେ କିଭଳି ସ୍ଥିତିରେ ଅଗ୍ନିକାଣ୍ଡ ଘଟିଲା, ତାହା ଜଣାପଡ଼ିନାହିଁ। ବିଦ୍ୟୁତ ଶଟସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟିଥାଇ ପାରେ ବୋଲି ଅନୁମାନ କରାଯାଉଛି। ବରଗଡ଼ ଅଗ୍ନିଶମ କେନ୍ଦ୍ରର କର୍ମଚାରୀ ପହଞ୍ଚି ଅଗ୍ନି ନିର୍ବାପନ କରୁଛନ୍ତି। ଖବର ଲେଖାହେବା ସୁଦ୍ଧା(ରାତି ସାଢ଼େ ୧୧ଟା ପର୍ଯ୍ୟନ୍ତ) ଅଗ୍ନି ନିର୍ବାପନ ଜାରି ରହିଛି। ଘଟଣାସ୍ଥଳରେ ପୋଲିସ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଅଛନ୍ତି।

ସଂକ୍ଷେପରେ

ଗଛରୁ ଝୁଲନ୍ତା ମୃତଦେହ ଜବତ

ବରଗଡ଼ ଅଫିସ୍,୨୫।୫: ବରଗଡ଼ ଜିଲା ଭଟଲି ଥାନା ବାଞ୍ଜିପାଲି ଗ୍ରାମ ସିରେଲ ନାଳା ପାଖରେ ରହିଥିବା ଏକ ଗଛରୁ ଗୁରୁବାର ସକାଳେ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରାଯାଇଛି। ମୃତକଙ୍କ ପରିଚୟ ମିଳିପାରି ନାହିଁ। ଭଟଲି ଥାନା ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନା ପଠାଇଛି। ମୃତଦେହ ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ଏ ନେଇ ଭଟଲି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ସ୍ଥାନୀୟ ଶ୍ରମିକମାନେ ଧାନ କାଟିବାକୁ ଯାଇଥିବାବେଳେ ଗଛରେ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ।

ଇପିକଲ ପରିଚାଳନା ନିର୍ଦ୍ଦେଶକଙ୍କ ସୁବର୍ଣ୍ଣପୁର ଜିଲା ଗସ୍ତ

ସୋନପୁର,୨୫।୫(ନି.ପ୍ର.): ସୁବର୍ଣ୍ଣପୁର ଜିଲା ନୋଡାଲ ଅଫିସର ଦାୟିତ୍ୱରେ ଥିବା ସଚିବ ତଥା ଇପିକଲ ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦ୍ର ସିଂ ପୁନିଆ ଗୁରୁବାର ଦିନିକିଆ ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସିଥିଲେ । ପୁନିଆ ଜିଲାର ବିଭିନ୍ନ ଅଞ୍ଚଳରେ ଚାଲୁଥିବା ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟର କ୍ଷେତ୍ର ପରିଦର୍ଶନ କରିଥିଲେ । ସୁବର୍ଣ୍ଣପୁର ପୌରପରିଷଦ ଅନ୍ତର୍ଗତ କୁମ୍ଭାରପଡା ଓ ଖଦାଳପଡ଼ା, ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ମୁଣ୍ଡୋଘାଟ, ସୋନପୁର ବ୍ଲକ ଅନ୍ତର୍ଗତ କଳାପଥର, ହରଡ଼ଖୋଲ, ଖାରୀ ଓ ଖରଜୁରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ମହୁଲେଠାରେ ଥିବା ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ର ପରିଦର୍ଶନ କରିଥିଲେ । ଖାରୀ ପଞ୍ଚାୟତ ବଡ଼ବାହାଲିସ୍ଥିତ ଛତୁଆ ଉତ୍ପାଦନ କେନ୍ଦ୍ର ପରିଦର୍ଶନ କରି କେନ୍ଦ୍ରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ପରାମର୍ଶ ଦେଇଥିଲେ । ତରେଇକେଲାଠାରେ ନିର୍ମାଣାଧୀନ ଏମଏସଏମଇ ପାର୍କ ସହ ସାହାଜପିଟାଠାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ସୀତାରାମ ଛତୁ ଚାଷ ଓ ମଞ୍ଜି ଉତ୍ପାଦନ କେନ୍ଦ୍ର ତଥା ୫ ଟି ରେ ରୂପାନ୍ତରଣ ଗଙ୍ଗାଧର ମେହେର ଉଚ୍ଚବିଦ୍ୟାଳୟ ସାଗରପାଲି ପରିଦର୍ଶନ କରିଥିଲେ । ପରେ ତରଭା ବ୍ଲକ ଅନ୍ତର୍ଗତ ପାଣିମୁରାଠାରେ ନିର୍ମାଣାଧୀନ ଇଥାନଲ ପ୍ଲାଣ୍ଟ ପରିଦର୍ଶନ ଥିଲେ । ସଚିବଙ୍କ କ୍ଷେତ୍ର ପରିଦର୍ଶନ ସମୟରେ ଭାରପ୍ରାପ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ନିହାର ରଞ୍ଜନ କହଁର, ଜିଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଜିଏମ ଡିଆଇସି ବଳଭଦ୍ର ନାୟକ, ସମାଜ ମଙ୍ଗଳ ଅଧିକାରୀ ରେଣୁବାଳା ଦାଶ, ସୋନପୁର ବିଡ଼ିଓ ସୌମ୍ୟ ରଞ୍ଜନ ସ୍ୱାଇଁ, ଉଲୁଣ୍ଡା ବିଡିଓ କରିସ୍ମା ବେସ୍ରା, ଜିଲା ସଂଯୋଜକ ମିଶନ ଶକ୍ତି କାର୍ତ୍ତିକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

କଟ୍‌ନୀ ହେଲେ କାର୍ଯ୍ୟାନୁଷ୍ଠାନ

- ରବିଧାନ ସଂଗ୍ରହ ପାଇଁ ତ୍ରିପାକ୍ଷିକ ଆଲୋଚନା
- ଆଲୋଚନା ସକରାତ୍ମକ: କୃଷକ ସଙ୍ଗଠନ

ପଦ୍ମପୁର, ୨୫।୫(ଡି.ଏନ.ଏ.)

ଉପଜିଲାପାଳ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ପ୍ରଶାସନିକ ଅଧିକାରୀଙ୍କ ସହ ଚାଷୀ ସଂଗଠନ କର୍ମକର୍ତ୍ତା ଓ ମିଲର୍ସ।

ରବିରତୁରେ ବରଗଡ଼ ଜିଲା ପଦ୍ମପୁର ଆରଏମସି ତତ୍ତ୍ୱାବଧାନରେ ୬ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ମେ ୧୨ରୁ ମଣ୍ଡି ଖୋଲି ୨ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ହୋଇ ସାରିଲାଣି। ପୂର୍ବ ବର୍ଷ ପରି ବସ୍ତା ସମସ୍ୟା ଏବଂ କଟନୀ ଛଟନୀ ଫଳରେ ଚାଷୀ ମାନେ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ନିରୁତ୍ସାହିତ ହେଉଥିଲେ। ରାଜ ବୋଡାସମ୍ବର କୃଷକ ସଙ୍ଗଠନ ଏହି ସମସ୍ୟାର ସମାଧାନ ପାଇଁ ପ୍ରଶାସନକୁ ଲିଖିତ ଅନୁରୋଧ କରିଥିଲେ। ସଂଗଠନ ଅନୁରୋଧକ୍ରମେ ଜିଲାପାଳଙ୍କ ନିର୍ଦ୍ଦେଶରେ ଗୁରୁବାର ପଦ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ ପ୍ରକୋଷ୍ଠରେ ପ୍ରଶାସନ, ମିଲର୍ସ ଏବଂ ରାଜବୋଡାସମ୍ବର କୃଷକ ସଙ୍ଗଠନ ପ୍ରତିନିଧିଙ୍କ ମଧ୍ୟରେ ତ୍ରିପାକ୍ଷିକ ଆଲୋଚନା ହୋଇଥିଲା। ପ୍ରଶାସନ ସମ୍ମୁଖରେ କୃଷକ ସଙ୍ଗଠନ କ୍ୱାଲିଟି ନାଁରେ ୨ରୁ ୫ କେଜି କଟନୀ କରିବା ଏବଂ ବସ୍ତା ଚାଷୀଙ୍କୁ ନ ଫେରାଇବା ଅଭିଯୋଗ ରଖିଥିଲା। ପ୍ରଶାସନ ପକ୍ଷରୁ ମିଲର୍ସମାନଙ୍କୁ ଧାନ କିଣା କେନ୍ଦ୍ରରେ ବସ୍ତା ରଖିବା ଏବଂ ଧାନ ବିକ୍ରି ପରେ ଚାଷୀଙ୍କୁ ବସ୍ତା ଫେରସ୍ତ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସଫା ଏବଂ ଶୃଙ୍ଖଳା ଧାନ ମଣ୍ଡିକୁ ଆଣିବା ପାଇଁ ଚାଷୀମାନଙ୍କୁ କୁହାଯାଇଛି। ଯଦି କୌଣସି ମଣ୍ଡି ରେ ଏଫଏକ୍ୟୁ ଧାନ କଟନୀ କରାଯାଏ ତୁରନ୍ତ ଲିଖିତ ଅଭିଯୋଗ କରିବାକୁ ଉପଜିଲାପାଳ ପ୍ରକାଶ କରିଥିଲେ। ଆଲୋଚନା ସକରାତ୍ମକ ହୋଇଥିବା କୃଷକ ସଂଗଠନ ପକ୍ଷରୁ କୁହାଯାଇଛି। ଉପଜିଲାପାଳ ସଦକର କୁମ୍ଭାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପଦ୍ମପୁର ଏଆରସିଏସ୍, ଯୋଗାଣ ବିଭାଗ ଅଧିକାରୀ, ପଦ୍ମପୁର ମଣ୍ଡି କର୍ମଚାରୀ, ରାଇସ୍ ମିଲ୍ ପ୍ରତିନିଧି ଉପସ୍ଥିତ ଥିଲେ। ରାଜବୋଡାସମ୍ବର କୃଷକ ସଙ୍ଗଠନ ତରଫରୁ ବାଞ୍ଛାନିଧି ନାୟକ, ଅଶୋକ ସାହୁ, ଅଜିତ ଶତପଥୀ, ପଞ୍ଚାନନ ସାହୁ, ରୋହିତ ପଧାନ, ପ୍ରମୋଦ ରାୟ, ଅରବିନ୍ଦ ପଣ୍ଡା, ସରୋଜ ସାହୁ, ଲିଙ୍ଗରାଜ ପଧାନ, ପ୍ରଭାତ ସାହୁଙ୍କ ସହିତ ମାଧୋ ସିଂ ଆଞ୍ଚଳିକ କୃଷକ ସଙ୍ଗଠନ ସୋହେଲା ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

ସ୍କୁଟି ଉପରେ ଚଢ଼ିଗଲା ଟ୍ରକ୍, ବର୍ତ୍ତିଲେ ଆରୋହୀ

ବରଗଡ଼ ଅଫିସ୍,୨୫।୫

ବରଗଡ଼-ସୋହେଲା ରାସ୍ତାର ପଥର୍ଲା ଛକ ନିକଟରେ ଶୁକ୍ରବାର ଏକ ସଡ଼କ ଦୁର୍ଘଟଣା ଘଟିଛି । ଏକ ସ୍କୁଟି(ଓଡ଼ି୧୭ଜି ୭୬୨୧)ରେ ଜଣେ ଯୁବକ ସେଠାରେ ରାସ୍ତା ଅତିକ୍ରମ କରୁଥିବାବେଳେ ଅନ୍ୟଏକ ଟ୍ରକ(ନଂ- ଡବ୍ଲୁଏଚ୍ ୨୬ବିଇ ୯୩୮୭) ସ୍କୁଟି ଉପରେ ଚଢ଼ି ଯାଇଥିଲା। ଫଳରେ ସ୍କୁଟିଟି ଚୂରମାର୍ ହୋଇଯାଇ ଥିବାବେଳେ ସ୍କୁଟି ଆରେହୀ ଜଣକ ଟ୍ରକ ପଛଚକ ନିକଟରେ ଚାପି ହୋଇ ରହି ଯାଇଥିଲେ। ଟ୍ରକ ପଛଚକରେ ଗୋଡ଼ ଚାପି ରହିଥିବା ଯୋଗୁ ଯୁବକ ଜଣକ ବାହାରି ପାରି ନଥିଲେ । ପରେ ଜେକ୍ ଲଗାଇ ସ୍ଥାନୀୟ ଲୋକେ ତାଙ୍କୁ ସେଠାରୁ ଉଦ୍ଧାର ବରଗଡ଼ ଡାକ୍ତରଖାନାକୁ ଆଣିଥିଲେ। ଅନ୍ୟପଟେ ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ରାସ୍ତାରୋକ କରିଥିଲେ । ଫଳରେ ପ୍ରାୟ ଅଧଘଣ୍ଟା ଧରି ଯାତାୟାତ ଠପ୍ ହୋଇଥିଲା । ଘଟଣାସ୍ଥଳକୁ ପହଞ୍ଚି ପୋଲିସ ବୁଝାଶୁଝା କରିବା ପରେ ରାସ୍ତାରୋକ ହଟିଥିଲା। ଖବର ଲେଖାହେବା ସୁଦ୍ଧା(ରାତି ୮ଟା ପର୍ଯ୍ୟନ୍ତ) ମୃତକଙ୍କ ପରିଚୟ ମିଳି ନାହିଁ। ବରଗଡ଼ ସଦର ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି ।

ଟ୍ରକରେ ଚାପି ହୋଇଛି ସ୍କୁଟି ।

ବର୍ତ୍ତି ଯାଇଥିବା ସ୍କୁଟି ଆରୋହୀ ।

ବ୍ରାହ୍ମ ମୁହୂର୍ତ୍ତରେ ଦେବ ବିବାହ ସମ୍ପନ୍ନ

କନ୍ୟା ପିତାମାତା ଓ ବର ପିତାମାତା।

ବରବେଶରେ ମହାଦେବ

ପଦ୍ମପୁର, ୨୫।୫(ଡି.ଏନ.ଏ.)

ବରଗଡ ଜିଲା ପଦ୍ମପୁର ଶୀତଳ ଷଷ୍ଠୀ ମହୋତ୍ସବ କମିଟି ତରଫରୁ ଶ୍ରୀ ରାମେଶ୍ୱର ବାବା ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ସମାପନ ହୋଇଛି। ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ଶିବାଳୟରୁ ଶ୍ରୀ ରାମେଶ୍ୱର ବାବା ସୁନା ରୂପା ଅଳଙ୍କାରରେ ଭୂଷିତ ହୋଇ ବରବେଶରେ ସୁସଜ୍ଜିତ ରଥରେ ବରାତି ଶୋଭାଯାତ୍ରାରେ ବାହାରିଥିଲେ। ଶଙ୍ଖ, ଘଣ୍ଟା ଦୁଲଦୁଲି ବାଜା ସମେତ ରାଜ୍ୟ ଓ ରାଜ୍ୟ ବାହାରର ୧୫ରୁ ଊର୍ଦ୍ଧ୍ୱ କଳାକାର ଦଳ ଏବଂ ୧୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଏହି ବରାତି ଶୋଭାଯାତ୍ରାରେ ସାମିଲ ଥିଲେ। ବରାତି ଶୋଭାଯାତ୍ରା ବଡ଼ବନ୍ଧ ଶିବମନ୍ଦିରରୁ ବାହାରି ନେହେରୁ ଗଲି ଛକ, ଭେଡେଁରିଆ ଛକ, କଚେରୀ ଛକ, ଥାନା ଛକ, ଶାସ୍ତ୍ରୀ ଛକ ଦେଇ ଧର୍ମଶାଳାସ୍ଥିତ କନ୍ୟାଳୟରେ ପହଞ୍ଚି ଥିଲା। ସେଠାରେ କନ୍ୟା ପିତା ମାତା ଆଶିଷ କୁମାର ବଂଶଲ ଓ ବର୍ଷା ବଂଶଲ ବରଯାତ୍ରୀ ଦଳଙ୍କୁ ପାଛୋଟି ନେଇଥିଲେ। ପରେ ରୀତିନୀତି ଅନୁସାରେ ମଧ୍ୟରାତ୍ରରେ ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ ସମାପନ ହୋଇଥିଲା। ସହରର ବିଭିନ୍ନ ସ୍ଥାନରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ଦ୍ୱାରା ପାଣି ଓ ଥଣ୍ଡା ସରବତ ବିତରଣ କରାଯାଇଥିଲା। ସେହିପରି ସ୍ଥାନୀୟ ଆର୍‌ଏମସି ପ୍ରାଙ୍ଗଣରେ କମିଟି ତରଫରୁ ୧୫ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇଥିଲା।

ସୁବର୍ଣ୍ଣପୁର ଜିଲାରେ ନୂତନ ଶିଶୁ ମଙ୍ଗଳ କମିଟି

ସୋନପୁର,୨୫।୫(ନି.ପ୍ର.)

ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ବିଜ୍ଞପ୍ତି ସଂଖ୍ୟା ୧୦୪୭୮/୨୩।୫।୨୦୨୩ ଅନୁସାରେ ସୁବର୍ଣ୍ଣପୁର ଜିଲାର ନୂତନ ଶିଶୁ ମଙ୍ଗଳ କମିଟି ଚୟନ କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମଲପୁର ଅଞ୍ଚଳର ଶଙ୍କର୍ଷଣ ପାଣ୍ଡେ ଜିଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ହୋଇଛନ୍ତି । ସେହିପରି କମିଟିର ସଦସ୍ୟ ଭାବେ ସୋନପୁର ସହର ଶାନ୍ତିନଗର ଅଞ୍ଚଳର ଶାନ୍ତନୁ କୁମାର କର୍ଣ୍ଣ, କୋରାପୁଟ ଜିଲା ଜୟପୁରସ୍ଥିତ ମା' ମାଣିକେଶ୍ୱରୀ କ୍ଲିନିକ ଅଞ୍ଚଳର ବିଜୟ ଲକ୍ଷ୍ମୀ ସାହୁ, ସୋନପୁର ସହର ମଝିପଡାର ହେମନ୍ତ କୁମାର ସା ଓ ସୋନପୁର ପଟାଭାଡି ଅଞ୍ଚଳର ପ୍ରିୟଦର୍ଶିନୀ ପୁରୋହିତ ରହିଛନ୍ତି । ପ୍ରକାଶ ଯେ, ନୂତନ ଶିଶୁ ମଙ୍ଗଳ କମିଟି ଗଠନରେ ବିଳମ୍ବ କାରଣରୁ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶ ଅନୁଯାୟୀ ସୁବର୍ଣ୍ଣପୁର ଶିଶୁ ମଙ୍ଗଳ କମିଟିର ଦାୟିତ୍ୱ ବଲାଙ୍ଗୀର ଜିଲା ଶିଶୁ ମଙ୍ଗଳ କମିଟି ଅଧୀନରେ ରହିଥିଲା ।

ରାସ୍ତାପାର୍ଶ୍ୱ ଜବରଦଖଲ ଉଚ୍ଛେଦ

ବରଗଡ଼ ଅଫିସ୍,୨୫।୫

ବରଗଡ଼ ପୌର ପରିଷଦ ଅଧିନ ଗୁରୁଦ୍ୱାରା ଛକଠାରୁ ରେଳ ଷ୍ଟେଶନ ରାସ୍ତାରେ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ଉକ୍ତ ରାସ୍ତା ପ୍ରଶସ୍ତିକରଣ କରାଯିବା ପାଇଁ ପୌର ପରିଷଦ ଏଭଳି ନିଷ୍ପତ୍ତି ନେଇଛି। ଅନ୍ୟପକ୍ଷେ ଜବରଦଖଲ ଉଚ୍ଛେଦ ଯୋଗୁ ରାସ୍ତାକଡ଼େ ଘରଦ୍ୱାର କରିଥିବା ଲୋକଙ୍କୁ ହଟହଟା ହେବାକୁ ପଡ଼ିଛି। ବର୍ତ୍ତମାନ ଅସମ୍ଭାଳ ତାତି ହେଉଥିବା ସମୟରେ ଉଚ୍ଛେଦ ଯୋଗୁ ଅସନ୍ତୋଷର ବାତାବରଣ ଦେଖାଯାଇଛି। ଉଚ୍ଛେଦରେ ଘରଦ୍ୱାର ହରାଇଥିବା ଲୋକେ ନିଜ ପିଲାଛୁଆଙ୍କ ସହିତ ଆଶ୍ରୟ ନେବା ପାଇଁ ଅନ୍ୟ ଉପରେ ନିର୍ଭରଶୀଳ ହେବାକୁ ବାଧ୍ୟ ହୋଇଛନ୍ତି। ଜବରଦଖଲ ଉଚ୍ଛେଦ ନେଇ ପୂର୍ବରୁ ପୌର ପରିଷଦ ପକ୍ଷରୁ ଜବରଦଖଲକାରୀଙ୍କୁ ନୋଟିସ୍ ଦିଆଯାଇଥିଲା। ନୋଟିସ୍ ପରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଉଚ୍ଛେଦ ସମୟରେ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନାଙ୍କ ସମେତ ପୋଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ ।

କିଡ୍‌ନୀ, ମଧୁମେହ ପରୀକ୍ଷା ଶିବିର

ଶିବିରରେ ଅତିଥି ଏବଂ ଆୟୋଜକ ବୃନ୍ଦ।

ବରଗଡ଼ ଅଫିସ୍,୨୫।୫

ବରଗଡ଼ର ରାଜ ପୋଲି କ୍ଲିନିକ ଆଣ୍ଡ୍ ଡାଇଗ୍ନୋଷ୍ଟିକ ସେଣ୍ଟର ନଦୀପଡ଼ା(ଡାଙ୍ଗ)ର ମିଳିତ ଆନୁକୂଲ୍ୟରେ ଶୁକ୍ରବାର କିଡ଼ନୀ ଏବଂ ମଧୁମେହ ରୋଗର ମାଗଣା ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ବରଡ଼ୋଲ ପଞ୍ଚାୟତ ଅନ୍ତର୍ଗତ ନଦୀପଡ଼ାରେ ଅନୁଷ୍ଠିତ ଶିବିରରେ ରାଜ ପଲି କ୍ଲିନିକ ଆଣ୍ଡ୍ ଡାଇଗ୍ନୋଷ୍ଟିକ ସେଣ୍ଟରର ପ୍ରତିଷ୍ଠାତା ରାଜକିଶୋର ପାଣିଗ୍ରାହୀ ମୁଖ୍ୟଅତିଥି ଏବଂ ଚାଷୀନେତା ରମେଶ ମହାପାତ୍ର, ସଂକଳ୍ପ ପରିବାରର ସଂଯୋଜକ ବିକାଶ ଅଗ୍ରୱାଲ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ପାଣିଗ୍ରାହୀ କହିଥିଲେ, ରୋଗ ହେଲେ ଯାଇ ଆମେ ସ୍ୱାସ୍ଥ୍ୟ ପରୀକ୍ଷା କରିଥାଉ। କିନ୍ତୁ ସେତେବେଳ ପର୍ଯ୍ୟନ୍ତ ଶରୀରର ଅନେକ କ୍ଷତି ହୋଇ ସାରିଥାଏ ଏବଂ ଖର୍ଚ୍ଚବହୁଳ ଚିକିତ୍ସା ଦରକାର ପଡ଼ିବା ସହିତ ଅନେକ ସମୟରେ ଜୀବନ ମଧ୍ୟ ଚାଲି ଯାଇଥାଏ। ଫଳରେ ପ୍ରତିବର୍ଷ ଏଭଳି ମାଗଣା ମଧୁମେହ, କିଡ଼ନୀ ଚିକିତ୍ସା ଶିବିର ଅନୁଷ୍ଠିତ କରି ଆସୁଥିବା ସେ କହିଥିଲେ। ସେହିପରି ପୁଷ୍ଟିକର ଖାଦ୍ୟ ଖାଇବା ସହିତ ସବୁବେଳେ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ଏବଂ ସଚେତନ ରହିବାକୁ ସମ୍ମାନିତ ଅତିଥି ମହାପାତ୍ର ଏବଂ ଅଗ୍ରୱାଲ ନିଜ ବକ୍ତବ୍ୟରେ ଗୁରୁତ୍ୱ ଦେଇଥିଲେ। ରାଜ ପାଥୋଲାବ୍‌ର ଟେକ୍ନିସିଆନ ସ୍ୱପ୍ନା ବନଛୋର, ସରୋଜ ପାତ୍ର ଏବଂ ଅଭୟ ସାହୁ ପ୍ରମୁଖ ଶିବିରରେ ୪୬ରକ୍ତ ନମୁନା ସଂଗ୍ରହ କରିଥିଲେ। କାର୍ଯ୍ୟକ୍ରମରେ ସଂକଳ୍ପ ପରିବାର ସମସ୍ତ ସ୍ୱେଚ୍ଛାସେବୀଙ୍କ ସମେତ ସ୍ଥାନୀୟ ସରପଞ୍ଚ ଦୀପାଞ୍ଜଳି କୁମ୍ଭାର, ଫୁଲ କୁମାରୀ ଭୁକ୍ତା, ବାସମତୀ ବନଛୋର, ରାଜକୁମାର ବନଛୋର ଏବଂ ପଡ଼ାବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଦେବଦମ୍ପତିଙ୍କ ଯୁଗଳ ଦର୍ଶନ

ସୋନପୁର,୨୫।୫(ନି.ପ୍ର.)

ସୁବର୍ଣ୍ଣପୁର ଶୀତଳ ଷଷ୍ଠୀ ଯାତ୍ରା

ସୁବର୍ଣ୍ଣପୁର ସହରର ରାୟଗୁରୁପଡାରେ ଗୁରୁବାର ଦେବଦମ୍ପତିଙ୍କ ଯୁଗଳ ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁମାନେ ଶିବ ପାର୍ବତୀଙ୍କ ଦର୍ଶନ କରିଛନ୍ତି। ବୁଧବାର ରାତିରେ ଶ୍ରୀ ଶ୍ରୀ ସୁବର୍ଣ୍ଣମେରୁ ମହାଦେବଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ବାବା ଓ ଜଗତଜନନୀ ମାତା ପାର୍ବତୀଙ୍କ ବିବାହ ରୀତିନୀତି ଅନୁଯାୟୀ ସମ୍ପନ୍ନ ହୋଇଥିଲା। କନ୍ୟା ପିତାଙ୍କ ବାସଗୃହ ହିମାଦ୍ରୀ ନଗର(ବଡବଜାର) ଠାରେ ଆଡମ୍ବର ସହକାରେ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଦେବଦମ୍ପତିଙ୍କ ଏହି ଲୌକିକ ଲୀଳା ଭକ୍ତଙ୍କୁ ଦେଇଥିଲା ଆଧ୍ୟାତ୍ମିକ ଆନନ୍ଦ। ୧୦୮ ଭରି ସୁନାର ଚନ୍ଦ୍ରଶେଖର ଅଷ୍ଟ ଶମ୍ଭୁ ଓ ଅଷ୍ଟ ବିଷ୍ଣୁଙ୍କୁ ସାଙ୍ଗରେ ଧରି ବିବାହ ପାଇଁ ବାହାରି ଥିଲେ। ଯାତ୍ରାର ଏହା ହିଁ ମୁଖ୍ୟ ଆକର୍ଷଣ ଥିଲା। ବଡବଜାର ଅଞ୍ଚଳର ରୁକ୍ମଣୀ ଓ ଶ୍ୟାମ ସୁନ୍ଦର ଶର୍ମା କନ୍ୟାଦାନ କରିଥିଲେ। ପଣ୍ଡିତ ରାଜେନ୍ଦ୍ର ମହାପାତ୍ର ଓ ଚନ୍ଦ୍ରଶେଖର ମନ୍ଦିରର ପୂଜକମାନେ ବିବାହ କାର୍ଯ୍ୟ ପରିଚାଳନା କରିଥିଲେ। ୨୬ ତାରିଖ ଶୁକ୍ରବାର ସନ୍ଧ୍ୟାରୁ ବିଭିନ୍ନ ସାଂସ୍କୃତିକ ଦଳ ଓ ନୃତ୍ୟ ଦଳର ଶୋଭାଯାତ୍ରା ସହ ଶିବ ପାର୍ବତୀଙ୍କ ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏଠାରେ ପାଳିତ ହେଉଥିବା ଅନ୍ୟ ଯାନିଯାତ୍ରା ଭଳି ଶୀତଳ ଷଷ୍ଠୀ ଅନ୍ୟତମ । ରାଜା ରାଜୁଡା ଅମଳରୁ ପୁରୁଣା ପରମ୍ପରା ଅନୁସାରେ ଏହି ଯାତ୍ରା ଆୟୋଜନ ହୋଇଥାଏ।

ମାଟ୍ରିକ ପରୀକ୍ଷାର କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ବରଗଡ଼ ଅଫିସ୍,୨୫।୫

ବରଗଡ଼ର ବର୍ଦ୍ଧମାନ ମହାବୀର ଯୁକ୍ତ ୨ ଆବାସିକ ବିଜ୍ଞାନ ମହାବିଦ୍ୟାଳୟ ତରଫରୁ ଚଳିତ ମାଟ୍ରିକ ପରୀକ୍ଷାରେ ଅଧିକ ନମ୍ବର ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଜିଲାର ସମସ୍ତ ୩୧୮ ହାଇସ୍କୁଲର ଛାତ୍ରୀଛାତ୍ରଙ୍କ ସମେତ ସମ୍ପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକମାନଙ୍କୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠାନ ଅଧ୍ୟକ୍ଷ ଡ. ରବିନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସମାରୋହରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ଆନ୍ତର୍ଜାତିକ ପ୍ରଶିକ୍ଷକ ଜୟପ୍ରକାଶ ଶତପଥୀ, ଅନୁଷ୍ଠାନର ନିର୍ଦ୍ଦେଶକ ଡା. ପ୍ରବୀଣ ଅଗ୍ରୱାଲ ଅତିଥି ଏବଂ ଡ. ସୁଜିତ କୁମାର ପୃଷେଠ ମୁଖ୍ୟବକ୍ତାଭାବେ ମଞ୍ଚାସୀନ ଥିଲେ। କଠିନ ଅଧ୍ୟବସାୟ, କର୍ତ୍ତବ୍ୟନିଷ୍ଠା ଏବଂ ସକାରାତ୍ମକ ଚିନ୍ତାଧାରା ମାଧ୍ୟମରେ ଛାତ୍ରୀଛାତ୍ର ନିଜ ଜୀବନରେ ଉନ୍ନତି ଆଣି ପାରିବେ ବୋଲି ଅତିଥିବୃନ୍ଦ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦିକା ସଙ୍ଗୀତା ପ୍ରଧାନ, ପରିଚାଳକ ବିପିନ ଗୁପ୍ତା, କୋଟାର ଶିକ୍ଷକ ଆକାଶ ସିଂ ରାୱତ, ଅମିତ ବିଶ୍ୱକର୍ମା, ରାଧେଶ୍ୟାମ ମେହେର, ଲୋକସମ୍ପର୍କ ଅଧିକାରୀ ସୁଶାନ୍ତ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଷଡ଼ଙ୍ଗୀ, ଆକାଂକ୍ଷିକା ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୌମ୍ୟା ଶାଶ୍ୱତୀ ନାୟକ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଅନୁଷ୍ଠାନର ଚେୟାରମ୍ୟାନ ଶିରିଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ganised by-
VARDHAMAN MAHAVIR
2 SCIENCE RES NTIAL COL EGE, BARG
CARE POINT, TA

ସମ୍ବର୍ଦ୍ଧନା ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ ।

ଏସ୍‌ପିଙ୍କୁ ଫେରାଦ ହେଲେ ପଡ଼ାବାସୀ

ସାମାଜିକ ବାସନ୍ଦ ଅଭିଯୋଗ

ବରଗଡ଼ ଅଫିସ୍,୨୫।୫

ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପଡ଼ାବାସୀ ।

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ଭଡ଼ିଗାଁ ଗ୍ରାମର ରୋହିଦାସ ପଡ଼ା(ଚମାର ପଡ଼ା)ବାସୀଙ୍କୁ ଗ୍ରାମରେ ସାମାଜିକ ବାସନ୍ଦ କରାଯାଇଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ପଡ଼ାବାସୀ ଶୁକ୍ରବାର ଏସ୍‌ପି ପି.ଏସ୍.ମୀନାଙ୍କୁ ଫେରାଦ ହୋଇଥିଲେ। ଏସ୍‌ପିଙ୍କୁ ଏକ ଅଭିଯୋଗ ପତ୍ର ଦେଇ ଉକ୍ତ ଘଟଣାର ସମାଧାନ କରି ନ୍ୟାୟ ପ୍ରଦାନ କରିବାକୁ ପଡ଼ାବାସୀ ନିବେଦନ କରିଛନ୍ତି। ଗ୍ରାମର ଏକ ମନ୍ଦିର ପ୍ରତିଷ୍ଠା ନେଇ ଗତ ୬ତାରିଖ ଗ୍ରାମରେ ଏକ ସଭା ହୋଇଥିଲା। ସଭାକୁ ରୋହିଦାସ ପଡ଼ାବାସୀଙ୍କୁ ମଧ୍ୟ ଡକାଯାଇଥିଲା। ଫଳରେ ପଡ଼ାର ପ୍ରତିନିଧିଭାବେ ପ୍ରାୟ ୧୩ଜଣ ସଭାକୁ ଆସିଥିଲେ। ସେହି ସଭାରେ ମନ୍ଦିରକୁ ପ୍ରବେଶ ତଥା ମନ୍ଦିର ପ୍ରତିଷ୍ଠା ଉତ୍ସବର ଅନ୍ନ ପ୍ରସାଦରୁ ବାରଣ ରହିବାକୁ କୁହାଯାଇଥିଲା। କାରଣ ପଚାରିବାରୁ କେତେକ ଲୋକ ଗ୍ରାମରୁ ତଡ଼ି ଦେବାକୁ ମଧ୍ୟ ଧମକ ଦେଇଥିବା ପଡ଼ାବାସୀ ଅଭିଯୋଗ କରିଛନ୍ତି। ଏଭଳି ଅପମାନ ସହି ନ ପାରି ପଡ଼ାବାସୀ ସଭାରୁ ଫେରି ଆସିଥିଲେ ଏବଂ ପରଦିନ ଭଟଲି ଥାନାରେ ଏତଲା ଦେଇଥିଲେ। ପୋଲିସ ତାଙ୍କ ଏତଲାକୁ ଭିତ୍ତି କରି ଏକ ମାମଲା ରୁଜୁ କରିଥିଲା। ସେମାନଙ୍କ ବିରୋଧରେ ମଧ୍ୟ ପାଲଟା ଅଭିଯୋଗ ହୋଇଥିଲା। ପୋଲିସ ଥାନାକୁ ଉଭୟ ପକ୍ଷକୁ ଡାକିଥିଲା ଏବଂ ଧାରା ୪୧(କ) ନୋଟିସ୍‌ରେ ସମସ୍ତଙ୍କୁ ଜାମିନରେ ଛାଡିଥିଲା । ଏହା ସହିତ ଗତ ୧୨ତାରିଖ ଉଭୟ ପକ୍ଷକୁ ନେଇ ଭଟଲି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବିଡ଼ିଓ, ତହସିଲଦାର, ଥାନା ଅଧିକାରୀଙ୍କ ଉପସ୍ଥିତିରେ ଶାନ୍ତି କମିଟି ବୈଠକ ବସିଥିଲା। ବୈଠକରେ ଘଟଣାର ସମାଧାନ ହେବା ସହିତ ସେ ନେଇ ଉଭୟ ପକ୍ଷ ସହମତି ପ୍ରକାଶ କରିବା ସହିତ ଦସ୍ତଖତ ମଧ୍ୟ କରିଥିଲେ। କିନ୍ତୁ ଏହାସତ୍ତ୍ୱେ ଅପରଗୋଷ୍ଠୀ ସେମାନଙ୍କୁ ସାମାଜିକ ବାସନ୍ଦ କରୁଛନ୍ତି ବୋଲି ରୋହିଦାସ ପଡ଼ାବାସୀ ଅଭିଯୋଗ କରିଛନ୍ତି। ଦୋକାନ, ବଜାର, ଗାଧୁଆ ତୁଠ, ମନ୍ଦିର ଆଦିରେ ସେମାନଙ୍କୁ ବାସନ୍ଦ କରାଯାଇଥିବା ଯୋଗୁ ସେମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିବା ପଡ଼ାବାସୀ କହିଛନ୍ତି। ଫକୀର ରୋହିଦାସ, କିଶନ ରୋହିଦାସଙ୍କ ସମେତ ବହୁ ପଡ଼ାବାସୀ ଏଭଳି ଅଭିଯୋଗ ନେଇ ଏସ୍‌ପି ଅଫିସକୁ ଆସିଥିଲେ ।

ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

କୁଚିଣ୍ଡା (ଡି.ଏନ.ଏ.): ସାପ କାମୁଡ଼ାରେ କୁଚିଣ୍ଡା ଡାକ୍ତରଖାନାରେ ଗୁରୁବାର ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଜମନକିରା ଥାନା ଫାଶିମାଲ ପଞ୍ଚାୟତ ଗୁଲୁଜିପାଲିର ପ୍ରେମଶିଳା କିଷାନ(୪୪)। ପ୍ରେମଶିଳା ଗୁରୁବାର ଡାଲୁଅ ଧାନ କାଟିବାକୁ ବିଲକୁ ଯାଇଥିଲେ। ସେଠାରେ ତାଙ୍କୁ ଏକ ସାପ କାମୁଡି ଦେଇଥିଲା। ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ କୁଚିଣ୍ଡା ଡାକ୍ତରଖାନା ଆଣିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଥିଲା। ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସୂଚନା କ୍ରମେ କୁଚିଣ୍ଡା ପୋଲିସ ମୃତଦେହ ଜବତ କରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

ସଂକ୍ଷେପରେ

ରାଜଗାଙ୍ଗପୁରରେ ଜଗନ୍ନାଥ ମନ୍ଦିର ପ୍ରାଣ ପ୍ରତିଷ୍ଠା

ରାଜଗାଙ୍ଗପୁର,୨୫।୫(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ସହରର ୱାର୍ଡ ନଂ ୧୫ କୁମାରକେଲାରେ ଜଗନ୍ନାଥ ମନ୍ଦିର ପ୍ରାଣ ପ୍ରତିଷ୍ଠା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଷ୍ଠା ଉତ୍ସବ ଚଳିତ ମାସ ୨୩ ତାରିଖରୁ ଆରମ୍ଭ ହୋଇ ଗୁରୁବାର ସମ୍ପନ୍ନ ହୋଇଛି। ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏହି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମନ୍ଦିର ପ୍ରାଣ ପ୍ରତିଷ୍ଠା ପାଇଁ ସୁନ୍ଦରଗଡ଼ ମଝାପଡାର ପୁରୋହିତ ସତ୍ୟବାନ୍ ପୁରୋହିତ ଓ ତାଙ୍କ ସହଯୋଗୀ ବୃନ୍ଦ ରହିଥିଲେ। କର୍ତ୍ତାଭାବେ ବୃନ୍ଦାବନ ଗଡ଼ତିଆ ଓ ତାଙ୍କ ସହଧର୍ମିଣୀ କାର୍ଯ୍ୟ ସମ୍ପାଦନ କରିଥିଲେ।

ଚଳନ୍ତା ଟ୍ରକ୍‌ରେ ଲାଗିଲା ନିଆଁ

କୁତ୍ରା,୨୫।୫(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଖୁଟମୁଣ୍ଡା ଛକଠାରେ ଗୁରୁବାର ଅପରାହ୍ନରେ ଏକ ଚଳନ୍ତା ଟ୍ରକରେ ନିଆଁ ଲାଗି ଗାଡ଼ି ସଂପୂର୍ଣ୍ଣ ଜଳିଯାଇଛି। ହେଲେ ଦୁର୍ଘଟଣାରୁ ଡ୍ରାଇଭର ଅଳ୍ପକେ ଭର୍ତ୍ତି ଯାଇଛନ୍ତି। ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ନିଆଁ ଆୟତ କରିଥିଲେ ମଧ ଗାଡ଼ିଟି ସମ୍ପୂର୍ଣ୍ଣ ଜଳିଯାଇଛି। ୟୁକାଲିପଟାସ ଗଛ ବୋଝେଇ ଟ୍ରକ ସୁନ୍ଦରଗଡ଼ରୁ ରାଉରକେଲାକୁ ଯାଉଥିବାବେଳେ ଖୁଟଗୁଣ୍ଡା ଛକଠାରେ ନିଆଁ ଲାଗିଥିଲା। ସର୍ଟସର୍କିଟ ଯୋଗୁ ଟ୍ରକରେ ନିଆଁ ଲାଗିଥିବା କୁହାଯାଉଥିବା ବେଳେ ପ୍ରକୃତ କାରଣ ଜଣାପଡ଼ି ନାହିଁ।

ସହରର ଖୁଚୁରା ବଜାରରେ ୨ହଜାର ଟଙ୍କିଆ ନୋଟ୍ ବଦଳାଉଛନ୍ତି ସହରବାସୀ

ରାଉରକେଲା ଅଫିସ,୨୫।୫: ଦୀର୍ଘ ଦିନ ଧରି ରାଉରକେଲା ସହରର ଦୋକାନ ବଜାରରେ ୨ହଜାର ଟଙ୍କିଆ ନୋଟ୍ ଦେଖିବାକୁ ମିଳୁ ନ ଥିଲା। ଭାରତୀୟ ରିଜର୍ଭ ବ୍ୟାଙ୍କ ୨ହଜାର ଟଙ୍କିଆ ନୋଟ୍ ପ୍ରଚଳନ ସେପ୍ଟେମ୍ବର ମାସରୁ ବନ୍ଦ କରିବା ଘୋଷଣା କରିବା ପରେ ବର୍ତ୍ତମାନ ସହରର ଦୋକାନ ବଜାରରେ ଏବେ ୨ହଜାର ଟଙ୍କିଆ ନୋଟ୍ ମାଧମରେ ବେଶ୍ କିଣାବିକା ହେଉଥିବା ପରିଲକ୍ଷିତ ହେଉଛି। ଏମିତିକି ସ୍ମାର୍ଟସିଟିରେ ଥିବା ଚା ଦୋକାନ, ଜଳଖିଆ ଦୋକାନ, ପେଟ୍ରୋଲ ପମ୍ପ, ବାର, ରେଷ୍ଟୁରାଣ୍ଟ ଏବଂ ଡେଲିଭରି ବୟମାନଙ୍କ ହାତେ ଦ୍ରବ୍ୟାଦିର ମୂଲ୍ୟ ପୈଠ ନିମନ୍ତେ ୨ହଜାର ଟଙ୍କିଆ ନୋଟ୍ ଧରାଇ ଦେଉଥିବାର ଦେଖିବାକୁ ମିଳୁଛି। ସହରରେ ଯାହା ଯାହା ପାଖେ ମଧ ୨ହଜାର ଟଙ୍କିଆ ନୋଟ୍ ରହିଛି ସେମାନେ ସମସ୍ତେ କିଭଳି ଭାବରେ ଏହି ନୋଟକୁ ବଦଳାଇବେ ସେହି ପ୍ରଚେଷ୍ଟାରେ ଅଛନ୍ତି। ରିଜର୍ଭ ବ୍ୟାଙ୍କ ପ୍ରଚଳିତ ୨ହଜାର ଟଙ୍କିଆ ନୋଟ ବଦଳାଇବା ନିମନ୍ତେ ଆସନ୍ତା ସେପ୍ଟେମ୍ବର ୩୦ତାରିଖ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ ରହିଛି। ଏଥିସହ ବ୍ୟାଙ୍କରେ ଥରକରେ ୨୦ ହଜାର ଯାଏଁ ୨ହଜାର ଟଙ୍କିଆ ନୋଟ ବଦଳାଇବା ସୂଚନା ଘୋଷିତ ହୋଇଥିବା ସତ୍ତ୍ୱେ ଲୋକମାନେ ବ୍ୟାଙ୍କରେ ୨ହଜାର ଟଙ୍କିଆ ନୋଟଗୁଡିକ ନ ବଦଳାଇ ନିଜ ଦୈନିକ ଆବଶ୍ୟକୀୟ ଦ୍ରବ୍ୟାଦିର କିଣାବିକାରେ ୨ହଜାର ଟଙ୍କିଆ ନୋଟ୍ ବ୍ୟବହାର ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ସବୁଠି ବେଶୀ ପେଟ୍ରୋଲ ପମ୍ପମାନଙ୍କରେ ୨ହଜାର ଟଙ୍କିଆ ନୋଟ ପ୍ରଦାନ ହେଉଥିବା ଦେଖିବାକୁ ମିଳୁଛି। ପେଟ୍ରୋଲ ପମ୍ପର ମାଲିକମାନେ ୨ହଜାର ଟଙ୍କିଆ ନୋଟରେ କୌଣସି ପ୍ରକାର ସମସ୍ୟା ନାହିଁ ବୋଲି ଦର୍ଶାଉଛନ୍ତି।

ରେଙ୍ଗାଲବେଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ଦାବି

ଦେବଗଡ଼,୨୫।୫(ଡି.ଏନ୍.ଏ.)

ଜିଲାପାଳଙ୍କୁ ଦାବିପତ୍ର

ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ସରପଞ୍ଚ ଓ ଅନ୍ୟମାନେ।

ଦେବଗଡ଼ ଜିଲା ରିଆମାଳ ବ୍ଲକ ରେଙ୍ଗାଲବେଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପ୍ରଦାନ ସହ ଭିତ୍ତିଭୂମି ବିକାଶ, ସ୍ଥାୟୀ ଡାକ୍ତର ଓ କର୍ମଚାରୀ ନିଯୁକ୍ତି କରିବାକୁ ଦାବି ହୋଇଛି। ଆଞ୍ଚଳିକ ଉନ୍ନୟନ କମିଟିର ସଦସ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସୋମେସ କୁମାର ଉପାଧ୍ୟାୟଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଗୁଣ୍ଡିଆପାଲି ସରପଞ୍ଚ ପ୍ରକାଶ କୁମାର ଆଚାର୍ଯ୍ୟଙ୍କ ନେତୃତ୍ୱରେ ଲଳିତ କୁମାର ମିତ୍ର, ଲୁଲୁ ପ୍ରଧାନ, ବାବୁଲା ବଣିତୁଳ, ଅଭୟ ଦ୍ୱିବେଦୀ ଓ ଦୁଷ୍ମନ୍ତ ସାମଲ ପ୍ରମୁଖ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ସମ୍ପୃକ୍ତ ଅଞ୍ଚଳର ଶତାଧିକ ଜନସାଧାରଣଙ୍କ ଦସ୍ତଖତ ସମ୍ବଳିତ ଉକ୍ତ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଥିଲେ। ଯଦି ସରକାର ଏନେଇ କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ୧୦ ଦିନ ପରେ ଯେକୌଣସି ସମୟରେ ଅଞ୍ଚଳବାସୀ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବେ ବୋଲି ଉକ୍ତ ଦାବୀ ପତ୍ର ମାଧ୍ୟମରେ ଚେତାବାନୀ ଦେଇଛନ୍ତି। ସୂଚନା ଅନୁଯାୟୀ ରେଙ୍ଗାଲୀ ନଦୀବନ୍ଧ ଯୋଜନାରେ ବାସଚ୍ୟୁତ ହୋଇଥିବା ବହୁ ପରିବାର ରେଙ୍ଗାଲବେଡ଼ା ଅଞ୍ଚଳରେ ଥଇଥାନ ହୋଇଛନ୍ତି। ସେମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ସରକାରଙ୍କ ଜଳ ସେଚନ ଓ ଶକ୍ତି ବିଭାଗ ପକ୍ଷରୁ ୧୯୭୮ ମସିହାରେ ଏକ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା। ମାତ୍ର ରେଙ୍ଗାଲୀ ନଦୀବନ୍ଧ କାର୍ଯ୍ୟ ଶେଷ ପରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଦେଖାଶୁଣା କରା ନ ଯିବାରୁ ଏହା ଅଚଳ ପ୍ରାୟ ହୋଇପଡ଼ିଥିଲା। ସ୍ଥାନୀୟ ଅଞ୍ଚଳବାସୀଙ୍କ ବାରମ୍ବାର ଦାବୀ ପରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ମାତ୍ର ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ଆଜି ପର୍ଯ୍ୟନ୍ତ କୌଣସି ମାନ୍ୟତା ପାଇ ନ ଥିବାରୁ ସେଠାରେ ଡାକ୍ତର, ଫାର୍ମାସିଷ୍ଟ କିମ୍ବା ଅନ୍ୟାନ୍ୟ କୌଣସି କର୍ମଚାରୀ ନିଯୁକ୍ତ ହେଉନାହାନ୍ତି। ଅନ୍ୟପକ୍ଷରେ ପୁରୁଣା ଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ଫଳରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା ପ୍ରାୟ ୬ ପଞ୍ଚାୟତର ୩୦ ହଜାର ଜନସାଧାରଣ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପ୍ରଦାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଲହୁଣୀପଡ଼ାରେ ଶୀତଳ ଷଷ୍ଠୀ ଉତ୍ସବ

ଲହୁଣୀପଡ଼ା,୨୫।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ କଲୋନୀସ୍ଥିତ ବାବା ଆଖଣ୍ଡଳମଣି ମନ୍ଦିର ପକ୍ଷରୁ ଶୀତଳ ଷଷ୍ଠୀ ବା ଦେବ ଦମ୍ପତ୍ତି ବିବାହ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବାବା ଆଖଣ୍ଡଳମଣିଙ୍କ ବିବାହ ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପୂର୍ବ ପ୍ରସ୍ତୁତି କରାଯାଇଥିଲା। ବର ମାତାପିତା ଭାବେ ଛବିରାଣୀ ଖଟୁଆ ଓ ସଞ୍ଜୀବ ଖଟୁଆ ଏବଂ କନ୍ୟା ମାତାପିତା ଭାବେ ଯଶୋଦା ମାହାନ୍ତ ଓ ଯତୀନ ମାହାନ୍ତ ଦାୟିତ୍ୱ ତୁଲାଇଥିଲେ। ପୂଜକ କରୁଣା କର ପଣ୍ଡା ବିବାହ କାର୍ଯ୍ୟ ସଞ୍ଚାଳନ କରିଥିଲେ। ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା ହୋଇଥିଲା। ଗୁରୁବାର ସନ୍ଧ୍ୟାରେ ଦେବ ଦମ୍ପତ୍ତିଙ୍କୁ ସୁସଜ୍ଜିତ ପାଲିଙ୍କିରେ ବସାଇ ବାଦ୍ୟନୃତ୍ୟର ତାଳେ ତାଳେ ଲହୁଣୀପଡ଼ା ସହର ପରିକ୍ରମା କରାଯାଇଥିଲା। ଜୟ କୁମାର ମହାପାତ୍ର, ପ୍ରଦୀପ ଜୟସୱାଲ ,ସନ୍ତୋଷ ଭୂୟାଁ, ରାଜେଶ ଜୟସୱାଲ, କୃଷ୍ଣଚନ୍ଦ୍ର ଜେନା, ଗୋବିନ୍ଦ ବାରିକ, ନାଥୁରାମ ମାହାନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶୀତଳ ଷଷ୍ଠୀ ଉପଲକ୍ଷେ ଲହୁଣୀପଡ଼ା ସମେତ ଆଖପାଖ ଗ୍ରାମର ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା।

ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଉଛି।

ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ନୂତନ ଇ-ପାଠାଗାର

ଯୁବତୀ ଯୁବକ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ଚଳାଇବା ସୁଯୋଗ ପାଇବେ

ରାଉରକେଲା ଅଫିସ, ୨୫।୫

ସ୍ମାର୍ଟସିଟି ନିକଟସ୍ଥ ଇ-ଲାଇବ୍ରେରି।

ରାଉରକେଲା ଉଦିତ ନଗରସ୍ଥିତ ସ୍ମାର୍ଟସିଟି ଅଫିସ ପରିସରରେ ଇ-ପାଠାଗାର ସ୍ଥାନୀୟ ଅଞ୍ଚଳର ଯୁବତୀ ଯୁବକମାନଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତ ଓ ପାଠ୍ୟକ୍ରମ ଜନିତ ଅଧିକ ଶିକ୍ଷାଗତଜ୍ଞାନ ଆହରଣ ନେଇ ଆରଏମସି ପକ୍ଷରୁ ନିର୍ମାଣ ହୋଇଥିଲା। ମାତ୍ର ସ୍ମାର୍ଟସିଟିସ୍ଥିତ ଇ-ପାଠାଗାରରେ ଶିକ୍ଷିତ ଯୁବତୀ ଯୁବକମାନଙ୍କର ଆସ୍ଥାନ ପାଇଁ ଠିକ ସ୍ଥାନ ବ୍ୟବସ୍ଥା ନ ରହିବା, ପାଠ୍ୟ ବିଷୟବସ୍ତୁ ସମ୍ପର୍କିତ ପାଠ୍ୟ ପୁସ୍ତକ ପାଠାଗାରରେ ଉପଲବ୍ଧ ନ ରହିବା, ଇଣ୍ଟରନେଟ୍ ସହିତ କମ୍ପ୍ୟୁଟର ବ୍ୟବସ୍ଥା ନ ରହିବା, ପର୍ଯ୍ୟାପ୍ତ ଟେବୁଲ ଚେୟାର ନ ରହିବା ଆଦି ସମସ୍ୟା ନେଇ ଅସନ୍ତୋଷ ପ୍ରକାଶ ପାଉଥିଲା। ଶିକ୍ଷିତ ଯୁବତୀଯୁବକଙ୍କର ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତିକୁ ସୁହାଇଲା ଭଳି ଏକ ୨ତାଲା ବିଶିଷ୍ଟ ସମସ୍ତ ସୁବିଧା ସମ୍ପନ୍ନ ନୂତନ ଇ-ପାଠାଗାର ବିଲ୍ଡିଂର ନିର୍ମାଣ କାର୍ଯ୍ୟ ଆର୍‌ଏମସି ତରଫରୁ ସିଭିଲ ଟାଉନଶିପଠାରେ ଚାଲିଥିବା ସୂଚନା ମିଳିଛି। ଏହି ନୂତନ ବିଲ୍ଡିଂ ନିର୍ମାଣ ହେଲାପରେ ରାଉରକେଲା ସହର ସମେତ ବିରକେରା, କଲୁଙ୍ଗା, ଝିରପାଣି, କୋଏଲ ନଗର, ବେଦବ୍ୟାସ, ଛେଣ୍ଡ, ପ୍ଲାଣ୍ଟସାଇଡ୍ ଏବଂ ରାଉରକେଲା ଆରଏସ୍‌ପି ଅଞ୍ଚଳାଧିନ ସେକ୍ଟରର ଶତାଧିକ ଯୁବତୀ ଯୁବକ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତିରେ କୃତକାର୍ଯ୍ୟ ହାସଲ କରିବେ ବୋଲି ଆର୍‌ଏମସି ପକ୍ଷରୁ ଦର୍ଶାଯାଇଛି। ୨୦୧୭ ମସିହାରେ ରାଉରକେଲା ସ୍ମାର୍ଟସିଟି ପକ୍ଷରୁ ଇ-ପାଠାଗାର ଅଞ୍ଚଳର ଶିକ୍ଷିତ ଯୁବତୀ ଯୁବକମାନଙ୍କୁ ସୁଦକ୍ଷଶୀଳ କରିବା ପାଇଁ ପାଠ୍ୟ ଅଭ୍ୟାସ କରିବା ଉଦ୍ଦେଶ୍ୟରେ ଇ-ପାଠାଗାର ନିର୍ମାଣ କରାଯାଇଥିଲା। ବିଦ୍ୟାର୍ଥିଙ୍କ ସୁବିଧା ଅଭାବ ଯୋଗୁ ଆରଏମ୍‌ସି ପକ୍ଷରୁ ଏହି ନୂତନ ଇ-ପାଠାଗାର ନିର୍ମାଣ କରାଯାଉଥିବାର ସୂଚନା ମିଳିଛି। ଏନେଇ ରାଉରକେଲା ଡେପୁଟି କମିଶନର ସୁଧାଂଶୁ ଭୋଇ କହିଛନ୍ତି, ଯୁବତୀ ଯୁବକଙ୍କ ପୁରୁଣା ଇ-ପାଠାଗାରରେ ହେଉଥିବାର ସମସ୍ୟା ଦୂରୀକରଣ ନିମନ୍ତେ ନୂତନ ଭାବେ ସିଭିଲ ଟାଉନସିପରେ ଏକ ଦୁଇତାଲା ବିଶିଷ୍ଟ ଇ-ପାଠାଗାର ଆରଏମସି ପକ୍ଷରୁ ନିର୍ମାଣ କରାଯାଉଛି। ଏହି ନୂତନ ଇ-ପାଠାଗାର ବିଲ୍ଡିଂ କନଷ୍ଟ୍ରକସନ କାମ ଏବେ ସରିବାକୁ ରହିଛି। ବିଲ୍ଡିଂର ଇନଟିରିୟର କାମ ଚାଲିଛି। ଖୁବଶିଘ୍ର ନୂତନ ଇ-ଲାଇବ୍ରେରି (ପାଠାଗାର) ହେବ ଓ ଶିକ୍ଷିତ ଯୁବତୀଯୁବକଙ୍କ ପାଇଁ ଇ-ଲାଇବ୍ରେରିରେ ସମସ୍ତ ବ୍ୟବସ୍ଥା ରହିବ ବୋଲି ଦର୍ଶାଇଥିଲେ।

ବଳମ ବାଳିକା ଉଚ୍ଚ ବିଦ୍ୟାଳୟରେ ବ୍ୟାଡମିଣ୍ଟନ କୋର୍ଟ ଉଦ୍‌ଘାଟିତ

ଦେବଗଡ଼,୨୫।୫(ଡି.ଏନ୍.ଏ.)

ବାରକୋଟ ବ୍ଲକ ବଳମ ଗ୍ରାମ ପଞ୍ଚାୟତ ସଦର ମହକୁମାରେ ଥିବା ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟରେ ନୂତନଭାବେ ନିର୍ମିତ ‘ବ୍ୟାଡମିଣ୍ଟନ କୋର୍ଟ’ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଦେବଗଡ଼ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲାପାଳ ଉପାଧ୍ୟାୟ ବିଦ୍ୟାଳୟର କେତେକ ଛାତ୍ରୀଙ୍କ ସହ ବ୍ୟାଡମିଣ୍ଟନ ଖେଳିଥିଲେ। ବ୍ୟାଡମିଣ୍ଟନ କୋର୍ଟରେ ଅଭ୍ୟାସ କରି ଜାତୀୟ ସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ସେ ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବାରକୋଟ ବ୍ଲକ ବିଡିଓ ବିଜୟ କୁମାର ସୋଏ, କନିଷ୍ଠ ଯନ୍ତ୍ରୀ କଲ୍ୟାଣୀ ସେଠୀ ଓ ସମଗ୍ର ଶିକ୍ଷାର ସିନିୟର ଟିସି ଲକ୍ଷ୍ମୀକାନ୍ତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଚୌଧୁରୀ ବେହେରା, ଦେବରାଜ ପ୍ରଧାନ, ଧରଣୀଧର ପାତ୍ର, ଶିକ୍ଷୟିତ୍ରୀ ରଞ୍ଜିତା ପଣ୍ଡା, ସୁଜାତା ପ୍ରଧାନ, ପ୍ରବାସିନୀ ପ୍ରଧାନ, ପଙ୍କଜିନୀ ନାୟକ ଓ ଶିବା ଭାରତୀ ପ୍ରମୁଖ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ପ୍ରଧାନ ଶିକ୍ଷକ ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ଶିକ୍ଷକ ପୌଲସ୍ତ୍ୟ ଚରଣ ନାୟକ ଧନ୍ୟବାଦ ଦେଇଥିଲେ।

ବ୍ୟାଡମିଣ୍ଟନ କୋର୍ଟ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟଅତିଥି।

ଗ୍ରାମ୍ୟ ଜୀବନ ଦର୍ଶନ କାର୍ଯ୍ୟକ୍ରମ

ବଡ଼ଗାଁ,୨୫।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଜରଙ୍ଗଲୋଇ ଗ୍ରାମସ୍ଥିତ ଏକଲ ଗ୍ରାମୋତ୍ଥାନ ସଂଶାଧନ କେନ୍ଦ୍ରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଗ୍ରାମ୍ୟ ଜୀବନ ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼, ବରଗଡ଼, ସମ୍ବଲପୁର ଓ ରାଉରକେଲାରୁ ୫୦ ବିଦ୍ୟାର୍ଥୀ ଯୋଗଦେଇଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ବରିଷ୍ଠ କର୍ମକର୍ତ୍ତା ବିଦ୍ୟାର୍ଥୀଙ୍କୁ ଶାରୀରିକ, ବୌଦ୍ଧିକ ଶିକ୍ଷା ଓ ମାର୍ଗଦର୍ଶନ ଦେଇଥିଲେ। ବିଦ୍ୟାର୍ଥୀମାନେ ଗ୍ରାମ୍ୟ ଜୀବନ ଦର୍ଶନ ପାଇଁ ମୁଣ୍ଡାଗାଁ, ତଳିମୁଣ୍ଡା, ଶଙ୍କରାପୋଶ, ରାଣୀବୁଡା ଗ୍ରାମକୁ ଯାଇ ଗ୍ରାମାଞ୍ଚଳରେ ବସବାସ କରୁଥିବା ପରିବାର ସଦସ୍ୟଙ୍କୁ ଭେଟି ସେମାନଙ୍କ ଜୀବନ ଶୈଳୀ, ସଂସ୍କୃତି, ପରମ୍ପରା ଓ ବିଭିନ୍ନ ବିଷୟ ଉପରେ ଆଲୋଚନା କରିବା ସହ ସେମାନଙ୍କ ଘରେ ଭୋଜନ କରିଥିଲେ। ଗତ ୨୦ ରୁ ୨୪ ପର୍ଯ୍ୟନ୍ତ ହୋଇଥିବା ଏହି କାର୍ଯକ୍ରମରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରାନ୍ତ ସହ ସଂଘ ଚାଳକ ଡ. ବିଦ୍ୟାଧର ରଣା, ବିଭାଗ କାର୍ଯ୍ୟବାହ ରତ୍ନାକର ବେହେରା, ଜିଲା କାର୍ଯ୍ୟବାହ ରୂପେଶ ପଟେଲ, ଜିଲା ସମ୍ପର୍କ ନନ୍ଦଲାଲ ପଟେଲ, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସଭାପତି ସନ୍ଦୀପ ନାୟକ, ମଣ୍ଡଳ ପ୍ରମୁଖ କିଶୋର କୁମାର କେଶରୀ, ସହ ପ୍ରମୁଖ ଭାରତ ଚନ୍ଦ୍ର ରାଉତ ଯୋଗଦେଇଥିଲେ। ବିଦ୍ୟାର୍ଥୀ ଭାଇ ଭଉଣୀଙ୍କୁ ସେମାନେ ଗ୍ରାମ୍ୟ ଜୀବନ ଦର୍ଶନ ଉପରେ ବୁଝାଇଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କର୍ମକର୍ତ୍ତା ସନାତନ ନାୟକ, ବିଜୟ କାଲତା, ବିଶାଳ ପଟେଲ, ପ୍ରଫୁଲ୍ଲ ଧାରୁଆ, ନାରାୟଣ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

କୋଶଳ ସମାଜ ପକ୍ଷରୁ ପ୍ରାଉଟ ତାଲିମ ଶିବିର

ତାଲିମ ଶିବିରରେ ଉପସ୍ଥିତ ଅତିଥି।

ବଡ଼ଗାଁ, ୨୫।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ କୋଶଳ ସମାଜର ମାସିକ ବୈଠକ ଓ ପ୍ରାଉଟ ତାଲିମ୍ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବର୍ଷା ଜଳ ସଂରକ୍ଷଣ ଜଳ ସଙ୍କଟର ଏକମାତ୍ର ସମାଧାନ ଉପରେ ଶିବିର ଆୟୋଜିତ ହୋଇଥିଲା। ଏଥିରେ କୋଶଳ ସମାଜ ମହା ସଚିବ ଦିଲ୍ଲୀପ କୁମାର ପଣ୍ଡା, ବ୍ଲକ ସଚିବ ଅଜିତ ରାଉତରାୟ, ଜିଲା ମହିଳା ସଚିବ ହରିପ୍ରିୟା ଭୋଇ ଯୋଗଦେଇଥିଲେ। ବର୍ଷା ଜଳ କିପରି ସଂରକ୍ଷଣ କରାଯାଇପାରିବ କର୍ମକର୍ତ୍ତା ବିସ୍ତୃତ ବୁଝାଇଥିଲେ। ନଦୀ ନାଳର ଜଳ ଧାରଣା କ୍ଷମତା ବୃଦ୍ଧି ପାଇଁ କୂଳରେ ସେହିପରି ବର ଓ ପିପଳି ଗଛ ଲଗାଇବାକୁ ପରାମର୍ଶ ଦେଇଥିଲେ। ପୋଖରୀ ଓ ଜଳାଶୟ ହିଡ଼ରେ ଖଜୁରୀ, ତାଳ ଗଛ ଲଗାଇବା ପାଇଁ ପରାମର୍ଶ ଦେଇଥିଲେ। ରାସ୍ତା ପାର୍ଶ୍ୱରେ ବୃକ୍ଷ ରୋପଣ ଓ ନଈ ନାଳରେ ଚେକ୍ ଡ୍ୟାମ ନିର୍ମାଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ଛାତ୍ର କଂଗ୍ରେସ ପକ୍ଷରୁ ଇଏସ୍‌ଆଇ ମଡେଲ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ସ୍ମାରକପତ୍ର

ରାଉରକେଲା ଅଫିସ, ୨୫।୫

ଗୁରୁବାର ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ସୂର୍ଯ୍ୟକାନ୍ତ ବାରିକଙ୍କ ନେତୃତ୍ୱରେ କଂଗ୍ରେସ ପ୍ରତିନିଧି ମଣ୍ଡଳୀ ଇଏସଆଇ ମଡେଲ ହସପିଟାଲ ରାଉରକେଲା ଚିକିତ୍ସା ଅଧୀକ୍ଷକ ଡ. ଜୟନ୍ତୀ ବେହେରାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଘରୋଇ ହସପିଟାଲ ରେଫେରାଲ ବ୍ୟବସ୍ଥାକୁ ପୁନଃଚାଲୁ କରିବା, ଓଡ଼ିଆ କ୍ୟାଡର ଡାକ୍ତରମାନଙ୍କୁ ବାହାର ରାଜ୍ୟକୁ ବଦଳି ନ କରିବା, ସ୍ପେଶିଆଲିଷ୍ଟ ହସପିଟାଲ ଭିତ୍ତିଭୂମି ପ୍ରସ୍ତୁତ କରିବା ଆଦି ଦାବି ଉକ୍ତ ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ପ୍ରବୋଧ ଦାସ, ମହିଳା କଂଗ୍ରେସ ସଭାନେତ୍ରୀ ନିରୁପମା ବଳିଆରସିଂ, ଶିବୁ ଦୀପ, ବାସୁଦେବ ବାନାର୍ଜୀ, ପ୍ରସନ୍ନ ବଳିଆରସିଂ, ସଦାବ ଅହମ୍ମଦ, ବାବୁ ବିଶ୍ୱାଳ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଗଡ଼ିଲା ପୁଷ୍ଟିଶସ୍ୟ ସଚେତନତା ରଥ

ସୁନ୍ଦରଗଡ଼,୨୫।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୃଷି ବିଭାଗ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ସଚେତନତା ରଥ ଗୁରୁବାରଠାରୁ ବାହାରିଛି। ଜିଲା କୃଷି କାର୍ଯ୍ୟାଳୟରୁ ବାହାରିଥିବା ୫ ଟି ସଚେତନତା ରଥ ଟାଙ୍ଗରପାଲି, ବାଲିସଙ୍କରା, ସଦର, ସବଡେଗା ଓ ବଡ଼ଗାଁ ବ୍ଲକରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ତଥା ଗାଁ ଗାଁରେ ଲୋକଙ୍କୁ ମାଣ୍ଡିଆ ବ୍ୟବହାର ଉପକାରିତା ଓ ମାଣ୍ଡିଆ ଚାଷର ପରିବେଶ ଉପକାରିତା ଉପରେ ବାର୍ତ୍ତା ଦେବ। ଟାଙ୍ଗରପାଲି ଓ ବାଲିସଙ୍କରା ବ୍ଲକ ପାଇଁ ସହଯୋଗୀ ଅନୁଷ୍ଠାନ ସେବକ ଏବଂ ସଦର, ସବଡେଗା ଓ ବଡଗାଁ ବ୍ଲକ ପାଇଁ କୃଷି କାର୍ଯ୍ୟାଳୟର ମିଳିତ ଉଦ୍ୟମରେ ଏହି ରଥ ବାହାରିଛି। ଏହି ରଥ ୪ ଦିନ ଧରି ନିଜ ବ୍ଲକରେ ସଚେତନତା ବାର୍ତ୍ତା ଦେବ। ରଥକୁ ଜିଲା କୃଷି ଅଧିକାରୀ ହରିହର ନାୟକ, ଯୋଜନା ଅଧିକାରୀ ଦ୍ୱିଜବର ସେଠୀ, ବ୍ଲକ କୃଷି ଅଧିକାରୀ ପ୍ରଫୁଲ୍ଲ କୁମାର ନାୟକ, ମିଲେଟ ମିଶନର ଜିଲା ସଂଯୋଜିକା ୱାସନର ନିକିତା ମହାପାତ୍ର ସବୁଜ ପତାକା ଦେଖାଇ ଶୁଭରମ୍ଭ କରିଥିଲେ। ୱାସନର କର୍ମକର୍ତ୍ତା ଓ ସହଯୋଗୀ ଅନୁଷ୍ଠାନ ସେବକର କର୍ମକର୍ତ୍ତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ପତାକା ଦେଖାଇ ରଥର ଶୁଭାରମ୍ଭ କରାଯାଉଛି।

କୁକୁଡ଼ା ପାଳନ ପାଇଁ ଡାଲମିଆ ସିମେଣ୍ଟ, ନାବାର୍ଡର ମିଳିତ ପ୍ରୟାସ

ଗ୍ରାମାଞ୍ଚଳରେ ୩୦୦ ପରିବାରଙ୍କୁ କରିବ ସଶକ୍ତ

ରାଜଗାଙ୍ଗପୁର,୨୫।୫(ଡି.ଏନ୍.ଏ.)

NABARD
Dalmia cement
FUTURE TODAY
ଡାଲମିଆ ସିମେଣ୍ଟ ଓ ନାବାର୍ଡ ମିଳିତ ଆନୁକୂଲ୍ୟରେ

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ ଅଗ୍ରଣୀ ଭାରତୀୟ ସିମେଣ୍ଟ ଉତ୍ପାଦନକାରୀ ତଥା ଡାଲମିଆ ଭାରତ ଲିମିଟେଡ(ଡିବିଏଲ)ର ସହଯୋଗୀ ସଂସ୍ଥା ଡାଲମିଆ ସିମେଣ୍ଟ ଲିମିଟେଡ (ଡିସିବିଏଲ) ନାବାର୍ଡ ସହଯୋଗରେ ନୂତନ ଦୀର୍ଘସ୍ଥାୟୀ ଜୀବିକା ଉପାର୍ଜନ ପ୍ରୟାସ ଘର ପଛପଟେ କୁକୁଡ଼ା ପାଳନ ଉପରେ କୃଷକ ଉତ୍ପାଦକ ସଂଗଠନକୁ ପ୍ରୋତ୍ସାହନ ଓ ଗଠନ ହାତକୁ ନେଇଛି। ଏନେଇ ଡିସିବିଏଲ ଏବଂ ନାବାର୍ଡ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଗ୍ରାମାଞ୍ଚଳରେ ୩ ବର୍ଷ ସମୟ ସୀମା ମଧ୍ୟରେ ୩୦୦ ପରିବାରଙ୍କୁ କୁକୁଡା ପାଳନ ଜରିଆରେ ଦୀର୍ଘସ୍ଥାୟୀ ଜୀବିକା ଉପାର୍ଜନ ସୁଯୋଗ ଯୋଗାଇଦେବା ପାଇଁ ସ୍ଥିର ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ପାରିପାର୍ଶ୍ୱିକ ଗ୍ରାମଗୁଡିକରୁ ୪୦ ପରିବାରଙ୍କୁ ୧୦୦ ଲେଖାଏଁ ବ୍ରଏଲର କୁକୁଡା ଛିଆଁ ଯୋଗାଇ ଦିଆଯାଇଛି। ଏହି କାର୍ଯ୍ୟକ୍ରମ ଆରମ୍ଭ ହେବାର ୪୦ ଦିନ ମଧ୍ୟରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ପ୍ରତି ପରିବାର ଏହି ଉଦ୍ୟୋଗ ଜରିଆରେ ମାସକୁ ୭ ହଜାର ଟଙ୍କାରୁ ୧୦, ୫୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରୁଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷରେ ଏହି ପ୍ରକଳ୍ପ ଅଗ୍ରଗତି ହାସଲ ସହ ଚଳିତ ତ୍ରୈମାସିକରେ ୧୦୦ ପର୍ଯ୍ୟନ୍ତ ପରିବାରକୁ ଏଥିରେ ସାମିଲ କରିବା ପାଇଁ ପ୍ରୟାସ ଚାଲିଛି। ଏନେଇ ଡିସିବିଏଲ୍ ବିହାବନ୍ଧରେ ଥିବା ଏଫପିଓର ପଞ୍ଜୀକୃତ କାର୍ଯ୍ୟାଳୟରେ ଏକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଡିସିବିଏଲ୍ ଏକ୍ଜିକ୍ୟୁଟିଭ ଡାଇରେକ୍ଟର ଚେତନ ଶ୍ରୀବାସ୍ତବ, ରାଜଗାଙ୍ଗପୁର ୟୁନିଟ ହେଡ, ଅତିରିକ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ.ନୀଳାଦ୍ରି ଭୂଷଣ ପାଢ଼ୀ, ଓମ୍ ପ୍ରକାଶ ଖେଲକର (ଏଇଡି-ଡିସିବିଏଲ୍), ତାପସ କୁମାର ବେହେରା ନାବାର୍ଡ ସୁନ୍ଦରଗଡର ଜିଲା ଉନ୍ନୟନ ପ୍ରବନ୍ଧକ, ରାଜଗାଙ୍ଗପୁର ୟୁକୋ ବ୍ୟାଙ୍କ ଶାଖା ପ୍ରବନ୍ଧକ ବିକାଶ ପଟ୍ଟନାୟକଙ୍କ ସମେତ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଏହି ଅବସରରେ ଚେତନ ଶ୍ରୀବାସ୍ତବ ଏବଂ ରାଜଗାଙ୍ଗପୁର ୟୁନିଟ ହେଡ କହିଛନ୍ତି, ଡାଲମିଆ ସିମେଣ୍ଟରେ ଆମେ ଗ୍ରାମାଞ୍ଚଳ ଜନସାଧାରଣଙ୍କୁ ସଶକ୍ତ କରିବା ଏବଂ ସମସ୍ତଙ୍କ ପାଇଁ ଦୀର୍ଘସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବାକୁ ପ୍ରତିବଦ୍ଧ ରହିଛୁ। କୁଶଳତାର ବିକାଶ ଏବଂ ଓଡ଼ିଶାରେ ଦୀର୍ଘସ୍ଥାୟୀ ଜୀବିକା ଉପାର୍ଜନ ପନ୍ଥାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଡାଲମିଆ ସିମେଣ୍ଟ ବହୁବିଧ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ସକ୍ରିୟ ଭାବରେ ନିୟୋଜିତ ରହିଛି। ଏଥିରେ କୃଷକ, ଯୁବବର୍ଗ ଏବଂ ମହିଳାମାନଙ୍କୁ ତାଲିମ, କୁଶଳତାର ବିକାଶ ସୁଯୋଗ ଏବଂ ପଶୁପାଳନ, ଛତୁଚାଷ, ହସ୍ତଶିଳ୍ପ ସାମଗ୍ରୀ ଉତ୍ପାଦନ, ମସଲା ଏବଂ ଆଚାର ପ୍ରସ୍ତୁତି, ଫୁଲ ଓ ଜୈବିକ ପନିପରିବା ଚାଷ, ଟେରାକୋଟା ଉତ୍ପାଦ ତିଆରି ଆଦି ଜରିଆରେ ସଶକ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଉଛି ।

ପ୍ରାଣୀ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଗୁଡ଼ଭେଲା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ଅନ୍ତର୍ଗତ ନୂଆଁପଡା ଗ୍ରାମରେ ଗୁରୁବାର ପ୍ରାଣୀ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ତୁଷୁରା ପ୍ରାଣୀ ଚିକିତ୍ସାଧିକାରୀ ଦୀପ୍ତିମୟୀ ବଢେଇ ଯୋଗଦେଇ ପ୍ରାୟ ୨୭ଜଣ ଚାଷୀଙ୍କର ୭୪ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷଣ କରିବା ସହ ଆବଶ୍ୟକ ଔଷଧ ପ୍ରଦାନ କରିଥିଲେ। ସ୍ଥାନୀୟ ସମଲେଶ୍ୱରୀ ଦୁଗ୍ଧ ସମବାୟ ଲିମିଟେଡ ପକ୍ଷରୁ ଏହି ଶିବିର ଅନୁଷ୍ଠିତ ହୋଇଥିବା ବେଳେ ସଭାପତି କିରଣ ସାହୁ, ସମ୍ପାଦକ ପଞ୍ଚାନନ ନାଏକ, ଭେଟନେରି ଟେକେନିସିଆନ ଶୁଭମ ପ୍ରଧାନ ସହଯୋଗ କରିଥିଲେ। ଚାଷୀଙ୍କୁ ଘାସ ପାଇଁ ଆବଶ୍ୟକ ସାମଗ୍ରୀ ବଣ୍ଟନ କରାଯାଇଥିଲା।

ସଂକ୍ଷେପରେ

କାଳ ବୈଶାଖୀରେ ଉଡିଲା ଘର ଛପର

ନୂଆପଡା ଅଫିସ,୨୫।୫: ନୂଆପଡା ଜିଲା ବୋଡେନ ବ୍ଲକ ଅଞ୍ଚଳରେ ବୁଧବାର ରାତିରେ କାଳବୈଶାଖୀର ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଫରସରା ପଞ୍ଚାୟତ ଅନ୍ତର୍ଗତ ପୁଟୁପଡା ଗାଁରେ କାଳ ବୈଶାଖୀ ପ୍ରଭାବରେ ଗୁଣମତ ଜଗତଙ୍କ ଝାଟିମାଟି ଚାଳ ଛପର ଘର ଉଡିଯାଇଛି। ଗୁରୁବାର ପ୍ରବଳ ତାତି ହୋଇଥିବା ବେଳେ ପରିବାର ସହ ଗୁଣମତ ଏକ ଗଛମୂଳେ ରହିଥିଲେ। ସେ ଭଙ୍ଗା ଦଦରା ଘରେ ରହୁଥିଲେ। ଦାରିଦ୍ର୍ୟତା ଯୋଗୁ ଏହାର ମରାମତି କରି ପାରୁ ନ ଥିଲେ। ସରକାରୀ ଯୋଜନାରେ ବାସଗୃହ ପାଇଁ ବିଭିନ୍ନ ସମୟରେ କହି ଆସୁଥିଲେ ମଧ ତାଙ୍କୁ ଏହା ମିଳିନାହିଁ। ଏହି ଗରିବ ପରିବାରକୁ ଅବିଳମ୍ବେ ସରକାରୀ ସହାୟତା ସାଙ୍ଗକୁ ବାସଗୃହ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ଚନ୍ଦ୍ରଶେଖର ବୁରେକଙ୍କ ପରଲୋକ

ଖଡ଼ିଆଳ,୨୫।୫(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳ ଶାନ୍ତିନଗର ନିବାସୀ

ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ଚନ୍ଦ୍ରଶେଖର ବୁରେକଙ୍କ ଗୁରୁବାର ମଧାହ୍ନରେ ୭୨ ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କ ବିୟୋଗ ନେଇ ବିଭିନ୍ନ ମହଲରୁ ଗଭୀର ଶୋକ ପ୍ରକାଶ ପାଇଛି। ଶୁକ୍ରବାର ହାଇସ୍କୁଲ ନିକଟସ୍ଥ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହେବ। ଚନ୍ଦ୍ରଶେଖର ବୁରେକ ଜଣେ ଭଦ୍ର ଏବଂ ଅମାୟିକ ବ୍ୟକ୍ତି ଥିଲେ। ତାଙ୍କ ଜଣେ ପୁଅ ଏବଂ ତିନି ଝିଅ ରହିଛନ୍ତି। ତାଙ୍କ ସ୍ତ୍ରୀ ଅନ୍ତିମ ଦର୍ଶନ କରିଛନ୍ତି। ଚନ୍ଦ୍ରଶେଖର ବୁରେକ ଭାରତୀୟ ଷ୍ଟେଟ ବ୍ୟାଙ୍କ ମ୍ୟାନେଜର ରୂପେ ଦାୟିତ୍ୱ ନିର୍ବାହ କରି ଖଡ଼ିଆଳଠାରେ ଅବସର ଗ୍ରହଣ କରିଥିଲେ।

ସରଗୁଲ ଧାନମଣ୍ଡି ଉଦ୍‌ଘାଟନ

କର୍ଲାମୁଣ୍ଡା,୨୫।୫(ଡି.ଏନ୍.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ସରଗୁଲଠାରେ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। କର୍ଲାମୁଣ୍ଡା ତହସିଲଦାର ମିଲନ କୁମାର ଝାଙ୍କର, ସମବାୟ ସମିତି ସଭାପତି ଗୋବର୍ଦ୍ଧନ ଭୋଇ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମବାୟ ସମିତି ସମ୍ପାଦକ ଭବାନୀ ଶଙ୍କର ସାହୁ, ଡିଇଓ ଅଚିନ ଅନୁଭବ ଷଡ଼ଙ୍ଗୀ, ଯୁବ ବିଜୁ ଜନତା ଦଳ ବ୍ଲକ ସଭାପତି ସଙ୍ଗୀତ ଭୋଇ, ଆରଏମ୍‌ସି କର୍ମଚାରୀ ବିଜୟ କୁମାର ସାହୁ, ସମିତି କର୍ମଚାରୀ, ଡାଇରେକ୍ଟର, ମିଲର୍ସ ଏଜେଣ୍ଟ ଓ ଚାଷୀମାନେ ଉପସ୍ଥିତ ଥିଲେ। ତେବେ ମଣ୍ଡି ଉଦ୍‌ଘାଟନର ପ୍ରଥମ ଦିନରେ ପୁଟୀଗାର ୧୫ ଚାଷୀଙ୍କ ୨୬୩୪ ପକେଟ ଧାନ ବିକ୍ରି ପାଇଁ ମଣ୍ଡିକୁ ଆସିଥିଲା। ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ଚଳିତ ରବି ଋତୁରେ ଧାନ କ୍ରୟ ପାଇଁ ୮୯୦୦ କୁଇଣ୍ଟାଲ ଧାନ କ୍ରୟ କରିବାକୁ ଧାର୍ଯ୍ୟ ଥିବା ସମ୍ପାଦକ ଭବାନୀ ଶଙ୍କର ସାହୁ ସୂଚନା ଦେଇଛନ୍ତି।

ଦୟନୀୟ ସ୍ଥିତିରେ ଜିଲା ପର୍ଯ୍ୟଟନ ବିଭାଗ

- ଖାଲି ପଡିଛି ପଦବୀ, ୨ଜିଲା ଦାୟିତ୍ୱରେ ଅଧିକାରୀ
- ଉଦ୍‌ଘାଟନ ପୂର୍ବରୁ ନୂତନ କୋଠାରୁ ଚୋରି

ଭବାନୀପାଟଣା,୨୫।୫(ସ୍ୱ.ପ୍ର)

ପରିତ୍ୟକ୍ତ ଅବସ୍ଥାରେ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟରେ ନୂତନ କୋଠା।

ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ କଳାହାଣ୍ଡି ଜିଲାର ସ୍ଥାନ ସ୍ୱତନ୍ତ୍ର ରହିଛି। ବର୍ତ୍ତମାନ ସୁଦ୍ଧା ସରକାରୀ ସ୍ତରରେ ଜିଲାରେ ୧୭ଟି ପର୍ଯ୍ୟଟନସ୍ଥଳୀ ରହିଛି। ତେବେ ଏହାର ତଦାରଖ ଓ ନୂତନତ୍ୱ ସର୍ଭେ କରିବାର ଦାୟିତ୍ୱ ସ୍ଥାନୀୟ ପର୍ଯ୍ୟଟନ ବିଭାଗର ରହିଥିବାବେଳେ ଜିଲାରେ ଏହି ବିଭାଗର ଦୟନୀୟ ସ୍ଥିତି ଏବେ ସାମ୍ନାକୁ ଆସିଛି। ଏଠାରେ ଦୀର୍ଘ ବର୍ଷରୁ ସ୍ଥାୟୀ ପିଅନ, ଚୌକିଦାର, ବରିଷ୍ଠ କିରାଣୀ, ଷ୍ଟାଟିଷ୍ଟିକାଲ ଆକାଉଣ୍ଟାଣ୍ଟପଦବୀ ଖାଲି ପଡିଛି। ସେହିପରି କୋରାପୁଟରୁ ଡେପୁଟେସନରେ ଆସି ଜଣେ ପିଅନ ଏଠାରେ କାର୍ଯ୍ୟକରୁଥିବାବେଳେ କନିଷ୍ଠ କିରାଣୀ କଳାହାଣ୍ଡି ସମେତ ବଲାଙ୍ଗୀର ଓ ଜିଲା ପର୍ଯ୍ୟଟନ ଅଧିକାରୀ ମଧ କଳାହାଣ୍ଡି ସମେତ ନୂଆପଡା ଜିଲା ସମ୍ଭାଳୁଛନ୍ତି। ଫଳରେ ଏହି କାର୍ଯ୍ୟାଳୟ କେମିତି ଚାଲୁଥିବ ତାହା ସହଜେ ଅନୁମେୟ। ଅନ୍ୟପକ୍ଷରେ ଆରମ୍ଭ ଦିନରୁ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ ଜିଲା ସଂସ୍କୃତି ବିଭାଗର ଲାଇବ୍ରେରି ରୁମ୍‌ରେ ଚାଲୁଛି। ଗତ ଦେଢ ବର୍ଷ ତଳେ ୨୬ ନମ୍ବର ଜାତୀୟ ରାଜପଥ କଡରେ ଥିବା ରିଷଗାଁ ନିକଟରେ ପର୍ଯ୍ୟଟନ ବିଭାଗର ନୂତନ କୋଠା ନିର୍ମାଣ ସରିଛି। ହେଲେ କର୍ମଚାରୀ ଅଭାବରୁ ଏ ପର୍ଯ୍ୟନ୍ତ ତାହା କାର୍ଯ୍ୟକ୍ଷମ ହୋଇନାହିଁ। ଏପଟେ ଦେଢ ବର୍ଷ ଧରି ନୂତନ କୋଠା ଖାଲି ପଡିଥିବା ସୁଯୋଗ ନେଇ ଗତ ଡିସେମ୍ବର ମାସରେ ସେଠାରେ ଲାଗିଥିବା ୫ଟି ପଙ୍ଖାକୁ ଚୋରମାନେ ଚୋରି କରିନେଇଥିଲେ। ଯାହାକୁ ନେଇ ଜିଲା ପର୍ଯ୍ୟଟନ ଅଧିକାରୀ ସ୍ଥାନୀୟ ଟାଉନ ଥାନାରେ ଏତଲା ମଧ ଦେଇଥିଲେ। ନୂତନ କୋଠାଟି ପ୍ରାୟ ୧ କୋଟି ଟଙ୍କାରେ ନିର୍ମାଣ ହୋଇଥିଲେ ମଧ ତାହା କାର୍ଯ୍ୟକ୍ଷମ ହେଉ ନ ଥିବାରୁ ଏବେ ପରିତ୍ୟକ୍ତ ଅବସ୍ଥାରେ ରହିଛି। ଏ ନେଇ ଜିଲା ପର୍ଯ୍ୟଟନ ଅଧିକାରୀ ସୁବୋଧ ଛତ୍ରିଆଙ୍କୁ ପଚାରିବାରୁ ଖାଲିପଡିଥିବା ପଦବୀ ପୂରଣ କରିବା ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛି ବୋଲି କହିଥିଲେ। ସେହିପରି ନୂତନ କୋଠା ଖୁବଶୀଘ୍ର କାର୍ଯ୍ୟକ୍ଷମ କରାଯିବ ବୋଲି କହିଥିଲେ।

କୋକସରା ବ୍ଲକରେ ‘ଜନଜାଗରଣ ଅଭିଯାନ’

କୋକସରା,୨୫।୫(ଡି.ଏନ.ଏ)

କୋକସରା ବ୍ଲକରେ ଜନଜାଗରଣ ଅଭିଯାନ କାର୍ଯ୍ୟକ୍ରମ।

ସାମଗ୍ରିକ ଭାବରେ ଏକ ବିକଶିତ କଳାହାଣ୍ଡି ଗଠନ ଲକ୍ଷ୍ୟନେଇ କଳାହାଣ୍ଡି ବିକାଶ ପରିଷଦ ପକ୍ଷରୁ ‘ଜନଜାଗରଣ ଅଭିଯାନ’ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଶୁଭାରମ୍ଭ ହୋଇଥିଲା। କଳାହାଣ୍ଡି ଜିଲାର ଚାଷୀ ବିଭିନ୍ନ କ୍ଷେତ୍ରରେ ଅବହେଳାର ଶିକାର ହେଉଥିବାବେଳେ ସେମାନଙ୍କୁ ସେମାନଙ୍କ ହକ୍ ଦେବା ପାଇଁ କଳାହାଣ୍ଡି ବିକାଶ ପରିଷଦ ପବିତ୍ର ଅକ୍ଷୟ ତୃତୀୟାରୁ ଅଭିଯାନ ଆରମ୍ଭ କରିଛି। ଏଥି ସହିତ ଜିଲାରେ ଯେଭଳି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପରିବହନ, ଶିଳ୍ପ ସ୍ଥାପନ, ସ୍ଥାନୀୟ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ସର୍ବୋପରି ଏକ ସୁନ୍ଦର ସବୁଜ କଳାହାଣ୍ଡି ଗଢିବା ଏହି ଅଭିଯାନର ଉଦ୍ଦେଶ୍ୟ ବୋଲି ପରିଷଦର ଅଧକ୍ଷା ଡ.ସୁନୀତି ମୁଣ୍ଡ୍ କହିଛନ୍ତି। ପ୍ରତିଦିନ ଏହି ଯାତ୍ରା ସଚେତନତା କାର୍ଯ୍ୟକ୍ରମ ସହିତ ପଥପ୍ରାନ୍ତ ସଭାମାନ ଆୟୋଜନ କରୁଛନ୍ତି। ଏହି ଜନଜାଗରଣ ଅଭିଯାନ କୋକସରା ବ୍ଲକର କୋକସରା, କାଉଡୋଳା, ଲଡୁଗାଁ, ଶିଉନି ଓ ଆମପାଣି ଠାରେ ପହଞ୍ଚି ଥିବାବେଳେ ବିଭିନ୍ନ ବର୍ଗର ଲୋକଙ୍କ ସହ ଅଞ୍ଚଳର ସମସ୍ୟା ସମ୍ପର୍କରେ କଳାହାଣ୍ଡି ବିକାଶ ପରିଷଦର ଅଧକ୍ଷା ଡ଼. ସୁନୀତି ମୁଣ୍ଡ ଆଲୋଚନା କରିଛନ୍ତି।

ଗଣ୍ଡାବାହାଲିରେ ସମବାୟ ସମିତି ଖୋଲିଲା

ସିନାପାଲି, ୨୫।୫(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ଗଣ୍ଡାବାହାଲିଠାରେ ପ୍ରାଥମିକ କୃଷି ସମବାୟ ସମିତି ଗୁରୁବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥିଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦେଇ ସମିତିକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଗଣ୍ଡାବାହାଲି ଗ୍ରାମ ପଞ୍ଚାୟତ ସରପଞ୍ଚ କୋଶଲ୍ୟା ମେହେର, କେନ୍ଦ୍ର ସମବାୟ ସମିତି ଭବାନୀପାଟଣା ନିର୍ଦ୍ଦେଶକ ତଥା ହାତିବନ୍ଧା ସମବାୟ ସମିତି ସଭାପତି ଗରୁଡ ବେହେରା, ସିନାପାଲି ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଆନନ୍ଦ ବିହାରିଥିଲେ।

ହରିଶଙ୍କରରେ ଶୀତଳ ଷଷ୍ଠୀ ଉତ୍ସବ ଉଦ୍‌ଯାପିତ

ବିବାହ ପରେ କନ୍ୟା ବିଦା ବେଳର ଦୃଶ୍ୟ।

ଖପ୍ରାଖୋଲ,୨୫।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କରଠାରେ ସର୍ବଭାରତୀୟ ସ୍ୱଲାଖ ବିଂଝାଲ ସମାଜ ଓ ବିଶ୍ୱାସେ ଦଳ ସମାଜ ମିଳିତ ଉଦ୍ୟମରେ ଶିବ ବିବାହ ଉତ୍ସବ ଓ ଶୀତଳ ଷଷ୍ଠୀ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସଲାଖ ବିଂଝାଲ ସମାଜ ତରଫରୁ ମା’ ବିନ୍ଧ୍ୟାବାସିନୀ ମନ୍ଦିର ପ୍ରାଙ୍ଗଣରେ ତିନିଦିନ ଧରିଅନୁଷ୍ଠିତ ଉତ୍ସବରେ ବୁଧବାର ସକାଳେ କଳସ ଶୋଭାଯାତ୍ରା ହୋଇଥିଲା। ପାପ ନାଶିନୀ ଝରଣା ରୁ ପୂର୍ଣ୍ଣ କଳସରେ ପାଣି ଆଣି ପୂଜାର୍ଚ୍ଚନା ସହ ବିବାହ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଗୁରୁବାର ପରମ୍ପରା ଅନୁସାରେ ପୂଜା ବିଧି ସହ ହରିଶଙ୍କର ବାବାଙ୍କ ନିର୍ବନ୍ଧ ଅନୁଷ୍ଠିତ ହୋଇଥିଲା। ରାତିରେ ନାନ୍ଦୁପଲା ଗାଁରୁ ବିଶ୍ୱାସେ ଦଳ ସମାଜ ତରଫରୁ ଏକ ଶୋଭାଯାତ୍ରାରେ ମନ୍ଦିରରେ ପହଞ୍ଚି ହରିଶଙ୍କର ବାବାଙ୍କ ପ୍ରତିମୂର୍ତ୍ତିକୁ ବିମାନରେ ବସାଇ ବରଯାତ୍ରୀଙ୍କ ସହ ବିନ୍ଧ୍ୟାବାସିନୀ ମନ୍ଦିର ସମ୍ମୁଖରେ ପହଞ୍ଚିଥିଲେ। ପବିତ୍ର ବେଦମନ୍ତ୍ର ସହ ପାରମ୍ପରିକ ରୀତିରେ ମା ପାର୍ବତୀ ଓ ଶିବଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗୁରୁବାର ସକାଳେ କନ୍ୟାବିଦା ସହ ହରିଶଙ୍କର ବାବାଙ୍କ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ ହୋଇଥିଲା। ଚଳିତ ବର୍ଷ ମା’ ପାର୍ବତୀଙ୍କ ପିତା ହିସାବରେ ମୀନକେତନ ବରିହା ଓ ମାତା ବିନୋଦିନୀ ବରିହା ଦାୟିତ୍ୱ ତୁଲାଇ ଥିବା ବେଳେ ବର ପିତା ଭାବେ ହରିଶଙ୍କର ମନ୍ଦିର ପୂଜକ ତ୍ରିନାଥ ପୂଝାରୀ ଓ ମାତା ସତ୍ୟବତୀ ପୂଝାରୀ କାର୍ଯ୍ୟ ସମ୍ପାଦନ କରିଥିଲେ। ସନ୍ଧ୍ୟାରେ ମନ୍ଦିରରେ ସତନ୍ତ୍ର ଶୀତଳ ଭୋଗ ଲାଗି ହୋଇଥିଲା। ଏହି ଅବସରରେ ସୱାଲାଖ ବିଂଝାଲ ବ୍ଲକ ସଭାପତି ଚନ୍ଦ୍ରଶେଖର ବରିହା, ବିଂଝାଲ ସମାଜ ଲାଠ ସଭାପତି ହୃଷୀକେଶ ବରିହା, ଚନ୍ଦ୍ରଶେଖର ବାଗ, ଅର୍ଜ୍ଜୁନ ବରିହା, ବିଶ୍ୱାସେ ଦଳ ସମାଜ ବ୍ଲକ ସଭାପତି ତୁଳସୀ ରାମ ଭୁଏ, ଗୋରେଖ ନାଥ ବରିହା, ଚନ୍ଦ୍ର ବରିହା, ଶଶି ପୂଝାରୀ, ସୁରେଶ ପୂଜାରୀ, ନରସିଂହ ପୂଝାରୀ, କୁସ ମାଝୀ, ମଧୁସୂଦନ ମାଝି, ହରିଶଙ୍କର ମନ୍ଦିର ମ୍ୟାନେଜର ଗୁପ୍ତେଶ୍ୱର କୁଅଁର ସମେତ ବିଂଝାଲ ସମାଜ, ଦଳ ସମାଜ, ବଣିକ ସଂଘ ସଦସ୍ୟ ଉପସ୍ଥିତ ଥିଲେ।

ଜେଲରୁ ମୁକୁଳିଲେ ୩ ବୟୋଜ୍ୟେଷ୍ଠ କଏଦୀ

ବଲାଙ୍ଗୀର ଅଫିସ, ୨୫।୫: ବଲାଙ୍ଗୀର ଜିଲା କାରାଗାରରେ ଆଜୀବନ ଦଣ୍ଡ ଭୋଗୁଥିବା ତିନିଜଣ ବୟୋଜ୍ୟେଷ୍ଠ କଏଦୀଙ୍କୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ମୁକ୍ତ କରାଯାଇଛି। ମୁକ୍ତ ହୋଇଥିବା ତିନିଜଣ କଏଦୀ ହେଲେ ଲୋଇସିଂହା ଥାନା ଲୁହୁରାମୁଣ୍ଡା ଗାଁର ପାଚିଲା ରାଉତ (୮୫), ସୁଫଳ ତାଣ୍ଡି (୯୦) ଓ ସମାରୁ ତାଣ୍ଡି (୮୫)। ୧୯୮୫ ମସିହାରେ ସଂଘଟିତ ଏକ ହତ୍ୟା ମାମଲାରେ ଉପରୋକ୍ତ ତିନିଜଣ ଅଭିଯୁକ୍ତ ଭାବେ ଗିରଫ ହୋଇ ଜେଲରେ ଥିଲେ। ପରେ ଏହି ମାମଲାରେ ସେମାନେ ଦୋଷୀ ସାବ୍ୟସ୍ତ ହୋଇ ଆଜୀବନ ଦଣ୍ଡ ଭୋଗୁଥିଲେ। ତେବେ ରାଜ୍ୟ ସରକାରଙ୍କ ପ୍ରି ମାଚ୍ୟୁଅର ରିଲିଜ୍ ନିର୍ଦ୍ଦେଶକ୍ରମେ ଏହି ତିନି କଏଦୀଙ୍କୁ ଜେଲରୁ ମୁକ୍ତ କରାଯାଇଥିବା ବଲାଙ୍ଗୀର ଜେଲ ଅଧିକ୍ଷକ ସର୍ବେଶ୍ୱର ସାହୁ ସୂଚନା ଦେଇଛନ୍ତି।

ଟିବି ଆକ୍ରାନ୍ତ ପରିବାରକୁ ରାଶନ ସାମଗ୍ରୀ ପ୍ରଦାନ

ଖଡ଼ିଆଳ,୨୫।୫(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଦାବ୍ରି ପଞ୍ଚାୟତ ଅନ୍ତର୍ଗତ ଭାଲୁଡୁଙ୍ଗରି ଗ୍ରାମରେ ଟିବିମୁକ୍ତ ଭାରତ କାର୍ଯ୍ୟକ୍ରମରେ ଡ଼ଃ.ଅନ୍ନଦା ଶଙ୍କର ଦାଶ ଗୋଟିଏ ଟିବି ଆକ୍ରାନ୍ତ ପରିବାରକୁ ମାସିକ ରାଶନ ସାମଗ୍ରୀ ସହାୟତା ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟିବି ମୁକ୍ତ ଭାରତ ଗଠନ ପାଇଁ ଟିବି ରୋଗୀଙ୍କୁ ୬-ମାସ ପାଇଁ ପୋଷ୍ୟ ଗ୍ରହଣ କରି ମାସିକ ରାଶନ ସାମଗ୍ରୀ ପ୍ରଦାନ ପାଇଁ ନିବେଦନ କରିଥିଲେ। ଏଥିରେ ଅନୁପ୍ରାଣିତ ହୋଇ ଡ଼ଃ. ଦାଶ ଗୋଟିଏ ଟିବି ରୋଗୀ ପରିବାରଙ୍କୁ ପୋଷ୍ୟ ଗ୍ରହଣ କରିଛନ୍ତି। ସେହି ପରିବାରଙ୍କୁ ୬ ମାସ ଧରି ମାସିକ ରାଶନ ସାମଗ୍ରୀ ପ୍ରଦାନ କରିଛନ୍ତି। ଚଳିତ ମାସ ତାଙ୍କ ପୋଷ୍ୟ ଗ୍ରହଣର ୬ ମାସ ପୂରଣ ହୋଇଛି।

କୋସଲେଶ୍ୱର ମନ୍ଦିରରେ ଶିବ ବିବାହ ଉତ୍ସବ

ଖଡ଼ିଆଳ,୨୫।୫(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳ କୋଶଲେଶ୍ୱର ମନ୍ଦିରରରେ ପାଳିତ ହୋଇଯାଇଛି ଶୀତଳଷଷ୍ଠୀ ଓ ଶିବ ପାର୍ବତୀ ବିବାହ ପର୍ବ। ଏଥର କନ୍ୟା ପିତା ମାତା ଭାବେ ରମେଶ କୁମାର ଠାକୁର ଓ ମଧୁସ୍ମିତା ଠାକୁର ଏବଂ ବର ପିତାମାତା ଭାବେ କମଳ ଗୁପ୍ତା ଓ ବର୍ଷା ଗୁପ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ହିନ୍ଦୁ ରୀତିନୀତି ଅନୁଯାୟୀ ବିବାହ କାର୍ଯ୍ୟ କରାଯାଇଥିଲା। ପ୍ରଥମେ ପତର ପେଁଡି (ନିର୍ବନ୍ଧ) ଗୁଆ ଦାନ (ନିମନ୍ତ୍ରଣ) ଆଦି ସରିବା ପରେ ସାମାଜିକ ରୀତିନୀତି ଅନୁସାରେ ବିବାହ କାର୍ଯ୍ୟ କରାଯାଇଥିଲା। ସନ୍ଧ୍ୟାରେ ବର ବେଶରେ ଆସିଥିଲେ ଭଗବାନ ଶିବ। ତାଙ୍କ ସହ ବରଯାତ୍ରୀ ଆସିଥିଲେ ଖଡ଼ିଆଳ ସହର ବାସୀ। ବଜା ବାଜିବା ସହ ନାଚଗୀତର ଆସର ଜମିଥିଲା। ପରେ କନ୍ୟାକୁ ଧରି ବରପକ୍ଷ ବାହୁଡ଼ି ଯାଇଥିଲେ। ଏହି ଯାତ୍ରା ଦେଖିବା ପାଇଁ ଲୋକଙ୍କ ପ୍ରବଳ ସମାଗମ ହୋଇଥିଲା। କୋଶଲେଶ୍ୱର ମନ୍ଦିର କମିଟି ଓ ସହର ଜନସାଧାରଣ ଏଥିରେ ସହଯୋଗ କରିଥିଲେ।

ଭାଜପାର କାର୍ଯ୍ୟକାରିଣୀ ବୈଠକ

କୋକସରା,୨୫।୫(ଡି.ଏନ୍.ଏ.): କୋକସରା, ଆମପାଣି ଓ ମୋଟେର ମଣ୍ଡଳରେ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକାରିଣୀ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୋଦି ସରକାରଙ୍କ ଶାସନର ୯ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ କାର୍ଯ୍ୟକାରିଣୀ ବୈଠକରେ କୋକସରାଠାରେ ମଣ୍ଡଳ ସଭାପତି ଦୁର୍ଗା ପ୍ରଧାନୀଙ୍କ ସଭାପତିତ୍ୱରେ ମଣ୍ଡଳ ସମ୍ପାଦକ ତ୍ରିନାଥ ଶବର ଅତିଥି ପରିଚୟ ପ୍ରଦାନ କରିଥିଲେ। ବୈଠକରେ ବରିଷ୍ଠ ଭାଜପା ସଦସ୍ୟ ଜନାର୍ଦ୍ଦନ ପଣ୍ଡା, ଜିଲା ଯୁବମୋର୍ଚ୍ଚା ସଭାପତି ବିଜୟଦେବ ସାହୁ, ମଣ୍ଡଳ ପ୍ରଭାରୀ ଗରୁଡ଼ ଧ୍ୱଜ ମାଝି, ନୀଳକଣ୍ଠ ମାଝି, ସାଂସଦ ପ୍ରତିନିଧି ସୁଧୀର ପାତ୍ର, ଜିଲା କୃଷକ ମୋର୍ଚ୍ଚା ସମ୍ପାଦକ ଗଣେଶ ନନ୍ଦ, ଉପ ସଭାପତି ଗୋପାଳ ଅଗ୍ରୱାଲ, ଅନିଲ ପଟ୍ଟନାୟକ, ମୁକୁନ୍ଦ ପଟ୍ଟନାୟକ, ଧର୍ମାନନ୍ଦ ନେଗି, ନବୀନ ପ୍ରଧାନୀ, ନରେନ୍ଦ୍ର ପ୍ରଧାନୀ, ରଜନୀକାନ୍ତ ପଣ୍ଡା, ବୈଦ୍ୟନାଥ ମାଝି, ନାରିନେଟ୍ରୀ ରୁକ୍ମଣୀ ଦାସ ଉପସ୍ଥିତ ଥିଲେ। ସେହିପରି ମହିମା ମହାଭାରତପଡ଼ିଆରେ ଆମପାଣି ମଣ୍ଡଳ କାର୍ଯ୍ୟକାରିଣୀ ବୈଠକରେ ମଣ୍ଡଳ ସଭାପତି ଅର୍ଜ୍ଜୁନ ଭାଟିଙ୍କ ସଭାପତିତ୍ୱରେ ମଣ୍ଡଳ ପ୍ରଭାରୀ ଗୋଦାବରୀଶ ପାତ୍ର, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଭଜମନ ନାୟକ, ଘନଶ୍ୟାମ ନାୟକ, ଚକ୍ରଧର ବେଶ୍ରା, ଟଙ୍କ ନାୟକ, ସୁବାଷ ଖର୍ସେଲ ଉପସ୍ଥିତ ଥିଲେ।

ଦ.ପୂ. ରେଳପଥ - ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଆର୍‌ଏମ୍/ଇଏନ୍‌ଜିଜି, ଦ.ପୂ. ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ । **ଟେଣ୍ଡର ବିଜ୍ଞପ୍ତି ନଂ.:** ସିକେପି-ଇଷ୍ଟ୍-୨୩-୨୪-୨୪, **ତାରିଖ** ୨୪।୦୫।୨୦୨୩ । **କାର୍ଯ୍ୟର ନାମ:** ତା୩୦।୦୬।୨୦୨୫ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ଟାଟାନଗରକୁ ଛାଡ଼ି ଟାଟା-ବିଏମ୍‌ପିଆର୍ ଏବଂ ଓଏନ୍‌ଡି-କ୍ୟୁଏମ୍‌ଆଇ ସେକ୍ସନ ନିମନ୍ତେ ଏସ୍‌ଏସ୍‌ଇ (ୱାର୍କସ୍)/ପୂର୍ବ/ଟାଟାଙ୍କ ଅଧୀନରେ ସର୍ଭିସ୍ ଏବଂ ଆବାସିକ ବିଲ୍ଡିଂ ଲାଗି ଜୋନାଲ୍ କାର୍ଯ୍ୟ/ଯୋଗାଣ କାର୍ଯ୍ୟର ନିର୍ବାହ (୨ୟ କଲ୍) । **ଟେଣ୍ଡର ମୂଲ୍ୟ:** ₹୭୯,୯୯,୯୯୯.୩୨; **ଇଏମ୍‌ଡି:** ₹୧,୬୦,୦୦୦/- । **ଟେଣ୍ଡର ଫର୍ମ ମୂଲ୍ୟ:** ₹୦। **ଖୋଲାଯିବା ତାରିଖ:** ତା୧୫।୦୬।୨୦୨୩ରିଖ । ଟେଣ୍ଡର **http://www.ireps.gov.in** ୱେବସାଇଟ୍‌ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ ଦସ୍ତାବିଜ ଅପ୍‌ଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ । (ପ୍ରାଧିକରଣ- ରେଳପଥ ପରିଷଦର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି, ତାରିଖ: ୧୬।୦୭।୨୦୨୦) (PR-202)

सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
cmpdi
A Mini Ratna Company
CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Limited) (कोल इण्डिया लिमिटेड की एक अनुषंगी कंपनी)
Gondwana Place, Kanke Road, Ranchi-834 031, Jharkhand, INDIA

NOTICE

“All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in**/respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in** In addition, procurement is also done through GeM portal **https://gem.gov.in**”.

ODISHA CONSTRUCTION CORPORATION LTD.
(A Government of Odisha Undertaking)
Central Workshop, Rasulgarh, Bhubaneswar - 10 (Odisha)

No. OCC/CWS/PROC/SS-03/17/2023-24 **Dated: 25.05.2023**

TENDER CALL NOTICE

Sealed tenders in conformity with the terms, conditions and specifications in tender documents are invited from reputed manufacturers / traders / Distributor / Dealer / Stockiest / Supplier for “**Supply of Stainless Steel Flats for Kusumi Barrage Project**”.

For details, please visit our website **www.odishaconstruction.com**. The last date & time of sale of tender document and receipt of tender is **31.05.2023** at **1.00 P.M & 3.30 P.M.** respectively and **TECHNICAL BID** and **PRICE BID** to be opened on same date at **04.00 P.M.** i.e., **31.05.2023** ***(Bidders are requested to visit above website regularly for any changes, since it will not be published in news paper again).***

Sd/-
SENIOR MANAGER (MECH.) - I

ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2023-08, ତା.15.05.2023ରିଖ

କାର୍ଯ୍ୟର ନାମ : ଝାରସୁଗୁଡ଼ା-ସିଙ୍ଗିର ଏବଂ ସମ୍ବଲପୁର ସିଟି-ଜରପଦା ସେକ୍ସନରେ ଅମୃତ ଭାରତ କାର୍ଯ୍ୟ ନିମନ୍ତେ ଷ୍ଟେସନ ବିଲ୍ଡିଂ ଏବଂ ପରିଚଳନା କ୍ଷେତ୍ରର ବିଲ୍ଡିଂ ଇତ୍ୟାଦିର ସଫ୍ଟ (Soft) ଉନ୍ନୟନ ସମ୍ପର୍କିତ ସଙ୍କେତ ଏବଂ ଦୂରସଂଚାର କାର୍ଯ୍ୟ ।

ଟେଣ୍ଡର ମୂଲ୍ୟ (ଟଙ୍କାରେ): 69,86,272.10, ବିଡ୍ ସିକ୍ୟୁରିଟି (ଟଙ୍କାରେ) : 1,39,700/- ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.07.06.2023 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **http://www.ireps.gov.in** ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ସଙ୍କେତ ଏବଂ ଦୂରସଞ୍ଚାର),
ସମ୍ବଲପୁର
PR-199/O/23-24

ପୂର୍ବ ତଟ ରେଳପଥ

ସଂ.Comml/SBP/IREPS/Catg./23/14, ତା.12.05.2023ରିଖ

(1) ସମ୍ପତ୍ତିର ବିବରଣୀ: 05(ପାଞ୍ଚ) ବର୍ଷ ନିମନ୍ତେ ସମ୍ବଲପୁର ସିଟି ‘D’ବର୍ଗ (SBPY)/ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଛ ଦୋକାନ (ସ୍ପେଶାଲ ମାଇନର ୟୁନିଟ୍) ସଂଖ୍ୟାଲଘୁ (ମହିଳା) ବ୍ୟବସ୍ଥା । ଷ୍ଟେସନ : ସମ୍ବଲପୁର ସିଟି (SBPY) ।

(2) ସମ୍ପତ୍ତିର ବିବରଣୀ: 05(ପାଞ୍ଚ) ବର୍ଷ ନିମନ୍ତେ ସମ୍ବଲପୁର ସିଟି ‘D’ବର୍ଗ (SBPY)/ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଫଳ/ଫଳ ରସ ଷ୍ଟଲ (ସ୍ପେଶାଲ ମାଇନର ୟୁନିଟ୍-ଅନୁସୂଚିତ ଜନଜାତି) ବ୍ୟବସ୍ଥା । ଷ୍ଟେସନ : ସମ୍ବଲପୁର ସିଟି (SBPY) ।

(3) ସମ୍ପତ୍ତିର ବିବରଣୀ: 05(ପାଞ୍ଚ) ବର୍ଷ ନିମନ୍ତେ ଅତାବିରା ଷ୍ଟେସନ ‘E’ବର୍ଗ (ATS)/ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଛ ଦୋକାନ(ଜେନେରାଲ ମାଇନର ୟୁନିଟ୍) ବ୍ୟବସ୍ଥା । ଷ୍ଟେସନ : ଅତାବିରା (ATS) ।

ନିଲାମ ଆରମ୍ଭ ତାରିଖ ଓ ସମୟ: ତା.26.05.2023 ରିଖ 1200 ଘଟିକା (ସମସ୍ତ କ୍ରମ ସଂ. ନିମନ୍ତେ) ।

ନିଲାମ ବନ୍ଦ ହେବା ତାରିଖ ଓ ସମୟ: ତା.26.05.2023 ରିଖ 1250 ଘଟିକା (ସମସ୍ତ କ୍ରମ ସଂ. ନିମନ୍ତେ) ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ **http://www.ireps.gov.in** ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/
ସମ୍ବଲପୁର
PR-204/O/23-24

JAWAHAR NAVODAYA VIDYALAYA
THERUBALI, RAYAGADA (ODISHA)

ADMISSION NOTIFICATION FOR CLASS-XI FOR THE SESSION 2023-24

Online applications are invited from eligible candidates for admission to class-XI (CBSE English Medium) in Jawahar Navodaya Vidyalayas against the Vacant seats for (Humanities & Science) likely to be available through Lateral Entry Test for the Session 2023-24. Last date for online application is 31.05.2023 and to know more details you may visit to the website-www.navodaya.gov.in.

Sd./- Principal

P.G. DEPARTMENT OF SOCIAL SCIENCE
FAKIR MOHAN UNIVERSITY
Vyasa Vihar, Nuapadhi, Balasore - 756089

No. FMU/R&D-250/2023/5105 **Date: 24.05.2023**

ADVERTISEMENT FOR RESEARCH ASSOCIATE & FIELD INVESTIGATOR

Applications are invited for Research Associate and Field Investigator for ICSSR Major Research Project at P.G. Department of Social Science, F.M. University, entitled “Disaster Management in Odisha, People's perception of the role of District Administration during severe Cyclones and its aftermath (2011-2022)”. The last date for receipt of applications by E-mail is 06.06.2023 (05.00 P.M.). For details please visit our University website i.e. **www.fmuniversity.nic.in**.

Sd./- Prof. Anil Kumar Mohapatra
Project Director, Major Research Project, ICSSR
Department of Social Science
F.M. University, Balasore

JAWAHAR NAVODAYA VIDYALAYA
THERUBALI, DIST: RAYAGADA (ODISHA)-765018

TENDER CALL NOTICE

Sealed quotations for supply of different materials w.e.f July - 2023 to April-2024 are invited from the reputed firms dealing with the particular class of goods and have Sales/Income Tax & GST Registration certificate as the case may be. The Tender form and related information can be had from the Office of JNV, Therubali, Rayagada as per schedule given below during office hours on payment of cash of **Rs.200/-** per form and the tenderers can also download the form from Vidyalaya website **www.navodaya.gov.in/nvs/nvs-school/Rayagada/en/home** & for this the party has to enclose the cost of Tender paper of Rs.200/- with EMD payable at Rayagada. Quotation shall be opened by the PAC in the presence of tenderers or their representative. The Vidyalaya purchase Advisory Committee reserves the right to accept or reject any or all the Quotations without assigning any reason thereof.

Name of Items

1. Grocery item, 2. Vegetable & Fruits, 3. Non - Veg item, 4. Toiletry & Daily use items,, 5. Stitching of Student's uniform, 6. Hiring of Vehicle on contract basis, 7. M & R Item.

Schedule of Tender is as under

Selling of tender form from 26.05.2023 to 15.06.2023 by 1.00 P.M.

Last date of receipt of quotation 15.06.2023 upto 04:00 P.M.

Opening of quotation 16.06.2023 at 11.00 A.M.

Sd./- PRINCIPAL

बैंक ऑफ़ इंडिया Bank of India BOI
ବ୍ୟାଙ୍କ ଅଫ୍ ଇଣ୍ଡିଆ
ଆଞ୍ଚଳିକ କାର୍ଯ୍ୟାଳୟ : ଷ୍ଟାର ହାଉସ୍, ୧/୧ଡ଼ି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫
ଡିମାଣ୍ଡ ନୋଟିସ୍

ସରଫେଶୀ ନିୟମ, ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍

ଆପଣ ନିମ୍ନଲିଖିତ ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତା ଆପଣଙ୍କ ସ୍ଥାବର / ଅସ୍ଥାବର ସମ୍ପତ୍ତି ବନ୍ଧକ ରଖି ବ୍ୟାଙ୍କ ଅଫ୍ ଇଣ୍ଡିଆ, **ଗୋପାଳପୁର ଶାଖା**ରୁ ଋଣ ନେଇଥିଲେ । ଆପଣ ନିମ୍ନଦର୍ଶିତ ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତା କଥିତ ଋଣର ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତା ଥିଲେ । ଆପଣ ଋଣ ପରିଶୋଧ କରିବାରେ ବିଫଳ ହେବାରୁ ଆପଣଙ୍କ ଋଣ ଆକାଉଣ୍ଟଟି ଅଚଳନ୍ତି ସମ୍ପତ୍ତି (NPA) ଶ୍ରେଣୀଭୁକ୍ତ ହୋଇଛି । ବ୍ୟାଙ୍କ ବକେୟା ଋଣ ଆଦାୟ କରିବା ପାଇଁ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରିଥିଲେ ଯାହାକି ପ୍ରଦାନ କରାଯାଇପାରିନଥିଲା । ତେଣୁ ତାହାକୁ ଆପଣଙ୍କ ନିମନ୍ତେ କଥିତ ଆକ୍ଟର ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩(୧) ଅନୁଯାୟୀ ଏଠାରେ ପ୍ରକାଶ କରାଯାଉଛି । ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତା, ବନ୍ଧକ ସମ୍ପତ୍ତି, ବକେୟା ଋଣ ପରିମାଣ ଧାରା ୧୩(୨) ଅନୁଯାୟୀ ପଠାଯାଇଥିବା ଡିମାଣ୍ଡ ନୋଟିସ୍ ଏବଂ ଦାବୀ କରାଯାଇଥିବା ରାଶି ଇତ୍ୟାଦିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

ଶାଖାର ନାମ / ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାଙ୍କ ନାମ ଓ ଠିକଣା, ଋଣ ଆକାଉଣ୍ଟ ନଂ.	ଏନ୍‌ପିଏ(NPA) ତାରିଖ	ସରଫେଶୀ ନିୟମ ଅନୁଯାୟୀ ନୋଟିସ୍ ତାରିଖ	ସରଫେଶୀ ନିୟମ ଅନୁଯାୟୀ ନୋଟିସ୍ ପ୍ରଦତ୍ତ ବକେୟା ରାଶି	ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ
ଗୋପାଳପୁର ଶାଖା **ଋଣଗ୍ରହୀତା: ଶ୍ରୀ ସନ୍ତୋଷ କୁମାର ବଳିୟାରସିଂ,** ପିତା: ଶ୍ରୀ କୃଷ୍ଣ ମୋହନ ବଳିୟାରସିଂ, **ସହ-ଋଣଗ୍ରହୀତା: ଶ୍ରୀ ସୁନିଲ କୁମାର ବଳିୟାରସିଂ,** ପିତା: ଶ୍ରୀ ସନ୍ତୋଷ କୁମାର ବଳିୟାରସିଂ, ଉଭୟଙ୍କ ଠିକଣା: ଜାଗିରିବାଡ, ବେଗୁନିଆ, ଖୋର୍ଦ୍ଧା-୭୫୨୦୬୨, **ଋଣ ଆକାଉଣ୍ଟ ନଂ.:** ୫୧୧୧୭୫୧୧୦୦୦୦୦୭୭ (ଗୃହ ଋଣ) ।	୩୦.୦୩.୨୦୨୩	୨୭.୦୪.୨୦୨୩	ଟ.୧୪,୪୪,୭୭୯.୪୫ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ	**ଶ୍ରୀ ସନ୍ତୋଷ କୁମାର ବଳିୟାରସିଂ**ଙ୍କ ନାମରେ ଥିବା ଜମି/ ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୫୯୯, ଖାତା ନଂ.୪୦୭, ଏରିଆ : ୦.୧୦୦ ଡିସିମିଲି, ମୌଜା : ଜାଗିରିବାଡ, ଥାନା : ବେଗୁନିଆ, ଥାନା ନଂ.୭୨, ତହସିଲି/ ଏସ୍‌ଆରଓ: ବେଗୁନିଆ, ଜିଲ୍ଲା : ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ : ଉତ୍ତର- ସରକାରୀ ଜମି ଏବଂ ରାସ୍ତା (ଏନ୍‌ଏଚ ୫୭ ଖୋର୍ଦ୍ଧା ରୁ ନୟାଗଡ), ଦକ୍ଷିଣ- ଚିତ୍ତରଞ୍ଜନ ନାୟକ, ପୂର୍ବ- ସରକାରୀ ରାସ୍ତା, ପଶ୍ଚିମ- ଅବଦୁଲ୍ ରସିଦ୍ ଖାନ୍ ।

ଆପଣ, ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାଙ୍କୁ ଅବଗତ କରାଇ ଦିଆଯାଉଛି କି ଏହି ନୋଟିସ୍ ର **୬୦ ଦିନ** ମଧ୍ୟରେ ଉପରଦର୍ଶିତ ବକେୟା ରାଶି ସହିତ ପରବର୍ତ୍ତୀ ସୁଧ ସମ୍ପୂର୍ଣ୍ଣ ଭାବେ ପଇଠ କରନ୍ତୁ, ଅନ୍ୟଥା ନିମ୍ନ ସ୍ୱାକ୍ଷରକାରୀ କଥିତ ଆଇନ ଅନୁସାରେ ଉପରଦର୍ଶିତ ସୁରକ୍ଷିତ ସମ୍ପତ୍ତି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବେ । ଆପଣମାନଙ୍କୁ ଜଣାଇ ଦିଆଯାଉଛିକି ଉପରୋକ୍ତ କଥିତ ଆଇନର ଉପଧାରା (୧୩) ଅନୁଯାୟୀ ଆପଣ ଏହି ନୋଟିସ୍ ପ୍ରାପ୍ତ ପରେ ଉପରଦର୍ଶିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବିକ୍ରୟ, ଲିଜ୍, ଲାଇସେନ୍ସ, ଉପହାର, ବନ୍ଧକ କିମ୍ବା ଅନ୍ୟପ୍ରକାରେ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ଆପଣଙ୍କ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୨୫.୦୫.୨୦୨୩ **କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ**

See Career Appointment on every Wednesday & Saturday

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୬ ମେ, ୨୦୨୩

ଧୁମଧାମରେ ପାଳନ ହେଲା ଦେବଦମ୍ପତିଙ୍କ ବିବାହ

ବୌଦ୍ଧ,୨୫।୫(ସ୍ୱ.ପ୍ର.)

ବୌଦ୍ଧ ଜିଲାର ପୁରପଲ୍ଲୀରେ ଶୀତଳଷଷ୍ଠୀ ଯାତ୍ରା ପାଳିତ ହୋଇଯାଇଛି। ବୁଧବାର ମାତା ପାର୍ବତୀ ଓ ମହାଦେବଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ଗୁରୁବାର ଉଭୟ ଦେବଦମ୍ପତି ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିଥିଲେ। ସବୁବର୍ଷ ପରି ଚଳିତବର୍ଷ ମଧ ସହରସ୍ଥିତ ବାବା ମାତଙ୍ଗେଶ୍ୱରଙ୍କ ଶୀତଳ ଷଷ୍ଠୀ ଯାତ୍ରା ଧୁମଧାମରେ ପାଳିତ ହୋଇଛି। ପାର୍ବତୀଙ୍କ ପିତାମାତା ଭାବେ ସହରର ଯୋଗାନନ୍ଦ ବିହାରସ୍ଥିତ ଜଗବନ୍ଧୁ ମହାପାତ୍ର ଓ ତାଙ୍କ ଧର୍ମପତ୍ନୀ କଲ୍ୟାଣୀ ପାଣିଗ୍ରାହୀ ଓ ସହରର ବୁଢ଼ୁପାଲିସ୍ଥିତ କୈଳାଶନାଥ ପାଣିଗ୍ରାହୀ ଓ ଅନୁସୟା ପାଣିଗ୍ରାହୀ ବାବା ମାତଙ୍ଗେଶ୍ୱରଙ୍କ ପିତା ମାତା ଭାବେ ବିବାହ କାର୍ଯ୍ୟ ତୁଲାଇଥିଲେ। ସ୍ଥାନୀୟ ମାତଙ୍ଗେଶ୍ୱର ମନ୍ଦିରଠାରୁ ବିରାଟ ଶୋଭାଯାତ୍ରାରେ ବାବା ଶଙ୍କରଙ୍କ ବରଯାତ୍ରୀ ବାହାରି ବାଜା, ବାଣ ରୋଷଣି ଓ ଡିଜେ ସାଉଣ୍ଡର ତାଳେ ତାଳେ ସହର ପରିକ୍ରମା କରିଥିଲେ । ବରଯାତ୍ରୀ ଦଳରେ ସହରବାସୀ ସାମିଲ ହୋଇ କନ୍ୟା ପିତା ଘରେ ପହଞ୍ଚିଥିଲେ। ଗୁରୁବାର ସନ୍ଧ୍ୟାରେ ଉଭୟ ଦେବଦମ୍ପତିଙ୍କ ଯୁଗଳ ମୂର୍ତ୍ତି ଶୋଭାଯାତ୍ରାରେ ବାହାରି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ପରେ ମହିଳାମାନଙ୍କ ଦ୍ୱାରା ବନ୍ଦାପନା କରାଯାଇ ସ୍ୱମନ୍ଦିରରେ ପ୍ରବେଶ କରିଥିଲେ। ପଣ୍ଡିତ ଭାବେ ଶାନ୍ତିଭୂଷଣ ଚାନ୍ଦ, ପୂର୍ଣ୍ଣଚନ୍ଦ୍ର ମିଶ୍ର ଓ ବବୁଲୁ ପାଢୀ ଦେବାଦେବୀଙ୍କ ବିବାହ କାର୍ଯ୍ୟ ସଂପାଦନ କରିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ଜୟ ନାରାୟଣ ମହାନ୍ତି, ସଂପାଦକ ତାପସ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଓ କମିଟି ସଦସ୍ୟଙ୍କ ସହଯୋଗରେ ବିବାହ କାର୍ଯ୍ୟ ସୁରୁଖୁରୁରେ ହୋଇଥିଲା। ସେହିପରି ସହରର ଅନ୍ୟତମ ଶୈବପୀଠ ବାବା ଚନ୍ଦ୍ରଚୂଡ଼ ଓ ବାବା ରାମେଶ୍ୱରଙ୍କର ବିବାହ କାର୍ଯ୍ୟ ମନ୍ଦିର ପରିଚାଳନା କମିଟି ଓ ଭକ୍ତଙ୍କ ସହଯୋଗରେ ପାଳିତ ହୋଇଯାଇଛି।

ଆଡ଼ିବନ୍ଧ ଓ କେନାଲର ସୁରକ୍ଷା ଉପରେ ଗୁରୁତ୍ୱ

ବୌଦ୍ଧ,୨୫।୫(ସ୍ୱ.ପ୍ର.)

Meeting of District Level Committee on Natural Calamities

ପ୍ରସ୍ତୁତି ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ।

ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ

ବୌଦ୍ଧ ଜିଲାରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା ପାଇଁ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଦିନ ଜିଲାପାଳ ସତ୍ୟରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାକୃତିକ ବିପର୍ଯ୍ୟୟକୁ ଆଖି ଆଗରେ ରଖି ଜିଲାପାଳ ବିଭିନ୍ନ ବିଭାଗ ପକ୍ଷରୁ ହୋଇଥିବା ପ୍ରସ୍ତୁତି ସଂପର୍କରେ ସମୀକ୍ଷା କରିବା ସହ ସମସ୍ତ ବିଭାଗକୁ ସତର୍କ ରହିବାକୁ ପରାମର୍ଶ ଦେଇଥିଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ସମସ୍ତ ବନ୍ୟା ଆଶ୍ରୟସ୍ଥଳୀଗୁଡ଼ିକର ସ୍ଥିତି ସଂପର୍କରେ ଅନୁଧ୍ୟାନ କରିବା ସହିତ ସମସ୍ତ ସ୍ଥାନରେ ଖାଦ୍ୟ ପଦାର୍ଥ ମହଜୁଦ ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର କଣ୍ଟାମାଳ ବ୍ଲକ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର ହରଭଙ୍ଗା ବ୍ଲକ, ଉପଜିଲାପାଳ ରବିନ୍ଦ୍ର ନାଥ କହଁର ବୌଦ୍ଧ ବ୍ଲକ ଓ ଏନଏସି ଅଞ୍ଚଳ ଜରୁରୀକାଳୀନ ଅଧିକାରୀ ଚନ୍ଦ୍ରକାନ୍ତ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ସମସ୍ତ ପ୍ରସ୍ତୁତି କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବନ୍ୟା ଆଶ୍ରୟସ୍ଥଳୀ ଗୁଡ଼ିକରେ ରହିଥିବା ପାନୀୟଜଳ ସମସ୍ୟା ତୁରନ୍ତ ସମାଧାନ କରିବାକୁ କୁହାଯାଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ ନିଜ ଅଞ୍ଚଳରେ ଥିବା ବନ୍ୟା ଆଶ୍ରୟସ୍ଥଳୀଗୁଡ଼ିକର ସ୍ଥିତି ଅନୁଧ୍ୟାନ କରି ସମସ୍ୟା ସଂପର୍କରେ ୭ ଦିନ ମଧ୍ୟରେ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ସହରର ଡ୍ରେନେଜ ବ୍ୟବସ୍ଥା ସନ୍ତୋଷଜନକ ନ ଥିବାରୁ ଏ ସଂପର୍କରେ ୭ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ଏକ କମିଟି ଗଠନ କରାଯାଇଥିଲା। ଏନଏସି ପକ୍ଷରୁ ପାୱାରବୋଟ୍ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ଏହାବ୍ୟତୀତ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ବିଭିନ୍ନ ବିଭାଗର ପ୍ରସ୍ତୁତି ନେଇ ସମୀକ୍ଷା କରାଯାଇ ନଦୀକୂଳ, ଆଡ଼ିବନ୍ଧ ଓ କେନାଲଗୁଡ଼ିକର ସୁରକ୍ଷା ସହିତ ବର୍ଷାର ପରିମାଣ ଓ ନଦୀପାଣିର ଗତି ରେକର୍ଡ କରାଯିବା, ବନ୍ୟା ସମୟରେ ଯୋଗାଯୋଗକୁ ଗୁରୁତ୍ୱ ଦିଆଯିବା ସହିତ ସଠିକ୍ ରୋଡମେପ୍ ତିଆରି କରିବା, ବନ୍ୟାଞ୍ଚଳ ଚିହ୍ନଟ କରିବା,ପାଣିପାଗ ସଂପର୍କରେ ଆଗୁଆ ସୂଚନା ସଂଗ୍ରହ କରିବା, ରିଲିଫ କାର୍ଯ୍ୟ ପାଇଁ ପାୱାର ବୋଟ୍ ଓ ଦେଶୀଡଙ୍ଗା ବ୍ୟବସ୍ଥା କରାଯିବା, ଯୋଗାଯୋଗ ପାଇଁ ପୋଲିସ ପକ୍ଷରୁ ଓ୍ୱାରଲେସ ସେବା ସୁବିଧା ଉପଲବ୍ଧ କରାଇବା,ବନ୍ୟା ଆଶ୍ରୟସ୍ଥଳୀଗୁଡ଼ିକରେ ଆଗୁଆ ଶୁଖିଲା ଖାଦ୍ୟ, ଚାଉଳ, ଡାଲି, କିରୋସିନି ଆଦି ମହଜୁଦ ରଖାଯିବା,ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମୋବାଇଲ ହେଲଥ ଟିମ୍ ସହିତ ସମସ୍ତ ଚିକିତ୍ସାଳୟରେ ଆବଶ୍ୟକ ଜରୁରୀ ଔଷଧ ମହଜୁଦ ରଖାଯିବା , ଗୃହପାଳିତ ପଶୁମାନଙ୍କ ପାଇଁ ଖାଦ୍ୟ ଓ ଔଷଧ ଆଦି ମହଜୁଦ ରଖିବା ଓ ସହରର ଡ୍ରେନେଜ ବ୍ୟବସ୍ଥା ପ୍ରତି ପୌର କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସବୁବେଳେ ପ୍ରସ୍ତୁତ ରହିବାକୁ ଅଗ୍ନିଶମ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏମ୍‌ପିଙ୍କ ପ୍ରତିନିଧି ତାରେଣି ମହାପାତ୍ରଙ୍କ ପ୍ରସ୍ତାବକ୍ରମେ ସାଧାରଣ ଲୋକଙ୍କ ସୂଚନା ପାଇଁ ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟଠାରେ ଏକ ଏଲଇଡି ବୋର୍ଡ ମାଧ୍ୟମରେ ବନ୍ୟାର ସ୍ଥିତି, ହୀରାକୁଦ ଡ୍ୟାମ୍ ସୂଚନା, ପାଣିପାଗ ସଂପର୍କରେ ସୂଚନା ଆଦି ପ୍ରଦାନ କରାଯିବାର ବ୍ୟବସ୍ଥା କରାଯିବାକୁ ଜିଲାପାଳ ସାହୁ ନର୍ଦ୍ଦେଶ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ କୁମାର ରଥଙ୍କ ସମେତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ବିଡିଓଙ୍କ ଦ୍ୱାରସ୍ଥ ହେଲେ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା

ଅମରପାଲି,୨୫।୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତା ଗ୍ରାମରେ ସିଆରପି ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଗ୍ରାମର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଏହାର ପ୍ରତିବାଦ କରି ବୀରମହାରାଜପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ)ଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଖଣ୍ଡହତା ଗ୍ରାମରେ ସିଆରପି ନିଯୁକ୍ତି ପାଇଁ ବ୍ଲକର ପତ୍ର ସଂଖ୍ୟା ୫୭ ଅନୁଯାୟୀ ଗତ ତା୪।୪।୨୦୨୩ ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଫଳରେ ଉକ୍ତ ପଦବୀ ପାଇଁ ଖଣ୍ଡହତା ଗ୍ରାମର ହେମବତୀ ଦନାୟକ, ପୁଷ୍ପାଞ୍ଜଳୀ ପଧାନ, ରୀନା ସାହୁ, ସନ୍ତୋଷିନୀ କର୍ଡିଆ, ସୀତା ପଧାନ ଓ ଜନକପୁର ଗ୍ରାମର ମମତା ଖଣ୍ଡଗିରୀ ପ୍ରମୁଖ ଆବେଦନ କରିଥିଲେ। ତନ୍ମଧ୍ୟରୁ ହେମବତୀ ଦନାୟକ ସର୍ବୋଚ୍ଚ ନମ୍ବର ରଖିଥିଲେ ମଧ ତାଙ୍କୁ ଚୟନ କରାଯାଇ ନାହିଁ। ସିଆରପି ଚୟନରେ ଅନିୟମିତତା କରାଯାଇ କମ ନମ୍ବର ରଖିଥିବା ଅନ୍ୟ ଜଣେ ମହିଳାଙ୍କୁ ଚୟନ କରାଯାଇଛି। ଏଣୁ ବେଆଇନ ଚୟନକୁ ବିରୋଧ କରି ଗ୍ରାମର ନୀଳମାଧବ ସ୍ୱୟଂ ସହାୟିକା ଗୋଷ୍ଠୀ, ଦଧିବାବନ, ମା'ତାରେଣୀ , ପଞ୍ଚଖଣ୍ଡା , ମା'ତୁଳସୀ ଦେବୀ ସ୍ୱୟଂ ସହାୟିକା ଗୋଷ୍ଠୀ, ମହାମାୟୀ ସ୍ୱୟଂ ସହାୟିକା ଗୋଷ୍ଠୀ, ସମଲେଶ୍ୱରୀ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କ ସହ ହେମବତୀ ଦନାୟକ, ସସ୍ମିତା ପଧାନ, ସନ୍ତୋଷିନୀ କର୍ଣ୍ଣ, ସୌଦାମିନୀ କର୍ମୀ, ନିରୁପମା କର୍ମୀ, ହିମାଦ୍ରୀ କର୍ମୀ, କଲ୍ୟାଣୀ ପୁରୋହିତଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ମହିଳା ବୀରମହାରାଜପୁର ବିଡିଓ ମୋତିଲାଲା ସୁଲିଆଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ଉକ୍ତ ବେଆଇନ ଚୟନକୁ ବାତିଲ କରି ନୂତନ ଭାବେ ଉପଯୁକ୍ତ ପ୍ରାର୍ଥୀଙ୍କୁ ଚୟନ କରିବାକୁ ଦାବି କରାଯାଇଛି । ଏନେଇ ବୀରମହାରାଜପୁର ବିଡିଓ ମୋତିଲାଲ ସୁଲିଆଙ୍କୁ ପଚାରିବାରେ ଚୟନ ପ୍ରକ୍ରିୟା ଠିକ୍‌ରେ ହୋଇଛି। ମାତ୍ର ଅଧିକ ନମ୍ବର ରଖିଥିବା ପ୍ରାର୍ଥିନୀଙ୍କ ପ୍ରମାଣପତ୍ରରେ ତ୍ରୁଟି ରହିଛି। ଯଦି ଉକ୍ତ ପ୍ରାର୍ଥିନୀ ଉପଯୁକ୍ତ ପ୍ରମାଣପତ୍ର ଦାଖଲ କରିବେ ତେବେ ତାଙ୍କୁ ଚୟନ କରାଯିବ ବୋଲି ପ୍ରକାଶ କରିଛନ୍ତି।

ଖଣ୍ଡହତାର ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନେ ବିଡିଓଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି।

ମାଟ୍ରିକ ଟପ୍ପରଙ୍କୁ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା

ବୌଦ୍ଧ,୨୫।୫(ସ୍ୱ.ପ୍ର.)

ସଭାରେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ଜିଲାପାଳ ଓ କୃତୀ ଛାତ୍ରୀଛାତ୍ର ।

ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ଗୃହଠାରେ ଚଳିତ ମାଟ୍ରିକ ପରୀକ୍ଷାରେ ବୌଦ୍ଧ ଜିଲାର ଏ-୧ ଗ୍ରେଡ ପାଇଥିବା ୮ ଜଣ ଛାତ୍ରୀଛାତ୍ରଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ଦିନ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟଅତିଥି ଭାବରେ ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ ପ୍ରଦିପ କୁମାର ଅମାତ ଯୋଗଦେଇ ସମସ୍ତ କୃତୀ ଛାତ୍ରୀଛାତ୍ର, ସେମାନଙ୍କ ଅଭିଭାବକ ଓ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ଉପାଦେୟ ପୁସ୍ତକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲା ଶିକ୍ଷାଧିକାରୀ ଡ. ଉଦୟନାଥ ମାଝୀ ପରିଚାଳନା କରିଥିଲେ । ସମ୍ମାନିତ ଅତିଥି ଭାବରେ ଜିଲାପାଳ ସତ୍ୟ ରଞ୍ଜନ ସାହୁ, ଏମ୍‌ପିଙ୍କ ପ୍ରତିନିଧି ତାରେଣି ମହାପାତ୍ର, ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଶ୍ୱିନୀ କୁମାର ମେହେର, ଉପଜିଲାପାଳ ରବିନ୍ଦ୍ରନାଥ କହଁର ପ୍ରମୁଖ ଉପସ୍ଥିତ ଥିଲେ। ଏ-୧ ଗ୍ରେଡରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରମାନେ ହେଲେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅର୍ପିତା ପ୍ରିୟଦର୍ଶିନୀ ଏବଂ ଅପର୍ଣ୍ଣା ମହାପାତ୍ର, ରାଜେନ୍ଦ୍ର ନାରାୟଣ ବିଦ୍ୟାଳୟ ଧଳପୁରର ଦୁଇ ଯମଜ ଭାଇ ଓମପ୍ରକାଶ ହୋତା ଏବଂ ସତ୍ୟ ପ୍ରକାଶ ହୋତା, ଇନ୍ଦିରା ବାଳିକା ଉଚ୍ଚ ବିଦ୍ୟାଳୟ ମନମୁଣ୍ଡାର ସାନିଆଁ ଦେହୁରୀ, ବାଉଁଶୁଣୀ ବାଳିକା ଉଚ୍ଚ ବିଦ୍ୟାଳୟର ଅଲିଭା ମହାକୁଳ, ମା' ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟ ଘଣ୍ଟାପଡାର ସାଗର ମଲ୍ଲିକ୍ ଓ ଜନତା ଉଚ୍ଚବିଦ୍ୟାଳୟ ଆମ୍ବଗାଁ ର ପପୁ ପ୍ରଧାନ। ଜୀବନରେ ଜଣେ ସଫଳ ମଣିଷ ହେବା ସହିତ ଜିଲାର ନାମକୁ ଗୌରବାନ୍ୱିତ କରିବାକୁ ମନ୍ତ୍ରୀ ଅମାତ ଓ ଜିଲାପାଳ ସାହୁ କୃତୀ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଶାରିରୀକ ଶିକ୍ଷା ନିରୀକ୍ଷକ ଆନନ୍ଦ କୁମାର ବେହେରା, ଜୟନ୍ତ କୁମାର ପ୍ରଧାନ, ସିଆରସିସି ସନ୍ତୋଷ କର୍ଣ୍ଣ ଓ ଲାଇବ୍ରେରିଆନ ଅକ୍ଷୟ ମହାକୁଡ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମ୍ବର୍ଦ୍ଧନା ଉତ୍ସବରେ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

ମନ୍ଦିର ବିଜେ କଲେ ମା' ବୁଢ଼ିମା

ସୋନପୁର,୨୫।୫(ନି.ପ୍ର.)

ଜ୍ୟେଷ୍ଠ ଶୁକ୍ଳ ଷଷ୍ଠୀ ଗୁରୁବାର ସୋନପୁର ଢେରାପଡା ସ୍ଥିତ ନୂତନ ମନ୍ଦିରକୁ ମା' ବୁଢ଼ିମା ବିଜେ କରିଛନ୍ତି। ଗତ ୨୧ତାରିଖଠାରୁ ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଥିଲା । ଏହି ଅବସରରେ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଯଜ୍ଞ, ନାମ ସଂକୀର୍ତ୍ତନ ଓ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବୁଧବାର ମନ୍ଦିର ଶୋଧନ ସହ ମହାଦେବଙ୍କ ଲିଙ୍ଗ ଓ ପାର୍ଶ୍ୱ ଦେବତା ମନ୍ଦିରରେ ସ୍ଥାପନ କରାଯାଇଥିଲା। ପୂର୍ଣ୍ଣାହୁତି ପରେ ବୁଢ଼ିମା ମନ୍ଦିରକୁ ବିଜେ କରିଥିଲେ। ସକାଳେ ଯଜ୍ଞମଣ୍ଡପରେ ଶାନ୍ତି ପାଠ, ମଙ୍ଗଳାଷ୍ଟକ, ସୂର୍ଯ୍ୟପୂଜା, ସର୍ବଦେବାଦେବୀ ପୂଜା, ମହାସ୍ନାନ, ଛାୟାସ୍ନାନ ସହ ଷୋଡ଼ଶ ଉପଚାର ପୂଜା, ହବନ ,ପୂର୍ଣ୍ଣାହୁତ ଆଦି ପରେ ମା' ମନ୍ଦିରକୁ ବିଜେ କରିଛନ୍ତି। ସମ୍ପୂର୍ଣ୍ଣ ଦକ୍ଷିଣ ଭାରତୀୟ ଶୈଳୀରେ ନିର୍ମିତ ଏହି ଭବ୍ୟ ମନ୍ଦିର ନିର୍ମାଣରେ ପ୍ରାୟ ଷାଠିଏ ଲକ୍ଷ ଟଙ୍କା ବ୍ୟୟ ହୋଇଛି' ମନ୍ଦିର ମାଳିନୀ ସୁବର୍ଣ୍ଣପୁରକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଏହି ମନ୍ଦିର ଆକୃଷ୍ଟ କରିବ ବୋଲି ଆଶା କରାଯାଉଛି।

ଶୀତଳଷଷ୍ଠୀ ଯାତ୍ରା ପାଳିତ

ବୌଦ୍ଧ,୨୫।୫(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବିରାମଚନ୍ଦ୍ରପୁର ଗ୍ରାମରେ ଦୀର୍ଘ ୫୯ ବର୍ଷ ଧରି ବାବା ସୁବର୍ଣ୍ଣେଶ୍ୱରଙ୍କ ଶୀତଳଷଷ୍ଠୀ ଯାତ୍ରା ମହାସମାରୋହରେ ପାଳିତ ହୋଇଆସୁଛି । ଚଳିତବର୍ଷ ମହାଦେବଙ୍କ ପିତା ଭାବେ ଜୀବର୍ଦ୍ଧନ ଗଇନ୍ଦ୍ର ଓ ମାତା ପାର୍ବତୀଙ୍କ ପିତା ଭାବେ ଶୁଶିଳ ମିଶ୍ର ଦାୟିତ୍ୱ ତୁଲାଇଥିଲେ। ବାବା ସୁବର୍ଣ୍ଣେଶ୍ୱରଙ୍କ ବରଯାତ୍ରୀ ଶୋଭାଯାତ୍ରା ବିରନରସିଂହପୁର ଠାରୁ ବାହାରି ବିରାମଚନ୍ଦ୍ରପୁର ଠାରେ ପହଞ୍ଚି ଥିଲା । ବରାତି ଶୋଭାଯାତ୍ରା ଯିବା ବେଳେ ବାଣ, ରୋଷଣୀ, ଦୁଲଦୁଲି ବାଦ୍ୟ, ଘଣ୍ଟବାଦ୍ୟ ଓ ଆତସବାଜିରେ ପୁରା ଅଞ୍ଚଳ କମ୍ପି ଉଠିଥିଲା । କନ୍ୟାପିତା ବରଣ କରି ବିବାହ ବେଦୀକୁ ନେବା ପରେ ରୀତିନୀତି ଅନୁଯାୟୀ ବାବା ଶଙ୍କରଙ୍କ ସହ ମାତା ପାର୍ବତୀଙ୍କ ବିବାହ ହୋଇଥିଲା। ପଣ୍ଡିତ ଚିତ୍ତରଞ୍ଜନ ମିଶ୍ରଙ୍କ ଦ୍ୱାରା ପୂଜା କାର୍ଯ୍ୟ କରାଯାଇ ବିବାହ ସମ୍ପନ୍ନ କରାଯାଇଥିଲା। ଏହି ଯାତ୍ରା ପ୍ରତିବର୍ଷ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ପାଳିତ ହୋଇଆସୁଛି। ଗ୍ରାମର ଯୁବକ ସଂଘ ଦ୍ୱାରା ଦୁଇ ଦିନ ଧରି ଅପେରା ମଞ୍ଚସ୍ଥ ହୋଇଥିଲା। ଗ୍ରାମ ସଭାପତି ବୁଦ୍ଧି ସାଗର ମିଶ୍ର ଓ ଗ୍ରାମବାସୀ ସହଯୋଗ କରିଥିଲେ।

सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
cmpdi
A Mini Ratna Company
CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Limited) (कोल इण्डिया लिमिटेड की एक अनुषंगी कंपनी)
Gondwana Place, Kanke Road, Ranchi-834 031, Jharkhand, INDIA

NOTICE

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in**/respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurment Portal **https://eprocure.gov.in** In addition, procurement is also done through GeM portal **https://gem.gov.in**".

ODISHA CONSTRUCTION CORPORATION LTD.
(A Government of Odisha Undertaking)
Central Workshop, Rasulgarh, Bhubaneswar - 10 (Odisha)

No. OCC/CWS/PROC/SS-03/17/2023-24 Dated: 25.05.2023

TENDER CALL NOTICE

Sealed tenders in conformity with the terms, conditions and specifications in tender documents are invited from reputed manufacturers / traders / Distributor / Dealer / Stockiest / Supplier for "**Supply of Stainless Steel Flats for Kusumi Barrage Project**".

For details, please visit our website www.odishaconstruction.com. The last date & time of sale of tender document and receipt of tender is **31.05.2023** at **1.00 P.M & 3.30 P.M.** respectively and **TECHNICAL BID** and **PRICE BID** to be opened on same date at **04.00 P.M.** i.e., **31.05.2023** ***(Bidders are requested to visit above website regularly for any changes, since it will not be published in news paper again).***

Sd/-
SENIOR MANAGER (MECH.) - I

JAWAHAR NAVODAYA VIDYALAYA
THERUBALI, RAYAGADA (ODISHA)

ADMISSION NOTIFICATION FOR CLASS-XI FOR THE SESSION 2023-24

Online applications are invited from eligible candidates for admission to class-XI (CBSE English Medium) in Jawahar Navodaya Vidyalayas against the Vacant seats for (Humanities & Science) likely to be available through Lateral Entry Test for the Session 2023-24. Last date for online application is 31.05.2023 and to know more details you may visit to the website-www.navodaya.gov.in.

Sd./- Principal

P.G. DEPARTMENT OF SOCIAL SCIENCE
FAKIR MOHAN UNIVERSITY
Vyasa Vihar, Nuapadhi, Balasore - 756089

No. FMU/R&D-250/2023/5105 Date: 24.05.2023

ADVERTISEMENT FOR RESEARCH ASSOCIATE & FIELD INVESTIGATOR

Applications are invited for Research Associate and Field Investigator for ICSSR Major Research Project at P.G. Department of Social Science, F.M. University, entitled "Disaster Management in Odisha, People's perception of the role of District Administration during severe Cyclones and its aftermath (2011-2022)". The last date for receipt of applications by E-mail is 06.06.2023 (05.00 P.M.). For details please visit our University website i.e. **www.fmuniversity.nic.in**.

Sd./- Prof. Anil Kumar Mohapatra
Project Director, Major Research Project, ICSSR
Department of Social Science
F.M. University, Balasore

ଦ.ପୂ. ରେଳପଥ - ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଆର୍‌ଏମ୍/ଇଏନ୍‌ଜିଜି, ଦ.ପୂ. ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ । **ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଇଷ୍ଟ୍-୨୩-୨୪-୨୪, ତାରିଖ ୨୪।୦୫।୨୦୨୩ । କାର୍ଯ୍ୟର ନାମ:** ତା୩୦।୦୬।୨୦୨୫ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ଟାଟାନଗରକୁ ଛାଡ଼ି ଟାଟା-ବିଏମ୍‌ପିଆର୍ ଏବଂ ଓଏନ୍‌ଡି-କିୟୁଏମ୍‌ଆଇ ସେକ୍ସନ ନିମନ୍ତେ ଏସ୍‌ଏସ୍‌ଇ (ୱାର୍କସ୍)/ପୂର୍ବ/ଟାଟାଙ୍କ ଅଧୀନରେ ସର୍ଭିସ୍ ଏବଂ ଆବାସିକ ବିଲ୍‌ଡିଂ ଲାଗି ଜୋନାଲ୍ କାର୍ଯ୍ୟ/ଯୋଗାଣ କାର୍ଯ୍ୟର ନିର୍ବାହ (୨ୟ କଲ୍) । **ଟେଣ୍ଡର ମୂଲ୍ୟ: ₹୭୯,୯୯,୯୯୯.୩୨; ଇଏମ୍‌ଡି: ₹୧,୬୦,୦୦୦/-। ଟେଣ୍ଡର ଫର୍ମ ମୂଲ୍ୟ: ₹୦। ଖୋଲାଯିବା ତାରିଖ: ତା୧୫।୦୬।୨୦୨୩ରିଖ ।** ଟେଣ୍ଡର **http://www.ireps.gov.in** ୱେବ୍‌ସାଇଟ୍‌ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ ଦସ୍ତାବିଜ ଅପ୍‌ଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ । (ପ୍ରାଧିକରଣ- ରେଳପଥ ପରିଷଦର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି, ତାରିଖ: ୧୬।୦୭।୨୦୨୦) **(PR-202)**

ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2023-08, ତା.15.05.2023ରିଖ

କାର୍ଯ୍ୟର ନାମ : ଝାରସୁଗୁଡ଼ା-ସିଙ୍ଗିର ଏବଂ ସମ୍ବଲପୁର ସିଟି-ଢଙ୍କପଡା ସେକ୍ସନରେ ଅମୃତ ଭାରତ କାର୍ଯ୍ୟ ନିମନ୍ତେ ଷ୍ଟେସନ ବିଲ୍ଡିଙ୍ଗ୍ ଏବଂ ପରିଚଳନା କ୍ଷେତ୍ରର ବିଲ୍ଡିଙ୍ଗ୍ ଇତ୍ୟାଦିର ସଫ୍ଟ (Soft) ଉନ୍ନୟନ ସମ୍ପର୍କିତ ସଙ୍କେତ ଏବଂ ଦୂରସଂଚାର କାର୍ଯ୍ୟ ।

ଟେଣ୍ଡର ମୂଲ୍ୟ (ଟଙ୍କାରେ): 69,86,272.10, ବିଡ୍ ସିକ୍ୟୁରିଟି (ଟଙ୍କାରେ) : 1,39,700/- ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.07.06.2023 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **http://www.ireps.gov.in** ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ସଙ୍କେତ ଏବଂ ଦୂରସଞ୍ଚାର), ସମ୍ବଲପୁର
PR-199/O/23-24

ପୂର୍ବ ତଟ ରେଳପଥ

ସଂ.Comml/SBP/IREPS/Catg./23/14, ତା.12.05.2023ରିଖ

(1) ସମ୍ପତ୍ତିର ବିବରଣୀ: 05(ପାଞ୍ଚ) ବର୍ଷ ନିମନ୍ତେ ସମ୍ବଲପୁର ସିଟି 'D'ବର୍ଗ (SBPY)/ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଖ ଦୋକାନ (ଷ୍ଟେଶାଲ ମାଇନର ୟୁନିଟ୍) ସଂଖ୍ୟାଲଘୁ (ମହିଳା) ବ୍ୟବସ୍ଥା । ଷ୍ଟେସନ : ସମ୍ବଲପୁର ସିଟି (SBPY) ।

(2) ସମ୍ପତ୍ତିର ବିବରଣୀ: 05(ପାଞ୍ଚ) ବର୍ଷ ନିମନ୍ତେ ସମ୍ବଲପୁର ସିଟି 'D'ବର୍ଗ (SBPY)/ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଫଳ/ଫଳ ରସ ଷ୍ଟଲ (ଷ୍ଟେଶାଲ ମାଇନର ୟୁନିଟ୍-ଅନୁସୂଚିତ ଜନଜାତି) ବ୍ୟବସ୍ଥା । ଷ୍ଟେସନ : ସମ୍ବଲପୁର ସିଟି (SBPY) ।

(3) ସମ୍ପତ୍ତିର ବିବରଣୀ: 05(ପାଞ୍ଚ) ବର୍ଷ ନିମନ୍ତେ ଅତାବିରା ଷ୍ଟେସନ 'E'ବର୍ଗ (ATS)/ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଖ ଦୋକାନ(ଜେନେରାଲ ମାଇନର ୟୁନିଟ୍) ବ୍ୟବସ୍ଥା । ଷ୍ଟେସନ : ଅତାବିରା (ATS) ।

ନିଲାମ ଆରମ୍ଭ ତାରିଖ ଓ ସମୟ: ତା.26.05.2023 ରିଖ 1200 ଘଟିକା (ସମସ୍ତ କ୍ରମ ସଂ. ନିମନ୍ତେ) ।

ନିଲାମ ବନ୍ଦ ହେବା ତାରିଖ ଓ ସମୟ: ତା.26.05.2023 ରିଖ 1250 ଘଟିକା (ସମସ୍ତ କ୍ରମ ସଂ. ନିମନ୍ତେ) ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ **http://www.ireps.gov.in** ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ସମ୍ବଲପୁର
PR-204/O/23-24

बैंक ऑफ़ इंडिया Bank of India BOI

ବ୍ୟାଙ୍କ ଅଫ୍ ଇଣ୍ଡିଆ
ଆଞ୍ଚଳିକ କାର୍ଯ୍ୟାଳୟ : ଷ୍ଟାର ହାଉସ୍, ୧/୧ଡ଼ି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

ଡିମାଣ୍ଡ ନୋଟିସ୍

ସରଫେଶୀ ନିୟମ, ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍

ଆପଣ ନିମ୍ନଲିଖିତ ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତା ଆପଣଙ୍କ ସ୍ଥାବର / ଅସ୍ଥାବର ସମ୍ପତ୍ତି ବନ୍ଧକ ରଖି ବ୍ୟାଙ୍କ ଅଫ୍ ଇଣ୍ଡିଆ, **ଗୋପାଳପୁର ଶାଖା**ରୁ ଋଣ ନେଇଥିଲେ । ଆପଣ ନିମ୍ନଦର୍ଶିତ ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତା କଥିତ ଋଣର ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତା ଥିଲେ । ଆପଣ ଋଣ ପରିଶୋଧ କରିବାରେ ବିଫଳ ହେବାରୁ ଆପଣଙ୍କ ଋଣ ଆକାଉଣ୍ଟଟି ଅଚଳନ୍ତି ସମ୍ପତ୍ତି (NPA) ଶ୍ରେଣୀଭୁକ୍ତ ହୋଇଛି । ବ୍ୟାଙ୍କ ବକେୟା ଋଣ ଆଦାୟ କରିବା ପାଇଁ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରିଥିଲେ ଯାହାକି ପ୍ରଦାନ କରାଯାଇପାରିନଥିଲା । ତେଣୁ ତାହାକୁ ଆପଣଙ୍କ ନିମନ୍ତେ କଥିତ ଆକ୍ଟର ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩(୧) ଅନୁଯାୟୀ ଏଠାରେ ପ୍ରକାଶ କରାଯାଉଛି । ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତା, ବନ୍ଧକ ସମ୍ପତ୍ତି, ବକେୟା ଋଣ ପରିମାଣ ଧାରା ୧୩(୨) ଅନୁଯାୟୀ ପଠାଯାଇଥିବା ଡିମାଣ୍ଡ ନୋଟିସ୍ ଏବଂ ଦାବୀ କରାଯାଇଥିବା ରାଶି ଇତ୍ୟାଦିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

ଶାଖାର ନାମ / ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାଙ୍କ ନାମ ଓ ଠିକଣା, ଋଣ ଆକାଉଣ୍ଟ ନଂ.	ଏନ୍‌ପିଏ(NPA) ତାରିଖ	ସରଫେଶୀ ନିୟମ ଅନୁଯାୟୀ ନୋଟିସ୍ ତାରିଖ	ସରଫେଶୀ ନିୟମ ଅନୁଯାୟୀ ନୋଟିସ୍ ପ୍ରଦତ୍ତ ବକେୟା ରାଶି	ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ
ଗୋପାଳପୁର ଶାଖା **ଋଣଗ୍ରହୀତା : ଶ୍ରୀ ସନ୍ତୋଷ କୁମାର ବଳିୟାରସିଂ**, ପିତା: ଶ୍ରୀ କୃଷ୍ଣ ମୋହନ ବଳିୟାରସିଂ, **ସହ-ଋଣଗ୍ରହୀତା: ଶ୍ରୀ ସୁନିଲ କୁମାର ବଳିୟାରସିଂ**, ପିତା: ଶ୍ରୀ ସନ୍ତୋଷ କୁମାର ବଳିୟାରସିଂ, ଉଭୟଙ୍କ ଠିକଣା : କାଗିରିବାଡ, ବେଗୁନିଆ, ଖୋର୍ଦ୍ଧା-୭୫୨୦୬୨, **ଋଣ ଆକାଉଣ୍ଟ ନଂ.: ୫୧୧୧୭୫୧୧୦୦୦୦୦୭୭** (ଗୃହ ଋଣ) ।	୩୦.୦୩.୨୦୨୩	୨୭.୦୪.୨୦୨୩	ଟ.୧୪,୪୪,୭୭୯.୪୫ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ	**ଶ୍ରୀ ସନ୍ତୋଷ କୁମାର ବଳିୟାରସିଂ**ଙ୍କ ନାମରେ ଥିବା ଜମି/ ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୫୯୯, ଖାତା ନଂ.୪୦୭, ଏରିଆ : ଏ୦.୧୦୦ ଡିସିମିଲି, ମୌଜା : କାଗିରିବାଡ, ଥାନା : ବେଗୁନିଆ, ଥାନା ନଂ.୭୨, ତହସିଲି/ଏସ୍‌ଆରଓ: ବେଗୁନିଆ, ଜିଲ୍ଲା : ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ : ଉତ୍ତର- ସରକାରୀ ଜମି ଏବଂ ରାସ୍ତା (ଏନ୍‌ଏଚ ୫୭ ଖୋର୍ଦ୍ଧା ରୁ ନୟାଗଡ), ଦକ୍ଷିଣ- ଚିତ୍ତରଞ୍ଜନ ନାୟକ, ପୂର୍ବ- ସରକାରୀ ରାସ୍ତା, ପଶ୍ଚିମ- ଅବଦୁଲ୍ ରସିଦ୍ ଖାନ୍ ।

ଆପଣ, ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାଙ୍କୁ ଅବଗତ କରାଇ ଦିଆଯାଉଛି କି ଏହି ନୋଟିସ୍ ର **୬୦ ଦିନ** ମଧ୍ୟରେ ଉପରଦର୍ଶିତ ବକେୟା ରାଶି ସହିତ ପରବର୍ତ୍ତୀ ସୁଧ ସମ୍ପୂର୍ଣ୍ଣ ଭାବେ ପଇଠ କରନ୍ତୁ, ଅନ୍ୟଥା ନିମ୍ନ ସ୍ୱାକ୍ଷରକାରୀ କଥିତ ଆଇନ ଅନୁସାରେ ଉପରଦର୍ଶିତ ସୁରକ୍ଷିତ ସମ୍ପତ୍ତି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବେ । ଆପଣମାନଙ୍କୁ ଜଣାଇ ଦିଆଯାଉଛିକି ଉପରୋକ୍ତ କଥିତ ଆଇନର ଉପଧାରା (୧୩) ଅନୁଯାୟୀ ଆପଣ ଏହି ନୋଟିସ୍ ପ୍ରାପ୍ତ ପରେ ଉପରଦର୍ଶିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବିକ୍ରୟ, ଲିଜ୍, ଲାଇସେନ୍ସ, ଉପହାର, ବନ୍ଧକ କିମ୍ବା ଅନ୍ୟପ୍ରକାରେ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ଆପଣଙ୍କ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୨୫.୦୫.୨୦୨୩ **କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ**

JAWAHAR NAVODAYA VIDYALAYA
THERUBALI, DIST: RAYAGADA (ODISHA)-765018

TENDER CALL NOTICE

Sealed quotations for supply of different materials w.e.f July - 2023 to April-2024 are invited from the reputed firms dealing with the particular class of goods and have Sales/Income Tax & GST Registration certificate as the case may be. The Tender form and related information can be had from the Office of JNV, Therubali, Rayagada as per schedule given below during office hours on payment of cash of **Rs.200/-** per form and the tenderers can also download the form from Vidyalaya website **www.navodaya.gov.in/nvs/nvs-school/Rayagada/en/home** & for this the party has to enclose the cost of Tender paper of Rs.200/- with EMD payable at Rayagada. Quotation shall be opened by the PAC in the presence of tenderers or their representative. The Vidyalaya purchase Advisory Committee reserves the right to accept or reject any or all the Quotations without assigning any reason thereof.

Name of Items

1. Grocery item, 2. Vegetable & Fruits, 3. Non - Veg item, 4. Toiletry & Daily use items,, 5. Stitching of Student's uniform, 6. Hiring of Vehicle on contract basis, 7. M & R Item.

Schedule of Tender is as under

Selling of tender form from 26.05.2023 to 15.06.2023 by 1.00 P.M.

Last date of receipt of quotation 15.06.2023 upto 04:00 P.M.

Opening of quotation 16.06.2023 at 11.00 A.M.

Sd./- PRINCIPAL

See Career Appointment on every Wednesday & Saturday

ଏନଆଇଟି ରୋଡ଼ରେ ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗିଲା

ରାଉରକେଲା ଅଫିସ : ସେକ୍ଟର-୨ ବିଜୁ ପଟ୍ଟନାୟକ ଛକରୁ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି) ରାଉରକେଲା ଛକ ପର୍ଯ୍ୟନ୍ତ ଏକାଧିକ ସ୍ଥାନରେ ଗଛ ଭାଙ୍ଗିଥିବା ଦେଖିବାକୁ ମିଳିଛି। ବୁଧବାର ବିଳମ୍ବିତ ରାତିରେ ପ୍ରବଳ ପବନ ଯୋଗୁ ଏହିପରି ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ସରକାରୀ ବସଷ୍ଟାଣ୍ଡ ନିକଟରେ ଏକ ବରଗଛ ଭାଙ୍ଗି ରାସ୍ତା ଅବରୋଧ କରିଥିବାବେଳେ ଏହାକୁ ଆର୍‌ଏସପି ସହରସେବା ପକ୍ଷରୁ ସଫେଇ କରାଯାଇଥିଲା। ସେହିପରି ସେକ୍ଟର-୧ ଦୁର୍ଗା ଛକରେ ୪-୫ ଟି ଗଛ ଭାଙ୍ଗିଥିଲା।ଗଛ କଟା ଯିବା ପରେ ରାସ୍ତାରେ ଚଳାଚଳ ସ୍ୱାଭାବିକ ହୋଇଥିଲା।

ଖବରକାଗଜ ବିତରକଙ୍କୁ ସାମାଜିକ ନିରାପତ୍ତା ମିଳୁ

ରାଉରକେଲା ଅଫିସ,୨୫।୫

ବିଷ୍ଣୁ ମହାନ୍ତି

ବିମାନ ମାଇତି

ମିହିର ପାତ୍ର

କିଶୋର ରାଉତ

ଅଶେଷ ବିଶ୍ୱାଳ

ଶୁକେନ୍ଦୁ ପାତ୍ର

ମନୋଜ ପଟ୍ଟନାୟକ

ମେ ୨୬ ଅନ୍ତର୍ଜାତୀୟ ହକର୍ସ ଡେ। ଖବରକାଗଜ ବିତରକ ବା ହକର୍ସମାନଙ୍କୁ ସମର୍ପିତ ଏହି ଦିବସକୁ ଲୋକେ ଅଳ୍ପ ବହୁତ ଜାଣିଥାନ୍ତି। ଦେଶବିଦେଶର ସମସ୍ତ ଖବର ନେଇ ରାତି ପାହିଲେ ପ୍ରତ୍ୟେକ ଘରକୁ ପହଞ୍ଚନ୍ତି ଖବରକାଗଜ ବିତରକ। ସାରା ଦୁନିଆରେ ପ୍ରଚଳିତ ବିଭିନ୍ନ ଭାଷାରେ ପ୍ରକାଶିତ ଖବରକାଗଜକୁ ପାଠକ ନିକଟରେ ଅଚିରେ ପହଞ୍ଚାଇଥାନ୍ତି ଏହି ବିତରକମାନେ। ଖରା, ବର୍ଷା, ଶୀତକୁ ଖାତିର ନ କରି ବଡ଼ି ସକାଳୁ ଖବରକାଗଜ ପକାଇ ଚାଲିଯାଇଥାନ୍ତି। ସମାଜ ପାଇଁ ଏକ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ବିତରକମାନଙ୍କୁ ବର୍ତ୍ତମାନ ସୁଦ୍ଧା ସାମାଜିକ ନିରାପତ୍ତା ମିଳିପାରିନାହିଁ। ନିରବ ସମାଜସେବୀ ଭାବେ କାମ କରୁଥିବା ବିତରକମାନେ ଏବେ ମଧ୍ୟ ନିଜ ଅଧିକାର ପାଇଁ ସଂଘର୍ଷରତ। ରାଉରକେଲାରେ ବହୁ ଦଶନ୍ଧି ଧରି କାର୍ଯ୍ୟକରୁଥିବା ବିତରକମାନଙ୍କ ସମସ୍ୟା ସମ୍ପର୍କରେ ଆଲୋକପାତ କରାଯାଇଛି। ଏ ସମ୍ପର୍କରେ ରାଉରକେଲା ହକର୍ସ ଆସୋସିଏସନ୍ ସଭାପତି ବିଷ୍ଣୁ ମହାନ୍ତି କହନ୍ତି, '୭୬ ବର୍ଷ ଦେଶ ସ୍ୱାଧୀନତା ଲାଭ କରିଛି। ଲକ୍ଷାଧିକ ଲୋକେ ହକର ଭାବେ ପେଶା ଗ୍ରହଣ କରିଛନ୍ତି। ହେଲେ ଏମାନଙ୍କୁ ଶ୍ରମଜୀବିର ଆଖ୍ୟା ମିଳିଥିଲେ ମଧ୍ୟ ସମାନ ମଜୁରୀ, ପେନସନ୍, ଛୁଟି, ସାମାଜିକ ସୁରକ୍ଷା, ପିଏଫ୍, ଇଏସ୍‌ଆଇସି (ସ୍ୱାସ୍ଥ୍ୟ ବୀମା) ତଥା ଅସଙ୍ଗଠିତ ଶ୍ରମିକଙ୍କ ସମସ୍ତ ସୁବିଧା ମିଳିବା କଥା। ବୈଜ୍ଞାନିକ, ଭାଷାବିତ୍, ରାଜନୈତିକ ବ୍ୟକ୍ତିତ୍ୱମାନେ ହକର ଭାବେ ନିଜ ପେଶା ଆରମ୍ଭ କରିଥିବା ନଜିର ରହିଛି। ଏପରିକି ବିଦେଶରେ ଛାତ୍ରୀଛାତ୍ରମାନେ ହକର ପେଶା କରି ସ୍ୱାବଲମ୍ବୀ ହୁଅନ୍ତି। ତେଣୁ ଏହି ପେଶାକୁ ଆଡ଼ ନଜରରେ ନ ଦେଖି ଏମାନଙ୍କୁ ସର୍ବନିମ୍ନ ମଜୁରୀ ଓ ଅନ୍ୟ ସୁବିଧା ମିଳିବା ଦରକାର । ହକରମାନଙ୍କ ମଧ୍ୟରେ ସମ୍ମାନବୋଧ ନିର୍ମାଣ କରାଇବା ଦାୟିତ୍ୱ ରାଜ୍ୟ ସରକାର ନିଅନ୍ତୁ'। ରାଉରକେଲା ହକର୍ସ ଆସୋସିଏସନ ସାଧାରଣ ସମ୍ପାଦକ ବିମାନ ମାଇତି କହନ୍ତି, 'ସମାଜ ପ୍ରତି ହକରମାନଙ୍କ ବେଶ ଅବଦାନ ରହିଛି। ନିଜ କର୍ତ୍ତବ୍ୟକୁ ସେମାନେ ପାଳନ କରିଆସୁଛନ୍ତି। ହେଲେ ତାଙ୍କ ଅବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜ୍ୟ ସରକାର ସେମାନଙ୍କୁ ପରିଚୟ ପତ୍ର ଦେଇଥିଲେ। ଏହାକୁ ନବୀକରଣ କରାଯାଇ ପୁନଃ ପ୍ରଦାନ କରାଯାଉ ବୋଲି ହକର୍ସ ଦିବସରେ ଦାବି କରୁଛୁ। ରାଉରକେଲା ହକର୍ସ ଆସୋସିଏସନ, ରାଉରକେଲା ପଏଣ୍ଟ ଉପସଭାପତି ମିହିର ପାତ୍ର କହନ୍ତି, 'ଆମମାନଙ୍କ ପାଇଁ ସାମାଜିକ ସୁରକ୍ଷା, ସ୍ୱାସ୍ଥ୍ୟ ବୀମା, ପେନସନ ବ୍ୟବସ୍ଥା ନାହିଁ। ଏଗୁଡ଼ିକ ପ୍ରଚଳନ କଲେ ତାହା ହକର ଦିବସରେ ଏକ ଶ୍ରେଷ୍ଠ ଉପହାର ହେବ। ରାଉରକେଲା ହକର୍ସ ଆସୋସିଏସନ,ରାଉରକେଲା ପଏଣ୍ଟର ସହସମ୍ପାଦକ କିଶୋର ରାଉତ କହନ୍ତି, 'ରାଜ୍ୟ ସମେତ ରାଉରକେଲାରେ ୨୦୦ରୁ ଊର୍ଦ୍ଧ୍ୱ ହକର କାର୍ଯ୍ୟରତ ଅଛନ୍ତି। ଆମେ ଯଥା ସମ୍ଭବ ଏମାନଙ୍କୁ ସାହାଯ୍ୟ ସହଯୋଗ କରୁଛୁ। ମୁଖ୍ୟମନ୍ତ୍ରୀ ଆମ ମାନଙ୍କୁ ଦେଇଥିବା ପ୍ରତିଶୃତି ପାଳନ କଲେ ଉପକୃତ ହେବୁ। ଆମ ସହ ପାଠକ ଓ ସମସ୍ତେ ଜଡ଼ିତ ହେବାକୁ ନିବେଦନ କରୁଛୁ।

ହକର ସଂଘ ସେକ୍ଟର-୨ ପଏଣ୍ଟର ଉପସଭାପତି ଅଶେଷ ବିଶ୍ୱାଳ କହନ୍ତି, 'ହକର ଡ଼େ ରେ ପେନସନ ସମେତ ସମସ୍ତ ସୁବିଧା ଆମମାନଙ୍କୁ ମିଳୁ ବୋଲି ଆଶା କରୁଛୁ। କାରଣ ଅନେକ ଜଟିଳ ପରିସ୍ଥିତିରେ ମଧ୍ୟ ହକରମାନେ କାମ କରିବାକୁ ପଛଘୁଞ୍ଚା କେବେ ଦେଇ ନାହାନ୍ତି। ହକର ସଂଘ ସେକ୍ଟର-୨ ପଏଣ୍ଟ ଉପ ସମ୍ପାଦକ,ଶୁକେନ୍ଦୁ ପାତ୍ର କହନ୍ତି, 'ହକର ଡେ ଡ଼େ ରେ ସମସ୍ତ ହକରମାନଙ୍କୁ ଶୁଭେଚ୍ଛା। ଭଞ୍ଜଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତେ ସହଯୋଗ କରନ୍ତୁ। ହକର ସଂଘ ସେକ୍ଟର-୨ ହକର **ମନୋଜ ପଟ୍ଟନାୟକ** କହନ୍ତି,'ଖବରକାଗଜ ମାଲିକମାନେ ପାଠକଙ୍କ ସହ ସମନ୍ୱୟ ରକ୍ଷା କରି ପାଠକ ମଞ୍ଚ ତିଆରି କରନ୍ତୁ। ପାଠ ଗୁଡ଼ିକ ଅଧିକ ରଚିବନ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଉ। ପାଠକ ମଞ୍ଚ ସାହାଯ୍ୟରେ ଅଧିକରୁ ଅଧିକ ପାଠକଙ୍କ ସହ ଯୋଡି ହୋଇ ଅଭିବୃଦ୍ଧି କରାଯାଉ। ଯାହାଦ୍ୱାରା ଏକ ପ୍ରମୁଖ ସହଯୋଗ ହକରମାନଙ୍କୁ ହେବ।

ଶୀତଳଷଷ୍ଠୀରେ ପ୍ରଶାସନର ଆଗୁଆ ପ୍ରସ୍ତୁତି ପ୍ରହସନ

ସମ୍ବଲପୁର,୨୫।୫ (ବ୍ୟୁରୋ)

ସମ୍ବଲପୁର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ଆଗୁଆ ପ୍ରସ୍ତୁତି ବୈଠକ ହୋଇଥିଲା । ଖୋଦ ଜିଲାପାଳ ଅନନ୍ୟା ଦାସ ଉପସ୍ଥିତ ରହି ସମସ୍ତ ଲାଇନ ବିଭାଗକୁ କଡା ତାଗିଦ କରିଥିଲେ। ଯାତ୍ରା କମିଟି ପକ୍ଷରୁ ପାଣି, ବିଜୁଳି, ରାସ୍ତାଘାଟ ସମସ୍ୟା ଦାବି ଜଣାଇଥିଲେ। ଜିଲାପାଳ ଦାସ ସମସ୍ତ ଅଧିକାରୀଙ୍କୁ ପୂର୍ବପ୍ରସ୍ତୁତି କରିବାକୁ କହିଥିଲେ। ହେଲେ ଯାହା ପ୍ରସ୍ତୁତି ପାଇଁ ଯୋଜନା କରିଥିଲେ ସବୁ ପ୍ରହସନ ଭଳି ହୋଇଥିଲା। କାରଣ ବିଜୁଳି କାଟ ସାଙ୍ଗକୁ ଜଳ ଯୋଗାଣ ବନ୍ଦ ନେଇ କେତେକ ପଡାରେ ଅଭିଯୋଗ ହୋଇଥିଲା। ବିଶେଷକରି ବୁଢାରଜା, ଶାନ୍ତିନଗର ଅଞ୍ଚଳରୁ ଏଭଳି ଅଭିଯୋଗ ଆସିଥିଲା। ଏପଟେ ପ୍ରଚଣ୍ଡ ଖରା ସେପଟେ ଜଳକଷ୍ଟ ଓ ବିଦ୍ୟୁତ୍ ବିଭ୍ରାଟ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିଲା। ୨୪ ଘଣ୍ଟିଆ ପାଣି ଓ ବିଜୁଳି ସେବା ଏଠି ସପନ ବୋଲି ଲୋକେ ଅଭିଯୋଗ କରିଥିଲେ। ରାସ୍ତାଘାଟ ସମସ୍ୟା ସମାଧାନ କରିବାକୁ ଜିଲାପାଳ ଦାସ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏସ୍‌ଏମ୍‌ସି ଓ ଅନ୍ୟ ଲାଇନ ବିଭାଗ ଦାୟିତ୍ୱରେ ଅବହେଳା କରିବାରୁ ପୂର୍ବ ଭଳି ସମସ୍ୟା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ କୁହାଯାଇଛି, ବର୍ଷା ଘଡଘଡି ହେବା ସମୟରେ କିଛି ସମୟ ପାଇଁ ବିଦ୍ୟୁତ୍ ସରାବରହ ବନ୍ଦ ରହିଥିଲା। ଯାନ୍ତ୍ରିକ ତ୍ରୁଟି ରହିଥିଲା, ହେଲେ ସମାଧାନ ହୋଇଯାଇଥିଲା। ଶୀତଳଷଷ୍ଠୀ ଯାତ୍ରା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପ୍ରାୟ ୨ଶହ କର୍ମଚାରୀ ଓ ଅଧିକାରୀ ୨୪ ଘଣ୍ଟିଆ କାମରେ ଲାଗିଛନ୍ତି। ସମସ୍ତ ଯାତ୍ରା କମିଟିରେ କର୍ମଚାରୀ ଅଛନ୍ତି ବୋଲି ସୂଚନା ଦିଆଯାଇଥିଲା ।

ପାଣି ନେବା ପାଇଁ ଛିଡା ହୋଇଛି ଟ୍ୟାଙ୍କର।

ଆରଏସ୍‌ପିର ଗ୍ରୀଷ୍ମକାଳୀନ କ୍ରୀଡ଼ା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ରାଉରକେଲା ଅଫିସ, ୨୫।୫: ଆର୍‌ଏସ୍‌ପି ଦ୍ୱାରା କ୍ରୀଡ଼ା ପ୍ରତିଭାମାନଙ୍କ ନିମନ୍ତେ ଆୟୋଜିତ ୩୫ତମ ବାର୍ଷିକ ଗ୍ରୀଷ୍ମକାଳୀନ କ୍ରୀଡା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଶିବିରରେ ଆରଏସପିର କାର୍ମିକ ଏବଂ ପ୍ରଶାସନିକ ତଥା ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି.କେ ଶତପଥି ମୁଖ୍ୟଅତିଥି ଭାବେ ଯୋଗଦାନ ଦେଇଥିଲେ। ସହର ପ୍ରଶାସନ ଓ ସିଏସ୍‌ଆର ବିଭାଗ ସିଜିଏମ ପି.କେ ସ୍ୱାଇଁ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଏ ଅବସରରେ ବକ୍ତବ୍ୟ ରଖି ଶତପଥି ଏଭଳି କାର୍ଯ୍ୟକ୍ରମ ଆୟୋଜନ ପୂର୍ବକ ଯୁବବର୍ଗମାନଙ୍କ ଶକ୍ତି ସାମର୍ଥକୁ ଏକ ଗଠନମୂଳକ ଦିଗ ପ୍ରଦାନ ନିମନ୍ତେ କ୍ରୀଡା ବିଭାଗର ଉଦ୍ୟମର ଉଚ୍ଚ ପ୍ରଶଂସା କରିଥିଲେ। ଗ୍ରୀଷ୍ମ ପ୍ରଶିକ୍ଷଣ ଶିବିର ରାଉରକେଲା ଏବଂ ନିକଟବର୍ତ୍ତୀ ଅଞ୍ଚଳର ପ୍ରତିଭାଙ୍କୁ ସେମାନଙ୍କର ଦକ୍ଷତାକୁ ଅଧିକ ଶାଣିତ କରିବାରେ ସାହାଯ୍ୟ କରିଥାଏ ବୋଲି ଦର୍ଶାଇ ସେ ଆଶା ପ୍ରକଟ କରିଥିଲେ ଯେ ଏହି ଛାତ୍ରୀଛାତ୍ରର ଜୀବନ ଉଜ୍ଜ୍ୱଳମୟ ହେବ ଏବଂ ରାଉରକେଲା ପାଇଁ ସେମାନେ ସୁନାମ ଅର୍ଜନ କରିବେ। ଅଂଶଗ୍ରହଣକାରୀମାନେ ଏହି ଅବସରରେ ବିଭିନ୍ନ ଖେଳକୂଦର ଏକ ଚିତାକର୍ଷକ ପ୍ରଦର୍ଶନ ଉପସ୍ଥାପନ କରିଥିଲେ। ଏଥିସହିତ ଉଦ୍‌ଯାପନୀ ଉତ୍ସବରେ କ୍ରୀଡା ନୈପୁଣ୍ୟତା ପ୍ରଦର୍ଶନ କରିଥିବା ବିଭିନ୍ନ ଦଳ ଓ କୋଚମାନଙ୍କୁ ସେ ପୁରସ୍କାର ପ୍ରଦାନ କରିଥିଲେ। ପ୍ରାରମ୍ଭରେ ହସ୍ପିଟାଲ ପ୍ରଶାସନ, କ୍ରୀଡା ଏବଂ ବିମାନ ବନ୍ଦର ବିଭାଗର ଜିଏମ ଆର.କେ ବର୍ମା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କ୍ରୀଡା ବିଭାଗର ସହକାରୀ ପ୍ରବନ୍ଧକ ରଘୁନାଥ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନିଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ସୂଚନାଯୋଗ୍ୟ ଯେ, ମଇ ୫ରେ ଉଦ୍‌ଘାଟିତ ହୋଇଥିବା ଏହି ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିରରେ ୧୨ଶହରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଆଥଲେଟିକ, ବ୍ୟାଡମିଣ୍ଟନ, ବାସ୍କେଟବଲ, ବଡିବିଲ୍ଡିଙ୍ଗ, ବକ୍ସିଙ୍ଗ, ଚେସ, କ୍ରିକେଟ, ସାଇକ୍ଲିଙ୍ଗ, ଫୁଟବଲ, ହକି, କବାଡି, ଟେବୁଲ ଟେନିସ, ଭଲିବଲ ଭଳି ୧୪ଟି ବିଭାଗରେ ଅଭିଜ୍ଞ କୋଚଠୁଁ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ୧୯୮୬ମସିହାରେ ଆରମ୍ଭ ହୋଇଥିବା ଏହି ଗ୍ରୀଷ୍ମକାଳୀନ କ୍ରୀଡା ଶିବିର ଅତୀତରେ ବହୁ ଜାତୀୟ ଓ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ କ୍ରୀଡାବିତ୍ ସୃଷ୍ଟି କରିବା ସହ ସମ୍ପ୍ରତି ବହୁ ଉଦିୟମାନ କ୍ରୀଡା ତାରକାଙ୍କୁ ଲୋକଲୋଚନକୁ ଆଣିବାରେ ପ୍ରୟାସ ଜାରି ରଖିଛି।

ବିଞ୍ଝେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରା

ନାକଟିଦେଉଳ,୨୫।୫(ଡି.ଏନ.ଏ.)

ନାକଟିଦେଉଳ ବ୍ଲକ ବାଟଗାଁ ପଞ୍ଚାୟତର କୁଞ୍ଜାମୁରା ଶିବ ମନ୍ଦିରରେ ବିଞ୍ଝେଶ୍ୱର ବାବାଙ୍କ ପବିତ୍ର ଶୀତଳଷଷ୍ଠୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ବସାଲୋଇ ଗ୍ରାମର କାନନ ପ୍ରଧାନ ଓ ପୁଷ୍ପିନ ପ୍ରଧାନ ମାତା ପାର୍ବତୀଙ୍କ କନ୍ୟା ମାତାପିତା ଏବଂ ହିତସରା ଗ୍ରାମର ସଚ୍ଚିଦାନନ୍ଦ ପ୍ରଧାନ ଓ ଚନ୍ଦ୍ରିକା ପ୍ରଧାନ ମହାଦେବ ଶିବଙ୍କ ମାତାପିତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ବୁଧବାର ହିତସରା ଗ୍ରାମରୁ ବାବା ବିଞ୍ଝେଶ୍ୱରଙ୍କ ଚଳନ୍ତି ପ୍ରତିମା ବର ବେଶରେ ସୁସଜ୍ଜିତ ହୋଇ ବରାତିରେ ବାହାରି କନ୍ୟାଘର ବସାଲୋଇ ଗ୍ରାମକୁ ଯାଇଥିଲେ। ସେଠାରେ ରାତ୍ରିରେ ସମ୍ପୂର୍ଣ୍ଣ ବୈଦିକ ରୀତିରେ ମାତା ପାର୍ବତୀଙ୍କ ସହ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଗୁରୁବାର ସକାଳୁ କନ୍ୟାଙ୍କୁ ଧରି ବରାତି ଯାତ୍ରୀ ହିତସରା ଗ୍ରାମକୁ ଫେରିଥିଲେ। ମଧ୍ୟାହ୍ନରେ ଶିବ ପାର୍ବତୀଙ୍କ ଚଳନ୍ତି ପ୍ରତିମା ଫେରି ମନ୍ଦିର ପ୍ରବେଶ କରିଥିଲେ। ନାମ ସଂକୀର୍ତ୍ତନ, କୃଷ୍ଣଗୁରୁ ପରିବେଷଣ ସହ ଢୋଲ ନିଶାଣ ବାଦ୍ୟରେ ବରଯାତ୍ରୀ ଦଳ ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। ମନ୍ଦିର କମିଟିର ରଷିନ୍ଦ୍ର ଧଳ, ଦିଲୀପ କୁମାର ଅଗ୍ରୱାଲା, ଗୋଲେଖ ବିହାରୀ ସାହୁ, ପ୍ରସନ୍ନ ରାଉତ ସହଯୋଗ କରିଥିଲେ ।

ମନ୍ଦିର ପରିସରରେ ପୂଜାର୍ଚ୍ଚନା କରାଯାଉଛି।

ଅବ୍ୟବସ୍ଥା ଘେରରେ ଉଚ୍ଚପ୍ରାଥମିକ ବିଦ୍ୟାଳୟ

ନାକଟିଦେଉଳ,୨୫।୫(ଡି.ଏନ.ଏ.)

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସାହେବୀ ଉଚ୍ଚପ୍ରାଥମିକ ବିଦ୍ୟାଳୟଟି ବର୍ତ୍ତମାନ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ଏ ସମ୍ପର୍କରେ ପ୍ରଶାସନ ଅବଗତ ଥିଲେ ସୁଦ୍ଧା ଏହାର ସମାଧାନ କରାଯାଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ଚଳିତବର୍ଷ ଏଠାରେ ୧୯୭ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ୮ଟି ଶ୍ରେଣୀଗୃହ ରହିଥିଲେ ମଧ୍ୟ ୬ଟିରେ ଶିକ୍ଷାଦାନ ଚାଲିଛି। ଆଉ ୨ଟି ଶ୍ରେଣୀଗୃହ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଫଳରେ ଗୋଟିଏ ଶ୍ରେଣୀ ଗୃହରେ ୨ଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରାଯାଉଛି। ଅପରପକ୍ଷେ ବିଦ୍ୟାଳୟର ମରାମତି ପାଇଁ ପଞ୍ଚମ ରାଜ୍ୟ ଅର୍ଥ କମିଶନ ତରଫରୁ ୨୦୨୧-୨୨ରେ ୨ଟି ପର୍ଯ୍ୟାୟରେ ୧୬ଲକ୍ଷ ୬୬ହଜାର ୫୬୦ଟଙ୍କାର ଅନୁଦାନ ଆସିଛି। କିନ୍ତୁ ଦୀର୍ଘଦିନ ବିତିଯିବା ପରେ ମଧ୍ୟ ଏହାର ମରାମତି କରାଯାଉ ନାହିଁ। ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଇଁ ଶୌଚାଳୟର ବ୍ୟବସ୍ଥା ନ ଥିବାବେଳେ ବିଶୁଦ୍ଧ ପାନୀୟ ଜଳର ସୁବିଧା ମଧ୍ୟ ହୋଇପାରି ନାହିଁ। ୬ଷ୍ଠରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ବେଞ୍ଚ, ଡେସ୍କ ନ ଥିବାବେଳେ ବିଦ୍ୟାଳୟରେ ସାଇକେଲ ଷ୍ଟାଣ୍ଡ ମଧ୍ୟ ନାହିଁ। ଶ୍ରେଣୀଗୃହ ଛାତର ଆଜବେଷ୍ଟସ୍ ଭାଙ୍ଗିଯାଇଥିବାରୁ ବର୍ଷାଦିନେ ଛାତରୁ ପାଣି ଗଳୁଛି। ଫଳରେ ପାଠପଢା ସମୟରେ ପିଲାମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ସ୍କୁଲକୁ ଆସିଥିବା ଅନୁଦାନର ବିନିଯୋଗ କରି ପ୍ରଶାସନ ବିଦ୍ୟାଳୟର ଉନ୍ନତି ତଥା ଛାତ୍ରୀଛାତ୍ରଙ୍କ ସୁବିଧା ପାଇଁ ଶୀଘ୍ର ପଦକ୍ଷେପ ନେବାକୁ ଅଭିଭାବକ ମହଲରେ ଦାବି ହୋଇଛି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୌଦାମିନୀ ପାଇକ ନାକଟିଦେଉଳ ବିଡିଓଙ୍କ ସମେତ ବ୍ଲକ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡ଼ିଛି।

ଟାଉନ୍ ହଲ୍ ସମ୍ମୁଖରେ ଭେଣ୍ଡିଂ ଜୋନ୍ ନିର୍ମାଣ ବନ୍ଦ ପାଇଁ ଦାବି

ଦେବଗଡ଼,୨୫।୫(ଡି.ଏନ୍.ଏ.)

ଦେବଗଡ଼ ଟାଉନ ହଲ୍ ସମ୍ମୁଖରେ ନିର୍ମାଣାଧୀନ ଭେଣ୍ଡିଂ ଜୋନ କାର୍ଯ୍ୟ ବନ୍ଦ କରିବା ଦାବିରେ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଜିଲାପାଳଙ୍କୁ ଗୁରୁବାର ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଦେବଗଡ଼ ପୌରାଞ୍ଚଳ ବନ୍ଦ ଡାକରା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି । ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ଭୂତିଆ ଓ ପୌର ପରିଷଦ ଉପାଧ୍ୟକ୍ଷ ତଥା ଜିଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ପ୍ରଜିତ କୁମାର ଭୋଜଙ୍କ ନେତୃତ୍ୱରେ କାଉନସିଲର ସରୋଜିନୀ ମୁଣ୍ଡାଙ୍କ ସମେତ ଭାଜପା ଯୁବମୋର୍ଚ୍ଚାର ବହୁ ସଦସ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦାବି ପତ୍ର ପ୍ରଦାନ କରିଥିଲେ। ପରେ ଜିଲା ଆରକ୍ଷୀ ଅଧିକ୍ଷକ ପ୍ରମୋଦ କୁମାର ରଥ ଏବଂ ପୌର ପରିଷଦ ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ରଙ୍କୁ ମଧ୍ୟ ଅନୁରୂପ ସ୍ମାରକପତ୍ର ପ୍ରଦାନ କରିଥିଲେ। ସୂଚନା ଯୋଗ୍ୟ ଯେ, ଟାଉନ ହଲ୍ ସମ୍ମୁଖରେ ଭେଣ୍ଡିଙ୍ଗ ଜୋନ ନିର୍ମାଣ ହେଲେ ଟ୍ରାଫିକ ସମସ୍ୟା ଉପୁଜିବାର ଆଶଙ୍କା ରହିଥିବା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଅଭିଯୋଗ କରାଯିବା ସହ ନିର୍ମାଣାଧୀନ ଭେଣ୍ଡିଙ୍ଗ ଜୋନ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ଦାବି କରାଯାଇଛି।

सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
cmpdi A Mini Ratna Company
CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Limited) (कोल इण्डिया लिमिटेड की एक अनुषंगी कंपनी)
Gondwana Place, Kanke Road, Ranchi-834 031, Jharkhand, INDIA

NOTICE

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in**/respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in** In addition, procurement is also done through GeM portal **https://gem.gov.in**".

ODISHA CONSTRUCTION CORPORATION LTD.
(A Government of Odisha Undertaking)
Central Workshop, Rasulgarh, Bhubaneswar - 10 (Odisha)

No. OCC/CWS/PROC/SS-03/17/2023-24 Dated: 25.05.2023

TENDER CALL NOTICE

Sealed tenders in conformity with the terms, conditions and specifications in tender documents are invited from reputed manufacturers / traders / Distributor / Dealer / Stockiest / Supplier for "**Supply of Stainless Steel Flats for Kusumi Barrage Project**".

For details, please visit our website www.odishaconstruction.com. The last date & time of sale of tender document and receipt of tender is **31.05.2023** at **1.00 P.M & 3.30 P.M.** respectively and **TECHNICAL BID** and **PRICE BID** to be opened on same date at **04.00 P.M.** i.e., **31.05.2023** ***(Bidders are requested to visit above website regularly for any changes, since it will not be published in news paper again).***

Sd/-
SENIOR MANAGER (MECH.) - I

JAWAHAR NAVODAYA VIDYALAYA
THERUBALI, RAYAGADA (ODISHA)
ADMISSION NOTIFICATION FOR CLASS-XI FOR THE SESSION 2023-24

Online applications are invited from eligible candidates for admission to class-XI (CBSE English Medium) in Jawahar Navodaya Vidyalayas against the Vacant seats for (Humanities & Science) likely to be available through Lateral Entry Test for the Session 2023-24. Last date for online application is 31.05.2023 and to know more details you may visit to the website-www.navodaya.gov.in.

Sd./- Principal

P.G. DEPARTMENT OF SOCIAL SCIENCE
FAKIR MOHAN UNIVERSITY
Vyasa Vihar, Nuapadhi, Balasore - 756089
No. FMU/R&D-250/2023/5105 Date: 24.05.2023

ADVERTISEMENT FOR RESEARCH ASSOCIATE & FIELD INVESTIGATOR

Applications are invited for Research Associate and Field Investigator for ICSSR Major Research Project at P.G. Department of Social Science, F.M. University, entitled "Disaster Management in Odisha, People's perception of the role of District Administration during severe Cyclones and its aftermath (2011-2022)". The last date for receipt of applications by E-mail is 06.06.2023 (05.00 P.M.). For details please visit our University website i.e. **www.fmuniversity.nic.in**.

Sd./- Prof. Anil Kumar Mohapatra
Project Director, Major Research Project, ICSSR
Department of Social Science
F.M. University, Balasore

ଦ.ପୂ. ରେଳପଥ - ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଆର୍‌ଏମ୍/ଇଏନ୍‌ଜି, ଦ.ପୂ. ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ । **ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଇଷ୍ଟ-୨୩-୨୪-୨୪, ତାରିଖ ୨୪।୦୫।୨୦୨୩ । କାର୍ଯ୍ୟର ନାମ:** ତା୩୦।୦୬।୨୦୨୫ରିଖରେ ସମାପ୍ତ ହେଉଥିବା ଅବଧି ପାଇଁ ଟାଟାନଗରକୁ ଛାଡ଼ି ଟାଟା-ବିଏମ୍‌ପିଆର୍ ଏବଂ ଓଏନ୍‌ଡି-କିୟୁଏମ୍‌ଆଇ ସେକ୍ସନ ନିମନ୍ତେ ଏସ୍‌ଏସ୍‌ଇ (ୱାର୍କସ୍)/ପୂର୍ବ/ଟାଟାଙ୍କ ଅଧୀନରେ ସର୍ଭିସ୍ ଏବଂ ଆବାସିକ ବିଲ୍ଡିଂ ଲାଗି ଜୋନାଲ୍ କାର୍ଯ୍ୟ/ଯୋଗାଣ କାର୍ଯ୍ୟର ନିର୍ବାହ (୨ୟ କଲ୍) । **ଟେଣ୍ଡର ମୂଲ୍ୟ: ₹୭୯,୯୯,୯୯୯.୩୨; ଇଏମ୍‌ଡି: ₹୧,୬୦,୦୦୦/-। ଟେଣ୍ଡର ଫର୍ମ ମୂଲ୍ୟ: ₹୦। ଖୋଲାଯିବା ତାରିଖ: ତା୧୫।୦୬।୨୦୨୩ରିଖ ।** ଟେଣ୍ଡର **http://www.ireps.gov.in** ୱେବସାଇଟ୍‌ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ ଦସ୍ତାବିଜ ଅପଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ । (ପ୍ରାଧିକରଣ- ରେଳପଥ ପରିଷଦର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି, ତାରିଖ: ୧୬।୦୭।୨୦୨୦) **(PR-202)**

ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2023-08, ତା.15.05.2023ରିଖ

କାର୍ଯ୍ୟର ନାମ : ଝାରସୁଗୁଡ଼ା-ସିଙ୍କିର ଏବଂ ସମ୍ବଲପୁର ସିଟି-ଜରପଦା ସେକ୍ସନରେ ଅମୃତ ଭାରତ କାର୍ଯ୍ୟ ନିମନ୍ତେ ଷ୍ଟେସନ ବିଲ୍ଡିଙ୍ଗ ଏବଂ ପରିସଜ୍ଜନା କ୍ଷେତ୍ରର ବିଲ୍ଡିଙ୍ଗ ଇତ୍ୟାଦିର ସଫ୍ଟ (Soft) ଉନ୍ନୟନ ସମ୍ପର୍କିତ ସଙ୍କେତ ଏବଂ ଦୂରସଂଚାର କାର୍ଯ୍ୟ ।

ଟେଣ୍ଡର ମୂଲ୍ୟ (ଟଙ୍କାରେ): 69,86,272.10, ବିଡ୍ ସିକ୍ୟୁରିଟି (ଟଙ୍କାରେ) : 1,39,700/- ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.07.06.2023 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ସଙ୍କେତ ଏବଂ ଦୂରସଞ୍ଚାର), ସମ୍ବଲପୁର
PR-199/O/23-24

ପୂର୍ବ ତଟ ରେଳପଥ

ସଂ.Comml/SBP/IREPS/Catg./23/14, ତା.12.05.2023ରିଖ

(1) ସମ୍ପତ୍ତିର ବିବରଣୀ: 05(ପାଞ୍ଚ) ବର୍ଷ ନିମନ୍ତେ ସମ୍ବଲପୁର ସିଟି 'D'ବର୍ଗ (SBPY)/ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଖ ଦୋକାନ (ସ୍ପେଶାଲ ମାଇନର ୟୁନିଟ୍) ସଂଖ୍ୟାଲଘୁ (ମହିଳା) ବ୍ୟବସ୍ଥା । ଷ୍ଟେସନ : ସମ୍ବଲପୁର ସିଟି (SBPY) ।

(2) ସମ୍ପତ୍ତିର ବିବରଣୀ: 05(ପାଞ୍ଚ) ବର୍ଷ ନିମନ୍ତେ ସମ୍ବଲପୁର ସିଟି 'D'ବର୍ଗ (SBPY)/ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଫଳ/ଫଳ ରସ ଷ୍ଟଲ (ସ୍ପେଶାଲ ମାଇନର ୟୁନିଟ୍-ଅନୁସୂଚିତ ଜନଜାତି) ବ୍ୟବସ୍ଥା । ଷ୍ଟେସନ : ସମ୍ବଲପୁର ସିଟି (SBPY) ।

(3) ସମ୍ପତ୍ତିର ବିବରଣୀ: 05(ପାଞ୍ଚ) ବର୍ଷ ନିମନ୍ତେ ଅତାବିରା ଷ୍ଟେସନ 'E'ବର୍ଗ (ATS)/ପ୍ଲାଟଫର୍ମ-01 ରେଳ ଷ୍ଟେସନ ଠାରେ ଖ ଦୋକାନ(ଜେନେରାଲ ମାଇନର ୟୁନିଟ୍) ବ୍ୟବସ୍ଥା । ଷ୍ଟେସନ : ଅତାବିରା (ATS) ।

ନିଲାମ ଆରମ୍ଭ ତାରିଖ ଓ ସମୟ: ତା.26.05.2023 ରିଖ 1200 ଘଟିକା (ସମସ୍ତ କ୍ରମ ସଂ. ନିମନ୍ତେ) ।

ନିଲାମ ବନ୍ଦ ହେବା ତାରିଖ ଓ ସମୟ: ତା.26.05.2023 ରିଖ 1250 ଘଟିକା (ସମସ୍ତ କ୍ରମ ସଂ. ନିମନ୍ତେ) ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ସମ୍ବଲପୁର
PR-204/O/23-24

बैंक ऑफ़ इंडिया Bank of India BOI
ବ୍ୟାଙ୍କ ଅଫ୍ ଇଣ୍ଡିଆ
ଆଞ୍ଚଳିକ କାର୍ଯ୍ୟାଳୟ : ଷ୍ଟାର ହାଉସ୍, ୧/୧ଡ଼ି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

ଡିମାଣ୍ଡ ନୋଟିସ୍

ସରଫେଶୀ ନିୟମ, ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍

ଆପଣ ନିମ୍ନଲିଖିତ ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତା ଆପଣଙ୍କ ସ୍ଥାବର / ଅସ୍ଥାବର ସମ୍ପତ୍ତି ବନ୍ଧକ ରଖି ବ୍ୟାଙ୍କ ଅଫ୍ ଇଣ୍ଡିଆ, **ଗୋପାଳପୁର ଶାଖା**ରୁ ଋଣ ନେଇଥିଲେ । ଆପଣ ନିମ୍ନଦର୍ଶିତ ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତା କଥିତ ଋଣର ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତା ଥିଲେ । ଆପଣ ଋଣ ପରିଶୋଧ କରିବାରେ ବିଫଳ ହେବାରୁ ଆପଣଙ୍କ ଋଣ ଆକାଉଣ୍ଟଟି ଅଚଳନ୍ତି ସମ୍ପତ୍ତି (NPA) ଶ୍ରେଣୀଭୁକ୍ତ ହୋଇଛି । ବ୍ୟାଙ୍କ ବକେୟା ଋଣ ଆଦାୟ କରିବା ପାଇଁ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରିଥିଲେ ଯାହାକି ପ୍ରଦାନ କରାଯାଇପାରିନଥିଲା । ତେଣୁ ତାହାକୁ ଆପଣଙ୍କ ନିମନ୍ତେ କଥିତ ଆକ୍ଟର ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩(୧) ଅନୁଯାୟୀ ଏଠାରେ ପ୍ରକାଶ କରାଯାଉଛି । ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତା, ବନ୍ଧକ ସମ୍ପତ୍ତି, ବକେୟା ଋଣ ପରିମାଣ ଧାରା ୧୩(୨) ଅନୁଯାୟୀ ପଠାଯାଇଥିବା ଡିମାଣ୍ଡ ନୋଟିସ୍ ଏବଂ ଦାବୀ କରାଯାଇଥିବା ରାଶି ଇତ୍ୟାଦିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

ଶାଖାର ନାମ / ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାଙ୍କ ନାମ ଓ ଠିକଣା, ଋଣ ଆକାଉଣ୍ଟ ନଂ.	ଏନ୍‌ପିଏ(NPA) ତାରିଖ	ସରଫେଶୀ ନିୟମ ଅନୁଯାୟୀ ନୋଟିସ୍ ତାରିଖ	ସରଫେଶୀ ନିୟମ ଅନୁଯାୟୀ ନୋଟିସ୍ ପ୍ରଦତ୍ତ ବକେୟା ରାଶି	ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ
ଗୋପାଳପୁର ଶାଖା **ଋଣଗ୍ରହୀତା: ଶ୍ରୀ ସନ୍ତୋଷ କୁମାର ବଳିୟାରସିଂ,** ପିତା: ଶ୍ରୀ କୃଷ୍ଣ ମୋହନ ବଳିୟାରସିଂ, **ସହ-ଋଣଗ୍ରହୀତା: ଶ୍ରୀ ସୁନିଲ କୁମାର ବଳିୟାରସିଂ,** ପିତା: ଶ୍ରୀ ସନ୍ତୋଷ କୁମାର ବଳିୟାରସିଂ, ଉଭୟଙ୍କ ଠିକଣା: କାଗିରିବାଡ, ବେଗୁନିଆ, ଖୋର୍ଦ୍ଧା-୭୫୨୦୬୨, **ଋଣ ଆକାଉଣ୍ଟ ନଂ.:** ୫୧୧୧୭୫୧୧୦୦୦୦୦୭୭ (ଗୃହ ଋଣ) ।	୩୦.୦୩.୨୦୨୩	୨୭.୦୪.୨୦୨୩	ଟ.୧୪,୪୪,୭୭୯.୪୫ + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ	ଶ୍ରୀ ସନ୍ତୋଷ କୁମାର ବଳିୟାରସିଂଙ୍କ ନାମରେ ଥିବା ଜମି/ ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୫୯୯, ଖାତା ନଂ.୪୦୭, ଏରିଆ: ଏ୦.୧୦୦ ଡିସିମିଲ୍, ମୌଜା : କାଗିରିବାଡ, ଥାନା : ବେଗୁନିଆ, ଥାନା ନଂ.୭୨, ତହସିଲି/ଏସ୍‌ଆରଓ: ବେଗୁନିଆ, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ: ଉତ୍ତର- ସରକାରୀ ଜମି ଏବଂ ରାସ୍ତା (ଏନ୍‌ଏଚ ୫୭ ଖୋର୍ଦ୍ଧା ରୁ ନୟାଗଡ), ଦକ୍ଷିଣ- ଚିତ୍ତରଞ୍ଜନ ନାୟକ, ପୂର୍ବ- ସରକାରୀ ରାସ୍ତା, ପଶ୍ଚିମ- ଅବଦୁଲ୍ ରସିଦ୍ ଖାନ୍ ।

ଆପଣ, ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାଙ୍କୁ ଅବଗତ କରାଇ ଦିଆଯାଉଛି କି ଏହି ନୋଟିସ୍ ର **୬୦ ଦିନ** ମଧ୍ୟରେ ଉପରଦର୍ଶିତ ବକେୟା ରାଶି ସହିତ ପରବର୍ତ୍ତୀ ସୁଧ ସମ୍ପୂର୍ଣ୍ଣ ଭାବେ ପଇଠ କରନ୍ତୁ, ଅନ୍ୟଥା ନିମ୍ନ ସ୍ୱାକ୍ଷରକାରୀ କଥିତ ଆଇନ ଅନୁସାରେ ଉପରଦର୍ଶିତ ସୁରକ୍ଷିତ ସମ୍ପତ୍ତି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବେ । ଆପଣମାନଙ୍କୁ ଜଣାଇ ଦିଆଯାଉଛିକି ଉପରୋକ୍ତ କଥିତ ଆଇନର ଉପଧାରା (୧୩) ଅନୁଯାୟୀ ଆପଣ ଏହି ନୋଟିସ୍ ପ୍ରାପ୍ତ ପରେ ଉପରଦର୍ଶିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବିକ୍ରୟ, ଲିଜ୍, ଲାଇସେନ୍ସ, ଉପହାର, ବନ୍ଧକ କିମ୍ବା ଅନ୍ୟପ୍ରକାରେ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ଆପଣଙ୍କ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୨୫.୦୫.୨୦୨୩ କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

JAWAHAR NAVODAYA VIDYALAYA
THERUBALI, DIST: RAYAGADA (ODISHA)-765018
TENDER CALL NOTICE

Sealed quotations for supply of different materials w.e.f July - 2023 to April-2024 are invited from the reputed firms dealing with the particular class of goods and have Sales/Income Tax & GST Registration certificate as the case may be. The Tender form and related information can be had from the Office of JNV, Therubali, Rayagada as per schedule given below during office hours on payment of cash of **Rs.200/-** per form and the tenderers can also download the form from Vidyalaya website **www.navodaya.gov.in/nvs/nvs-school/Rayagada/en/home** & for this the party has to enclose the cost of Tender paper of Rs.200/- with EMD payable at Rayagada. Quotation shall be opened by the PAC in the presence of tenderers or their representative. The Vidyalaya purchase Advisory Committee reserves the right to accept or reject any or all the Quotations without assigning any reason thereof.

Name of Items

1. Grocery item, 2. Vegetable & Fruits, 3. Non - Veg item, 4. Toiletry & Daily use items,, 5. Stitching of Student's uniform, 6. Hiring of Vehicle on contract basis, 7. M & R Item.

Schedule of Tender is as under

Selling of tender form from 26.05.2023 to 15.06.2023 by 1.00 P.M.
Last date of receipt of quotation 15.06.2023 upto 04:00 P.M.
Opening of quotation 16.06.2023 at 11.00 A.M.

Sd./- PRINCIPAL

See Career Appointment on every Wednesday & Saturday

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୬ ମେ, ୨୦୨୩

ସଂକ୍ଷେପରେ

ମାର୍ଚ୍ଚ ସୁଦ୍ଧା ବନ୍ଦେ ଭାରତ ଏକ୍ସପ୍ରେସ୍‌ର ୩ ଭର୍ସନ

ଡେରାଡୁନ୍, ୨୫।୫: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଦିଲ୍ଲୀ-ଡେରାଡୁନ୍ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌କୁ ପତାକା ଦେଖାଇ ଚଳାଚଳ ଶୁଭାରମ୍ଭ କରିଛନ୍ତି। ଆସନ୍ତାବର୍ଷ ଫେବୃୟାରୀ-ମାର୍ଚ୍ଚ ସୁଦ୍ଧା ଏହି ସେମି ସ୍ପିଡ୍ ଟ୍ରେନ୍‌ର ୩ ଭର୍ସନ ଆସିବ ବୋଲି ଗୁରୁବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ଚେନ୍ନାଇର କୋଚ୍ ଫ୍ୟାକ୍ଟ୍ରିରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ବନ୍ଦେ ଭାରତ ଏକ୍ସପ୍ରେସ୍ ଶତାବ୍ଦୀ, ରାଜଧାନୀ ଓ ଅନ୍ୟ ଟ୍ରେନ୍‌ର ସ୍ଥାନ ନେବାକୁ ଯାଉଛି। ଏହାର ୩ଟି ଭର୍ସନ ବନ୍ଦେ ଚେୟାର କାର୍, ବନ୍ଦେ ମେଟ୍ରୋ ଏବଂ ବନ୍ଦେ ସ୍ଲିପର ଉପଲବ୍ଧ ହେବାକୁ ଯାଉଛି। ୧୬୦ କିଲୋମିଟର ବେଗରେ ଗତି କରିବାକୁ ଥିବା ବନ୍ଦେ ଭାରତ ଏକ୍ସପ୍ରେସ୍ ପାଇଁ ଆଗାମୀ ୩/୪ ବର୍ଷ ମଧ୍ୟରେ ରେଳ ଟ୍ରାକ୍‌ଗୁଡ଼ିକୁ ବିକଶିତ କରାଯିବ। ବନ୍ଦେ ମେଟ୍ରୋ ୧୦୦ କିଲୋମିଟରରୁ କମ୍ ବେଗରେ ଯାତ୍ରା କରିବାକୁ ଥିବାବେଳେ ବନ୍ଦେ ଚେୟାର କାରର ବେଗ ୧୦୦ରୁ ୫୫୦ କିଲୋମିଟର ଏବଂ ବନ୍ଦେ ସ୍ଲିପରର ବେଗ ୫୫୦ କିଲୋମିଟରରୁ ଅଧିକ ରହିବ ବୋଲି ଅଶ୍ୱିନୀ କହିଛନ୍ତି।

ପଞ୍ଜାବ ମୁଖ୍ୟମନ୍ତ୍ରୀଙ୍କୁ ଜେଡ୍ ପ୍ଲସ୍ ସୁରକ୍ଷା

ନୂଆଦିଲ୍ଲୀ, ୨୫।୫: ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ୍‌ଙ୍କୁ କେନ୍ଦ୍ର ସରକାର ଜେଡ୍-ପ୍ଲସ୍ ସୁରକ୍ଷା ଯୋଗାଇଦେଇଛନ୍ତି। ଦେଶ ତଥା ବିଦେଶରୁ ତାଙ୍କୁ ହତ୍ୟା ଧମକ ମିଳୁଥିବାରୁ ସୁରକ୍ଷା ବ୍ୟବସ୍ଥା ବଢ଼ାଯାଇଥିବା ଜଣେ ଅଧିକାରୀ କହିଛନ୍ତି। ଏଣିକି ତାଙ୍କୁ ସିଆର୍‌ପିଏଫ୍‌ର ୫୫ ଜଣିଆ ସ୍କ୍ୱାଡ୍ ୨୪ ଘଣ୍ଟା ସୁରକ୍ଷା ଯୋଗାଇବେ। ମାନ୍‌ଙ୍କ ସମେତ ତାଙ୍କ ଘର ଓ ପରିବାର ସଦସ୍ୟଙ୍କୁ ମଧ୍ୟ ଏହି ସୁରକ୍ଷା ଯୋଗାଇଦିଆଯିବ। କେନ୍ଦ୍ରୀୟ ଗୋଇନ୍ଦା ଏବଂ ସୁରକ୍ଷା ସଂସ୍ଥାର ସୁପାରିସ କ୍ରମେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମାନ୍‌ଙ୍କ ଜେଡ୍ ପ୍ଲସ୍ ସୁରକ୍ଷାକୁ ମଞ୍ଜୁରୀ ପ୍ରଦାନ କରିଛି।

ଜେଲ ବାଥ୍‌ରୁମ୍‌ରେ ପଡ଼ି ସତ୍ୟେନ୍ଦ୍ର ଜୈନ ଆହତ

ନୂଆଦିଲ୍ଲୀ, ୨୫।୫: ତିହାର ଜେଲରେ ଥିବା ଦିଲ୍ଲୀର ପୂର୍ବତନ ମନ୍ତ୍ରୀ ତଥା ଏଏପି ନେତା ସତ୍ୟେନ୍ଦ୍ର ଜୈନ ବୁଧବାର ରାତିରେ ବାଥ୍‌ରୁମ୍‌ରେ ପଡ଼ିଯାଇ ଆହତ ହୋଇଛନ୍ତି। ତାଙ୍କୁ ଦୀନ ଦୟାଲ ଉପାଧ୍ୟାୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମନି ଲଣ୍ଡରିଂ ମାମଲାରେ ୨୦୨୨ ମେ'ରୁ ସତ୍ୟେନ୍ଦ୍ର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ଗିରଫ ହୋଇ ଜେଲରେ ରହିଛନ୍ତି। ଗତ ମାସରେ ତାଙ୍କ ଜାମିନ ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଥିଲେ।

ପାକିସ୍ତାନରେ ଅଘୋଷିତ ସାମରିକ ଆଇନ: ଇମ୍ରାନ

ଇସ୍‌ଲାମାବାଦ, ୨୫।୫: ପାକିସ୍ତାନର ବିଭିନ୍ନ ପ୍ରଦେଶରେ ଅନୁଚ୍ଛେଦ ୨୪୫ ଲାଗୁ ହୋଇଥିବା ନେଇ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ପାକ୍ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଛନ୍ତି। ଏହା ଅଘୋଷିତ ସାମରିକ ଆଇନ ବୋଲି ସେ କହିଛନ୍ତି। ପାକିସ୍ତାନ ସମ୍ବିଧାନର ଅନୁଚ୍ଛେଦ ୨୪୫ ଅନୁଯାୟୀ ଦେଶର ସୁରକ୍ଷାରେ ପ୍ରଶାସନକୁ ସହାୟତା କରିବା ଲାଗି ସେନାକୁ ଡକାଯାଇପାରିବ। ପଞ୍ଜାବ, ଖାଇବର ପଖ୍‌ତୁନ୍‌ଖ୍ୱା, ବେଲୁଚିସ୍ତାନ ଏବଂ ଇସ୍‌ଲାମାବାଦରେ ଲାଗୁ ହୋଇଥିବା ଅନୁଚ୍ଛେଦ ୨୪୫କୁ ଇମ୍ରାନ୍ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ସେନା ଆଇନ ଅନୁଯାୟୀ ନାଗରିକଙ୍କୁ ଗିରଫ ଓ ବିଚାର କରିବା ଅସାମ୍ବିଧାନିକ ବୋଲି ଇମ୍ରାନ କହିଛନ୍ତି।

ଆଣବିକ ଅସ୍ତ୍ରକୁ ନେଇ ତେହେରାନ ଓ ୱାଶିଂଟନ ମୁହାଁମୁହିଁ ଅବସ୍ଥାରେ ଥିବାବେଳେ ଇରାନର ଏକ ଅଜ୍ଞାତ ସ୍ଥାନରେ ଖୋରାମଶାହର-୪ ଦୂରଗାମୀ କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ କରାଯାଇଛି। ଇରାନର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ଏହି ଫଟୋ ଜାରି କରାଯାଇଛି।

କ୍ୟାମ୍ପସ୍‌ରେ ଛାତ୍ରୀଙ୍କୁ ହତ୍ୟା ପରେ ସହପାଠୀଙ୍କ ଆତ୍ମହତ୍ୟା

ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନାଁରେ ଏତଲା

ନୂଆଦିଲ୍ଲୀ, ୨୫।୫

ଉତ୍ତରପ୍ରଦେଶ ନୋଏଡ଼ାସ୍ଥିତ ଶିବ ନାଦର ୟୁନିଭର୍ସିଟି କ୍ୟାମ୍ପସ୍‌ରେ ଚଳିତ ମାସରେ ଦୁଇ ଛାତ୍ରୀଛାତ୍ରଙ୍କ ଜୀବନ ଗଲାଣି। ୨୨ ବର୍ଷୀୟ ଅନୁଜ ଜୈନ୍ ଗତ ୧୮ ତାରିଖରେ ତାଙ୍କ ସହପାଠୀ ସ୍ନେହ ଚୌରାସିଆଙ୍କୁ ଗୁଳିକରି ହତ୍ୟା କରିଥିଲେ। ସେମାନଙ୍କ ମଧ୍ୟରେ ବ୍ରେକ୍‌ଅପ୍‌ରୁ ଏହି ହତ୍ୟାକାଣ୍ଡ ଘଟିଥିବା ଅଭିଯୋଗ ହୋଇଛି। ଏହାର କିଛି ଘଣ୍ଟା ପରେ ଅନୁଜ ଆତ୍ମହତ୍ୟା କରିଥିଲେ। ସେ ଛାଡ଼ିଯାଇଥିବା ଇମେଲ୍‌ରେ ହତ୍ୟାକାଣ୍ଡ ଓ ଆତ୍ମହତ୍ୟାର କାରଣ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଛାତ୍ରୀ ସ୍ନେହାଙ୍କୁ ଅନୁଜ ହଇରାଣ କରିବା ସହ ୪ ମାସ ମଧ୍ୟରେ ୨ ଥର ଆକ୍ରମଣ କରିଥିବା ନେଇ ସେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। କ୍ୟାମ୍ପସ୍ ଭିତରେ ଅନୁଜ ଚୋରାରେ ବନ୍ଧୁକ ରଖିଥିବାରୁ ଏଥିପାଇଁ କର୍ତ୍ତୃପକ୍ଷଙ୍କୁ ଦାୟୀ କରାଯାଇଛି। ନୋଏଡ଼ା ପୋଲିସ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ ଏତଲା ଦାଏର କରିଛି।

ସ୍ନେହ ଚୌରାସିଆ

ଜର୍ମାନୀରେ ମାନ୍ଦାବସ୍ଥା

ଜାନୁୟାରୀରୁ ମାର୍ଚ୍ଚ ୦.୩% ଖସିଲା ଜିଡିପି

ବର୍ଲିନ,୨୫।୫

ବିଶ୍ୱର ଚତୁର୍ଥ ବୃହତ୍ ରାଷ୍ଟ୍ର ଜର୍ମାନୀରେ ମାନ୍ଦାବସ୍ଥା ଦେଖାଦେଇଛି। ଏହି ୟୁରୋପୀୟ ଦେଶର ଅର୍ଥନୀତି ୨୦୨୨ର ଚତୁର୍ଥ କ୍ୱାର୍ଟରରେ ଅପ୍ରତ୍ୟାଶିତ ଭାବେ ନକାରାତ୍ମକ ଅଭିବୃଦ୍ଧି ଦେଖାଇବା ପରେ ଚଳିତ ବର୍ଷର ପ୍ରଥମ ତ୍ରୈମାସିକରେ ସଙ୍କୁଚିତ ହୋଇଯାଇଛି।

ୟୁରୋପର ସର୍ବବୃହତ୍ ଅର୍ଥନୀତି ମାନ୍ଦାବସ୍ଥାକୁ ଚାଲିଯାଇଥିବା ଗୁରୁବାର ସ୍ପଷ୍ଟ ହେବା ପରେ ୟୁରୋ ମୂଲ୍ୟରେ ହ୍ରାସ ପରିଲକ୍ଷିତ ହୋଇଛି। ଫେଡେରାଲ ଷ୍ଟାଟିଷ୍ଟିକାଲ୍ ଅଫିସ୍ ପକ୍ଷରୁ ଗୁରୁବାର ଜାରି ତଥ୍ୟାନୁସାରେ ଜର୍ମାନୀର ମୋଟ ଘରୋଇ ଉତ୍ପାଦ (ଜିଡିପି) ଜାନୁୟାରୀରୁ ମାର୍ଚ୍ଚ ମଧ୍ୟରେ ୦.୩% ହ୍ରାସ ପାଇଛି। ଏହା ପୂର୍ବରୁ ୨୦୨୨ ଶେଷ କ୍ୱାର୍ଟରରେ ଦେଶର ଅର୍ଥନୀତି ୦.୫% ସଙ୍କୁଚିତ ହୋଇଥିଲା। ଲଗାତର ଦୁଇଟି କ୍ୱାର୍ଟରରେ ଏପରି ଅସ୍ୱାଭାବିକ ହ୍ରାସ ଆନୁଷ୍ଠାନିକ ଭାବେ ମାନ୍ଦାବସ୍ଥା ଆଗମନର ସଙ୍କେତ ଦେଇଛି। ଏହା ଗତ ମାସରେ ଚଳିତ ବର୍ଷ ପାଇଁ ନିଜ ଅଭିବୃଦ୍ଧିକୁ ଦୁଇଗୁଣା ଦର୍ଶାଇଥିବା ଜର୍ମାନୀ ସରକାରଙ୍କୁ ଝଟ୍‌କା ଦେଇଛି। ଜିଡିପି ଅଭିବୃଦ୍ଧି ୦.୨% ଥିବାବେଳେ ଏହା ୦.୪%ରେ ପହଞ୍ଚିବା ନେଇ ଗତ ଜାନୁୟାରୀ ଶେଷରେ ସରକାର ଆକଳନ କରିଥିଲେ। ଏବେ ନୂଆ ଡେଟା ଆସିବା ପରେ ଏହି ଅନୁମାନକୁ ଅପ୍‌ଡେଟ୍ କରିବାକୁ ପଡ଼ିବ। ଉଚ୍ଚ ମୁଦ୍ରାସ୍ଫୀତି ଉପଭୋକ୍ତାଙ୍କ ଖର୍ଚ୍ଚ କରିବା କ୍ଷମତାକୁ ପ୍ରଭାବିତ କରିଥିବାରୁ ଏପ୍ରିଲରେ ଏହା ୭.୨% ରହିଥିବା ଅର୍ଥନୀତିଜ୍ଞମାନେ କହିଛନ୍ତି। ଜର୍ମାନୀର ଖବରକାଗଜ ବିଲ୍ଡ ଅନୁସାରେ ୨୦୨୨ ୱିଣ୍ଟର କ୍ୱାର୍ଟରରେ ଦେଶର ଅର୍ଥନୀତି ୦.୫% ଖସିବା ସହ ଭୁଶୁଡ଼ି ପଡ଼ିଥିଲା। ଏକ ଦେଶରେ ଉତ୍ପାଦିତ ସାମଗ୍ରୀ ଓ ସେବାରୁ ଜିଡିପି ପ୍ରତିଫଳିତ ହୋଇଥାଏ। କେବଳ ଏହି ଅଙ୍କ ଆର୍ଥିକ ସମୃଦ୍ଧିର ଏକ ଉପଯୋଗୀ ସୂଚକାଙ୍କ କି ବୋଲି ଅର୍ଥନୀତିଜ୍ଞମାନେ ପ୍ରଶ୍ନ କରିଛନ୍ତି।

DEM DEUTSCHEN VOLKE

ଟିପୁ ସୁଲତାନଙ୍କ ଖଣ୍ଡା ୧୪ ନିୟୁତ ପାଉଣ୍ଡରେ ନିଲାମ

ଲଣ୍ଡନ,୨୫।୫



ଅଷ୍ଟାଦଶ ଶତାବ୍ଦୀର ମହୀଶୂର ଶାସକ ଟିପୁ ସୁଲତାନଙ୍କ ବ୍ୟକ୍ତିଗତ ଶୟନକକ୍ଷରୁ ମିଳିଥିବା ଏକ ଖଣ୍ଡା ସବୁ ରେକର୍ଡ ଭାଙ୍ଗିଦେଇଛି। ଲଣ୍ଡନର ବୋନ୍‌ହାମ୍ସରେ ଏହା ୧୪ ନିୟୁତ ପାଉଣ୍ଡରେ ନିଲାମ ହୋଇଛି। ୧୭୮୨ରୁ ୧୭୯୯ ପର୍ଯ୍ୟନ୍ତ ମହୀଶୂରକୁ ଶାସନ କରିଥିବା ମହୀଶୂରର ବାଘ ନାମରେ ପରିଚିତ ଟିପୁଙ୍କ ଶୌର୍ଯ୍ୟର ପ୍ରତୀକ ଏହି ଖଣ୍ଡା ତାଙ୍କର ଏକ ବ୍ୟକ୍ତିଗତ କଠୋରିରୁ ମିଳିଥିଲା। ଇଷ୍ଟ ଇଣ୍ଡିଆ କମ୍ପାନୀ ଏହାକୁ ମେଜର ଜେନେରାଲ ଡାଭିଡ୍ ବାଇର୍ଡଙ୍କୁ ଉପହାର ଦେଇଥିଲା। ଏହାର ଅସାଧାରଣ ଇତିହାସ ପାଇଁ ଏତେ ମୂଲ୍ୟରେ ନିଲାମ ହୋଇପାରିଛି ବୋଲି ଇସ୍‌ଲାମିକ୍ ଆଣ୍ଡ ଇଣ୍ଡିଆନ୍ ଆର୍ଟ ଗ୍ରୁପ୍ ହେଡ୍ ନିମା ସଘାରଚୀ ସୂଚନା ଦେଇଛନ୍ତି।

ଫ୍ରାନ୍ସର କାନ୍ସରେ ଅନୁଷ୍ଠିତ ୭୬ତମ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଯୋଗଦେଇଥିବା 'କେନେଡି' ଫିଲ୍ମ ନିର୍ଦ୍ଦେଶକ ଅନୁରାଗ କଶ୍ୟପଙ୍କ ସହ ଅଭିନେତ୍ରୀ ସନି ଲିଓନ ଓ ଅଭିନେତା ରାହୁଲ ଭଟ୍ଟ ଫଟୋ ପାଇଁ ପୋଜ୍ ଦେଉଛନ୍ତି।

୨୦୧୮ ଭିଡ଼ହିଂସା ମାମଲାରେ ୪ ଜଣଙ୍କୁ ୭ ବର୍ଷ ଜେଲ

ଜୟପୁର, ୨୫।୫

୨୦୧୮ରେ ରାକବର ଖାନ୍‌ଙ୍କୁ ପିଟି ମାରିଦେବା ଘଟଣାରେ ୫ ଅଭିଯୁକ୍ତଙ୍କ ମଧ୍ୟରୁ ୪ ଜଣଙ୍କୁ ରାଜସ୍ଥାନ ଅଲଓ୍ୱର ଜିଲାର ଏକ ଅଦାଲତ ଦୋଷୀସାବ୍ୟସ୍ତ କରିବା ସହ ୭ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡାଦେଶ ଦେବା ସହ ୧୦ ହଜାର ଟଙ୍କା ଲେଖାଏ ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ପ୍ରମାଣ ଅଭାବରୁ ଅନ୍ୟ ଜଣକୁ ଦୋଷମୁକ୍ତ କରାଯାଇଛି। ଆଇପିସିର ଧାରା ୩୦୪ ଏବଂ ୩୪୧ ଅନୁଯାୟୀ ଧର୍ମେନ୍ଦ୍ର ଯାଦବ, ପରମଜିତ୍, ବିଜୟ କୁମାର ଏବଂ ନରେଶଙ୍କୁ ଦୋଷୀସାବ୍ୟସ୍ତ କରାଯାଇଥିବା ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ଅଶୋକ ଶର୍ମା କହିଛନ୍ତି। ନୱାଲ କିଶୋରଙ୍କୁ ପ୍ରମାଣ ଅଭାବରୁ ମୁକ୍ତ କରାଯାଇଛି। ଦଣ୍ଡ ଶୁଣାଣିବେଳେ କୋର୍ଟ ବାହାର ପ୍ରବଳ ଜନସମାଗମ ହୋଇଥିବାରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସୂଚନାଯୋଗ୍ୟ, ୨୦୧୮ ଜୁଲାଇ ୨୦ ରାତିରେ ରାମଗଡ଼ର ଲାଲାଓ୍ୱାଣ୍ଡି ଗ୍ରାମ ନିକଟରେ ଗାଈ ନେଇଯାଉଥିବା ହରିୟାଣାର ରାକବର ଓରଫ ଆକବରଙ୍କୁ ଗ୍ରାମବାସୀ ଘେରିଯାଇ ମାଡ଼ ମାରିବାରୁ ତାଙ୍କର ମୃତ୍ୟୁ ଘଟିଥିଲା।

ମଣିପୁରରେ ଶାନ୍ତି ରକ୍ଷା ପାଇଁ ଶାହାଙ୍କ ଆହ୍ୱାନ

ହିଂସାଗ୍ରସ୍ତ ରାଜ୍ୟ ଗସ୍ତ ନ କରିବାରୁ କଂଗ୍ରେସର ସମାଲୋଚନା

ଗୁଆହାଟୀ, ୨୫।୫

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଗୁରୁବାର ଆସାମ ଗସ୍ତରେ ଯାଇ ହିଂସାଗ୍ରସ୍ତ ମଣିପୁରରେ ଶାନ୍ତିରକ୍ଷା ପାଇଁ ନିବେଦନ କରିଛନ୍ତି। ସେ ଖୁବ୍‌ଶୀଘ୍ର ଏହି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟକୁ ଗସ୍ତରେ ଯାଇ ହିଂସାରେ ସମ୍ପୃକ୍ତ ଉଭୟ ସମ୍ପ୍ରଦାୟର ଜନସାଧାରଣଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ୨୨ ଦିନ ହେଲା ମଣିପୁର ଜଳୁଥିବାବେଳେ ଆସାମ ଗସ୍ତରେ ଥିବା ଶାହା ସେଠାକୁ ଯାଇ ନ ଥିବାରୁ କଂଗ୍ରେସ ଏହାର ସମାଲୋଚନା କରିଛି। ଆସାମରେ ହିମନ୍ତ ବିଶ୍ୱ ଶର୍ମା ନେତୃତ୍ୱାଧୀନ ଭାଜପା ସରକାରଙ୍କର ଦୁଇବର୍ଷ ପୂର୍ତ୍ତି ଅବସରରେ ଗୁରୁବାର ଶାହା ସେଠାକୁ ଯାଇ ୩ଟି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅଥଚ ୨୨ ଦିନ ହେଲା ଜଳୁଥିବା ମଣିପୁର ଯିବାକୁ ସେ ଉପଯୁକ୍ତ ମଣିଲେ ନାହିଁ ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ସମାଲୋଚନା କରିଛନ୍ତି।

କୋର୍ଟଙ୍କ ରାୟ ପରେ ମଣିପୁରରେ ସଂଘର୍ଷ ଘଟି ୭୧ ଜଣଙ୍କ ଜୀବନ ଯିବା ସହ ହଜାର ହଜାର ଲୋକ ଘରଦ୍ୱାର ଛାଡ଼ି ରିଲିଫ୍ କ୍ୟାମ୍ପରେ ଆଶ୍ରୟ ନେଇଛନ୍ତି। ହିଂସାକାଣ୍ଡରେ ୨,୦୦୦ ଘର ଜାଳିଦିଆଯାଇଛି। ବୁଧବାର ପାର୍ବତ୍ୟ ଜିଲା ଚୁରାଚାନ୍ଦପୁର ସଂଲଗ୍ନ ବିଷ୍ଣୁପୁରରେ ପୁଣି ହିଂସା ଘଟିଛି। ଉପଦ୍ରବୀମାନେ କେତେଜଣଙ୍କ ଘରେ ନିଆଁ ଲଗାଇ ଦେଇଛନ୍ତି। ମୋଇରାଙ୍ଗ ରିଲିଫ୍ କ୍ୟାମ୍ପରେ ରହୁଥିବା ତୋଇଜାମ ଚନ୍ଦ୍ରମଣି ଗୁଳିମାଡ଼ରେ ନିହତ ହୋଇଛନ୍ତି। ମଣିପୁରର ସଂଖ୍ୟାଲଘୁ ମେଇତି ସମ୍ପ୍ରଦାୟକୁ ଅନୁସୂଚିତ ଜାତି ମାନ୍ୟତା ପ୍ରଦାନ ଲାଗି ଅଦାଲତଙ୍କ ରାୟ ପରେ କୁକି ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନା ସଂଘର୍ଷର ରୂପ ନେଇଥିଲା। ହିଂସାକାଣ୍ଡ ଓ ଉତ୍ତେଜନା ଲାଗିରହିଥିବାରୁ ପେଟ୍ରୋଲ, ରନ୍ଧନ ଗ୍ୟାସ୍ ସମେତ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦରଦାମ୍ ଆକାଶଛୁଆଁ ହୋଇଛି। ସେଠାରେ ଏଲ୍‌ପିଜି ସିଲିଣ୍ଡର ଦାମ୍ ୨,୦୦୦ ଟଙ୍କାରେ ପହଞ୍ଚିଥିବାବେଳେ ପେଟ୍ରୋଲ ଲିଟର ୨୫୦ ଟଙ୍କାରେ ବିକ୍ରି ହେଉଛି।

ଓଟିଟିରେ ପ୍ରସାରିତ ହେବ ତମାଖୁ ସତର୍କ ସୂଚନା

ନୂଆଦିଲ୍ଲୀ, ୨୫।୫

ଚଳଚ୍ଚିତ୍ର ଏବଂ ଟେଲିଭିଜନ ପ୍ରୋଗ୍ରାମ ଭଳି ଓଟିଟି ପ୍ଲାଟ୍‌ଫର୍ମଗୁଡ଼ିକରେ ଖୁବ୍‌ଶୀଘ୍ର ତମାଖୁ ନିରୋଧୀ ସତର୍କ ସୂଚନା ପ୍ରସାରଣ କରାଯିବ। ଏଥିପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଆନୁଷଙ୍ଗିକ ନିୟମାବଳୀରେ ସଂଶୋଧନ କରିବାକୁ ଯାଉଥିବା ଏକ ସୂତ୍ରରୁ ଜଣାପଡ଼ିଛି। ସିଗାରେଟ୍ ଓ ଅନ୍ୟାନ୍ୟ ତମାଖୁ ସାମଗ୍ରୀ (ଉତ୍ପାଦନ, ବ୍ୟବସାୟ ଓ ଯୋଗାଣ ନିୟମାବଳୀ ଓ ବିଜ୍ଞାପନ ନିଷେଧ) ନିୟମ, ୨୦୦୪ର ସଂଶୋଧନ ପାଇଁ ମନ୍ତ୍ରଣାଳୟ ବିଚାର କରୁଛି। ଏନେଇ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇପାରେ। ଚିଠା ବିଜ୍ଞପ୍ତି ଅନୁଯାୟୀ ତମାଖୁ ସାମଗ୍ରୀ କିମ୍ବା ତାହାର ବ୍ୟବହାର ସମ୍ପର୍କରେ ଅନ୍‌ଲାଇନ୍‌ରେ ପ୍ରସାର କରୁଥିବା ପ୍ରକାଶକମାନେ ଏହାର କ୍ଷତିକାରକ ପ୍ରଭାବ ସମ୍ପର୍କରେ କାର୍ଯ୍ୟକ୍ରମ ଆରମ୍ଭରୁ ଏବଂ ମଝିରେ ୩୦ ସେକେଣ୍ଡ ଲେଖାଏ ଦେଖାଇବେ। ଏଥିସହ ତମାଖୁ ବିରୋଧୀ ସ୍ୱାସ୍ଥ୍ୟ ସଚେତନତା ସ୍କ୍ରିନ୍‌ର ତଳଭାଗରେ ସ୍ପଷ୍ଟ ଭାବରେ ଲେଖିବା ଲାଗି କୁହାଯିବ। ସେହିପରି ତମାଖୁ ସେବନ ନ କରିବା ପାଇଁ ଅନ୍ୟୂନ ୨୦ ସେକେଣ୍ଡର ଏକ ଅଡିଓ ଭିଜୁଆଲ୍ ମଧ୍ୟ ପ୍ରୋଗ୍ରାମ ଆରମ୍ଭ ଓ ମଝିରେ ପ୍ରଦର୍ଶନ କରାଯିବ।

ବେଲାରୁଷରେ ଆଣବିକ ଅସ୍ତ୍ର ମୁତୟନ ପାଇଁ ରୁଷିଆର ଡିଲ୍

ଟଲ୍ଲିନ,୨୫।୫: ରୁଷିଆ ଓ ବେଲାରୁଷ ମଧ୍ୟରେ ଗୁରୁବାର ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଏହି ଡିଲ୍ ବଳରେ ରୁଷିଆ ନିଜ ସହଯୋଗୀ ରାଷ୍ଟ୍ରର ଭୂଖଣ୍ଡରେ ଆଣବିକ ଅସ୍ତ୍ର ମୁତୟନ କରିପାରିବ। ଅସ୍ତ୍ରଗୁଡ଼ିକର ନିୟନ୍ତ୍ରଣ କ୍ରେମଲିନ୍ ହାତରେ ରହିବ। ଏହା ପୂର୍ବରୁ ୟୁକ୍ରେନୀୟ ସୈନ୍ୟଙ୍କ ମୁକାବିଲା ପାଇଁ ବେଲାରୁଷରେ ସ୍ୱଳ୍ପଗାମୀ କ୍ଷେପଣାସ୍ତ୍ର ମୁତୟନ ନେଇ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଘୋଷଣା କରିଥିଲେ। ୟୁକ୍ରେନ୍‌କୁ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ପକ୍ଷରୁ ଅସ୍ତ୍ରଶସ୍ତ୍ର ଯୋଗାଣ ବନ୍ଦ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା କୁହାଯାଉଛି।

ବ୍ରିଟେନ୍‌ରେ ଭାରତୀୟଙ୍କୁ ସର୍ବାଧିକ ଭିଜା

ଲଣ୍ଡନ, ୨୫।୫

ବ୍ରିଟେନରେ କୁଶଳୀ କର୍ମଚାରୀ ଏବଂ ଛାତ୍ର ଭିଜା ଇସ୍ୟୁରେ ଭାରତୀୟମାନେ ସର୍ବାଗ୍ରେ ରହିଛନ୍ତି। ଗୁରୁବାର ପ୍ରକାଶିତ ଲଣ୍ଡନସ୍ଥିତ ଇମିଗ୍ରେଶନ ଷ୍ଟାଟିଷ୍ଟିକ୍ସ ରିପୋର୍ଟ ଅନୁଯାୟୀ ନୂଆ ଗ୍ରାଜୁଏଶନ ପରବର୍ତ୍ତୀ ଶିକ୍ଷାଗ୍ରହଣ ଲାଗି ଦିଆଯାଇଥିବା ଭିଜାରୁ ୪୧ ପ୍ରତିଶତ ଭାରତୀୟ ଛାତ୍ରୀଛାତ୍ରଙ୍କୁ ମିଳିଛି। ସେହିପରି କର୍ମଚାରୀ ଭିଜାରେ ଭାରତୀୟମାନଙ୍କୁ ୩୩ ପ୍ରତିଶତ ମିଳିଛି। ୨୦୨୩ ମାର୍ଚ୍ଚରେ ଶେଷ ହୋଇଥିବା ବର୍ଷରେ ଗ୍ରାଜୁଏଶନ ପରବର୍ତ୍ତୀ ଶିକ୍ଷା ପାଇଁ ମୋଟ ୯୨,୯୫୧ ଭିଜା ଇସ୍ୟୁ ହୋଇଥିବାବେଳେ ସେଥିରେ ସର୍ବାଧିକ ୪୧ ପ୍ରତିଶତ ଥିଲେ ଭାରତୀୟ। ଭାରତୀୟ କୁଶଳୀ କର୍ମଚାରୀଙ୍କୁ ୨୦୨୧-୨୨ରେ ୧୩,୩୯୦ ଭିଜା ଇସ୍ୟୁ ହୋଇଥିବାବେଳେ ୨୦୨୨-୨୩ରେ ୨୧,୮୩୭ ଇସ୍ୟୁ କରାଯାଇଛି, ଅର୍ଥାତ୍ ବର୍ଷକ ମଧ୍ୟରେ ୬୩ ପ୍ରତିଶତ ବଢ଼ିଛି। ସେହିପରି ସ୍ୱାସ୍ଥ୍ୟସେବା କ୍ଷେତ୍ର ଲାଗି ଭାରତୀୟଙ୍କୁ ଦିଆଯାଇଥିବା ଭିଜା ସଂଖ୍ୟା ପୂର୍ବ ବର୍ଷ ତୁଳନାରେ ୧୦୫ ପ୍ରତିଶତ ବଢ଼ିଛି। ୨୦୨୧-୨୨ରେ ୧୪,୪୮୫ ଭିଜା ମିଳିଥିବାବେଳେ ୨୦୨୨-୨୩ରେ ୨୯,୭୨୬ ଭିଜା ଇସ୍ୟୁ ହୋଇଛି।

କୁନୋରେ ଆଉ ୨ ଚିତା ଶାବକଙ୍କ ମୃତ୍ୟୁ

ଭୋପାଳ, ୨୫।୫

ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ଗୁରୁବାର ଆଉ ଦୁଇଟି ଚିତା ଶାବକଙ୍କ ମୃତ୍ୟୁ ଘଟିଛି। ପ୍ରଚଣ୍ଡ ଗ୍ରୀଷ୍ମ ଏବଂ ଶରୀରରୁ ଜଳୀୟ ଅଂଶ ହ୍ରାସ ଯୋଗୁ ସେମାନଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ଗତ ମାର୍ଚ୍ଚରେ ମାଈ ଚିତା 'ଜ୍ୱାଳା' ଜାତୀୟ ଉଦ୍ୟାନରେ ୪ ଶାବକଙ୍କୁ ଜନ୍ମ ଦେଇଥିଲା। ଦୁଇ ଦିନରେ ସେଥିରୁ ୩ ଶାବକ ପ୍ରାଣ ହରାଇଲେଣି। ମଙ୍ଗଳବାର ଅନ୍ୟଏକ ଛୁଆ ଅତ୍ୟଧିକ ଦୁର୍ବଳ କାରଣରୁ ପ୍ରାଣ ହରାଇଥିଲା। ଚତୁର୍ଥ ଶାବକକୁ ପାଲପୁର ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବାବେଳେ ଅଧିକ ଚିକିତ୍ସା ପାଇଁ ନାମିବ୍ୟା ଏବଂ ଦକ୍ଷିଣ ଆଫ୍ରିକାର ବିଶେଷଜ୍ଞମାନଙ୍କ ସହ ଯୋଗାଯୋଗ କରାଯାଇଛି।

ଦକ୍ଷିଣ ଆଫ୍ରିକା ଏବଂ ନାମିବ୍ୟାରୁ ଚିତାଗୁଡ଼ିକୁ ଅଣାଯାଇ ମଧ୍ୟପ୍ରଦେଶର ଜାତୀୟ ଉଦ୍ୟାନରେ ଛଡ଼ାଯାଇଥିବାବେଳେ ଦୁଇମାସରୁ କମ୍ ସମୟ ମଧ୍ୟରେ ୩ ଚିତାଙ୍କ ମୃତ୍ୟୁ ଘଟିଲାଣି। ମାର୍ଚ୍ଚ ୨୭ରେ ସାଶା ନାମ୍ନୀ ମାଈ ଚିତା କିଡ୍‌ନୀ ସମସ୍ୟା ଯୋଗୁ ମୃତ୍ୟୁମୁଖରେ ପଡ଼ିଥିଲା। କାର୍ଡିଓ-ପୁଲମୋନାରୀ କାମ ନ କରିବାରୁ ଏପ୍ରିଲ ୨୩ରେ ଉଦୟ ନାମକ ଚିତାର ମୃତ୍ୟୁ ଘଟିଥିଲା। ସେହିପରି ମେ' ୯ରେ ଦକ୍ଷ ନାମ୍ନୀ ମାଈ ଚିତା ଏକ ପୁରୁଷ ଚିତା ଆକ୍ରମଣରେ ପ୍ରାଣ ହରାଇଥିଲା। ଏହାକୁ ନେଇ ଗତ ସପ୍ତାହରେ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିଥିଲେ। କୁନୋ ଉଦ୍ୟାନ ଏତେ ସଂଖ୍ୟକ ଚିତାଙ୍କ ପାଇଁ ପର୍ଯ୍ୟାପ୍ତ ନୁହେଁ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଥିବାରୁ ଅନ୍ୟ ଚିତାମାନଙ୍କୁ ରାଜସ୍ଥାନକୁ ସ୍ଥାନାନ୍ତର କରିବାକୁ ସର୍ବୋଚ୍ଚ ଅଦାଲତ ପରାମର୍ଶ ଦେଇଥିଲେ। ରାଜସ୍ଥାନରେ ବିରୋଧୀ ଦଳ ଶାସନରେ ଥିବାରୁ ସେଠାକୁ ଚିତା ସ୍ଥାନାନ୍ତର କରିବାକୁ କେନ୍ଦ୍ର ସରକାର ଚାହୁଁ ନାହାନ୍ତି କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଆଗାମୀ ଦିନରେ ଅଧିକ ଚିତାଙ୍କ ମୃତ୍ୟୁ ଘଟିପାରେ ବୋଲି ଦକ୍ଷିଣ ଆଫ୍ରିକୀୟ ବନ୍ୟପ୍ରାଣୀ ବିଶେଷଜ୍ଞ ଭିନ୍‌ସେଣ୍ଟ ଭାନ୍‌ଡେର ମେରୱେ କହିଛନ୍ତି। କାରଣ ଚିତାମାନେ ନିଜ ଇଲାକା ପ୍ରତିଷ୍ଠା କରିବାକୁ ଉଦ୍ୟମ କଲାବେଳେ ଜାତୀୟ ଉଦ୍ୟାନରେ ମହାବଳ ଓ କଲରାପତରିଆ ବାଘଙ୍କ ସହ ସଂଘର୍ଷ ଘଟିବ ବୋଲି ସେ କହିଛନ୍ତି। ଭାରତୀୟ ଜଳବାୟୁ ଆଫ୍ରିକୀୟ ଚିତାଙ୍କ ପାଇଁ ଅନୁକୂଳ ହେଉନାହିଁ। ଅନ୍ୟୂନ ୨ କିମ୍ବା ୩ଟି ଚିତା ବାସସ୍ଥାନକୁ ଆବଦ୍ଧ କରି ରଖିବା ଲାଗି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

ସୋନି ବ୍ରାଭିଆର ଏକ୍ସ୭୦ଏଲ୍ ଟେଲିଭିଜନ ସିରିଜ

ଭୁବନେଶ୍ୱର,୨୫।୫

ସୋନି ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ସୋନିର ନ୍ୟୁ ବ୍ରାଭିଆ ଏକ୍ସ୭୦ଏଲ୍ ଟେଲିଭିଜନ ସିରିଜ୍‌କୁ ନିକଟରେ ଉନ୍ମୋଚନ କରାଯାଇଛି। ଏପରିକି ୪କେ ଅଲ୍‌ଟ୍ରା ଏଚ୍‌ଡି ଏଲ୍ଇଡି ଡିସ୍‌ପ୍ଲେ ଥିବା ନୂଆ ବ୍ରାଭିଆ ଏକ୍ସ୭୦ଏଲ୍ ଟେଲିଭିଜନ ସିରିଜର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଅପରପକ୍ଷରେ ଏକ୍ସ୭୦ଏଲ୍ ସହିତ ସ୍ମାର୍ଟ ମନୋରଞ୍ଜନ ସୁବିଧା ଏବଂ ସୁନ୍ଦର ରଙ୍ଗ ଓ ଅତୁଲ୍ୟ ୪କେ ସ୍ୱଚ୍ଛତା ତଥା ସ୍ୱଷ୍ଟ ସାଉଣ୍ଡ୍ ସହିତ ସିନେମାକୁ ଉପଭୋକ୍ତା ଉପଭୋଗ କରିପାରିବେ। ସେହିଭଳି ସୋନି ଏକ୍ସ୭୦ଏଲ୍ ଟିଭିରେ ଥିବା ଏକ୍ସ୧ ୪କେ ପ୍ରୋସେସର ଓ ଲାଇଭ୍ କଲର ପ୍ରଯୁକ୍ତି ଜରିଆରେ ଜୀବନ୍ତ ଭଳି ରଙ୍ଗ, କଣ୍ଟ୍ରାଷ୍ଟ ଓ ସୂକ୍ଷ୍ମ ବିବରଣୀ ଏବଂ ଏକ୍ସ-ରିଅଲିଟି ପିଆର୍‌ଓ ଓ ମୋସନ ଫ୍ଲୋ ଏକ୍ସଆର୍ ଜରିଆରେ ୪କେ ମାନର ଛବିକୁ ଉପଭୋଗ କରିପାରିବେ। ସେହିପରି ଡଲ୍‌ବି ଅଡିଓ ସହିତ ଚମତ୍କାର ବାସ୍, ଶକ୍ତି ଓ ପ୍ରାକୃତିକ ସାଉଣ୍ଡ୍ ଓ କ୍ଲିୟର ଫେଜ୍ ପ୍ରଯୁକ୍ତି ଏବଂ ଏକ୍ସ୭୦ଏଲ୍ ସିରିଜ୍‌ରେ ଗୁଗଲ୍ ଟିଭି ରହିଛି, ଯାହା ୧୦,୦୦୦ ରୁ ଅଧିକ ଆପ୍ ଏବଂ ଗେମ୍ ସହିତ ୭,୦୦,୦୦୦ରୁ ଅଧିକ ସିନେମା ଏବଂ ଟେଲିଭିଜନ ସିରିଜ୍‌ରେ ଅସୀମିତ ମନୋରଞ୍ଜନ ସହ ସ୍ମାର୍ଟ ବ୍ୟବହାରକାରୀ ଅନୁଭୂତି ପ୍ରଦାନ କରୁଛି। ଏପରିକି ଆପଲ୍ ଏୟାରପ୍ଲେ ଓ ହୋମ୍‌କିଟ୍ ସହିତ ଏହା ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରୁଛି।

କାର୍ବନ ନିର୍ଗମନ ହ୍ରାସକୁ ଗୁରୁତ୍ୱ

ଭୁବନେଶ୍ୱର,୨୫।୫

ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍ (ଟିଏସ୍ଏମ୍ଏଲ୍) ପକ୍ଷରୁ ରପ୍ତାନି ପାଇଁ ଯାଜପୁରର ଏପିଜେ ଲଜିଷ୍ଟିକ୍ସରୁ ରେକ୍ ଜରିଆରେ ପ୍ରଥମ ମଲ୍‌ଟି-ମୋଡାଲ କଣ୍ଟେନରାଇଜଡ୍ ପରିବହନର ଶୁଭାରମ୍ଭ କରାଯାଇଛି। ଏପରିକି କମ୍ପାନୀ ପ୍ରଥମ ଥର ପାଇଁ ସଡ଼କ, ରେଳ ଓ ସମୁଦ୍ର ପରିବହନର ମିଶ୍ରଣକୁ ଉପଯୋଗ କରିଛି, ଯାହା ଦୀର୍ଘସ୍ଥାୟୀ ଓ ପରିବେଶ ଅନୁକୂଳ ସପ୍ଲାଏ ଚେନ୍ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି। ସେହିଭଳି ଏକ ସବୁଜ ଭବିଷ୍ୟତ ଲାଗି ଅଧିକ ଦୀର୍ଘସ୍ଥାୟୀ ପ୍ରଥା ଗ୍ରହଣ କରିବାର ଆବଶ୍ୟକତାକୁ ହୃଦୟଙ୍ଗମ କରି ଟିଏସ୍ଏମ୍ଏଲ୍ ପକ୍ଷରୁ କାର୍ବନ ନିର୍ଗମନ ହ୍ରାସ କରିବା ନିମନ୍ତେ ଏଭଳି ଏକ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି।

ଏ ସମ୍ପର୍କରେ ଟାଟା ଷ୍ଟିଲ୍ ମାଇନିଂର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜା କହିଛନ୍ତି, ଦୀର୍ଘସ୍ଥାୟୀ ବ୍ୟବସାୟ ପ୍ରଥା ପ୍ରତି ଆମେ ସର୍ବଦା ପ୍ରତିବଦ୍ଧ ରହିଛୁ। ବିଶେଷକରି ରେକ୍ ଜରିଆରେ ରପ୍ତାନି ପାଇଁ କଣ୍ଟେନରରେ ଫେରୋ ଆଲଏଜ୍‌ର ମଲ୍‌ଟି-ମୋଡାଲ ପରିବହନ ଉକ୍ତ ଦିଗରେ ଏକ ଠିକ୍ ପଦକ୍ଷେପ ବୋଲି ସତିଜା ମତବ୍ୟକ୍ତ କରିଛନ୍ତି। ବିଶେଷକରି ସଡ଼କ, ରେଳ ଓ ସମୁଦ୍ର ପରିବହନକୁ ସମନ୍ୱିତ କରିବା ସହ କମ୍ପାନୀର ରେଳ କ୍ଷମତାକୁ ବଢ଼ାଇ କାର୍ବନ ଫୁଟ୍‌ପ୍ରିଣ୍ଟକୁ ଆହୁରି ହ୍ରାସ କରିବା ଏବଂ ଏକ ସବୁଜ ଭବିଷ୍ୟତ ଗଠନରେ ଯୋଗଦାନ ଦେବାକୁ ଆମେ ଲକ୍ଷ୍ୟ ରଖିଛୁ।

ବିଓଏମ୍‌ର ବାର୍ଷିକ ଫଳାଫଳ

ଭୁବନେଶ୍ୱର,୨୫।୫

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବିଓଏମ୍‌ର ବାର୍ଷିକ ଫଳାଫଳ (୨୦୨୨-୨୩ ଆର୍ଥିକ ବର୍ଷ) ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଋଣ ଓ ଜମା ଅଭିବୃଦ୍ଧି କ୍ଷେତ୍ରରେ ୨୦୨୨-୨୩ ଆର୍ଥିକ ବର୍ଷ ମଧ୍ୟରେ ବିଓଏମ୍ ଅନ୍ୟ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ବ୍ୟାଙ୍କ ଭାବେ ପରିଗଣିତ ହୋଇଛି। ଉଲ୍ଲେଖଯୋଗ୍ୟ, ବିଓଏମ୍‌ର ପୁଣେସ୍ଥିତ ମୁଖ୍ୟ କାର୍ଯ୍ୟାଳୟର ସୂଚନା ଅନୁସାରେ ୨୦୨୨-୨୩ ଆର୍ଥିକ ବର୍ଷରେ ବ୍ୟାଙ୍କ ମୋଟ ୧୨୬% ଅଭିବୃଦ୍ଧି ହାରରେ ୨୬୦୨ କୋଟି ଟଙ୍କାର ଲାଭ କରିଛି। ୨୦୨୩ ମାର୍ଚ୍ଚ ଶେଷ ସୁଦ୍ଧା ବ୍ୟାଙ୍କର ଗ୍ରସ୍ ଅଗ୍ରିମ କ୍ଷେତ୍ରରେ ୨୯.୪% ର ଅଭିବୃଦ୍ଧି ଘଟି ୧,୭୫,୧୨୦ କୋଟି ଟଙ୍କାରେ ପହଞ୍ଚିଛି। ସେହିଭଳି ଜମା ଅଭିବୃଦ୍ଧି କ୍ଷେତ୍ରରେ ବ୍ୟାଙ୍କର ମୋଟ ୧୫.୭ %ର ଅଭିବୃଦ୍ଧି ଘଟିଛି ଏବଂ ୨୦୨୩ ମାର୍ଚ୍ଚ ଶେଷ ସୁଦ୍ଧା ବ୍ୟାଙ୍କ ୨,୩୪,୦୮୩ କୋଟି ଟଙ୍କା ସଂଗ୍ରହ କରିପାରିଛି। ସେହିପରି ସ୍ୱଳ୍ପ ମୂଲ୍ୟରେ କରେଣ୍ଟ ଆକାଉଣ୍ଟ ଏବଂ ସେଭିଂ ଆକାଉଣ୍ଟ (କାସା) ଜମା କ୍ଷେତ୍ରରେ ମଧ୍ୟ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଶୀର୍ଷ ସ୍ଥାନ ବଜାୟ ରଖିଛି। ଏପରିକି ବ୍ୟାଙ୍କର ମୋଟ୍ ବ୍ୟବସାୟିକ ଅଭିବୃଦ୍ଧି ୨୧.୨%ର ବୃଦ୍ଧି ହାରରେ ସର୍ବାଧିକ ୪,୦୯,୨୦୨ କୋଟି ଟଙ୍କା ରହିଥିଲା।

ଏଏଚ୍ଏଲ୍‌ର ବାର୍ଷିକ ଫଳାଫଳ

ଭୁବନେଶ୍ୱର,୨୫।୫

ଦେଶର ପ୍ରମୁଖ ଅର୍ଥ ଲଗାଣକାରୀ ଘରୋଇ ସଂସ୍ଥା ଆବାନ୍ସ ହୋଲ୍ଡିଂ ଲିମିଟେଡ୍(ଏଏଚ୍ଏଲ୍)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ୨୦୨୨-୨୩ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ସହ ବାର୍ଷିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀ ବିବିଧ ଆର୍ଥିକ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ପ୍ରଦର୍ଶନ କରିବା ସହ ଉକ୍ତ ଶିଳ୍ପରେ ଏକ ପ୍ରମୁଖ ସଂସ୍ଥା ଭାବେ ନିଜର ସ୍ଥିତିକୁ ଅଧିକ ଦୃଢ଼ୀଭୂତ କରିଛି। ବିଶେଷକରି ୨୦୨୨-୨୩ ଆର୍ଥିକ ବର୍ଷରେ କମ୍ପାନୀ ୭୦.୩ କୋଟି ଟଙ୍କାର ନେଟ୍ ଲାଭ ଉପାର୍ଜନ କରିଛି, ଯାହା ୨୦୨୧-୨୨ ଆର୍ଥିକ ବର୍ଷରେ ହୋଇଥିବା ନେଟ୍ ଲାଭ ୬୧.୮ କୋଟି ଟଙ୍କା ତୁଳନାରେ ୧୪% ଅଧିକ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ସେହିଭଳି ୨୦୨୨-୨୩ ଆର୍ଥିକ ବର୍ଷରେ କମ୍ପାନୀର ଅପରେଟିଂ ଲାଭ ପୂର୍ବ ବର୍ଷ ତୁଳନାରେ ୧୫% ବୃଦ୍ଧି ପାଇ ୭୬କୋଟି ଟଙ୍କା ହୋଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ସଂସ୍ଥାର ବ୍ୟବସାୟିକ ପରିଚାଳନାରୁ ରାଜସ୍ୱ ଆୟ ୧,୧୫୦.୯୭ କୋଟି ଟଙ୍କା ହୋଇଛି, ଯାହା ୨୦୨୧-୨୨ ଆର୍ଥିକ ବର୍ଷରେ ହୋଇଥିବା ରାଜସ୍ୱ ଆୟ ୬୩୮.୬୨ କୋଟି ଟଙ୍କା ତୁଳନାରେ ୮୦.୨% ଅଧିକ ରହିଛି। ସେହିଭଳି ଉକ୍ତ ସଂସ୍ଥାର ଆୟ ପୂର୍ବବର୍ଷ ତୁଳନାରେ ୨୦୨୨-୨୩ ଆର୍ଥିକ ବର୍ଷରେ ୮୩% ବୃଦ୍ଧି ପାଇ ୨୦୨୩ ମାର୍ଚ୍ଚ ଶେଷ ସୁଦ୍ଧା ୪୩ କୋଟି ଟଙ୍କା ହୋଇଛି। ବିଶେଷକରି ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ଇପିଏସ୍ ଶେୟାର ପିଛା ୧୪.୮୧ ଟଙ୍କା ହୋଇଛି।

ଗତି ବାଇକ୍ ଏକ୍ସପ୍ରେସ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୨୫।୫

ଦେଶର ପ୍ରମୁଖ ଲଜିଷ୍ଟିକ୍ସ ସେବା ପ୍ରଦାନକାରୀ ସଂସ୍ଥା ଗତି ଲିମିଟେଡ୍ ପକ୍ଷରୁ ଏକ ଅଭିନବ ସେବା 'ଗତି ବାଇକ୍ ଏକ୍ସପ୍ରେସ୍'ର ଶୁଭାରମ୍ଭ କରାଯାଇଛି। ବିଶେଷକରି ସ୍ୱତନ୍ତ୍ର ଭାବେ ପରିକଳ୍ପିତ ଓ ସମ୍ପୂର୍ଣ୍ଣ ସୁରକ୍ଷିତ, ନିରାପଦ ଏବଂ ଗ୍ରାହକଙ୍କୁ ଅନ୍ ଟାଇମ୍ ବାଇକ୍ ପରିବହନ ସେବା ଯୋଗାଇବା ବାଇକ୍ ଏକ୍ସପ୍ରେସ୍‌ର ମୂଳ ଲକ୍ଷ୍ୟ। ସେହିଭଳି ବାଇକ୍ ଏକ୍ସପ୍ରେସ୍ ଅନେକ ସୁବିଧା ପ୍ରଦାନ କରୁଛି, ଯେପରିକି ପାନ୍-ଇଣ୍ଡିଆ ମାଗଣା ଏବଂ ସହଜ ଦ୍ୱାର ଉଠାଇବା ଏବଂ ବିତରଣ, ଅନ୍-ସ୍ପଟ୍ ପ୍ୟାକିଂ, କଷ୍ଟୋମାଇଜ୍ ବିତରଣ, ସ୍ୱତନ୍ତ୍ର ଭ୍ରମଣ ଅଭିଯାନ, ସ୍ୱତନ୍ତ୍ର ତାଲିମପ୍ରାପ୍ତ ତଥା ଅଭିଜ୍ଞ ବୃତ୍ତିଗତଙ୍କ ଦ୍ୱାରା ଯୋଜନା ଏବଂ କାର୍ଯ୍ୟକାରିତା, ପାଣିପାଗ ପ୍ରମାଣ ମାଧ୍ୟମରେ ପରିବହନ କଣ୍ଟେନର ଯାନ, କନ୍‌ସାଇନମେଣ୍ଟ ଟ୍ରାକିଂ, ଶେଷ-ମାଇଲ ଏବଂ ରିମୋଟ ଲୋକେସନ ବିତରଣ, ୨୪ଘଣ୍ଟିଆ ଗ୍ରାହକ ସହାୟତା ଇତ୍ୟାଦି।

ଏ ସମ୍ପର୍କରେ ଗତି ଲିମିଟେଡ୍‌ର ମୁଖ୍ୟ ବାଣିଜ୍ୟ ଅଧିକାରୀ ହୁଆଫ୍ରିଦ୍ ନାସାରୱାନଜୀ କହିଛନ୍ତି, ଦେଶର ସମସ୍ତ ଉତ୍ସାହୀ ବାଇକ ଚାଳକ ଏବଂ ପର୍ଯ୍ୟଟକଙ୍କ ପାଇଁ ବାଇକ୍ ଏକ୍ସପ୍ରେସ୍ ପରିବହନ ସେବା ପ୍ରଦାନକାରୀ ସଂସ୍ଥା ଭାବେ ଉଭା ହୋଇଛି। ବିଶେଷକରି ସ୍ଥାନାନ୍ତର ଚାପରେ ବାଇକ୍ ଯୋଗେ ଏକ ନୂତନ ସ୍ଥାନକୁ ଯିବା ଆମର ସ୍ୱତନ୍ତ୍ର ଡିଜାଇନ ହୋଇଥିବା ବାଇକ୍ ଏକ୍ସପ୍ରେସ୍‌ର ଅଭିଜ୍ଞ ତଥା ତାଲିମପ୍ରାପ୍ତ ଦଳ ସହିତ ସମଗ୍ର ଭାରତରେ ଦକ୍ଷ ଏବଂ ନିରାପଦ ଏଣ୍ଡ-ଟୁ-ଏଣ୍ଡ ବାଇକ୍ ପରିବହନ ସେବା ପ୍ରଦାନ କରାଯାଉଛି।

BHUBANESWAR MUNICIPAL CORPORATION

E-Mail Id: ee2@bmc.gov.in

No. C-396

E-Procurement Notice

1. Bid Reference No. : BMC-EED-III-04/2022-23 Dt.23.05.2023
2. Tender Call Notice No. : No. 25124 Dt.23.05.2023
3. No. of Works : 2 Nos.
4. Bid Value : Rs.4,88,774.00 to Rs.36,33,044.00
5. Period of Completion : 30 to 60 Days

Date and time Schedule

Start	End	Opening
11.00 A.M. of 25.05.23	5.00 P.M. of 03.06.23	11.00 A.M. of 05.06.23

6. Tender details can be seen for the Procurement portal **https://www.tendersodisha.gov.in.** BMC website: **https://www.bmc.gov.in**

Sd./- Executive Engineer, Div-III
Bhubaneswar Municipal Corporation

OIPR-13002/11/0042/2324

OFFICE OF THE
PANCHAYAT SAMITI, BARGAON, DIST.: SUNDARGARH

e-mail id: ori-bargaon@nic.in, PIN - 770016

No. 3253 **Date: 24.05.2023**

TENDER CALL NOTICE - 01/2023-24

No. i-136: Sealed tenders are invited from the interested bidder for the civil work under BDO, Bargaon of Sundargarh district. The detail of **works, eligibility, estimated cost and cost of tender paper** has been uploaded in the district website **www.sundergarh.nic.in**. The bidder should be **C & B Class contractor**. They have to submit the bid document to the undersign in the address of office of the B.D.O., Bargaon, At/P.O.: Bargaon, PIN - 770016, Dist.: Sundargarh (Odisha) through Registered Post/Speed Post only on or before 08.06.2023, 1.30 P.M. The sale of tender paper will be from dated 25.05.2023 to dated 06.06.2023 in the district website **www.sundergarh.nic.in**. The authority reserves the right to cancel or reject the entire process without assigning any reason thereof. The tender will be opened on dated 09.06.2023 at 10.00 A.M. in the office of the undersigned in the presence of the bidders or his/her representatives.

Sd./- Block Development Officer, Bargaon

OIPR-19338/11/0001/2324

ODISHA STATE SEEDS CORPORATION LIMITED

(A GOVERNMENT UNDERTAKING)
SANTARAPUR, BHUBANESWAR-751002, Tel-MD 0674-2340573, PBX-2340170, Fax:2340096

TENDER INVITATION No.-OSSC/Engg-84/2023

CAD-697: Managing Director, Odisha State Seeds Corporation Ltd. invites Percentage Rate tenders in Double Cover System through ONLINE MODE ONLY for the works below. **Values in Rs.**

Sl.	Name of the Work	Cost of Work without GST	EMD	Cost of Tender Document with GST	Completion period	Class of Contractor
1	Construction of Boundary wall over Plot No.1118/4349, Khata No.252 (AJA), Mouza-Hirima, District-Jharsuguda	18,03,149.00 Without GST	18,031.00	7,080.00 With GST	120	C or above

CRITICAL DATES

A	Availability of Bid document	14.40 hours on dt.26.05.2023 to 17.00 hours on dt.05.06.2023
B	Last Date of Receipt of tender in the Portal	17.00 hours on dt. 05.06.2023
C	Date/Time of Opening of Bid	12.30 hours on dt.06.06.2023

Further detail can be seen from the website https://tendersodisha.gov.in. Any addendum/ corrigendum/ cancellation can also be seen in the said website.

Sd./- Managing Director, OSSC Ltd., BBSR

OIPR-01106/11/0012/2324

ODISHA CONSTRUCTION CORPORATION LIMITED
BHUBANESWAR, ODISHA

DESIGNED TO EXCEL

PIN-751012, Tel.No.(0674) 2562020
e-Mail:theoccltd@odishaconstruction.com, GSTIN-21AAACO2571K2ZM

No.CAD-689: **"e"-Procurement Notice No.12/OCCL/2023-24 (online)**
Online tender is invited for the following work on EPC-Turn Key Basis.

Sl. No.	Name of Work	Bid Identification No.	Approx value of work (Rs. in Crores) (excluding GST)	Bid Security (through on-line transfer/ Bank Guarantee) (in Rs.)	Period of Completion	Availability of Tender (online)	Submission of tender (online)
01	Construction of Distribution System for 3401 ha. of CCA including Command Area Development (CAD) in 6 Nos. of Minor Irrigation Projects through Under Ground Pipe Line Irrigation System (Gravity Flow) in Baragarh & Sundargarh District of Odisha on EPC- Turn-key basis including Operation and Maintenance of complete commissioned project for 5 (five) years (Package-V)	OCCL-UGPL/MI. Pkg 5/ 2023-24	Rs.8706.56 Lakhs	Rs.87,07,000/-	24 (Twenty Four) Calendar Months	From 26.05.2023, 03.30 PM to 10.07.2023, 5.30 PM	From 26.05.2023, 03.30 PM to 10.07.2023, 5.30 PM

Procurement Officer : Managing Director, OCCL
Date of Opening of the Technical Bid: **11.07.2023, 11.30 AM**
Further details can be seen from the e-Procurement portal:https://www.tendersodisha.gov.in.

Sd./- Managing Director

OIPR-34120/11/0012/2324

ପୌର ପରିଷଦ କାର୍ଯ୍ୟାଳୟ, ତାଳଚେର

ଚିଠି ନଂ. ୧୨୪୩ / ତା. ୨୪।୦୫।୨୩

ଟେଣ୍ଡର ନୋଟିସ

No. C-405:- ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି, ତାଳଚେର ପୌର ପରିଷଦ ଅନ୍ତର୍ଗତ ନିମ୍ନ ତଫସିଲ ବର୍ଣ୍ଣିତ ସଇରାତଗୁଡ଼ିକ ସନ ୨୦୨୩-୨୪ ବର୍ଷ ପାଇଁ ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି । ଟେଣ୍ଡରରେ ଭାଗ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ତା୨୫।୦୫।୨୦୨୩ରିଖଠାରୁ ତା୦୨।୦୬।୨୦୨୩ରିଖ ପୂର୍ବାହ୍ନ ଘ.୧୧.୩୦ ମି. ମଧ୍ୟରେ (ସରକାରୀ ଛୁଟି ଦିନ ବ୍ୟତୀତ) ନିର୍ଦ୍ଦିଷ୍ଟ ଟେଣ୍ଡର ଫର୍ମ ଟ ୫୦୦/-ଙ୍କା (ପାଞ୍ଚ ଶତ ଟଙ୍କା) ଦାଖଲ କରି ପୌର କାର୍ଯ୍ୟାଳୟରୁ କ୍ରୟ କରିପାରିବେ । ଟେଣ୍ଡର ତା୦୩.୦୬.୨୦୨୩ରିଖ ପୂର୍ବାହ୍ନ ୧୦.୩୦ ପର୍ଯ୍ୟନ୍ତ ଗ୍ରହଣ କରାଯିବ। ସେହିଦିନ ଦିବା ୧୨.୩୦ ସମୟରେ ଟେଣ୍ଡରଦାତା କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ । ଟେଣ୍ଡର ପକାଇବା ସମୟରେ ପୌର ପରିଷଦ ଦ୍ୱାରା ସର୍ତ୍ତାବଳୀ ପାଳନ କରିବା ସହିତ ନିୟମାନୁଯାୟୀ ସମ୍ପତ୍ତି ପରିଚାଳନା କରିବେ ଏବଂ ଫି ଇତ୍ୟାଦି ଆଦାୟ କରିବେ । ଯେକୌଣସି ଟେଣ୍ଡରକୁ ବିନା ନୋଟିସରେ କୌଣସି କାରଣ ନ ଦର୍ଶାଇ ନିମ୍ନ ସ୍ୱାକ୍ଷରକାରୀ ଟେଣ୍ଡର ରଦ୍ଦ କରିପାରିବେ ।

ସଇରାତ ସମ୍ପତ୍ତିଗୁଡ଼ିକର ନାମ	ବାର୍ଷିକ ସରକାରୀ ଡାକ	ଅମାନତ ଟଙ୍କା
୧) ଗୁଜୁରି ହାଟ	ଟ.୩,୮୦,୦୦୦/-	ଟ. ୩୮,୦୦୦/-
୨) ଦୀନଦୟାଲ ଭବନ	ଟ.୩୧,୩୫୦/-	ଟ.୩,୫୦୦/-
୩) ଜେଲ ରୋଡ ମାଂସ ଦୋକାନ	ଟ.୬,୬୦୦/-	ଟ.୧,୦୦୦/-
୪) ହାଣ୍ଡିଧୁଆ ମାଂସ ଦୋକାନ (୪)	ଟ.୧୫,୮୪୦/-	ଟ.୨,୦୦୦/-
୫) ଦେଉଳବେଢା ମାଂସ ଦୋକାନ	ଟ.୨୩,୧୦୦/-	ଟ.୨,୩୦୦/-
୬) ଶର୍ମା ଛକ ମାଂସ ଦୋକାନ	ଟ.୫୧,୧୫୦/-	ଟ.୫,୦୦୦/-
୭) ହାଟତୋଟା ମାଂସ ଦୋକାନ	ଟ.୫୭,୭୫୦/-	ଟ.୬,୦୦୦/-
୮) ଚିତ୍ରକୁଟ ବନ୍ଧ ମାଂସ ଦୋକାନ	ଟ.୪୧,୨୫୦/-	ଟ.୪,୦୦୦/-
୯) ବାଘୁଆବୋଲ ମାଂସ ଦୋକାନ	ଟ.୭,୫୦୦/-	ଟ.୧,୦୦୦/-
୧୦) ରାସ୍ତାକଡ଼ ଯାନବାହନ ପାର୍କିଂ	ଟ.୩୦,୦୦୦/-	ଟ.୩,୦୦୦/-
୧୧) ରାଣୀପାର୍କ ବସ୍ ପାର୍କିଂ	ଟ.୫,୨୮,୦୦୦/-	ଟ.୫୩,୦୦୦/-
୧୨) ହାଟତୋଟା ଶୌଚାଳୟ	ଟ.୩୪,୮୧୫/-	ଟ.୩,୫୦୦/-
୧୩) ବସ ଷ୍ଟାଣ୍ଡ ଏନ୍.ଟି.ପି.ସି. ଶୌଚାଳୟ	ଟ.୩୦,୦୦୦/-	ଟ.୩,୦୦୦/-
୧୪) ବସ ଷ୍ଟାଣ୍ଡ ଆଦର୍ଶ ଶୌଚାଳୟ	ଟ.୧,୭୯,୮୫୦/-	ଟ.୧୮,୦୦୦/-
୧୫) ଚିତ୍ରକୁଟ ବନ୍ଧ ଗାଡ଼ି ଷ୍ଟାଣ୍ଡ	ଟ.୪୫,୦୦୦/-	ଟ.୪,୫୦୦/-
୧୬) ରାଣୀପାର୍କ ଅଟୋଷ୍ଟାଣ୍ଡ/ tatamagic	ଟ.୩୭,୫୦୦/-	ଟ.୪,୦୦୦/-
୧୭) ବିରାଦରପଡ଼ା ମାଂସ ଦୋକାନ (୨)	ଟ.୪୪,୫୫୦/-	ଟ.୪,୫୦୦/-

ସ୍ୱା./- ନିର୍ବାହୀ ଅଧିକାରୀ
ତାଳଚେର ପୌରପରିଷଦ

OIPR-13077/11/0007/2324

OFFICE OF THE C.D.M. & PHO-cum-DISTRICT MISSION DIRECTOR, JAJPUR

TENDER CALL NOTICE

No. 3888 **Date: 24.05.2023**

No. E-139: Sealed tender is invited from reputed frims having successful track record on online/offline works towards providing Printed OPD/IPD/USERS TICKET and Online/Offline software for users only excluding OPD/IPD. The bidders can download the tender documents directly from the website i.e. **www.jajpur.nic.in** from **24.05.2023 to 12.06.2023 till 12 P.M.** The tender will be opened on **Dt.13.06.2023 at 10.00 A.M.** The envelope should be duly Super-scried on top of envelope as **"Tender for providing Printed OPD/IPD/USERS TICKET and Online/Offline software for users** at DHH, Jajpur". The tender cost of Rs.1.000 (Rupees One Thousand only (Non-refundable) by way of separate Demand Draft drawn in favour of Rogi Kalyan Samiti, DHH, Jajpur should be enclosed along with the Technical Bid. The undersigned reserves the right to accept/reject any offer without assigning any reason thereof.

Sd./- Dr. Sibasish Moharana
Chief District Medical &
Public Health Officer, Jajpur

OIPR-10042/11/0002/2324

OFFICE OF DEAN & PRINCIPAL
MAHARAJA KRISHNA CHANDRA GAJAPATI MEDICAL COLLEGE, BRAHMAPUR - 760004, GANJAM, ORISSA

No. 4897/MCB-23/Welfare/Berhampur **Dated the 20 May, 2023**

TENDER CALL NOTICE

No. E-140: Sealed tender is invited from the Registered, Rate Contract holding firms having valid GST Registration **for Supply of Computer, Laptop, PA System & other peripherals to MKCG Medical College** so as to reach in the office of the undersigned within 21 days from the date of publication of the advertisement following the terms & conditions. The detailed tender paper, terms & conditions along with list of articles can be downloaded from website **www.mkcgmch.org**.

Sd./- Dean & Principal
MKCG Medical College, Berhampur

OIPR-10013/11/0006/2324

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BARGARH

Tender Call No.: 2773 **Dt.24.05.2023**

TENDER CALL NOTICE

No. E-141: Sealed tenders are hereby invited from authorized Agencies/Firms/Suppliers for supply of Chemical, Reagents, Medical Consumables & miscellaneous items to C.D.M. & P.H.O., Bargarh. Bid documents should be submitted through Regd. Post/Speed Post/Courier only. For date, time & terms and conditions regarding tender call, please visit the district website: **www.bargarh.nic.in**.

Sd./- Chief District Medical &
Public Health Officer, Bargarh

OIPR-10124/11/0002/2324

OFFICE OF THE
MUNICIPAL COUNCIL, BALASORE

BALASORE, (ODISHA), PIN - 756003
Tel. No.: 06782-251267(O), FAX No.: 06782-251222
e-mail: balasoremunicipality@rediffmail.com

Notification No.: 3903 **Dt.23.05.2023**

No. C-406: The details can be download from official website of Balasore District **http://baleswar.nic.in**

Sd./- Executive Officer, Balasore Municipality

OIPR-13154/11/0009/2324

GOVERNMENT OF ODISHA
DEPARTMENT OF WATER RESOURCES

OFFICE OF THE SUPERINTENDING ENGINEER, NUAPADA IRRIGATION DIVISION, NUAPADA

e-Procurement Notice No-(NID) 01/2023-24
e-mail address: ee.npd.irr@gmail.com

PERCENTAGE RATE e-TENDER

No.A-171:1.The Superintending Engineer, Nuapada Irrigation Division, Nuapada, Dist-Nuapada, Pin-766105, Odisha on behalf of Governor of Odisha invites **"PERCENTAGE RATE Bid's" IN SINGLE COVER SYSTEM,** in electronic tendering system for the construction works detailed in the table below, which are eventually to be drawn on PI agreement.

Package No	BID ID No. (NID) 01/2023-24 to BID ID No. (NID) 53/2023-24
Nature of Work	53 (Fifty Three) No.s M/R & Critical Works of Canals
Approximate value of work	Rs. 1.60 lakhs to 23.98 lakhs (Excluding GST)
Period of Completion	01 (One) Calendar Month.
Classification of Bidder	'D' , 'C' & 'B' class Contractor only
Bid documents available Date and Time.	From 29.05.2023 10.00 A.M to 08.06.2023 up to 5.30 P.M
Bid clarification start date & Closing date.	From 29.05.2023 10.00 A.M to 07.06.2023 up to 5.30 P.M
Date, Time and Venue of opening of bid **online.**	**09.06.2023 at 10.00 A.M** in office of the Superintending Engineer, Nuapada Irrigation Division, Nuapada.
If stipulation arises the Tender will be decided through Lottery System.	**13.06.2023 at 10.00 A.M** in office of the Superintending Engineer, Nuapada Irrigation Division, Nuapada,

Further details can be seen any addendum/ corrigendum/ cancellation to the above notice will be published in the Govt. website www.tendersodisha.gov.in. only.

Sd./- Superintending Engineer
Nuapada Irrigation Division, Nuapada

OIPR-32026/11/0002/2324

OFFICE OF THE
PURI MUNICIPALITY, PURI

No.4802/ Dt.23.5.23

NOTICE INVITING TENDER

No.C-400: Sealed quotations are invited from intending manufacturers/ suppliers/ Agencies having valid GST, PAN & registration certificate for supply of PRE-FABRICATED FRP TOILETS to Puri Municipality on hire basis for installation at different places of Puri town during the entire festive season of Rath Yatra-2023 in view of smooth & hygienic maintenance of sanitation activities in the city. The details of the quotation may be seen in the website www.purimunicipality.nic.in. The quotation paper alongwith terms & conditions shall be submitted to the Office of the Executive Officer, Puri Municipality, Puri on or before 31.05.23 at 05 P.M. through Speed Post/ Regd. Post/ Courier only. The quotation documents should be submitted clearly superscribed on envelope as "BID DOCUMENT FOR THE SUPPLY OF FRP TOILETS ON HIRE BASIS". The tenders will be opened at 11 A.M. on dt.01.06.23 in presence of bidders or their authorized representatives who may present at the time of opening of the tenders, Puri Municipality will in no way be responsible for any postal delay. Tenders received beyond the schedule date shall be rejected.

The authority reserves the right to reject any or all the tenders without assigning any reason thereof.

Sd./- Executive Officer
Puri Municipality, Puri

OIPR-13159/11/0008/2324

WATCO

No.C-412

OFFICE OF THE CHIEF EXECUTIVE OFFICER, WATCO, Ground Floor, Unnati Bhawan

H.B. Colony, Satyanagar, Bhubaneswar-751007
Odisha, India, Telefax:-+91-674-2391444
E-mail:mail@watcoodisha.in, md@watcoodisha.in

INVITATION FOR BID (IFB)

Bid Identification No.WATCO (W)-13/2023-24, Dtd.23.05.2023
WATCO No.3054, Date:23.05.2023

01. Name of the Work: 1. Improvement, repair & renovation of W/S & S/I system of different toilet block of Capital Hospital in Unit-VI, Bhubaneswar.2. Improvement & renovation of P.H. works at D.H.H. Khordha.
02. Estimated cost : Rs.206.59 lakh (2) Rs.164.25
03. Period of completion : 4 (Four) Months
04. Date & time of availability of bid document in the portal : From 11.00 AM of Dt.25.05.2023 to 5.00 PM of 03.06.2023
05. Last date / time of receipt of bids in the portal : 5.00 PM of 03.06.2023.
06. Date & Time of Opening of technical bids : 12.30 PM of 05.06.2023
07. Name and address of the Officer Inviting Bid :- CEO, WATCO Telefax:- 0674-2391444 E-mail: mail@watcoodisha.in, md@watcoodisha.inmailto: eephibbsr@ori.nic.in
08. The bidders have to participate in ONLINE bidding only. Further details can be seen from the website: www.tendersodisha.gov.in.

Sd./-CEO, WATCO

OIPR-13194/11/0021/2324

ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ,
ଓଡ଼ିଶା ସରକାର
Housing & Urban Development Department,
Govt. of Odisha

ଜଟଣୀ ପୌର ପରିଷଦ, ଜଟଣୀ
OFFICE OF THE MUNICIPAL COUNCIL,JATANI

ସ୍ଥାନ-ଜଟଣୀ,ଜିଲ୍ଲା-ଖୋର୍ଦ୍ଧା, ୭୫୨୦୫୦
At/Ps- Jatani, Dist-Khordha (Odisha), Pin-752050
E-mail:municipalityjatni@gmail.com, Phone No.0674-2490826

ପ୍ରସ୍ତାବ ପାଇଁ ଅନୁରୋଧ (RFP)

ସଂଖ୍ୟା ୨୫୩୫/ତାରିଖ ୨୨.୦୫.୨୦୨୩

No.C-410:ଏତଦ୍ୱାରା ଜଟଣୀ ପୌରାଞ୍ଚଳରେ ପଞ୍ଜୀକୃତ ହୋଇଥିବା ମିଶନ ଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଜଣାଇ ଦିଆଯାଉଅଛି କି, ଜଟଣୀ ପୌରାଞ୍ଚଳର ୱାର୍ଡ ସଂଖ୍ୟା ୧୧ ଏବଂ ୨୧ ରେ ପ୍ରସ୍ତାବିତ ମିଲ୍ ପୋଖରୀ ଓ ମାଜଣା ପୋଖରୀର ଉନ୍ନତୀକରଣ, ପଙ୍କ ଉଦ୍ଧାର, ବନୀକରଣ ଏବଂ ତତ୍‌ସହିତ ଅନ୍ୟାନ୍ୟ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ଥିବା ୱାର୍ଡ ସଂଖ୍ୟା ୧୧ ଏବଂ ୱାର୍ଡ ସଂଖ୍ୟା ୨୧ର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କ ୱାର୍ଡରେ ପ୍ରସ୍ତାବିତ ଉପରଲିଖିତ ପ୍ରସ୍ତାବ ନିମନ୍ତେ ଆବେଦନ କରିବା ପାଇଁ ନିମ୍ନରେ ଦର୍ଶାଯାଇଥିବା ଆବଶ୍ୟକୀୟ କାଗଜାତ ଓ ସଠିକ ତଥ୍ୟ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିପାରିବେ । ଏହି କାର୍ଯ୍ୟ ମୁକ୍ତା ନିୟମ ଅନୁଯାୟୀ କାର୍ଯ୍ୟକାରୀ କରାଯିବ । ଆବେଦନ କରିବାର ସମୟ ସୀମା ତା.୨୨.୦୫.୨୦୨୩ ରିଖ ସକାଳ ୧୦.୦୦ ଘଟିକାଠାରୁ ତା.୨୯.୦୫.୨୩ ରିଖ ସକାଳ ୧୦.୦୦ ଘଟିକା ଧାର୍ଯ୍ୟ କରାଯାଇଅଛି ଏବଂ ଆବେଦନ ପତ୍ର ଖୋଲାଯିବାର ସମୟ ତା.୩୦.୦୫.୨୦୨୩ ରିଖ ସକାଳ ୧୧.୦୦ ଘଟିକା ଧାର୍ଯ୍ୟ କରାଯାଇଅଛି । ଯଦି କୌଣସି ମିଶନ ଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସେମାନଙ୍କର ଆବେଦନପତ୍ର ସହ ଆବଶ୍ୟକୀୟ କାଗଜାତ ପ୍ରଦାନ ନ କରନ୍ତି ତେବେ ସେମାନଙ୍କର ପ୍ରସ୍ତାବକୁ ବିଚାରକୁ ନିଆଯିବ ନାହିଁ । ପ୍ରକାଶ ଥାଉକି, କେବଳ ୱାର୍ଡ ସଂଖ୍ୟା ୨୧ ର ପ୍ରସ୍ତାବିତ କାର୍ଯ୍ୟ ନିମନ୍ତେ ୱାର୍ଡ ସଂଖ୍ୟା ୨୧ର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ୱାର୍ଡ ସଂଖ୍ୟା ୧୧ର ପ୍ରସ୍ତାବିତ କାର୍ଯ୍ୟ ନିମନ୍ତେ ୱାର୍ଡ ସଂଖ୍ୟା ୧୧ର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏଥିରେ ଭାଗ ନେଇପାରିବେ । ଅଧିକ ସୂଚନା ପାଇଁ କାର୍ଯ୍ୟାଳୟର ୱେବସାଇଟ୍ www.jatnimunicipality.in କୁ ଯାଇ ଜାଣିପାରିବେ ।

01. ସାଦା କାଗଜରେ ଆବେଦନ ପତ୍ର
02. ଗୋଷ୍ଠୀ ନିର୍ଦ୍ଧାରଣର ନକଲ
03. ବ୍ୟାଙ୍କ ଖାତା ନକଲ
04. ପ୍ୟାନ୍ କାର୍ଡ ନକଲ

ସ୍ୱା./- ନିର୍ବାହୀ ଅଧିକାରୀ
ଜଟଣୀ ପୌର ପରିଷଦ

OIPR-13041/11/0011/2324

ଜନ୍ମଦିନର ଶୁଭେଚ୍ଛା

ନାମ: ....
ବୟସ:..................................
ଜନ୍ମ ତାରିଖ: ....

ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com

@ ବୃନ୍ଦାବନ

@ ଜଗା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ଖଡକୁରବାହାଲରେ ପଥରମାଡ଼ ଘଟଣା

ଗିରଫ ସଂଖ୍ୟା ୩କୁ ବୃଦ୍ଧି

କୁତ୍ରା,୨୫।୫(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଖଡକୁରବାହାଲସ୍ଥିତ ଜେଏସଡବ୍ଲୁ ଚୂନପଥର ଖଣିରେ ଗାଡ଼ି ଲୋଡିଂକୁ ନେଇ ଗତ ୬ ଓ ୭ ତାରିଖରେ ପଥରମାଡ଼ ହୋଇଥିଲା। ଏହି ଘଟଣାରେ ଗୁରୁବାର ପୋଲିସ ପୁଣି ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଖଡକୁରବାହାଲ ଗ୍ରାମର ଏମଡି ଟିବରା (୫୫)। ସୂଚନାଯୋଗ୍ୟ, ଗତ ୬ ତାରିଖରେ ଖଣି ପରିସରରେ ଗାଡ଼ି ଲୋଡିଂକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ହୋଇଥିଲା। କିଛି ସମୟ ଗଣ୍ଡଗୋଳ ହେବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। କିନ୍ତୁ ଏହି ଘଟଣାକୁ ନେଇ ସେହିଦିନ ସନ୍ଧ୍ୟାରେ ଗୋଟିଏ ଗୋଷ୍ଠୀ ଉପରେ ପଥରମାଡ଼ ହୋଇଥିଲା। ଫଳରେ ୨ ଜଣ ଆହତ ହୋଇଥିଲେ। ପରେ ପୋଲିସ ଘଟଣାସ୍ଥଳକୁ ଯାଇ ସ୍ଥିତି ନିୟନ୍ତ୍ରଣ କରିଥିଲା। ରାତିସାରା ପୋଲିସ ଜଗି ରହିଥିବା ସତ୍ତ୍ୱେ ୭ ତାରିଖ ସକାଳେ ପୁଣି ପଥରମାଡ଼ ହୋଇଥିଲା। ପରେ ୨ ପ୍ଲାଟୁନ ପୋଲିସ ଫୋର୍ସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ। ଏହାକୁ ନେଇ ଥାନାରେ ୨ଟି ଅଭିଯୋଗ ହୋଇଥିଲା। ପୋଲିସ ପୂର୍ବରୁ ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରିଥିଲା।

ଓଡ଼ିଶା ସୀମାନ୍ତରେ ଆଇଇଡ଼ି ବ୍ଲାଷ୍ଟରେ ଜଣେ ମୃତ

ରାଉରକେଲା ଅଫିସ, ୨୫।୫

ଓଡ଼ିଶା -ଝାଡ଼ଖଣ୍ଡ ସୀମାନ୍ତ ଚାଇଁବାସା ଟୋଣ୍ଟୋ ଥାନା ଅନ୍ତର୍ଗତ ଲୁଇୟା ଜଙ୍ଗଲ ନିକଟରେ ମାଓବାଦୀଙ୍କ ଦ୍ୱାରା ବିଛାଯାଇଥିବା ଆଇଇଡି ବ୍ଲାଷ୍ଟରେ ଜଣେ ସ୍ଥାନୀୟ ବ୍ୟକ୍ତି ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ମୃତକ ହେଉଛନ୍ତି କାଣ୍ଡେ ଲୁଗୁରି(୫୦)। ଏ ନେଇ ସିଆରପିଏଫ୍ ସୂଚନା ଦେଇଛି। ବୁଧବାର ଅପରାହ୍ନରେ ମୃତକ ତାଙ୍କ ସ୍ତ୍ରୀ ସହ ଜଙ୍ଗଲକୁ କେନ୍ଦୁପତ୍ର ତୋଳିବାକୁ ଯାଇଥିଲେ। ପୂର୍ବରୁ ମାଓବାଦୀମାନେ ସୁରକ୍ଷାବଳଙ୍କ ଉଦ୍ଦେଶ୍ୟରେ ଏହି ଆଇଇଡିକୁ ଜଙ୍ଗଲରେ ବିଛାଇଥିଲେ। କାଣ୍ଡେ ଏହାର ଶିକାର ହୋଇଥିଲେ। ସ୍ଥାନୀୟ ସୁରକ୍ଷାବଳ ଓ ଚାଇଁବାସା ପୋଲିସ ଗ୍ରାମବାସୀଙ୍କ ସହାୟତାରେ ମୃତଦେହକୁ ଉଦ୍ଧାର କରି ସଦର ଡାକ୍ତରଖାନାରେ ରଖିଥିଲେ। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ସୀମାନ୍ତରେ ମାଓବାଦୀ ନେତାମାନଙ୍କୁ ଦମନ କରିବା ପାଇଁ ସିଆରପିଏଫ୍, ଚାଇଁବାସା ପୋଲିସ, କୋବ୍ରା ବାଟାଲିୟନ ମିଳିତ ଭାବେ ସୁରକ୍ଷାବଳ ଦଳ ଗଠନ କରିଛନ୍ତି। ଏମାନଙ୍କୁ କ୍ଷତି ପହଞ୍ଚାଇବା ପାଇଁ ମାଓବାଦୀମାନେ ଆଇଇଡି ଆଦି ବିଛାଇଥିବା ଜଣାପଡ଼ିଛି।

ଜଳକଷ୍ଟ ଦୂର କଲେ ଗ୍ରାମବାସୀ

ସୁନ୍ଦରଗଡ଼,୨୫।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ମେଘଡେଗା ପଞ୍ଚାୟତ କତ୍ରା ଗ୍ରାମବାସୀ ମିଳିତଭାବେ ଗ୍ରାମର ଜଳକଷ୍ଟ ଦୂର ପାଇଁ ଆଣ୍ଠୁ ଭିଡ଼ିଛନ୍ତି। ଗ୍ରାମାବସୀଙ୍କ ଏଭଳି ଉଦ୍ୟମ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛି। ଗ୍ରାମପାଖ ଦେଇ ଯାଇଥିବା ତମଙ୍ଗା ନାଳ ଉପରେ ଗ୍ରାମବାସୀ ନିର୍ଭର କରିଥାନ୍ତି। ଚଳିତ ବର୍ଷ ଶୁଖି ଯିବା ଯୋଗୁଁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏପରିକି ଶୌଚ କାର୍ଯ୍ୟ ପାଇଁ ମଧ୍ୟ ବିଭିନ୍ନ ଅସୁବିଧା ଭୋଗୁଥିଲେ। ଏହି ଖବର ପାଇଲା ପରେ ମେଘଡେଗା ସମିତି ସଭ୍ୟ ପ୍ରୋମଦିନୀ ମାଝୀ ଅଞ୍ଚଳର ଭାଜପା ଯୁବ ନେତା ସଞ୍ଜୀବ ସିଂଙ୍କୁ ଜଣାଇଥିଲେ। ପରେ ଉଭୟେ ଗ୍ରାମବାସୀଙ୍କ ସହ କଥାବାର୍ତ୍ତା ହୋଇଥିଲେ। ସମସ୍ତ ଗ୍ରାମବାସୀ, ସମିତି ସଭ୍ୟଙ୍କ ସହ ମିଶି ସଞ୍ଜୀବ ସିଂ ନିଜ ଜେସିବି ନେଇ ଗୁରୁବାର ଦିନ ତମାମ ପ୍ରବଳ ଗରମ ସତ୍ତ୍ୱେ ନାଳକୁ ଗଭୀର ଖନନ କରି ପାଣି ବାହାର କରିବାରେ ସକ୍ଷମ ହୋଇଛନ୍ତି। ଏହାଦ୍ୱାରା ଗ୍ରାମର ଜଳକଷ୍ଟ ଦୂର ହେବା ସହ ଜୀବଜନ୍ତୁଙ୍କ ପାଇଁ ଜଳ ସଂରକ୍ଷଣ କରି ହେବ। ଏନେଇ ଗ୍ରାମବାସୀଙ୍କ ଭିତରେ ଖୁସିର ଲହରୀ ଖେଳିଯାଇଛି।

ଜେସିବି ସାହାଯ୍ୟରେ ନାଳକୁ ଖନନ କରାଯାଉଛି।

ଆର୍‌ଏସ୍‌ପି କ୍ୱାର୍ଟର୍ସରେ ନକଲି ବିଦେଶୀମଦ ତିଆରି

ରାଉରକେଲା ଅଫିସ, ୨୫।୫

ରାଉରକେଲା ଆର୍‌ଏସ୍‌ପି କ୍ୱାର୍ଟର୍ସରେ ନକଲି ବିଦେଶୀ ମଦ କାରବାର କରୁଥିବା ଜଣେ ଅଭିଯୁକ୍ତଙ୍କୁ ଅବକାରୀ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ବନ୍ଧମୁଣ୍ଡା ଅଞ୍ଚଳର ଗଙ୍ଗାଧର ସାହୁ(୩୬)। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ପୋଲିସ କହିବା ଅନୁଯାୟୀ, ସେକ୍ଟର-୧୯ ସ୍ଥିତ ଆରଏସପି ଘର ନଂ ଜି-୨୫୨ ଘରେ ଗଙ୍ଗାଧର ବିଭିନ୍ନ ବିଦେଶୀମଦର ଷ୍ଟିକର, ଲେବୁଲ, ଖାଲି ମଦବୋତଲ ଅରୁଣାଚଳପ୍ରଦେଶରୁ ଆଣି ତାକୁ ପାର୍କିଙ୍ଗ କରି ବିକ୍ରୀ କରୁଥିଲେ। ରାଉରକେଲା ଅବକାରୀ ପୋଲିସ ଗୁରୁବାର ସନ୍ଧ୍ୟା ସାଢେ ୪ଟାରେ କୌଣସି ବିଶେଷ ସୂତ୍ରରୁ ଖବର ପାଇ ହଠାତ ଏହି ଘର ଉପରେ ଚଢ଼ାଉ କରିଥିଲା। ପୋଲିସ ଚଢ଼ାଉ ସମୟରେ ୬୬୦ଟି ବ୍ଲାକହର୍ସ ପେଟ ମଦବୋତଲ ସହ ରୟେଲ ଷ୍ଟାଗ୍ ହ୍ୟୁସକି ୩୭୫ ଲିଟର, ୯୬ ବୋତଲ ଇମ୍ପେରିୟର ବ୍ଲୁ, ୭୫୬ ମଦ ଠିପି ସହ ୬ଶହ ବିଭିନ୍ନ ମଦବ୍ରାଣ୍ଡର ଷ୍ଟିକରକୁ ଜବତ କରିଥିଲା। ପୋଲିସ ଉକ୍ତ ଘରୁ ୫୩୦.୨୮୦ ଲିଟର ନକଲୀ ବିଦେଶୀ ମଦ ସହ ଗୋଟିଏ ସ୍କୁଟି ଗାଡି ନଂ.ଡି୧୪ୱାଇ୨୧୪୪କୁ ଜବତ କରିଥିଲା। ଜବତ ହୋଇଥିବା ମଦର ଆନୁମାନିକ ମୂଲ୍ୟ ସାଢ଼େ ୩ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। ଏହି ଘଟଣାରେ ଆଉ କିଏ ସମ୍ପୃକ୍ତ ଅଛନ୍ତି ତାହାକୁ ନେଇ ପୋଲିସ ପକ୍ଷରୁ ତଦନ୍ତ ପ୍ରକ୍ରିୟା ଜାରି ରହିଥିବା ଅବକାରୀ ସବଇନ୍ସପେକ୍ଟର ଶ୍ରୀଧର ମହାନ୍ତି ସୂଚନା ଦେଇଛନ୍ତି। ଏହି ଚଢାଉ ସମୟରେ ରାଉରକେଲା ଅବକାରୀ ମାନସରଞ୍ଜନ ମୁଣ୍ଡା, ସୁନିତା କେରକେଟ୍ଟା, କିଶୋର ମୋହନ ଦାସଙ୍କ ସହ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

ଲକ୍ଷାଧିକ ଟଙ୍କାର ମଦ ଜବତ: ଜଣେ ଗିରଫ

ଜବତ ନକଲି ମଦ ସହ ଅବକାରୀ କର୍ମଚାରୀ।

ଯୁକ୍ତ୨ ନାମଲେଖା ତାଲିମ କାର୍ଯ୍ୟକ୍ରମରେ ଅନୁପସ୍ଥିତ ୯ ଶିକ୍ଷାନୁଷ୍ଠାନକୁ ନୋଟିସ

ଭୁବନେଶ୍ୱର,୨୫।୫(ବ୍ୟୁରୋ)

ମେ’ ୨୯ରୁ ଯୁକ୍ତ୨ ନାମଲେଖା ପାଇଁ ଆବେଦନ ଆରମ୍ଭ ହେଉଛି। ଏହି ଅନ୍‌ଲାଇନ୍ ନାମଲେଖା ପ୍ରକ୍ରିୟାର ସୁପରିଚାଳନା ପାଇଁ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଦୁଇଦିନିଆ ତାଲିମ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ତେବେ ଏଥିରେ ଯୋଗଦେଇ ନ ଥିବା ୯ଟି ଶିକ୍ଷାନୁଷ୍ଠାନକୁ ଉଚ୍ଚ ଶିକ୍ଷା ବିଭାଗ କାରଣ ଦର୍ଶାଅ ନୋଟିସ ଜାରି କରିଛି। ଗତ ୨୩ ଓ ୨୪ ତାରିଖରେ ଅନୁଷ୍ଠିତ ଏହି ତାଲିମ ଶିବିରରେ ୩୦ଟି ନୋଡାଲ କଲେଜ ଓ ୭୦ଟି ସାମ୍ସ ରିସୋର୍ସ ସେଣ୍ଟରକୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଚିଠି କରାଯାଇଥିଲା। ମାତ୍ର ଏଥିରେ ୯୧ ଶିକ୍ଷାନୁଷ୍ଠାନର ପ୍ରତିନିଧି ଯୋଗଦେଇଥିଲେ। ୯ଟି କଲେଜର ଆଡ୍‌ମିଶନ ଇନ୍‌ଚାର୍ଜ କିମ୍ବା ଡାଟା ଏଣ୍ଟ୍ରି ଅପରେଟର ଯୋଗଦେଇ ନ ଥିଲେ। ଏହି କଲେଜଗୁଡ଼ିକ ମଧ୍ୟରେ ବାଲେଶ୍ୱର ସୋରସ୍ଥିତ ଉପେନ୍ଦ୍ରନାଥ ଡିଗ୍ରୀ କଲେଜ, ଦେବଗଡ଼ର ରେମାଳ ଡିଗ୍ରୀ କଲେଜ, ଗଜପତି କାଶୀନଗରସ୍ଥିତ ଶ୍ରୀରାମ ଡିଗ୍ରୀ କଲେଜ, ଗଞ୍ଜାମ ଭଞ୍ଜନଗରସ୍ଥିତ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଡିଗ୍ରୀ କଲେଜ, ଛତ୍ରପୁରସ୍ଥିତ ସରକାରୀ ବିଜ୍ଞାନ ଡିଗ୍ରୀ କଲେଜ, କଳାହାଣ୍ଡି ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରସ୍ଥିତ ବେସିକ ସାଇନ୍ସ ଆଣ୍ଡ୍ ହ୍ୟୁମାନିଟିଜ୍ ଡିଗ୍ରୀ କଲେଜ, ମାଲକାନଗିରି ଗୋବିନ୍ଦପାଲିସ୍ଥିତ ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜ ଅଫ୍ ଏଜୁକେଶନ ଏବଂ ସମ୍ବଲପୁର କେସାଇବାହାଲସ୍ଥିତ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜ ରହିଛି। ତେବେ କେଉଁ କାରଣରୁ ସଂପୃକ୍ତ କଲେଜଗୁଡ଼ିକ ଏହି ଗୁରୁତ୍ୱପୂର୍ଣ୍ଣ ତାଲିମ କାର୍ଯ୍ୟକ୍ରମରେ ଯୋଗଦେଲେ ନାହିଁ ସେ ସମ୍ପର୍କରେ ଲିଖିତ ଭାବରେ ୨୯ ତାରିଖ ପୂର୍ବରୁ ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

ସରକାରୀ ବସ୍‌ରୁ ଗଞ୍ଜେଇ ଜବତ

କନ୍ଧମାଳ,୨୫।୫(ଡି.ଏନ.ଏ.)

ଗୁରୁବାର ସନ୍ଧ୍ୟାରେ ବୌଦ୍ଧ ଜିଲାର ମନମୁଣ୍ଡା ଠାରେ ପୋଲିସ ଏକ ସରକାରୀ ବସ୍‌ରୁ ବିପୁଳ ପରିମାଣର ଗଞ୍ଜାଇ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ବସ୍ ଡ୍ରାଇଭର, କଣ୍ଡକ୍ଟର, ହେଲପରଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରୁଛି। ଅନ୍ୟପକ୍ଷରେ ତଦନ୍ତ ଚାଲିଥିବାରୁ କେତେ ପରିମାଣର ଗଞ୍ଜେଇ ଜବତ କରାଯାଇଛି, ସେନେଇ ପୋଲିସ କୌଣସି ସୂଚନା ଦେଇନାହିଁ।

ପ୍ରକାଶ ଯେ, ପ୍ରତିଦିନ ଭଳି ଗୁରୁବାର ସନ୍ଧ୍ୟା ୭ଟାରେ ଯାତ୍ରୀମାନଙ୍କୁ ନେଇ କନ୍ଧମାଳରୁ ପୁରୀ ଅଭିମୁଖେ ଯାଉଥିବା ଏକ ସରକାରୀ ବସ୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ମନମୁଣ୍ଡା ପୋଲିସକୁ ଖବର ମିଳିଥିଲା। ଫଳରେ ପୋଲିସ ମନମୁଣ୍ଡା ଠାରେ ଉକ୍ତ ବସ୍‌କୁ ଅଟକାଇ ତନଖି କରିଥିଲା। ଯାଞ୍ଚ ସମୟରେ ଗାଡିର ଡିକି ଓ ବସ୍ ଭିତରୁ ବହୁ ପରିମାଣର ଗଞ୍ଜେଇ ଜବତ ହୋଇଛି। ବସକୁ ପୋଲିସ ଜବତ କରିଛି। ସୂଚନାଯୋଗ୍ୟ, ଏହି ବସ୍ କନ୍ଧମାଳରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଏକ ନିଛାଟିଆ ଖୋଲା ପଡିଆରେ ରହୁଛି। ଗଞ୍ଜେଇ ବ୍ୟବସାୟୀମାନେ ଏହାର ସୁଯୋଗ ନେଇ ବସ୍ କର୍ମଚାରୀଙ୍କ ଜାଣତରେ ଗଞ୍ଜେଇ ଚାଲାଣ କରୁଥିବାର ସନ୍ଦେହ କରାଯାଉଛି।

Classified Everyday
0674-2580101, 2549949

REAL ESTATE
SALE

Gharabari land for sale near Barunei, Khurda. Only genuine buyer contact on 6371543787.
D-0374

କେଶୁରାରେ immediate ଘରକରି ରହିବା ପାଇଁ ଘରବାରି ପଟ୍ଟା ଥିବା ପ୍ଲଟ୍ ମିଳୁଛି। 9692213354.
D-74686

Residential plot for sale just 3.5km from KIIT Square, Bhubaneswar, immediate registration/possession. 8917362239.
D-74859

4BHK Luxurious flat for sale at Unit-3 Kharavelanagar, behind Ram Mandir Construction work going on contact-9438362399.
D-0410

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର-1200sqft. 3,00,000/-, ନଖରା-300/- 6371569855.
D-74863

ISO 9001-2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ । ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ । ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600.
D-74851

Duplex sale at Bhubaneswar @ 55 lakhs only. Contact: 9777433701.
D-74864

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

PURCHASE
ଭୁବନେଶ୍ୱରରେ ଆପଣଙ୍କ ନିଜର 2/3BHK Flat ଏବଂ ଘର ବିକିବାକୁ ଚାହୁଁଛନ୍ତି କି? 7653898752.
D-74309

FOR RENT

On Janpath 2300 & 1450sqft. commercially approved space on 3rd floor with lift. 8598923231.
D-71055

Commercial space on NH-16, Bhubaneswar area- 2100sqft. suitable for Bank, Showroom, Office. Mob: 9437027289, 9937650390.
D-0400

Healthcare

Newly open health benefits SPA special offer @799, Master Canteen. 9124527173.
D-75107

Full body massage in homely atmosphere in all therapy. Mob: 8114881641.
D-73432

Newly open health benefits Spa special offer @799, Jaydev Vihar, 8018429809.
D-75108

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Spa full Body Massage only best therapist Gents & ladies@799/- Bhubaneswar. Kajal-9337672475.
D-0397

Asribada Panchakarma herbal SPA Kesharimall, Bhubaneswar. Contact: 8926173473.
D-74685

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

CLASSIFIED DISPLAY
ALL EDITION - B/W (Everyday)
TARIFF
MORE SPACE ' SAME PRICE
For Single Day | For 7 Days | For 15 Days | For 30 days
For Booking Contact 0674-2580385

OFFTC ENTERPRISE BHUBANESWAR
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡଲୋନ୍
Time : 10 AM to 6 PM
Ph: (0674) 2916695, 2916696

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

କୋସଲେଶ୍ୱର ମନ୍ଦିରରେ ଶିବ ବିବାହ ଉତ୍ସବ

ଖଡ଼ିଆଳ,୨୫।୫(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ କୋଶଲେଶ୍ୱର ମନ୍ଦିରରରେ ପାଳିତ ହୋଇଯାଇଛି ଶୀତଳଷଷ୍ଠୀ ଓ ଶିବ ପାର୍ବତୀ ବିବାହ ପର୍ବ। ଏଥର କନ୍ୟା ପିତା ମାତା ଭାବେ ରମେଶ କୁମାର ଠାକୁର ଓ ମଧୁସ୍ମିତା ଠାକୁର ଏବଂ ବର ପିତାମାତା ଭାବେ କମଳ ଗୁପ୍ତା ଓ ବର୍ଷା ଗୁପ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ହିନ୍ଦୁ ରୀତିନୀତି ଅନୁଯାୟୀ ବିବାହ କାର୍ଯ୍ୟ କରାଯାଇଥିଲା। ପ୍ରଥମେ ପତର ପେଁଡି (ନିର୍ବନ୍ଧ) ଗୁଆ ଦାନ (ନିମନ୍ତ୍ରଣ) ଆଦି ସରିବା ପରେ ସାମାଜିକ ରୀତିନୀତି ଅନୁସାରେ ବିବାହ କାର୍ଯ୍ୟ କରାଯାଇଥିଲା। ସନ୍ଧ୍ୟାରେ ବର ବେଶରେ ଆସିଥିଲେ ଭଗବାନ ଶିବ। ତାଙ୍କ ସହ ବରଯାତ୍ରୀ ଆସିଥିଲେ ଖଡ଼ିଆଳ ସହର ବାସୀ। ବଜା ବାଜିବା ସହ ନାଚଗୀତର ଆସର ଜମିଥିଲା। ପରେ କନ୍ୟାକୁ ଧରି ବରପକ୍ଷ ବାହୁଡ଼ି ଯାଇଥିଲେ। ଏହି ଯାତ୍ରା ଦେଖିବା ପାଇଁ ଲୋକଙ୍କ ପ୍ରବଳ ସମାଗମ ହୋଇଥିଲା। କୋଶଲେଶ୍ୱର ମନ୍ଦିର କମିଟି ଓ ସହର ଜନସାଧାରଣ ଏଥିରେ ସହଯୋଗ କରିଥିଲେ।

ମହାବୀର ସାଂସ୍କୃତିକ ଅନୁଷ୍ଠାନର ୧୧ କଳାକାରଙ୍କ ଜାପାନ ଗସ୍ତ

ଭବାନୀପାଟଣା,୨୫।୫(ସ୍ୱ.ପ୍ର)

ସପ୍ତାହ ଧରି ଦେଖାଇବେ ଓଡ଼ିଶାର ବିଭିନ୍ନ ଲୋକନୃତ୍ୟ

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମହାବୀର ସାଂସ୍କୃତିକ ଅନୁଷ୍ଠାନର ୧୧ଜଣ କଳାକାର ଗୁରୁବାର ଜାପାନ ଅଭିମୁଖେ ଗସ୍ତ କରିଛନ୍ତି। ଜାପାନର ଓସାକାରେ ଅବସ୍ଥିତ କନସୁଲେଟ ଜେନେରାଲ ଓ ଟୋକିଓର ଇଣ୍ଡିଆନ କାଉନସିଲ ଅଫ ବଲ୍ଡରରେ ବସତି ସ୍ଥାପନ କରୁଥିବା ଓଡ଼ିଆ ସମାଜ ପକ୍ଷରୁ ସେମାନେ ନିମନ୍ତ୍ରିତ ହୋଇ ଯାଉଛନ୍ତି। ସପ୍ତାହ ଧରି ଓଡ଼ିଶାର ବିଭିନ୍ନ ଲୋକନୃତ୍ୟ ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଜୁନ ୪ରେ ସେମାନେ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଗୁରୁବାର ଭବାନୀପାଟଣାରେ ମହାବୀର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସଭାପତି ଜୟନ୍ତ ବେହେରା ପ୍ରକାଶ କରିଛନ୍ତି। ଏହି ୧୧ ଜଣିଆ କଳାକାରଙ୍କ ମଧ୍ୟରେ ସୁଶାନ୍ତ କୁମାର ସିଂହ, ପ୍ରଦୀପ କୁମାର ସିଂହ, ବିଷ୍ଣୁ ପ୍ରଧାନ, କ୍ଷୀରସିନ୍ଧୁ ନାଏକ, ଧୀରେନ୍ଦ୍ର ପୋଢ଼, ଟିଙ୍କୁ ମାଝୀ, କୁମାରୀ ଆଶ୍ୱାସନା ପଟ୍ଟନାୟକ, କୁମାରୀ ନୀହାରିକ ନାଏକ, କୁମାରୀ ଶତାବ୍ଦୀ ନାଏକ, ପାୟଲ ବେହେରା ଓ ସଞ୍ଜୟ କୁମାର ଦଳର ଲିଆସିନ ଅଫିସର ରହିଛନ୍ତି। ମହାବୀର ସାଂସ୍କୃତିକ ଅନୁଷ୍ଠାନର ସଭାପତି ଜୟନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା, ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ସିଂହ, ପ୍ରଫେସର ଅଜୟ କୁମାର ମିଶ୍ର ଉପସ୍ଥିତ ରହିଥିଲେ।

ଦେଶରେ ବିପଜ୍ଜନକ ସ୍ଥିତି ସୃଷ୍ଟି କରିଛି ଭାଜପା

କେନ୍ଦ୍ର ଅଧ୍ୟାଦେଶକୁ ବିରୋଧ

ପାୱାରଙ୍କୁ ଭେଟିଲେ କେଜ୍‌ରିୱାଲ

ମୁମ୍ବାଇ,୨୫।୫

ମୁମ୍ବାଇର ୱାଇ.ଭି. ଚଭନ ସେଣ୍ଟରଠାରେ ଖବରଦାତା ସମ୍ମିଳନୀରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏବଂ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କ ସହ ଏନ୍‌ସିପି ମୁଖ୍ୟ ଶରଦ ପାୱାର।

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଗୁରୁବାର ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାରଙ୍କୁ ଭେଟିଛନ୍ତି। ଦିଲ୍ଲୀର ଅମଲାତନ୍ତ୍ରୀମାନଙ୍କ ଉପରେ ନିୟନ୍ତ୍ରଣ ଛଡ଼ାଇନେବା ପାଇଁ କେନ୍ଦ୍ର ସରକାର ଆଣିଥିବା ଅଧ୍ୟାଦେଶକୁ ବିରୋଧ କରିବା ଲାଗି କେଜ୍‌ରିୱାଲ ତାଙ୍କ ସହଯୋଗ ଲୋଡ଼ିଛନ୍ତି। ଏହି ଅବସରରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ କେଜ୍‌ରିୱାଲ କହିଛନ୍ତି, ଭାଜପାର ଗେମ୍‌ପ୍ଲାନ୍ ଭାରତରେ ବିପଜ୍ଜନକ ସ୍ଥିତି ସୃଷ୍ଟି କରିଛି। ଏହା କେବଳ ବିରୋଧୀଙ୍କ ନୁହେଁ, ବରଂ ଦେଶର ପ୍ରସଙ୍ଗ।

ଦିଲ୍ଲୀର ସର୍ଭିସେସ୍ (ସେବା) ଉପରେ କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କ କର୍ତ୍ତୃତ୍ୱ ରହିବ ବୋଲି ସୁପ୍ରିମକୋର୍ଟ ରାୟ ଦେବାର ସପ୍ତାହେ ପରେ କେନ୍ଦ୍ର ସରକାର ଶୁକ୍ରବାର ଗ୍ରୁପ୍-ଏ ଅଧିକାରୀମାନଙ୍କ ନିଯୁକ୍ତି ଓ ବଦଳି ଲାଗି ଏକ ସଂସ୍ଥା ଗଠନ କରିଛନ୍ତି। ଏହା ଉପରେ ଅଣାଯାଇଥିବା ଅଧ୍ୟାଦେଶକୁ ରାଜ୍ୟ ସଭାରେ ଗୃହୀତ କରାଇ ନ ଦେବା ପାଇଁ କେଜ୍‌ରିୱାଲ ରବିବାର ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ମଙ୍ଗଳବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ବୁଧବାର ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କୁ ଭେଟି ସହଯୋଗ ଲୋଡ଼ିଥିଲେ। ଉଭୟଙ୍କଠାରୁ ସହାୟତାର ପ୍ରତିଶ୍ରୁତି ମିଳିବା ପରେ ସେ ଗୁରୁବାର ମୁମ୍ବାଇରେ ପାୱାରଙ୍କୁ ଭେଟିଛନ୍ତି। ଦେଶର ଅନ୍ୟତମ ସମ୍ମାନିତ ନେତା ପାୱାର ତାଙ୍କୁ ସହଯୋଗର ପ୍ରତିଶ୍ରୁତି ଦେଇଥିବା କେଜ୍‌ରିୱାଲ କହିଛନ୍ତି। ରାଜ୍ୟ ସଭାରେ କେନ୍ଦ୍ରର ଅଧ୍ୟାଦେଶକୁ ବିରୋଧ କରିବା ପାଇଁ କଂଗ୍ରେସକୁ ପାୱାର ବୁଝାଇପାରନ୍ତି ବୋଲି କୁହାଯାଉଛି। ଉଚ୍ଚ ସଦନରେ ଏଏପିର ୧୦ ସଦସ୍ୟ ଥିବାରୁ ଏହି ଯୁଦ୍ଧ ଜିତିବାକୁ ହେଲେ କଂଗ୍ରେସକୁ ସାଙ୍ଗରେ ନେଇ ଚାଲିବାକୁ ପଡ଼ିବ। ରାଜ୍ୟ ସଭାରେ କଂଗ୍ରେସର ୩୧, ଟିଏମ୍‌ସିର ୧୨, ଏନ୍‌ସିପିର ୪ ଏବଂ ଶିବସେନା ୟୁବିଟିର ୩ ସଦସ୍ୟ ଅଛନ୍ତି। ମୌସୁମୀ ଅଧିବେଶନରେ ଉକ୍ତ ବିଲ୍ ଆଗତ କରାଯାଇପାରେ। ଏହା ଉଭୟ ଗୃହରେ ଗୃହୀତ ହେବା ନେଇ ଭାଜପା ଆଶାବାଦୀ। କାରଣ ରାଜ୍ୟ ସଭାରେ ସଂଖ୍ୟାଗରିଷ୍ଠତା ପାଇଁ ୧୧୯ ସଦସ୍ୟଙ୍କ ସମର୍ଥନ ଲୋଡ଼ା ଥିବାବେଳେ ଏନ୍‌ଡିଏର ୧୧୦ ସଦସ୍ୟ ଅଛନ୍ତି। ବିରୋଧୀଙ୍କ ସଦସ୍ୟ ସଂଖ୍ୟା ମଧ୍ୟ ୧୧୦। ଅର୍ଥାତ୍ ସବୁ ଦଳ ଏକାଠି ହେଲେ ଓଡ଼ିଶାର ବିଜେଡି ଏବଂ ଆନ୍ଧ୍ରପ୍ରଦେଶର ଶାସକ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟିର ଭୂମିକା ବିଶେଷ ଗୁରୁତ୍ୱ ବହନ କରିବ। ତେଣୁ ସମସ୍ତ ଅଣଭାଜପା ଦଳ ଏକାଠି ହେଲେ କେନ୍ଦ୍ରର ଅଧ୍ୟାଦେଶକୁ ରୋକି ହେବ ବୋଲି କେଜ୍‌ରିୱାଲ କହିଛନ୍ତି।

ପାର୍ଲାମେଣ୍ଟ ଭବନ ଉଦ୍‌ଘାଟନକୁ ନେଇ ବଢୁଛି ରାଜନୀତି

ଭୁବନେଶ୍ୱର,୨୫।୫(ବ୍ୟୁରୋ)

- **ସଂସଦ ଭବନକୁ ନେଇ ରାଜନୀତି ନ ହେଉ: ବିଜେଡି**
- **ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତିଙ୍କୁ ଅସମ୍ମାନ କରିଛନ୍ତି: କଂଗ୍ରେସ**
- **ବିଜେଡି ନିଷ୍ପତ୍ତି ସ୍ୱାଗତଯୋଗ୍ୟ: ଧର୍ମେନ୍ଦ୍ର**

ମେ’୨୮ରେ ନୂଆଦିଲ୍ଲୀଠାରେ ନୂଆ ସଂସଦ ଭବନର ଉଦ୍‌ଘାଟନ ସମାରୋହ ଅନୁଷ୍ଠିତ ହେବ। ଏହାକୁ ନେଇ ରାଜନୀତି ଜୋର ଧରିଛି। ଏହି ଉଦ୍‌ଘାଟନ ଉତ୍ସବରେ ୧୯ ବିରୋଧୀ ଦଳ ଯୋଗ ନ ଦେବାକୁ ମିଳିତ ବିବୃତି ଜାରି କରିଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆ ସଂସଦ ଭବନକୁ ଉଦ୍‌ଘାଟନ କରନ୍ତୁ ବୋଲି ସେହି ଦଳଗୁଡ଼ିକ ଦାବି କରିଛନ୍ତି। ତେବେ ବିଜେଡି ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବାକୁ ନିଷ୍ପତ୍ତି ନେଇଛି। ଏହାକୁ ରାଜ୍ୟ କଂଗ୍ରେସ ବିରୋଧ କରିଛି।

ଉଦ୍‌ଘାଟନୀ ଉତ୍ସବରେ ସାମିଲ ହେବାକୁ ନେଇ ବିବାଦ କି ରାଜନୀତି ହେବା କଥା ନୁହେଁ ବୋଲି ବିଜେଡି କହିଛି। ମୁଖ୍ୟମନ୍ତ୍ରୀ ସବୁବେଳେ ବିକାଶର ରାଜନୀତିକୁ ବିଶ୍ୱାସ କରନ୍ତି। ବିଜେଡି ଓଡ଼ିଶାର ସ୍ୱାର୍ଥ ପାଇଁ ସବୁବେଳେ ସମର୍ଥନ ଦେଇଆସିଛି। ପ୍ରସଙ୍ଗ ନେଇ ଭାଜପାକୁ ଲୋକ ସଭା ଓ ରାଜ୍ୟ ସଭାରେ ଦଳ ସମର୍ଥନ କରିଥିବା ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ କହିଛନ୍ତି।

ଅନ୍ୟପକ୍ଷରେ ସମାରୋହରେ ବିଜେଡି ସାମିଲ ହେବା ସମ୍ପର୍କରେ ବିଧାୟକ ଅମର ଶତପଥୀ କହିଛନ୍ତି, ଏହା ଏକ ସାମ୍ବିଧାନିକ ଉତ୍ସବ। ଏଥିରେ ରାଜନୀତି ହେବା ଉଚିତ ନୁହେଁ। ବିଜେଡି ସମ୍ବିଧାନ ଓ ଲୋକତନ୍ତ୍ରକୁ ସମ୍ମାନ ଦେଉଛି। ସବୁବେଳେ କେନ୍ଦ୍ର ସରକାରଙ୍କୁ ଦଳ ପ୍ରସଙ୍ଗଭିତ୍ତିକ ସମର୍ଥନ ଦେଇଛି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ସବୁବେଳେ ସ୍ପଷ୍ଟ ଥାଏ। ସଂସଦ ଭବନ ଉତ୍ସବରେ ଦଳର ସମସ୍ତ ଏମ୍‌ପି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସାମ୍ବିଧାନିକ ବ୍ୟବସ୍ଥାକୁ ବିଜେଡି ସବୁବେଳେ ସମ୍ମାନ ଦିଏ ବୋଲି ଅମର କହିଛନ୍ତି।

ଉଦ୍‌ଘାଟନୀ ଉତ୍ସବରେ ବିଜେଡିର ଯୋଗଦାନ ନିଷ୍ପତ୍ତିକୁ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଗତ କରିଛନ୍ତି। କୌଣସି ଦଳ ନୁହେଁ, ଭାରତର ସ୍ୱାଧୀନତା ପାଇଁ ସମସ୍ତେ ଲଢ଼ିଛନ୍ତି। ଯେଉଁମାନେ ଗଣତନ୍ତ୍ରରେ ବିଶ୍ୱାସ କରନ୍ତି ସେମାନେ ଏହି ଉତ୍ସବରେ ଯୋଗଦେବେ। ବିଜେଡିର ଏହା ଏକ ଭଲ ନିଷ୍ପତ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଅନ୍ୟପକ୍ଷରେ ପାର୍ଲାମେଣ୍ଟ ଭବନ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଜେଡିର ଯୋଗଦାନକୁ କଂଗ୍ରେସ କଡ଼ା ସମାଲୋଚନା କରିଛି। କଂଗ୍ରେସର ବରିଷ୍ଠ ନେତା ତଥା ବିଧାୟକ ନରସିଂହ ମିଶ୍ର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଅସମ୍ମାନ କରିଛନ୍ତି। ରାଷ୍ଟ୍ରପତିଙ୍କୁ ଉଦ୍‌ଘାଟନୀ ଉତ୍ସବକୁ ନିମନ୍ତ୍ରଣ କରା ନ ଯିବା ନିଷ୍ପତ୍ତିକୁ ମୁଁ ଓ ମୋ ଦଳ ନିନ୍ଦା କରୁଛି। ରାଷ୍ଟ୍ରପତି ନିର୍ବାଚନ ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦ୍ରୌପଦୀଙ୍କୁ ଭଉଣୀ ବୋଲି ସମ୍ବୋଧନ କରିଥିଲେ। ଏବେ ସେହି ସ୍ନେହ ଭଉଣୀ ଏବଂ ଓଡ଼ିଶା ପ୍ରତି କୁଆଡ଼େ ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି।

ଗଣତନ୍ତ୍ର, ସମ୍ବିଧାନ ଦଳୀୟ ନୁହେଁ: ଧର୍ମେନ୍ଦ୍ର

ସମ୍ବଲପୁର,୨୫।୫ (ବ୍ୟୁରୋ)

ଭାରତ ଦୁନିଆର ଆଦ୍ୟ ଗଣତନ୍ତ୍ର ସ୍ଥାନ। ଏହିଠାରୁ ଗଣତନ୍ତ୍ର ଆରମ୍ଭ ହୋଇଛି। ଆଜି ଦିନରେ ଭାରତ ପ୍ରଭାବଶାଳୀ ଭାବେ ପରିଚିତ। ଗଣତନ୍ତ୍ରର ଆଲୋଚନା ସଂସଦରେ ହୋଇଥାଏ। ଏବେ ଯେଉଁ ସଂସଦ ଭବନ ରହିଛି ତାହା ବ୍ରିଟିଶମାନଙ୍କ ସମୟରେ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ନୂତନ ସଂସଦ ଭବନ ତିଆରି ହୋଇଛି। ଆସନ୍ତା ୨୮ରେ ଏହା ଲୋକାର୍ପଣ ହେବାକୁ ଯାଉଛି। ଗଣତନ୍ତ୍ର କିମ୍ବା ସମ୍ବିଧାନ ଦଳୀୟ ନୁହେଁ। ଯେଉଁମାନେ ଏହାକୁ ବିରୋଧ କରୁଛନ୍ତି ସେମାନେ ଉଚିତ କରୁ ନାହାନ୍ତି। ସେମାନଙ୍କୁ ଲୋକ ସଭାରୁ ନିମନ୍ତ୍ରଣ ଯାଇଥିବ। ତେଣୁ ବିରୋଧରୁ ନିବୃତ୍ତ ରହି ଲୋକାର୍ପଣ କାର୍ଯ୍ୟକ୍ରମରେ ଯୋଗଦାନ କରନ୍ତୁ ବୋଲି ଗୁରୁବାର ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରାରେ ଯୋଗଦେବା ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ବିଷୟରେ ନୀରବ ରହିଲେ

ଆଗୁଆ ସାଧାରଣ ନିର୍ବାଚନ ଓ କର୍ଣ୍ଣାଟକ ନିର୍ବାଚନରେ ଭାଜପାର ପରାଜୟ ସମ୍ପର୍କରେ ଧର୍ମେନ୍ଦ୍ର କହିଛନ୍ତି, ସବୁ ରାଜ୍ୟର ନିର୍ବାଚନରେ ଭିନ୍ନ ଚରିତ୍ର ରହିଥାଏ। ତେବେ ଆଗାମୀ ୨୦୨୪ ନିର୍ବାଚନରେ ସମ୍ବଲପୁର ଲୋକ ସଭାରୁ ପ୍ରାର୍ଥୀ ହେବା ପ୍ରଶ୍ନରେ ସେ ହସିଦେଇ କଥାକୁ ଏଡାଇ ଯାଇଥିଲେ। ସମ୍ବଲପୁର ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ହେବା ନେଇ ଧର୍ମେନ୍ଦ୍ର ହସିଦେବା ଘଟଣାରୁ ପୂର୍ବ ଆଲୋଚନାର ସତ୍ୟତା ଥିବା ଚର୍ଚ୍ଚା ହେଉଛି। ସମ୍ବଲପୁର ଲୋକ ସଭା ନିର୍ବାଚନରେ ଲଢିବା ନେଇ ୨୦୧୯ ମସିହାରେ ରେଙ୍ଗାଲିର ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ପରୋକ୍ଷ ଭାବେ ଘୋଷଣା କରିଥିଲେ। ଏବେ ଏହି ଲୋକ ସଭା କ୍ଷେତ୍ରର ବିଭିନ୍ନ ବିଧାନସଭା ଅଞ୍ଚଳ ପରିଦର୍ଶନ କରି ଲୋକମାନଙ୍କ ସହ ମିଶୁଥିବାରୁ ଏ ନେଇ ଚର୍ଚ୍ଚା ବଢୁଛି। ଅନ୍ୟପକ୍ଷରେ ଧର୍ମେନ୍ଦ୍ର ଶୀତଳଷଷ୍ଠୀ ଯାତ୍ରାର ଦେବ ଦମ୍ପତିଙ୍କ ବିବାହ ଉତ୍ସବରେ ଯୋଗଦେବା ସହ ଆଳତି ମଧ୍ୟ କରିଥିଲେ। ଶାନ୍ତିନଗର, ଜଗନ୍ନାଥ କଲୋନୀ, କୁଲତକାନି, ସିନ୍ଦୂରପଙ୍କ, ଅଇଁଠାପାଲି, ସମଲେଇ ମନ୍ଦିର, ହୀରାକୁଦ, କ୍ଷେତରାଜପୁର ଦୁର୍ଗା ମଙ୍ଗଳମ, ଖାଡୁଆପଡା, ନନ୍ଦପଡା, ଠାକୁରପଡା, ମୋଦିପଡାଠାରେ ଅନୁଷ୍ଠିତ ଯାତ୍ରାକୁ ଯାଇଥିଲେ। ତାଙ୍କ ସହ ବରଗଡ ଏମ୍‌ପି ସୁରେଶ ପୂଜାରୀ, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଜିଲା ଭାଜପା ସଭାପତି ଗିରିଶ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

ଫୁର୍‌ସତ

ଚାକିରି ଛାଡ଼ି ରହୁଛନ୍ତି ଜଙ୍ଗଲରେ

ସାକ୍ରାମେଣ୍ଟୋ: ଆଜିକାଲିର ଲୋକଙ୍କୁ ଦୌଡ଼ାଦୌଡ଼ି ଜୀବନ ପସନ୍ଦ ଆସୁଛି। କାରଣ ସେମାନେ ସେପରି ପରିବେଶରେ ରହି ଶାନ୍ତ ପରିବେଶକୁ ଭୁଲି ଗଲେଣି। ସହରର ଚାଲିଚଳଣରେ ନିଜକୁ ଖାପଖୁଆଇ ରହିଆସିଲେଣି। ସେଥିପାଇଁ ସେମାନେ ପ୍ରକୃତିକୁ ଭୁଲିଗଲେଣି। ଆମେରିକାର ଜଣେ ବ୍ୟକ୍ତି ତାଙ୍କ ସହର ଜୀବନକୁ ଛାଡ଼ିଦେଇ ଜଙ୍ଗଲରେ ଯାଇ ରହୁଛନ୍ତି। ନିଜ ପାଇଁ ସେଠାରେ ଏପରି ଘର ତିଆରି କରିଛନ୍ତି, ଯାହା ଅତ୍ୟନ୍ତ ଖାସ୍। ରିପୋର୍ଟ ମୁତାବକ ଉତ୍ତର କାଲିଫର୍ନିଆର ବାସିନ୍ଦା ୩୫ ବର୍ଷୀୟ ରବର୍ଟ ବ୍ରିଟନ ଏକ ସୁପର ମାର୍କେଟରେ କ୍ୟାଶିୟର ଭାବେ କାମ କରିଥିଲେ। ତାଙ୍କ କାମ ସବୁ ଠିକ୍ ଚାଲିଥିଲା। ହେଲେ ସେ ତାଙ୍କ ପାଖରେ ପ୍ରକୃତିକୁ ଅନୁଭବ କରିପାରୁ ନ ଥିଲେ। ସେଥିପାଇଁ ସେ ୨୦୧୧ରେ ତାଙ୍କ ଚାକିରି ଛାଡ଼ି ଦେବାକୁ ନିଷ୍ପତ୍ତି ନେଲେ। ଚାକିରି ଛାଡ଼ି ନୂଆ ଆଡ୍‌ଭେଞ୍ଚର ଭାବେ ହୱାଇ ଜଙ୍ଗଲରେ ରହିବାକୁ ଲାଗିଲେ। ସେ ୨୯,୮୫୦ ଡଲାର ଅର୍ଥାତ୍ ୨୪ ଲକ୍ଷ ୭୧ ହଜାର ଟଙ୍କାରେ ୨୦୦ ସ୍କୋୟାରଫୁଟ୍ ଅଞ୍ଚଳରେ ଏକ ଜାଗା କିଣିଲେ। ସେଠାରେ ନିଜର ଟ୍ରି ହାଉସ ପ୍ରସ୍ତୁତ କଲେ, ଯାହା ମାଟିଠାରୁ ୫.୫ ଫୁଟ ଉଚ୍ଚରେ ଥିବାବେଳେ ଘରର ଉଚ୍ଚତା ୨୦ ଫୁଟ। ସେହି ଘର ଭିତରେ ସେ ତାଙ୍କ ଆବଶ୍ୟକ ଛୋଟ ଛୋଟ ସାମଗ୍ରୀ ରଖିଛନ୍ତି। ତାଙ୍କ ଘର ଛାତରୁ ଏକ ବଡ଼ ଡ୍ରମ୍‌ରେ ବର୍ଷା ପାଣି ସଂଗ୍ରହ କରି ରଖିଛନ୍ତି। ସେହି ପାଣିକୁ ସେ ଦୈନନ୍ଦିନ କାର୍ଯ୍ୟରେ ଲଗାଉଛନ୍ତି। ୨ ସୋଲାର ପ୍ୟାନେଲ ସାହାଯ୍ୟରେ ସେ ତାଙ୍କ ଟିଭି, ଲାପ୍‌ଟପ, ମୋବାଇଲ ଆଦି ଇଲେକ୍ଟ୍ରୋନିକ୍ସ ଜିନିଷ ଚଲାଉଛନ୍ତି। ଏଥିସହ ସେ ନିଜ ପାଇଁ ବିଭିନ୍ନ ପ୍ରକାର ପରିବା ଉତ୍ପାଦନ କରୁଛନ୍ତି। ସେ ଛୋଟ ଛୋଟ ଜିନିଷର ଭିଡିଓ ସୋସିଆଲ ମିଡିଆରେ ଶେୟାର କରୁଛନ୍ତି। ତାଙ୍କର ଏହି ଭିଡିଓରେ ଜଣେ ବ୍ୟକ୍ତି ଲେଖିଛନ୍ତି, ଆପଣ ଯଦି ଜଙ୍ଗଲରେ ରହି ମୋବାଇଲ ବ୍ୟବହାର କରୁଛନ୍ତି ତେବେ ଆପଣ ସମ୍ପୂର୍ଣ୍ଣ ସହର ସଭ୍ୟତାରୁ ଦୂରରେ ନାହାନ୍ତି।

ଅଟୋରେ ଘରକୁ ଫେରିଲେ ସାରା

ମୁମ୍ବାଇ: ବଲିଉଡ୍ ଅଭିନେତ୍ରୀ ସାରା ଅଲ୍ଲି ଖାନ୍ ଓ ଅଭିନେତା ଭିକି କୌଶଲଙ୍କ ମୁଭି ‘ଜରା ହଟ୍‌କେ ଜରା ବଚ୍‌କେ’ ଜୁନ୍ ୨ରେ ବଡ଼ ପରଦାରେ ରିଲିଜ୍ ହେବାକୁ ଯାଉଛି। ଏହା ପୂର୍ବରୁ ଦୁହେଁ ତାଙ୍କ ଫିଲ୍ମ ପ୍ରମୋଶନ ପାଇଁ ଲାଗି ପଡ଼ିଛନ୍ତି। ବୁଧବାର ମୁମ୍ବାଇରେ ଆୟୋଜିତ ଏକ ଇଭେଣ୍ଟରେ ସାରା ସାମିଲ ହୋଇଥିଲେ। ସେଠାରେ ସେ ଗୋଲାପି ରଙ୍ଗର ପାରମ୍ପରିକ ଡ୍ରେସ୍ ପିନ୍ଧିଥିବା ନଜରକୁ ଆସିଥିଲେ। ହେଲେ ସେହି ଇଭେଣ୍ଟ ଆଟେଣ୍ଡ ପରେ ସେ ଅଟୋରେ ବସି ଯାଉଥିବା ଦେଖିବାକୁ ମିଳିଥିଲା। ତାଙ୍କୁ ପଚରାଯିବାରୁ ସେ କହିଥିଲେ, ତାଙ୍କୁ ନେବାକୁ ଠିକ୍ ସମୟରେ କାର୍ ଆସି ନ ଥିଲା। ସେଥିପାଇଁ ସେ ଅଟୋରେ ବସି ଯାଇଥିଲେ। ଏଥିସହ ସେ ଆଗରୁ ଅଟୋରେ ବସି ଯାଇଥିବା କହିଥିଲେ। ଅନ୍ୟପଟେ ନିକଟରେ ତାଙ୍କୁ ମେଟ୍ରୋ ଟ୍ରେନ୍‌ରେ ଯାଉଥିବା ଏକ ଭିଡିଓରେ ଦେଖିବାକୁ ମିଳିଥିଲା। ଏଥିରୁ ଜଣାପଡୁଛି ଯେ ସାରା ଅନେକ ସମୟରେ ସାଧାରଣ ଲୋକଙ୍କ ସହ ମିଶିବାକୁ ପସନ୍ଦ କରନ୍ତି। ତେବେ ସାରା ୨୦୧୮ରୁ ‘କେଦାରନାଥ’ ଜରିଆରେ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ଏଥିସହ ତାଙ୍କ ହାତରେ ଏବେ ଆଉ ୩ଟି ଫିଲ୍ମ ରହିଛି।

ସାରା ଅଲ୍ଲି ଖାନ୍

ଲକି ଡ୍ରରୁ ମିଳିଥିବା ୮୨ ଲକ୍ଷ ଟଙ୍କାରେ ଗାଁରେ ସ୍କୁଲ କରିବେ

ୱାଶିଂଟନ: ଯଦି ଜଣେ ବ୍ୟକ୍ତିଙ୍କୁ ହଠାତ୍ ବହୁତ ଟଙ୍କା ମିଳିଯାଏ, ତେବେ ସେ କ’ଣ କରିବେ? ଏହା ସାଧାରଣ କଥା ଯେ ସେ ତାଙ୍କ ଜରୁରୀ କାମରେ ଖର୍ଚ୍ଚ କରିବେ। ନିକଟରେ ଜଣେ ବ୍ୟକ୍ତି ଲକି ଡ୍ର ମାଧ୍ୟମରେ ୮୨ ଲକ୍ଷ ଟଙ୍କା ଜିତିଲେ। ହେଲେ ସେ ସେହି ଟଙ୍କାକୁ ନିଜ ଆବଶ୍ୟକତା ଅନୁଯାୟୀ ଖର୍ଚ୍ଚ ନ କରି ଗାଁରେ ଏକ ସ୍କୁଲ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପଶ୍ଚିମ ଆମେରିକାର ମାଲି ଦେଶରେ ଏପରି ଘଟଣା ଦେଖିବାକୁ ମିଳିଛି। ନିକଟରେ ସୋଲେମନ ସନା ୧,୦୦,୦୦୦ ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ୮୨ ଲକ୍ଷରୁ ଅଧିକ ଟଙ୍କା ଲକି ଡ୍ରରେ ଜିତିଛନ୍ତି। ତାଙ୍କୁ ଯେତେବେଳେ ଏହି ଟଙ୍କା ବାବଦରେ ପଚରାଗଲା, ସେତେବେଳେ ସେହି ଟଙ୍କାକୁ ସେ ଗାଁ ପାଇଁ ଖର୍ଚ୍ଚ କରିବେ। ଗାଁରେ ପିଲାଙ୍କ ପାଇଁ ସ୍କୁଲ ନାହିଁ। ସେମାନଙ୍କ ପାଇଁ ସ୍କୁଲ କରିବାକୁ ସେ ଏହି ଟଙ୍କା ଖର୍ଚ୍ଚ କରିବେ ବୋଲି କହିଥିଲେ। ମାଲିରେ ପିଲାଙ୍କ ପାଇଁ ଅଧିକ କକ୍ଷ ତିଆରି ପାଇଁ ସେ ପୂର୍ଣ୍ଣ ସହଯୋଗ କରନ୍ତି। ଏଥର ସମସ୍ତ ଟଙ୍କା ସେଠାରେ ଖର୍ଚ୍ଚ କରିବାକୁ ଚାହୁଁଛନ୍ତି। ତାଙ୍କୁ ଏଥିରେ ବହୁତ ଖୁସି ମିଳିବ। ସେ ତାଙ୍କ ଦେଶର ଗରିବ ଲୋକଙ୍କୁ ସାହାଯ୍ୟ କରିବାକୁ ଏକ ସଂଗଠନ ମଧ୍ୟ କରିଛନ୍ତି। ଏହା ତାଙ୍କର ସ୍ୱପ୍ନ ଥିଲା। ଏଥିପାଇଁ ସେ ଲଟେରି ଟିକେଟ କିଣୁଥିଲେ। ସେ ଆଶା ରଖିଥିଲେ ଯେ ପିଲାଙ୍କ ପାଇଁ ତାଙ୍କୁ ଏହି ଲକି ଡ୍ର ମାଧ୍ୟମରେ କିଛି ସାହାଯ୍ୟ ମିଳିଯିବ। ରିପୋର୍ଟ ମୁତାବକ, ୩୯ ବର୍ଷୀୟ ସନା ଜଣେ ଡ୍ୟାନ୍ସ ଟ୍ରେନର ହୋଇଥିବାବେଳେ ଉତ୍ତର କାଲିଫର୍ନିଆର ପଶ୍ଚିମ ନ୍ୟୁ ବର୍ନରୁ ଏକ ଲଟେରି ଟିକେଟ କିଣିଥିଲେ। ସେ ମାଲିରେ ପିଲାଙ୍କୁ ନୃତ୍ୟ ମଧ୍ୟ ଶିଖାନ୍ତି। ସେ ପିଲାଙ୍କୁ ଶିକ୍ଷା ଦେବା ସହିତ ସେମାନଙ୍କ ପାଇଁ ଏକ ନୃତ୍ୟ କେନ୍ଦ୍ର କରିବାକୁ ମଧ୍ୟ ସେହି ଟଙ୍କା ଖର୍ଚ୍ଚ କରିବେ ବୋଲି କହିଛନ୍ତି।

NC Education Lottery
State of North Carolina
NC Education Lottery
5-16-2023
Souleymane Sana
$100,000
Instant Ticket Winner

ଭଲପାଇବା ଦର୍ଶାଇବାକୁ ମଥାରେ ସ୍ୱାମୀଙ୍କ ନାମର ଟାଟୁ

ବେଙ୍ଗାଲୁରୁ: ଲୋକେ ସେମାନଙ୍କ ପ୍ରେମକୁ ଜାହିର କରିବାକୁ ଯାଇ ବିଭିନ୍ନ ଉପାୟ ଆପଣେଇଥାନ୍ତି। ନିକଟରେ ଜଣେ ମହିଳା ଏପରି କିଛି କରିଛନ୍ତି। ତାହାର ଏକ ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ମହିଳା ଜଣକ ତାଙ୍କ ସ୍ୱାମୀଙ୍କୁ ଉପହାର ଦେବାକୁ ଯାଇ ନିଜ ମଥାରେ ଏକ ଟାଟୁ କରିଛନ୍ତି। ଯେଉଁଥିରେ ସେ ତାଙ୍କ ସ୍ୱାମୀଙ୍କ ନାମ ଲେଖିଛନ୍ତି। ଏହା ପୂର୍ବରୁ ଲୋକେ ହାତ, ଶରୀରର ଅନ୍ୟ ଅଂଶରେ ଟାଟୁ କରିଥିବା ଦେଖିବାକୁ ମିଳିଛି। ହେଲେ ମଥାରେ ଏପରି ଟାଟୁ ବହୁତ କମ୍ ଦେଖିବାକୁ ମିଳେ। ଏପରି ଘଟଣା ଦେଖିବାକୁ ମିଳିଛି ବେଙ୍ଗାଲୁରୁରେ। ଭିଡିଓରେ ମହିଳା ଜଣକ ବସିଥିବାବେଳେ ଟାଟୁ ଆର୍ଟିଷ୍ଟ ତାଙ୍କ ମଥାରେ ସତୀଶ ବୋଲି ଲେଖୁଛନ୍ତି, ଯାହା ମହିଳାଙ୍କ ସ୍ୱାମୀଙ୍କ ନାମ। ମହିଳା ଜଣକ ଏହି ଭିଡିଓକୁ ଇନ୍‌ଷ୍ଟାଗ୍ରାମ୍‌ରେ ଶେୟାର କରିଛନ୍ତି। ସେ କ୍ୟାପ୍‌ଶନରେ ‘ଟ୍ରୁ ଲଭ୍’ ବୋଲି ଲେଖିଛନ୍ତି। ଏଥିରେ ଲୋକେ ତାଙ୍କୁ ଅନେକ କମେଣ୍ଟ ଦେଇଛନ୍ତି। ଜଣେ ୟୁଜର ଲେଖିଛନ୍ତି, ଏପରି କରିବା ମୂର୍ଖତା। ସତ ଭଲ ପାଇବା ଦର୍ଶାଇବା ଆବଶ୍ୟକତା ନଥାଏ।

ରଗ୍‌ବୀ ସେମିରେ କିଟ୍ ମହିଳା, ପୁରୁଷ ଦଳ

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

ଟେନିସ୍‌ରେ ବିଜୟ ଅଭିଯାନ

ଭୁବନେଶ୍ୱର, ୨୫।୫ (ସ୍ପୋର୍ଟ୍ସ ବ୍ୟୁରୋ)

ଉତ୍ତର ପ୍ରଦେଶର ବିଭିନ୍ନ ସହରରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ରଗ୍‌ବୀ ବିଭାଗରେ କିଟ୍ ବିଶ୍ୱବିଦ୍ୟାଳୟର ମହିଳା ଓ ପୁରୁଷ ଦଳ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଓ ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍(ଏଆଇୟୁ)ର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି। କିଟ୍ ପୁରୁଷ ରଗ୍‌ବୀ ଦଳ ତୃତୀୟ ଲିଗ୍ ମ୍ୟାଚରେ ୪୦–୦ରେ ଶିବାଜୀ ବିଶ୍ୱ ବିଦ୍ୟାଳୟ କୋହ୍ଲାପୁରକୁ ପରାସ୍ତ କରିଥିଲା। ସମାନ ଢଙ୍ଗରେ କିଟ୍ ମହିଳା ଦଳ ୩୬–୫ରେ ଶିବାଜୀ ବିଶ୍ୱ ବିଦ୍ୟାଳୟ କୋହ୍ଲାପୁରକୁ ପରାସ୍ତ କରିଛି। କ୍ୱାର୍ଟର ଫାଇନାଲରେ କିଟ୍ ପୁରୁଷ ଦଳ ୨୨–୫ରେ କାଲିକଟ୍ ବିଶ୍ୱ ବିଦ୍ୟାଳୟକୁ ପରାସ୍ତ କରିଥିଲା। ମହିଳା ଦଳ ଏହାର କ୍ୱାର୍ଟର ଫାଇନାଲରେ ୨୦–୦ରେ କିସ୍ ବିଶ୍ୱ ବିଦ୍ୟାଳୟକୁ ପରାସ୍ତ କରିଛି। ଶୁକ୍ରବାର ସେମି ଫାଇନାଲରେ ପୁରୁଷ ଦଳ ଲଭ୍‌ଲି ପ୍ରଫେସନାଲ ୟୁନିଭର୍ସିଟି ପଞ୍ଜାବ ଓ ମହିଳା ଦଳ ଶିବାଜୀ ବିଶ୍ୱ ବିଦ୍ୟାଳୟ କୋହ୍ଲାପୁରକୁ ଭେଟିବେ।

ଟେନିସ୍‌ରେ କିଟ୍ ମହିଳା ଦଳ ୩–୦ରେ ରୋହତକର ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ମହିଳା ଫୁଟବଲ ମ୍ୟାଚରେ ୦–୨ ଗୋଲରେ ଜିଏନ୍‌ଡିୟୁ, ଅମ୍ରିତସର ନିକଟରୁ ପରାଜିତ ହୋଇଛି। ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ହକି ଦଳ ଶୁକ୍ରବାର ଏହାର ଅଭିଯାନ ଆରମ୍ଭ କରିବ। ସେହିପରି ସନ୍ତରଣରେ ଉତ୍କଳ ବିଶ୍ୱ ବିଦ୍ୟାଳୟ ମଧ୍ୟ ଶୁକ୍ରବାର ଅଭିଯାନ ଆରମ୍ଭ କରିବ।

KHELO INDIA
UNIVERSITY GAMES 2022
25th MAY TO 3rd JUNE, 2023
Uttar Pradesh
GORAKHPUR
GAUTAM BUDDH NAGAR
25th May to 3rd June 2023
ପ୍ରଥମ ମ୍ୟାଚ୍‌ରେ ବିଜୟୀ କିଟ୍ ମହିଳା ଟେନିସ ଦଳ।

ଫ୍ରାନ୍ସ ପ୍ରଥମ ମହିଳା ଅଲିମ୍ପିକ ସଭାପତିଙ୍କ ଇସ୍ତଫା

ପ୍ୟାରିସ,୨୫।୫(ଏପି): ଫ୍ରାନ୍ସର ଅଲିମ୍ପିକ କମିଟି ସଭାପତି ବ୍ରିଗିଟ୍ ହେନ୍‌ରିକ୍ସ ଗୁରୁବାର ଅପ୍ରତ୍ୟାଶିତ ଭାବେ ତାଙ୍କ ପଦବୀରୁ ଇସ୍ତଫା ପ୍ରଦାନ କରିଛନ୍ତି। ଏହା ଫ୍ରେଞ୍ଚ କ୍ରୀଡ଼ା ଓ ଆସନ୍ତା ବର୍ଷ ପ୍ୟାରିସରେ ହେବାକୁଥିବା ଅଲିମ୍ପିକ୍ସ ପ୍ରସ୍ତୁତିକୁ ଧକ୍କା ପହଞ୍ଚାଇଛି। ହେନ୍‌ରିକ୍ସ ହେଉଛନ୍ତି ଫ୍ରେଞ୍ଚ ଜାତୀୟ ଫୁଟ୍‌ବଲ ଦଳର ଜଣେ ଖେଳାଳି। ଫ୍ରାନ୍ସରେ ପ୍ରଥମ ମହିଳା ଭାବେ ସେ ଅଲିମ୍ପିକ ସ୍ପୋର୍ଟର ନେତୃତ୍ୱ ନେଇ ଆସୁଥିଲେ। ଫ୍ରେଞ୍ଚ ଅଲିମ୍ପିକ ସର୍କଲରେ କିଛି ଦିନ ହେଲା ଅନ୍ତକନ୍ଦଳ ଲାଗି ରହିବା ପରେ ହେନରିକ୍ସ ତାଙ୍କ ପଦବୀରୁ ଇସ୍ତଫା ପ୍ରଦାନ କରିଥିବା କୁହାଯାଉଛି। ଗୁରୁବାର ଏକ ଜେନେରାଲ ଆସେମ୍ବ୍ଲି ବୈଠକର ଆରମ୍ଭରେ ସେ ତାଙ୍କ ପଦବୀରୁ ଓହରି ଯାଇଥିଲେ ବୋଲି ଫ୍ରେଞ୍ଚ ଅଲିମ୍ପିକ କମିଟି କହିଛି। କିନ୍ତୁ ସେ ଇସ୍ତଫା ଦେବା ପଛରେ ରହିଥିବା କାରଣ ସମ୍ପର୍କରେ କମିଟି କୌଣସି ସୂଚନା ଦେଇନାହିଁ।

ଜାପାନକୁ ୩–୧ରେ ପରାସ୍ତକଲା ଭାରତ

ନୂଆଦିଲ୍ଲୀ,୨୫।୫(ପି.ଟି.)

ଜୁନିୟର ଏସିଆ କପ୍ ହକିରେ ଜାପାନକୁ ୩–୧ରେ ପରାସ୍ତ କରିଛି ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ୦–୧ରେ ପଛୁଆ ରହିବା ପରେ ଭାରତୀୟ ଖେଳାଳି ଚମତ୍କାର ପ୍ରତ୍ୟାବର୍ତ୍ତନ କରି ମ୍ୟାଚକୁ ସହଜରେ ଜିତି ନେଇଥିଲେ। ଭାରତ ପକ୍ଷରୁ ଅରିଜିତ୍ ସିଂ ହୁଣ୍ଡାଲ(୩୬), ଶାରଦାନନ୍ଦ ତିୱାରୀ(୩୯) ଓ ଉତ୍ତମ ସିଂ ୫୬ ତମ ମିନିଟରେ ଗୋଲ ଦେଇଥିବା ବେଳେ ଜାପାନ ପକ୍ଷରୁ କୁମେଇ ୟସୁଦା ୧୯ ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ପ୍ରଥମ କ୍ୱାର୍ଟର ଗୋଲ ଶୂନ୍ୟ ରହିବା ପରେ ଦ୍ୱିତୀୟ କ୍ୱାର୍ଟରରେ ୟସୁଦା ଜାପାନ ପାଇଁ ପ୍ରଥମ ଗୋଲ ଦେଇଥିଲେ। ଭାରତ ପକ୍ଷରୁ ଆପ୍ରାଣ ଉଦ୍ୟମ କରାଯାଥିଲେ ମଧ ଗୋଲ ସ୍କୋର ହୋଇ ନ ଥିଲା। ଦ୍ୱିତୀୟ କ୍ୱାର୍ଟରରେ ୦–୧ରେ ପଛୁଆ ରହିଥିବା ଭାରତ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲା। ଅରିଜିତ ୩୬ ତମ ମିନଟରେ ଅରିଜିତ ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ଏହାର ୩ ମିନିଟ ପରେ ଶାରଦାନନ୍ଦ ତିୱାରୀ ଏକ ଚମତ୍କାର ଗୋଲ ଜରିଆରେ ଭାରତକୁ ଅଗ୍ରଣୀ ପ୍ରଦାନ କରିଥିଲେ। ଅନ୍ତିମ କ୍ୱାର୍ଟରରେ ମ୍ୟାଚ୍ ଶେଷ ହେବାକୁ ୪ ମିନିଟ ରହିଥିବା ବେଳେ ଉତ୍ତମ ସିଂ ଏକ ଗୋଲ୍ ମାରିଥିଲେ। ଭାରତ ଏହାର ପରବର୍ତ୍ତୀ ମ୍ୟାଚ୍ ମେ ୨୭ ତାରିଖରେ ପାକିସ୍ତାନ ବିପକ୍ଷରେ ଓ ଅନ୍ତିମ ମ୍ୟାଚ ଥାଇଲାଣ୍ଡ ବିପକ୍ଷରେ ୨୮ ତାରିଖରେ ଖେଳିବ।

ଭାରତ ଓ ଜାପାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ଆଇପିଏଲ୍ ପରେ ଭେନ୍ୟୁ ସମ୍ପର୍କରେ ନିଷ୍ପତ୍ତି

ଏସିଆ କପ୍ କ୍ରିକେଟ

ନୂଆଦିଲ୍ଲୀ, ୨୫।୫ (ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଫାଇନାଲ ପରେ ଏସିଆ କପ୍ କ୍ରିକେଟର ଭେନ୍ୟୁ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଫାଇନାଲକୁ ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି)ର ଉଚ୍ଚପଦାଧିକାରୀମାନଙ୍କୁ ଆମନ୍ତ୍ରିତ କରାଯାଇଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ପ୍ରକାଶ କରିଛନ୍ତି। ଚଳିତବର୍ଷର ଏସିଆ କପ୍ ଆୟୋଜନ ଅଧିକାର ପାକିସ୍ତାନକୁ ମିଳିଛି। ମାତ୍ର ସରକାରଙ୍କ ବିନା ଅନୁମତିରେ ପଡ଼ୋଶୀ ଦେଶକୁ ଏହାର ଦଳ ନ ପଠାଇବା ଲାଗି ବିସିସିଆଇ ନିଷ୍ପତ୍ତି ନେଇଛି। ଅନ୍ୟପକ୍ଷରେ ବିକଳ୍ପ ପ୍ରସ୍ତାବ ସ୍ୱରୂପ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଚେୟାରମ୍ୟାନ ନଜମ ସେଠୀ ଏକ 'ହାଇବ୍ରିଡ୍ ମଡେଲ' ପ୍ରସ୍ତାବ ରଖିଛନ୍ତି। ତଦନୁସାରେ ପାକିସ୍ତାନ ନିଜ ମାଟିରେ ଅତି କମ୍‌ରେ ୪ଟି ଗେମ୍ ଆୟୋଜନ କରିବ। ଭାରତ ଏହାର ମ୍ୟାଚଗୁଡ଼ିକ ନିରପେକ୍ଷ ଭେନ୍ୟୁରେ ଖେଳିବ। ତେବେ ଆଇପିଏଲ୍ ଫାଇନାଲକୁ ସେଠୀଙ୍କୁ ଆମନ୍ତ୍ରଣ କରାଯାଇଛି କି ନା ତାହା ସ୍ପଷ୍ଟ ହୋଇନାହିଁ। ଏଣେ ଜୟ ଶାହା କହିଛନ୍ତି ବର୍ତ୍ତମାନ ସୁଦ୍ଧା ଏସିଆ କପ୍ ଆୟୋଜନ ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇ ନାହିଁ। ଆଇପିଏଲ ଫାଇନାଲ ଦେଖିବାକୁ ଶ୍ରୀଲଙ୍କା, ବାଂଲାଦେଶ ଓ ଶ୍ରୀଲଙ୍କାର ଉଚ୍ଚ ପଦାଧିକାରୀମାନେ ଆସିବେ। ସେମାନଙ୍କ ସହ ଆଲୋଚନା ପରେ ଯାହା ନିଷ୍ପତ୍ତି ନିଆଯିବ। ଏସିସି ତରଫରୁ କୌଣସି ଆନୁଷ୍ଠାନିକ ବିବୃତ୍ତି ଦିଆଯାଇ ନ ଥିଲେ ମଧ ସେଠୀଙ୍କ 'ହାଇବ୍ରିଡ୍ ମଡେଲ' ପ୍ରସ୍ତାବ ସମାଧାନର ପନ୍ଥା ବୋଲି ମନେ କରାଯାଉଛି। ଏହି ପ୍ରସ୍ତାବ ଅନୁସାରେ ଶ୍ରୀଲଙ୍କା, ବାଂଲାଦେଶ, ନେପାଳ ଓ ଆଫଗାନିସ୍ତାନ ସେମାନଙ୍କର ୪ ପ୍ରିଲିମିନାରୀ ମ୍ୟାଚ ପାକିସ୍ତାନରେ ଖେଳିବେ। ପାକିସ୍ତାନ ଓ ଭାରତ ସେମାନଙ୍କ ଗେମ୍‌ଗୁଡ଼ିକ ନିରପେକ୍ଷ ଭେନ୍ୟୁରେ ଖେଳିବେ। ଭାରତ ଓ ପାକିସ୍ତାନ ମଧ୍ୟରେ ଦୁଇଟି ମ୍ୟାଚ ୟୁଏଇରେ ଖେଳାଯାଉ ବୋଲି ପିସିବି ଚାହୁଁଥିବା ବେଳେ ତାହା ଶ୍ରୀଲଙ୍କାରେ ହୋଇପାରେ। କାରଣ ସେପ୍ଟେମ୍ବର ବେଳକୁ ୟୁଏଇରେ ପାଗ ଅନୁକୂଳ ନ ଥିବ। ଏସିସି ମୁଖ୍ୟ ଜୟ ଶାହା ଆନୁଷ୍ଠାନିକ ଭାବେ ଏସିସି ବୈଠକ ଡକାଇବେ। ଏଥିରେ ଏସିଆକପ୍ ଭେନ୍ୟୁ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯବ। ଭାରତ ନିରପେକ୍ଷ ଭେନ୍ୟୁରେ ଖେଳିଲେ ପିସିବିର କୌଣସି ଆପତ୍ତି ନ ଥିବା କୁହାଯାଉଛି।

ଗୋଟିଏ ଗ୍ରୁପ୍‌ରେ ଭାରତ, ୟୁଏଇ, ମାଲଦ୍ୱୀପ, ଚାଇନା

ନୂଆଦିଲ୍ଲୀ, ୨୫।୫ (ପି.ଟି.): ୨୩ ବର୍ଷରୁ କମ୍ ଏଏଫ୍‌ସି ଏସିଆନ କପ୍ କାତାର ୨୦୨୪ କ୍ୱାଲିଫାୟର୍ସରେ ଭାରତକୁ ଗ୍ରୁପ୍ 'ଜି'ରେ ସ୍ଥାନ ମିଳିଛି। ଏହି ଗ୍ରୁପ୍‌ରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ମାଲଦ୍ୱୀପ ଓ ଚାଇନା ରହିଛନ୍ତି। ଗୁରୁବାର ମାଲେସିଆର କୁଆଲାଲମ୍ପୁରସ୍ଥିତ ଏଏଫ୍‌ସି ହାଉସ୍‌ରେ ଟୁର୍ନାମେଣ୍ଟର ଅଫିସିଆଲ ଡ୍ର' ହୋଇଥିଲା। ଚାଇନାରେ ସେପ୍ଟେମ୍ବର ୬ରୁ ୧୨ ପର୍ଯ୍ୟନ୍ତ କ୍ୱାଲିଫାୟର୍ସ ଅନୁଷ୍ଠିତ ହେବ। ୪୩ଟି ଦଳକୁ ନେଇ ଡ୍ର' ଅନୁଷ୍ଠିତ ହୋଇଥିଲା। ତନ୍ମଧ୍ୟରୁ ୧୦ଟି ଗ୍ରୁପ୍‌ରେ ୪ଟି ଲେଖାଏ ଦଳ ରହିଥିବା ବେଳେ ଗୋଟିଏ ଗ୍ରୁପ୍ ୩ ଦଳ ବିଶିଷ୍ଟ କରାଯାଇଛି। ୧୧ଟି ଗ୍ରୁପ୍‌ର ବିଜେତା ଓ ଦ୍ୱିତୀୟ ସ୍ଥାନରେ ରହିଥିବା ଦଳଗୁଡ଼ିକ ମଧ୍ୟରୁ ୪ ଶ୍ରେଷ୍ଠ ଦଳ ୨୩ ବର୍ଷରୁ କମ୍ ଏଏଫ୍‌ସି ଏସିଆନ କପ୍ କାତାର ୨୦୨୪ ପାଇଁ ଯୋଗ୍ୟତା ଅର୍ଜନ କରିବେ। କାତାର ପୂର୍ବରୁ ଆୟୋଜକ ଦଳ ହିସାବରେ ଯୋଗ୍ୟତା ଅର୍ଜନ କରିସାରିଛି। ୧୬ଟି ଦଳକୁ ନେଇ ଏହି ଟୁର୍ନାମେଣ୍ଟ ୨୦୨୪ ଏପ୍ରିଲ ୧୫ରୁ ମେ' ୩ ପର୍ଯ୍ୟନ୍ତ ହେବ। ୨୩ ବର୍ଷରୁ କମ୍ ଏଏଫ୍‌ସି ଏସିଆନ କପ୍ କାତାର ୨୦୨୪ ପ୍ୟାରିସରେ ହେବାକୁଥିବା ପୁରୁଷ ଅଲିମ୍ପିକ ଫୁଟ୍‌ବଲ ଟୁର୍ନାମେଣ୍ଟ ଲାଗି ଏକ କ୍ୱାଲିଫାୟର ଭାବେ ବିବେଚନା କରାଯାଉଛି। ଶ୍ରେଷ୍ଠ ୩ ଦଳ ସିଧାସଳଖ ଅଲିମ୍ପିକ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଅନ୍ୟପକ୍ଷରେ ଚତୁର୍ଥ ଶ୍ରେଷ୍ଠ ଦଳ ଏଏଫ୍‌ସି– କାଫ୍ (କନ୍‌ଫେଡେରେଶନ ଅଫ୍ ଆଫ୍ରିକାନ ଫୁଟ୍‌ବଲ) ପ୍ଲେ–ଅଫ୍ ଖେଳିବ।

ଭାରତର କ୍ୱାଲିଫାଇଙ୍ଗ କାର୍ଯ୍ୟସୂଚୀ

ସେପ୍ଟେମ୍ବର ୬: ଭାରତ ବନାମ ମାଲଦ୍ୱୀପ
ସେପ୍ଟେମ୍ବର ୯: ଚାଇନା ବନାମ ଭାରତ
ସେପ୍ଟେମ୍ବର ୧୨: ସଂଯୁକ୍ତ ଆରବ ଏମିରେଟ୍ସ ବନାମ ଭାରତ।

ପ୍ରଗତି ସ୍ପୋର୍ଟିଂ ସେମିରେ

ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି ଅସିମ ବରାଡ।

୧୬ ବର୍ଷରୁ କମ୍ କ୍ରିକେଟ

ଭୁବନେଶ୍ୱର, ୨୫।୫ (ସ୍ପୋର୍ଟ୍ସ ବ୍ୟୁରୋ)

ପ୍ରଗତି ସ୍ପୋର୍ଟିଂ ଏଠାରେ ଚାଲିଥିବା ୨ୟ ପ୍ରଶାନ୍ତ ମହାପାତ୍ର ମେମୋରିଆଲ ୧୬ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ପ୍ରଥମ କ୍ୱାର୍ଟରଫାଇନାଲରେ ଦଳ ଡିଏଲ୍‌ଏସ୍ ପଦ୍ଧତିରେ ୩୨ ରନରେ ଗ୍ରୀନ୍ କ୍ରିକେଟ ଏକାଡେମୀକୁ ପରାସ୍ତ କରିଛି। ଏହି ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଗ୍ରୀନ୍ କ୍ରିକେଟ ଏକାଡେମୀ ୨୯.୪ ଓଭରରେ ୧୩୯ ରନ କରି ଅଲଆଉଟ ହୋଇଯାଇଥିଲା। ମୃତ୍ୟୁଞ୍ଜୟ ମହାପାତ୍ର ୪୯ ଓ ସୌମ୍ୟ ପାଣ୍ଡେ ୪୩ ରନ କରିଥିଲେ। ବିପକ୍ଷ ଦଳର ଇଶାନ କେ. ପାତ୍ର ୨୩ ରନ ବିନିମୟରେ ୪ ଏବଂ ଅସିମ ବରାଡ ୧୯ରନ ଦେଇ ୩ ଉଇକେଟ ହାସଲ କରିଥିଲେ। ଜବାବରେ ବର୍ଷା ଯୋଗୁ ଖେଳ ସ୍ଥଗିତ ରଖାଯିବା ବେଳେ ପ୍ରଗତି ସ୍ପୋର୍ଟିଂ ୨୧.୫ ଓଭରରେ ୨ ଉଇକେଟ ବିନିମୟରେ୧୨୩ ରନ କରିଥିଲା। ଦଳ ପକ୍ଷରୁ ଆଦିତ୍ୟ ଷଡ଼ଙ୍ଗୀ ୬୪ ଓ ଅସିମ ବରାଡ ୪୫ ରନ କରିଥିଲେ। ଗ୍ରୀନ୍ ଏକାଡେମୀ ତରଫରୁ ସୌମ୍ୟ ପାଣ୍ଡେ ପତନ ଘଟିଥିବା ୨ଟି ଉଇକେଟ ମାତ୍ର ୯ ରନ ବିନିମୟରେ ଅକ୍ତିଆର କରିଥିଲେ। ଡିଏଲ୍‌ଏସ ପଦ୍ଧତିରେ ପ୍ରଗତି ସ୍ପୋର୍ଟିଂକୁ ବିଜୟୀ ଘୋଷଣା କରାଯାଇଥିଲା। ମ୍ୟାନ ଅଫ୍ ଦି ମ୍ୟାଚ ଅସିମ ବରାଡଙ୍କୁ ଅତିଥି ତଥା ରଣଜୀ ଖେଳାଳି ପ୍ରତୀକ ଦାସ ପୁରସ୍କୃତ କରିଥିଲେ।

ସିନ୍ଧୁ, ଶ୍ରୀକାନ୍ତ, ପ୍ରଣୟ କ୍ୱାର୍ଟରଫାଇନାଲରେ

VICTOR
BWF
Badminton4U
TOYOTA
ରିଟର୍ନ ଶଟ୍ ଖେଳୁଛନ୍ତି ପି.ଭି ସିନ୍ଧୁ।

ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ

କୁଆଲାଲମ୍ପୁର, ୨୫।୫ (ପି.ଟି.)

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ, ଏଚ.ଏସ୍ ପ୍ରଣୟ ଓ କିଡାମ୍ବି ଶ୍ରୀକାନ୍ତ ମାଲେସିଆ ମାଷ୍ଟର୍ସ ସୁପର ୫୦୦ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଡବଲ ଅଲିମ୍ପିକ ପଦକ ବିଜେତା ୬ଷ୍ଠ ସିଡ୍ ସିନ୍ଧୁ ମହିଳା ସିଙ୍ଗଲ୍ସରେ ଜାପାନର ଆୟା ଓହୋରିଙ୍କୁ ସିଧାସଳଖ ଗେମ୍‌ରେ ହରାଇ ଦେଇଥିବା ବେଳେ ପ୍ରଣୟ ୩ ଗେମ୍ ବିଶିଷ୍ଟ ପୁରୁଷ ସିଙ୍ଗଲ୍ସରେ ଚାଇନାର ଶି' ଫେଙ୍ଗ୍ ଲି'ଙ୍କୁ ପରାସ୍ତ କରିଛନ୍ତି। ଶ୍ରୀକାନ୍ତ ଇଣ୍ଡିଆ ଓପନ ଚାମ୍ପିୟନ ଏବଂ ୮ମ ସିଡ୍ ଥାଇଲାଣ୍ଡର କୁନ୍‌ଲାଭଟ ଭିଟିଡସରନଙ୍କ ବିପକ୍ଷରେ ବିଜୟ ହାସଲ କରିଛନ୍ତି। ବିଶ୍ୱର ୧୩ ନମ୍ବର ସିନ୍ଧୁ ୨୮ ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ଓହୋରିଙ୍କ ବିପକ୍ଷରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ପ୍ରି–କ୍ୱାର୍ଟରରେ ସେ ଜାପାନୀ ଖେଳାଳିଙ୍କୁ ୨୧–୧୬, ୨୧–୧୧ରେ ପରାସ୍ତ କରିଥିଲେ। ଜାପାନୀ ଖେଳାଳିଙ୍କ ବିପକ୍ଷରେ ଏପର୍ଯ୍ୟନ୍ତ ଖେଳିଥିବା ସମସ୍ତ ୧୩ଟି ଗେମ୍‌ରେ ସିନ୍ଧୁ ବିଜୟ ଲାଭ କରିଛନ୍ତି। କ୍ୱାର୍ଟରଫାଇନାଲରେ ସେ ଚାଇନାର ୟି ମାନ୍ ଝାଙ୍ଗଙ୍କୁ ଭେଟିବେ। ବିଶ୍ୱର ୯ ନମ୍ବର ପ୍ରଣୟ ବିଶ୍ୱର ୧୧ ନମ୍ବର ତଥା ଅଲ ଇଂଲଣ୍ଡ ଚାମ୍ପିୟନ ଲି'ଙ୍କ ବିପକ୍ଷରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ୧୩–୨୧, ୨୧–୧୬, ୨୧–୧୧ରେ ବିଜୟୀ ହୋଇଛନ୍ତି। ଏହି ମ୍ୟାଚ ୧ଘଣ୍ଟା ୧୦ମିନିଟ ଧରି ଚାଲିଥିଲା। ପ୍ରଣୟ ପରବର୍ତ୍ତୀ ରାଉଣ୍ଡରେ ଜାପାନର କେଣ୍ଟା ନିଶିମୋଟୋଙ୍କୁ ଭେଟିବେ, ଯିଏକି ୨୦୨୨ ଜାପାନ ଓପନ ଓ ସ୍ପେନ ମାଷ୍ଟର୍ସ ଜିତିଥିଲେ। ସେହିପରି ଶ୍ରୀକାନ୍ତ ୨୧–୧୯, ୨୧–୧୯ରେ ଭିଦିତଶରଣଙ୍କୁ ପରାସ୍ତ କରିଛନ୍ତି। ୨୦୨୧ ବିଶ୍ୱ ଚାମ୍ପିୟନଶିପ୍ ରୌପ୍ୟ ବିଜେତା କ୍ୱାର୍ଟରଫାଇନାଲରେ ଇଣ୍ଡୋନେସିଆର କ୍ୱାଲିଫାୟର ଖ୍ରିଷ୍ଟିଆନ୍ ଆଦିନାତାଙ୍କ ସହ ମୁକାବିଲା କରିବେ। ଅନ୍ୟପକ୍ଷରେ ଲକ୍ଷ୍ୟ ସେନ୍ କିନ୍ତୁ ତାଙ୍କ ମ୍ୟାଚ ହାରିଯାଇଛନ୍ତି। ହଂକଂର ଆଙ୍ଗସ ଏଙ୍ଗ କା ଲଙ୍ଗ୍‌ଙ୍କଠାରୁ ସେ ୧୪–୨୧, ୧୯–୨୧ରେ ପରାଜିତ ହୋଇଛନ୍ତି।



ଯନ୍ତର ମନ୍ତର ଠାରେ ଆନ୍ଦୋଳନର ୩୩ତମ ଦିନରେ ଜନତାଙ୍କ ସହିତ ସାକ୍ଷୀ ମଲିକ୍ ଓ ଭିନେଶ୍ ଫୋଗଟ୍।

ଦ୍ୱିତୀୟ ଦିନରେ ଜିତିଲା ଭୁବନେଶ୍ୱର 'ଏ'

କଳାହାଣ୍ଡି କପ୍ ସୁପରଲିଗ୍

ଭୁବନେଶ୍ୱର,୨୫।୫ (ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ଅନୁଷ୍ଠିତ ଦୁଇଦିନିଆ କଳାହାଣ୍ଡି କପ୍ ସୁପରଲିଗ୍‌ର ପ୍ରଥମ ଦିନ ଖେଳ ସମାପ୍ତ ହୋଇଛି। ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା କଟକ 'ଏ', ଅବଶିଷ୍ଟ ଓଡ଼ିଶା 'ଏ' ଓ ଅବଶିଷ୍ଟ ଓଡ଼ିଶା 'ବି' ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ଦିନରେ ବିଜୟୀ ହୋଇଛି ଭୁବନେଶ୍ୱର 'ଏ'। ଭୁବନେଶ୍ୱର'ଏ' ପକ୍ଷରୁ ରୀତେଶ ପ୍ରିୟରଞ୍ଜନ ୩୫ ରନ୍ ଦେଇ ୬ ଉଇକେଟ ହାସଲ କରିଥିଲେ।

ପ୍ରଥମ ଦିନରେ ଡ୍ରିମ୍ସ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଇକୋର୍ସାକୁ ୭ ଉଇକେଟରେ ପରାସ୍ତ କରିଥିଲା କଟକ ଏ'। ରେଭେନ୍ସା ଗ୍ରାଉଣ୍ଡ–୧ରେ ଅବଶିଷ୍ଟ ଓଡ଼ିଶା ବି' ୮ ଉଇକେଟରେ ସମ୍ବଲପୁରକୁ ପରାସ୍ତ କରିଥିଲା। ସେହିପରି ଏମ୍‌ଜିଏମ ଏସ୍‌ଓଏସ୍ ଗ୍ରାଉଣ୍ଡରେ ଅବଶିଷ୍ଟ ଓଡ଼ିଶା 'ବି' ୫୦ ରନ୍‌ରେ ଢେଙ୍କାନାଳକୁ ପରାସ୍ତ କରିଥିଲା। ସନ୍‌ସାଇନ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର ଏ' ୮ ଉଇକେଟରେ ଝାରସୁଗୁଡ଼ାକୁ ପରାସ୍ତ କରିଛି। ଝାରସୁଗୁଡା ପ୍ରଥମେ ବ୍ୟାଟିଂ କରି ୫୬.୨ ଓଭରରେ ୨୧୧ ରନ୍‌ରେ ଅଲଆଉଟ ହୋଇଥିଲା। ରୋହନ ପ୍ରସାଦ ୭୩ ରନ କରିଥିବା ବେଳେ ରୀତେଶ ପ୍ରିୟରଞ୍ଜନ ୩୫ ରନ୍ ଦେଇ ୬ ଉଇକେଟ ନେଇଥିଲେ। ଜବାବରେ ଭୁବନେଶ୍ୱର 'ଏ' ୬୧.୨ ଓଭରରେ ୨ ଉଇକେଟ ହରାଇ ୨୧୪ ରନ୍ କରିଥିଲା। ମାନସ ନାୟକ ୯୩ ରନ୍ କରିଥିବା ବେଳେ ଦେବାଶିଷ ଅପରାଜିତ ୫୧ ରନ୍ ସଂଗ୍ରହ କରିଥିଲେ।

ରୀତେଶ ପ୍ରିୟରଞ୍ଜନ

ବେଲ୍‌ଜିୟମକୁ ଭେଟିବ ଭାରତ

ଆଜିଠୁ ୟୁରୋପ ଚରଣ ପ୍ରୋ ହକି ଲିଗ୍

ଲଣ୍ଡନ,୨୫।୫(ପି.ଟି.)

ପ୍ରୋ ହକି ଲିଗ୍‌ର ୟୁରୋପ ଚରଣ ଶୁକ୍ରବାର ଆରମ୍ଭ ହେବ। ପ୍ରଥମ ମ୍ୟାଚରେ ଭାରତ ବିଶ୍ୱ ଚାମ୍ପିୟନ ବେଲ୍‌ଜିୟମକୁ ଭେଟିବ। ୧୯ ପଏଣ୍ଟ ସହିତ ଭାରତ ପ୍ରୋ ହକି ଲିଗ୍ ପଏଣ୍ଟ ଟେବୁଲରେ ଏକ ନମ୍ବର ସ୍ଥାନରେ ରହିଛି। ଭାରତ ସମୁଦାୟ ୮ ମ୍ୟାଚ୍ ଖେଳିଥିବା ବେଳେ ୫ଟିରେ ବିଜୟୀ ହୋଇଛି। ନିକଟରେ ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଖେଳା ଯାଇଥିବା ଚରଣରେ ଭାରତ ନିଜର ୩ଟି ଯାକ ମ୍ୟାଚ୍ ବିଜୟୀ ହୋଇଥିଲା। ନୂତନ କୋଚ୍ କ୍ରେଗ୍ ଫୁଲଟନ୍‌ଙ୍କ ଅଧୀନରେ ଭାରତ ଖେଳିବାକୁ ଯାଉଥିବା ବେଳେ ଦଳ ସଫଳ ହେବାକୁ ପ୍ରୟାସ କରିବ। ବେଲ୍‌ଜିୟମ ଓ ଗ୍ରେଟ୍ ବ୍ରିଟେନ୍ ଏହି ସିରିଜରେ ଅଂଶଗ୍ରହଣ କରିବେ। ଆୟୋଜକ ଗ୍ରେଟ୍ ବ୍ରିଟେନ ମଧ ଚମତ୍କାର ଫର୍ମରେ ରହିଛି। କ୍ରିଷ୍ଟଚର୍ଚ୍ଚରେ ଖେଳା ଯାଇଥିବା ମ୍ୟାଚରେ ଦଳ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆକୁ ଦୁଇଟି ଲେଖାଏରେ ପରାସ୍ତ କରିଥିଲା। ୧୯ ପଏଣ୍ଟ ସହିତ ଦଳ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଭାରତୀୟ ଦଳର କୋଚ୍ ଭାବରେ ଦାୟିତ୍ୱ ଗ୍ରହଣ କରିଥିବା କ୍ରେଗ୍ ଫୁଲଟନଙ୍କ ପାଇଁ ଏହା ଏକ ବୃହତ୍ ଚ୍ୟାଲେଞ୍ଜ ରହିବ। ହରମନ୍‌ପ୍ରୀତ୍ ସିଂଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବେଲ୍‌ଜିୟମ ବିରୋଧରେ ନିଜର ବିଜୟଧାରା ବଜାୟ ରଖିବାକୁ ପ୍ରୟାସ କରିବ। ଅନ୍ୟପକ୍ଷରେ ଗ୍ରେଟ୍ ବ୍ରିଟେନ୍ ବିପକ୍ଷରେ ଭାରତ ଶେଷ ଥର ପାଇଁ ଟୋକିଓ ଅଲିମ୍ପିକ୍ସରେ ଖେଳିଥିଲା। ଏହି ମ୍ୟାଚ୍‌କୁ ଦଳ ୩–୧ରେ ଜିତି ନେଇଥିଲା। ୨୦୧୬ ପରଠାରୁ ଭାରତ ଓ ବେଲ୍‌ଜିୟମ ମଧ୍ୟରେ ୧୯ଟି ମ୍ୟାଚ୍ ଖେଳା ଯାଇଛି। ଏଥିରୁ ୯ ଥର ବେଲ୍‌ଜିୟମ ବିଜୟୀ ହୋଇଥିବା ବେଳେ ୮ ଥର ଭାରତ ଜିତିଛି ଓ ୨ଟି ମ୍ୟାଚ୍ ଡ୍ରରେ ଶେଷ ହୋଇଛି। ବିଗତ ୫–୬ ବର୍ଷ ମଧ୍ୟରେ ଉଭୟ ଦଳ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାର ସ୍ତର ବେଶ୍ ଉପରକୁ ଉଠିଥିବା ବେଳେ ଏହାକୁ ନେଇ ଆମେ ଉତ୍ସାହିତ ଅଛୁ ବୋଲି କହିଛନ୍ତି ଅଧିନାୟକ ହରମନ୍‌ପ୍ରୀତ ସିଂ।

ହରମନ୍‌ପ୍ରୀତ୍ ସିଂ

ଗଲ୍ଫ କୋର୍ସରେ ଓଡ଼ିଆ ଝିଅଙ୍କ କମାଲ

କାଶିକାଙ୍କ କରିସ୍ମା

ନିକଟରେ ଗଲ୍ଫ କୋର୍ସରୁ ଏକ ଭଲ ଖବର ଆଣିଛନ୍ତି ଜଣେ ଓଡ଼ିଆ ଝିଅ। ଯଦିଓ ସେ ରାଜ୍ୟ ବାହାରେ ରହୁଛନ୍ତି ତେବେ ଗଲ୍ଫ ପରି ଏକ ବ୍ୟୟ ବହୁଳ ଏବଂ କଷ୍ଟସାଧ ଖେଳରେ ଦକ୍ଷତା ଦେଖାଇ ପ୍ରଥମ ଓଡ଼ିଆ ଝିଅଭାବେ ବିଶ୍ୱ ଆମେଚର ଗଲ୍ଫ ର୍ୟାଙ୍କିଙ୍ଗ୍‌ରେ ସ୍ଥାନ ପାଇଛନ୍ତି। ଦିଲ୍ଲୀରେ ରହୁଥିବା ଏହି ଉଦୀୟମାନ ଗଲ୍ଫ ପ୍ରତିଭା ଜଣକ ହେଲେ କାଶିକା ମିଶ୍ର...

ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ସହ ପାଖାପାଖି ଡଜନେ ଖେଳର ଜାତୀୟ/ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନ କରି ଓଡ଼ିଶା ଏବେ ବିଶ୍ୱ କ୍ରୀଡ଼ା ଜଗତରେ ଚର୍ଚ୍ଚିତ। କଳିଙ୍ଗ ଷ୍ଟାଡିୟମରେ ଏକାଧିକ କ୍ରୀଡ଼ାର ହାଇପରଫର୍ମାନ୍ସ ସେଣ୍ଟର ଦେଶ ବିଦେଶର ଖେଳାଳିଙ୍କ ଦକ୍ଷତା ବଢ଼ାଇବାରେ ସହାୟକ ହୋଇପାରୁଛି। ଓଡ଼ିଆ ଖେଳାଳିଙ୍କ ଉଚ୍ଚ ପ୍ରଦର୍ଶନ ଏବେ କୌଣସି ନିର୍ଦ୍ଦିଷ୍ଟ କ୍ରୀଡ଼ାରେ ସୀମିତ ନାହିଁ, ଅଧିକାଂଶ ଖେଳରେ ସେମାନେ ପାରଙ୍ଗମ ବୋଲି ପ୍ରମାଣ କଲେଣି। ନିକଟରେ ଗଲ୍ଫ କୋର୍ସରୁ ଏକ ଭଲ ଖବର ଆଣିଛନ୍ତି ଜଣେ ଓଡ଼ିଆ ଝିଅ। ଯଦିଓ ସେ ରାଜ୍ୟ ବାହାରେ ରହୁଛନ୍ତି ତେବେ ଗଲ୍ଫପରି ଏକ ବ୍ୟୟ ବହୁଳ ଏବଂ କଷ୍ଟସାଧ ଖେଳରେ ଦକ୍ଷତା ଦେଖାଇ ସେ ପ୍ରଥମ ଓଡ଼ିଆ ଝିଅଭାବେ ବିଶ୍ୱ ଆମେଚର ଗଲ୍ଫ ର୍ୟାଙ୍କିଙ୍ଗ୍ (ଡବ୍ଲ୍ୟୁଏଜିଆର)ରେ ସ୍ଥାନ ପାଇଛନ୍ତି। ଏହି ଉଦୀୟମାନ ଗଲ୍ଫ ପ୍ରତିଭା ହେଲେ କାଶିକା ମିଶ୍ର। ଏବେ ମାତ୍ର ୧୬ ବର୍ଷ ହୋଇଥିବାରୁ କାଶିକାଙ୍କର ମନରେ ଅନେକ ସ୍ୱପ୍ନ। ସମ୍ପ୍ରତି ଦିଲ୍ଲୀରେ ରହୁଥିବା କାଶିକା ମେ’ ୧୭ରୁ ୧୯ ପର୍ଯ୍ୟନ୍ତ ଦିଲ୍ଲୀରେ ଅନୁଷ୍ଠିତ ଆମ୍‌ୱେ ନ୍ୟୁଟ୍ରିଲାଇଟ୍ ଗଲ୍ଫ ଟୁର୍-ଆଇଟିସି କ୍ଲାସିକ ଇଭେଣ୍ଟ ଜିତିଛନ୍ତି। ଏହା ଚଳିତ ବର୍ଷ ପାମ୍ ଡିସର୍ଟ ଏବଂ ଆମେରିକାର କାଲିଫର୍ନିଆରେ ହେବାକୁଥିବା ଏଫ୍‌ସିଜି କାଲାୱେ ୱାର୍ଲ୍ଡ ବିଶ୍ୱ ଚାମ୍ପିୟନଶିପ୍ ଜୁନିୟର ଗଲ୍ଫ ଟୁର୍ନାମେଣ୍ଟର କ୍ୱାଲିଫାଇଂ ଇଭେଣ୍ଟ ଥିଲା। ଫଳରେ ସେ ଏହି ଦୁଇ ପ୍ରତିଯୋଗିତା ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

ଗଞ୍ଜାମ ଜିଲା ଧରାକୋଟ ହେଉଛି କାଶିକାଙ୍କ ଗାଁ। ମା’ଙ୍କ ନାମ କିରଣ ଏବଂ ବାପା ବ୍ରିଗେଡିୟର ଟି.କେ. ମିଶ୍ର। ସମ୍ପ୍ରତି ପରିବାର ସହ ସେ ଦିଲ୍ଲୀରେ ରହୁଛନ୍ତି। ଗୁରୁଗ୍ରାମର ଶ୍ରୀରାମ ସ୍କୁଲରେ ସମ୍ପ୍ରତି ଏକାଦଶ ଶ୍ରେଣୀରେ ପଢୁଥିବା କାଶିକା ପିଲାଦିନେ ଡ୍ୟାନ୍ସିଂ ଏବଂ ରାଇଡିଂରେ ରୁଚି ରଖିଥିଲେ। ମାତ୍ର ଝିଅର ଗଲ୍ଫ କଳା ସମ୍ପର୍କରେ ଜାଣି ପାରିଥିଲେ ବାପା ବ୍ରିଗେଡିୟର ମିଶ୍ର। ସେ ନିଜେ ଜଣେ ଗଲ୍ଫର ଥିବାରୁ ଝିଅକୁ ଗଲ୍ଫ କୋର୍ସକୁ ନେଇଥିଲେ। ତେଣୁ ବାପା ହେଉଛନ୍ତି କାଶିକାଙ୍କର ପ୍ରଥମ କୋଚ୍। ଅଫିସ ଯିବା ପୂର୍ବରୁ ଏବଂ ଆସିବା ପରେ ସେ ଝିଅକୁ ଗଲ୍ଫର କଳା କୌଶଳ ଶିଖାଉଥିଲେ। ଏପରିକି କୋଭିଡ୍-୧୯ ମହାମାରୀ ସମୟରେ ମଧ୍ୟ ସେ ଝିଅକୁ ଗଲ୍ଫ କୋର୍ସକୁ ନେବାକୁ ଭୁଲି ନ ଥିଲେ। ୨୦୧୯ରେ ୧୨ ବର୍ଷ ବୟସରୁ କାଶିକା ଗଲ୍ଫକୁ କ୍ୟାରିୟର କରିଥିଲେ। ଗଲ୍ଫର ମୌଳିକତା ସମ୍ପର୍କରେ ବାପାଙ୍କଠାରୁ ଜାଣିଥିବାପରେ ଗୁରୁଗ୍ରାମସ୍ଥିତ ଡିଏଲ୍‌ଏଫ୍ ଏକାଡେମୀରେ କୋଚ୍ ରାଜୁ ଜେମ୍ସଙ୍କଠାରୁ ସେ ପ୍ରଶିକ୍ଷଣ ନେଇଥିଲେ। ଏବେ ସେ ସେହି ଏକାଡେମୀରେ ପ୍ରତିଷ୍ଠିତ କୋଚ୍ ଆନିତ୍ୟ ଚାନ୍ଦ ଏବଂ ଡି.ପି. ସିଂଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି। ଗଲ୍ଫ ପ୍ରାକ୍ଟିସ ସହ ଫିଜିକାଲ ଷ୍ଟ୍ରେଣ୍ଡ ଟେକ୍ନିକ୍ସ ଏବଂ ଡାଏଟକୁ ମିଶାଇ ସେ ଦିନକୁ ୭ରୁ ୮ ଘଣ୍ଟା ଅଭ୍ୟାସ କରୁଛନ୍ତି। ନିଜ କ୍ୟାରିୟରକୁ ନେଇ ବେଶ୍ ସିରିୟସ ଥିବା କାଶିକା ଏହି ଖେଳରେ ବହୁ ଆଗକୁ ଯିବାର ଲକ୍ଷ୍ୟ ରଖିଛନ୍ତି। ସେ ସମ୍ପ୍ରତି ଡିଏଲ୍‌ଏଫ୍ ଏକାଡେମୀ, ଦିଲ୍ଲୀ ଗଲ୍ଫ କ୍ଲବ ଏବଂ ଆର୍ମି ଗଲ୍ଫ କୋର୍ସରେ ଖେଳୁଛନ୍ତି।

୨୦୨୨-୨୩ ସିଜନରେ କାଶିକା ମୋଟ ୧୧ଟି ଟୁର୍ ଇଭେଣ୍ଟରେ ଭାଗ ନେଇଥିଲେ। ଏହା ମଧ୍ୟରୁ ୯ଟିରେ ବିଜେତା ହୋଇଥିବାବେଳେ ୨ଟିରେ ରନରଅପ୍ ହୋଇଥିଲେ। ଏଥିରୁ ଗୋଟିଏରେ ଅର୍ଥାତ୍ ଡବ୍ଲ୍ୟୁଏଜିଆର୍ ଗୁରୁଗ୍ରାମ ମ୍ୟାଚପ୍ଲେ ଚାମ୍ପିୟନଶିପ୍‌ରେ ସେ ଭାରତର ପୂର୍ବତନ ନମ୍ବରୱାନ ଖେଳାଳି ଖୁସି ହୋଦାଙ୍କୁ ହରାଇବାର ସୌଭାଗ୍ୟ ପାଇଥିଲେ। ଆମ୍‌ୱେ ନ୍ୟୁଟ୍ରିଲାଇଟ୍ ଟୁର୍ ୱାର୍ଲ୍ଡ ଆମେଚର ଗଲ୍ଫ ର୍ୟାଙ୍କିଙ୍ଗ୍ ଟୁର୍ନାମେଣ୍ଟ ତାଙ୍କ ପାଇଁ ସବୁଠାରୁ ସ୍ମରଣୀୟ ରହିଥିଲା। କାରଣ ଏହି ଟୁର୍ନାମେଣ୍ଟ ଜିତିବା ସହ ସେ ବିଶ୍ୱ ଆମେଚର ଗଲ୍ଫ ର୍ୟାଙ୍କିଙ୍ଗ୍‌ରେ ସ୍ଥାନ ପାଇଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ପାଦ ଥାପି ଚାଲିଛନ୍ତି କାଶିକା। ସେ ଥାଇଲାଣ୍ଡରେ ଅନୁଷ୍ଠିତ ପିପିଟିଭି ଜୁନିୟର ଗଲ୍ଫ, ଆମେରିକାରେ ଆୟୋଜିତ ଏଫ୍‌ଜିସି କାଲାୱେ ବିଶ୍ୱ ଚାମ୍ପିୟନଶିପ୍ ଏବଂ ଏଫ୍‌ଜିସି କାଲାୱେ ଜୁନିୟର ଗଲ୍ଫ ଚାମ୍ପିୟନଶିପ୍, ଦକ୍ଷିଣ ଆଫ୍ରିକାରେ ଆୟୋଜିତ ଜୁନିୟର ଆଫ୍ରିକା ଚାଲେଞ୍ଜ, ଥାଇଲାଣ୍ଡର ଫୁକେଟଠାରେ ଅନୁଷ୍ଠିତ ଟିଜେଡିଟି ଜୁନିୟର ଗଲ୍ଫ ଟୁର୍ନାମେଣ୍ଟ ଆଦି ପ୍ରତିଯୋଗିତାରେ ଭାଗନେଇ ସାରିଛନ୍ତି।

ଚାକିରି ପାଇଁ ବ୍ରିଗେଡିୟର ମିଶ୍ର ବ୍ୟସ୍ତ ରହୁଥିବାରୁ ମା’ କିରଣ ଝିଅ କାଶିକାଙ୍କର ସମସ୍ତ ଦାୟିତ୍ୱ ନେଇଥାନ୍ତି। ଝିଅର ଦୈନନ୍ଦିନ ଅଭ୍ୟାସ, ପ୍ରସ୍ତୁତି, ଭବିଷ୍ୟତର ଟୁର୍ନାମେଣ୍ଟ ପାଇଁ ଯୋଜନା, ଟ୍ରାଭେଲିଂ ଆଦି ସମସ୍ତ କଥା ବୁଝିଥାନ୍ତି। ଫଳରେ ନିଜ ସଫଳତାର ଶ୍ରେୟ ମଧ୍ୟ ମା’ଙ୍କୁ ଦେବାକୁ ଭୁଲିକନାହାନ୍ତି କାଶିକା।

-ତପନ ସ୍ୱାଇଁ

ସଂକ୍ଷେପରେ...

ନାମ: କାଶିକା ମିଶ୍ର
ଜନ୍ମ: ୧୨ ଜୁଲାଇ ୨୦୦୭
ପରିବାର: ମା’-କିରଣ, ବାପା ବ୍ରିଗେଡିୟର ଟି.କେ. ମିଶ୍ର
ଘର: ଧରାକୋଟ, ଗଞ୍ଜାମ
ବର୍ତ୍ତମାନ ବାସସ୍ଥାନ: ନୂଆଦିଲ୍ଲୀ
ସ୍କୁଲିଂ: ଶ୍ରୀରାମ ସ୍କୁଲ, ଗୁରୁଗ୍ରାମ
କୋଚ୍: ରାଜୁ ଜେମ୍ସ, ଆନିତ୍ୟ ଚାନ୍ଦ, ଡି.ପି. ସିଂ
ଗଲ୍ଫ କୋର୍ସ: ଡିଏଲ୍‌ଏଫ୍ ଏକାଡେମୀ, ଦିଲ୍ଲୀ ଗଲ୍ଫ କ୍ଲବ

INDIA
SINGH
NAIROBI 21

ଉତ୍ତର ପ୍ରଦେଶ ଲଙ୍ଗ୍ ଜମ୍ପର ଶାଇଲି ସିଂଙ୍କୁ ଭବିଷ୍ୟତର ଅଞ୍ଜୁ ବବି ଜର୍ଜଙ୍କ ସହ ତୁଳନା କରାଯାଉଛି। ଅଞ୍ଜୁଙ୍କ ନିକଟରେ ପ୍ରଶିକ୍ଷଣ ନେଉଥିବା ଶାଇଲି ହିଁ ଭାରତର ଭବିଷ୍ୟତ ବୋଲି ନିଜେ ଅଞ୍ଜୁ ସ୍ୱୀକାର କରିଛନ୍ତି....

ଅଲିମ୍ପିକ୍ସ ପଦକ ଲକ୍ଷ୍ୟରେ ଶାଇଲି

ଭାରତୀୟଙ୍କ ପ୍ରଦର୍ଶନ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ଏତେଟା ଆଖିଦୃଶିଆ ନୁହେଁ। ଅତୀତରେ ମିଲ୍‌ଖା ସିଂହ, ପି.ଟି. ଉଷା ଓ ଅଞ୍ଜୁ ବବି ଜର୍ଜଙ୍କ ପରି ଖେଳାଳି ଚମତ୍କାର ପ୍ରଦର୍ଶନ କରିଥିବା ବେଳେ ଯୁବ ପିଢିର ଅନେକ ଖେଳାଳି ସମାନ ପଥର ଯାତ୍ରୀ ଅଟନ୍ତି। ନୀରଜ ଚୋପ୍ରା ଦେଶ ପାଇଁ ଆଥଲେଟିକ୍ସରେ ପ୍ରଥମ ବ୍ୟକ୍ତିଗତ ସ୍ୱର୍ଣ୍ଣ ଜିତିବା ପରେ ବର୍ତ୍ତମାନ ଖେଳାଳିଙ୍କ ଠାରୁ ଦେଶବାସୀଙ୍କ ଆଶା ବୃଦ୍ଧି ପାଇବାରେ ଲାଗିଛି। ଏହି ଧାରାରେ ବର୍ତ୍ତମାନ ସାମିଲ ହୋଇଛନ୍ତି ଆଉ ଜଣେ ୧୯ ବର୍ଷୀୟ ଖେଳାଳି। ଉତ୍ତର ପ୍ରଦେଶରେ ଲଙ୍ଗ ଜମ୍ପର ଶାଇଲି ସିଂଙ୍କୁ ଭବିଷ୍ୟତର ଅଞ୍ଜୁ ବବି ଜର୍ଜ ଭାବରେ ତୁଳନା କରାଯାଉଛି। ଅଞ୍ଜୁଙ୍କ ନିକଟରେ ପ୍ରଶିକ୍ଷଣ ନେଉଥିବା ଶାଇଲି ହିଁ ଭାରତର ଭବିଷତ ବୋଲି ନିଜେ ଅଞ୍ଜୁ ସ୍ୱୀକାର କରିଛନ୍ତି। ୨୦୨୧ ମସିହାରେ ଶାଇଲି ମାତ୍ର ୧୭ ବର୍ଷ ବୟସରେ ନାଇରୋବିରେ ଅନୁଷ୍ଠିତ ଜୁନିୟର ବିଶ୍ୱ ଚାମ୍ପିୟନଶିପରେ ୬.୫୯ ମିଟରର ଜମ୍ପ ସହିତ ରୌପ୍ୟ ପଦକ ହାସଲ କରିଥିଲେ। ଏହା ସହିତ ସେ ଜୁନିୟର ସ୍ତରର ଜାତୀୟ ରେକର୍ଡ ନିଜ ନାମରେ କରିଥିଲେ। ଏହାର ଦୁଇ ବର୍ଷ ପରେ ଇଣ୍ଡିଆନ୍ ଗ୍ରାଣ୍ଡ ପ୍ରି, ବେଙ୍ଗାଲୁରୁରେ ୬.୭୬ ମିଟର ଜମ୍ପ କରିଥିଲେ। ଜାତୀୟ ରେକର୍ଡ ଠାରୁ ଏହା ମାତ୍ର ୦.୭ ମିଟର ପଛରେ ରହିଥିବା ବେଳେ ଖୁବ୍ ଶୀଘ୍ର ଶାଇଲି ଏହି ରେକର୍ଡ ଭାଙ୍ଗିବେ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ଅଞ୍ଜୁ। ୧୯ ବର୍ଷ ତଳେ ଅଞ୍ଜୁ ଏଥେନ୍ସ ଅଲିମ୍ପିକ୍ସରେ ୬.୮୩ ମିଟର ଦୂରତା ଅତିକ୍ରମ କରିଥିଲେ।

ସଂଘର୍ଷରୁ ସଫଳତା: ଶାଇଲିଙ୍କ ସଫଳତାର କାହାଣୀ ସଭିଙ୍କୁ ଜଣାଥିବା ବେଳେ ଏହା ପଛର ସଂଘର୍ଷ ସମ୍ପର୍କରେ କମ୍ ଲୋକ ଜାଣନ୍ତି। ସାଇଲିଙ୍କ ମା’ ତାଙ୍କୁ ଏକାକୀ ବଡ଼ କରିଛନ୍ତି। ଜଣେ ଟେଲର ଭାବରେ କାମ କରି ପରିବାର ଚଳାଇବା ସହିତ ସେ ଶାଇଲିଙ୍କୁ ଆଗକୁ ନେଇଛନ୍ତି। ଏପରି ପ୍ରତିକୂଳ ପରସ୍ଥିତିରୁ ଆସି ଶାଇଲି ଯେଉଁ ସଫଳତା ହାସଲ କରିଛନ୍ତି ତାହା ପ୍ରଶଂସାଯୋଗ୍ୟ। ତେବେ ଏକ ୧୪ ବର୍ଷରୁ କମ୍ ଜାତୀୟ ଟୁର୍ନାମେଣ୍ଟରୁ ଶାଇଲିଙ୍କ ଜୀବନରେ ଆସେ ବଡ଼ ପରିବର୍ତ୍ତନ। ଏହି ଟୁର୍ନାମେଣ୍ଟରେ ଅଞ୍ଜୁଙ୍କ ନଜର ଶାଇଲିଙ୍କ ଉପରେ ପଡ଼େ। ଉକ୍ତ ଟୁର୍ନାମେଣ୍ଟରେ ଶାଇଲି ମାତ୍ର ୪.୬୪ ମିଟର ଜମ୍ପ କରିଥିଲେ ଓ ପଞ୍ଚମରେ ରହିଥିଲେ। ଯେମିତି ଗୁଣ ଚିହ୍ନେ ଗୁଣିଆ ବୋଲି କୁହନ୍ତି ସେମିତି ନିଜ ସମୟର ଶ୍ରେଷ୍ଠ ଲଙ୍ଗ ଜମ୍ପର ଅଞ୍ଜୁ ବବି ଜର୍ଜଙ୍କ ନଜର ପଡିଥିଲା ଶାଇଲିଙ୍କ ଅନ୍ତର୍ନିହିତ ପ୍ରତିଭା ଉପରେ। ସ୍ୱାମୀ ରବର୍ଟ ବବି ଜର୍ଜଙ୍କ ସହିତ ମିଶି ସେ ଶାଇଲିଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅନ୍ତର୍ଜାତୀୟ ସ୍ତରରେ ସଫଳତା ପରେ ଅଞ୍ଜୁ ସେ ଦିନ କାହିଁକି ତାଙ୍କୁ ଚୟନ କରିଥିଲେ ଏହାକୁ ନେଇ ଶାଇଲି ଆଶ୍ଚର୍ଯ୍ୟ ପ୍ରକଟ କରିଥାନ୍ତି। ଅଞ୍ଜୁଙ୍କ ଅଧୀନରେ ଶାଇଲି ଦ୍ରୁତ ଉନ୍ନତି କରିଥିବା ବେଳେ ଆହୁରି ଅନେକ ପଥ ଅତିକ୍ରମ କରିବାକୁ ବାକି ଅଛି ବୋଲି ଅଞ୍ଜୁ ସ୍ୱୀକାର କରିଛନ୍ତି।

ଅଞ୍ଜୁ ବବି ଜର୍ଜଙ୍କ ସହ ଶାଇଲି ସିଂ

ଲକ୍ଷ୍ୟ ପ୍ୟାରିସ ଅଲିମ୍ପିକ୍ସ ପଦକ: ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ପଦକ ବିଜୟୀ ହେବା ଲକ୍ଷ୍ୟ ଉଭୟ ଅଞ୍ଜୁ ଓ ଶାଇଲି ରଖିଛନ୍ତି। ଶାଇଲି ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିସାରିଥିବା ବେଳେ ପଦକ ଜିତିବା ସାମାନ୍ୟ କଷ୍ଟସାଧ ରହିବ। ଅଞ୍ଜୁଙ୍କ ଅନୁସାରେ ଶାଇଲି ନିଜ ପ୍ରଦର୍ଶନରେ ସାମାନ୍ୟ ଉନ୍ନତି ଆଣିଲେ ଟପ୍-୮ରେ ସାମିଲ ହୋଇପାରିବେ। ବର୍ତ୍ତମାନ ଶାଇଲିଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ବିଶ୍ୱର ୧୩ ଆଥଲେଟଙ୍କଠାରୁ ପଛରେ ରହିଛି। ଗତବର୍ଷ ରାଜ୍ୟ ଗୋଷ୍ଠୀ କ୍ରୀଡ଼ା ପୂର୍ବରୁ ଶାଇଲି ଆହତ କାରଣରୁ ପ୍ରଦର୍ଶନ ସାମାନ୍ୟ ପ୍ରଭାବିତ ହୋଇଛି। ଗତ ସପ୍ତାହରେ ସେ ଜାପାନରେ ଅନୁଷ୍ଠିତ ସେଇକୋ ଗୋଲ୍ଡେନ୍ ଗ୍ରାଁ ପ୍ରିରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅନେକ ଲଙ୍ଗଜମ୍ପରଙ୍କୁ ପଛରେ ପକାଇ ସେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

-ସରୋଜ ଜେନା

ତୃଣମୂଳ ସ୍ତରରେ ଫୁଟ୍‌ବଲର ବିକାଶ ପାଇଁ ଯୋଜନା

ପ୍ରଫୁଲ୍ଲ କୁମାର ମିଶ୍ର

ତୃଣମୂଳ ସ୍ତରର ଫୁଟବଲ ବିକାଶ ଲାଗି ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଏବଂ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ମିଳିତ ଉଦ୍ୟମରେ ବିଭିନ୍ନ ଜିଲାରେ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯିବ ବୋଲି ସ୍ଥିର କରାଯାଉଛି। ଏହା ପ୍ରକୃତରେ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୌବେ ସାରା ଭାରତରେ ତୃଣମୂଳ ସ୍ତରର ଫୁଟବଲ ବିକାଶ ଲାଗି ସବୁ ରାଜ୍ୟର ଫୁଟବଲ ସଂଘଙ୍କୁ ପରାମର୍ଶ ଦେଉଛନ୍ତି। ବିଗତ ଦିନରେ ଏହି ପ୍ରକାର ଯୋଜନା କରାଯାଉଛି, ମାତ୍ର ଖେଳ ଉପଯୋଗୀ ପରିବେଶ ଏବଂ ଅର୍ଥ ଅଭାବରୁ ଫଳପ୍ରଦ ହେଉନାହିଁ। ତାହାର ସମାଧାନ ବାଟ ଖୋଜି ବାହାର କରିବା ଉଚିତ। ସାରା ପୃଥିବୀରେ କେତୋଟି ଦେଶ ଛାଡି ଦେଲେ ଫୁଟବଲ ଖେଳକୁ ବିଦେଶୀ ଦେଶଗୁଡ଼ିକର ଖେଳାଳି ଏବଂ ଦର୍ଶକମାନେ ପସନ୍ଦ କରନ୍ତି। କାରଣ ଫୁଟବଲ ଖେଳ ବିଦେଶରେ ଲୋକପ୍ରିୟ, ତାହା ସହିତ ତୃଣମୂଳସ୍ତରରେ ବିକାଶ କରିବାପାଇଁ ବୈଜ୍ଞାନିକ ପଦ୍ଧତିରେ ଉପାୟ ପ୍ରସ୍ତୁତି କରୁଛନ୍ତି। କିଛିବର୍ଷ ହେଲା, ଭାରତରେ ଆଇଏସ୍‌ଏଲ୍ ଏବଂ ଆଇ-ଲିଗ୍ ଟୁର୍ନାମେଣ୍ଟ ଆରମ୍ଭ ଦ୍ୱାରା ବାହାର ଦେଶର ପ୍ରଶିକ୍ଷକ ଏବଂ ଖେଳାଳି ସାମିଲ ହୋଇଛନ୍ତି। ଫଳରେ ଭାରତ ଫୁଟବଲ୍‌ର ଢାଞ୍ଚା ବଦଳୁଛି। ୧୯୬୧ ମସିହାରେ ଚୁନି ଗୋସ୍ୱାମୀ ଅଧିନାୟକ ଥିବା ସମୟରେ ଭାରତ ଏସିଆନ ଚାମ୍ପିୟନ ହୋଇଥିଲା। ୧୯୭୦ ମସିହା ପର୍ଯ୍ୟନ୍ତ ଭାରତର ସ୍ଥାନ ଏସିଆନ ଚାମ୍ପିୟନଶିପରେ ୧ରୁ ୩ ମଧ୍ୟରେ ରହୁଥିଲା । ପରେ ଏହି ସ୍ଥାନ ଏବେ ୬୭ ନମ୍ବରରେ ପହଞ୍ଚିଲାଣି। ଫିଫା ମାନ୍ୟତାରେ ଭାରତ ସ୍ଥାନ ୧୦୧ ରହିଛି।

କିଛିବର୍ଷ ହେଲା, ଭାରତରେ ଆଇଏସ୍‌ଏଲ୍ ଏବଂ ଆଇ-ଲିଗ୍ ଆରମ୍ଭ ଦ୍ୱାରା ବାହାର ଦେଶର ପ୍ରଶିକ୍ଷକ ଏବଂ ଖେଳାଳି ସାମିଲ ହେଉଛନ୍ତି । ଫଳରେ ଭାରତୀୟ ଫୁଟ୍‌ବଲ୍‌ର ଢାଞ୍ଚା ବଦଳୁଛି....

ରାଜ୍ୟର ଅଗ୍ରଣୀ ଫୁଟବଲ କ୍ଲବଗୁଡ଼ିକରେ ପ୍ରାୟତଃ ରାଜ୍ୟସ୍ତରୀୟ ଫୁଟବଲ ଖେଳାଳିମାନେ ସଦସ୍ୟ ଅଛନ୍ତି। ଫାଓ ସେମାନଙ୍କ ସହିତ ଯୋଗାଯୋଗ କରିବା ଉଚିତ । ଏହା ସହିତ ଫାଓର ଅନୁବନ୍ଧିତ ଜିଲା କ୍ରୀଡ଼ା ଅନୁଷ୍ଠାନଗୁଡ଼ିକ ତୃଣମୂଳ ସ୍ତରରେ ଖେଳାଳିମାନଙ୍କ ଅଭିଭାବକଙ୍କୁ ନେଇ ଛୋଟଛୋଟ ଫୁଟବଲ କର୍ମଶାଳା ଆୟୋଜନ କରିବା ଆବଶ୍ୟକ। ସିବିଏସ୍‌ଇ ଏବଂ ଆଇସିଏସ୍‌ଇ ପାଠ୍ୟକ୍ରମରେ କ୍ରୀଡ଼ାକୁ ବାଧ୍ୟତାମୂଳକ କରାଯିବାଭଳି ଓଡ଼ିଶାରେ ହାଇସ୍କୁଲ ପାଠ୍ୟକ୍ରମରେ କ୍ରୀଡ଼ାକୁ ବାଧ୍ୟତାମୂଳକ କରାଯିବା ଉଚିତ। ସରକାର ବିଭିନ୍ନ ସ୍କୁଲକୁ ଖେଳ ଉପକରଣ ପ୍ରଦାନ କରିବା ସହିତ ଖେଳ ପଡିଆ ନିର୍ମାଣ ପାଇଁ ଯୋଜନା କରିବା ଆବଶ୍ୟକ। ତୃଣମୂଳ ସ୍ତରରୁ ଫୁଟବଲ ଖେଳାଳିମାନଙ୍କୁ ଚିହ୍ନଟ କରି ବୟସ ଅନୁପାତରେ ଟୁର୍ନାମେଣ୍ଟ ହେଲେ ଫୁଟବଲ ମାହୋଲ ବଢ଼ିବ । ବର୍ତ୍ତମାନ ଦେଖାଗଲାଣି ସହରାଞ୍ଚଳରେ ଫୁଟବଲର ଚାହିଦା କମିଲାଣି, କିନ୍ତୁ ଗ୍ରାମାଞ୍ଚଳରେ ଫୁଟବଲ ଖେଳର ଚାହିଦା ଅଛି। ଏହି କାର୍ଯ୍ୟକ୍ରମକୁ ଗ୍ରାମାଞ୍ଚଳରେ ତ୍ୱରାନ୍ୱିତ କଲେ ଫୁଟବଲ ଖେଳର ବିକାଶ ହେବ ।

ଫେଭରିଟ୍

ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ
ସସ୍‌ପେନ୍ସ ଯାଏ ବଢ଼ି
ଲକ୍ଷ୍ନୌ ସୁପର ଜାଏଣ୍ଟ ଏଲିମିନେଟ
ପାରିଲାନି ଦଳ ଲଢ଼ି
ବିରାଟ ବି ଗଲା ପଡ଼ି
ଚେନ୍ନାଇ ସୁପର କିଙ୍ଗ୍ସ ଫେଭରିଟ
ଧୋନୀ କହେ ରଡ଼ି ଛାଡ଼ି।

ଫିଫା ୟୁଥ୍ ୱାର୍ଲ୍ଡକପ୍‌ରେ ଖେଳନ୍ତି
ବିଶ୍ୱର ଚବିଶି ଦେଶ
ଉଜବେକିସ୍ତାନ କୋରିଆ ଗାମ୍ବିଆ
ସ୍ଲୋଭାକିଆ ହଣ୍ଡୁରାସ
ସର୍ଜ କର ଇତିହାସ
ଆୟୋଜକ ଆର୍ଜେଣ୍ଟିନା ଫେଭରିଟ
ଘାନା ମୋଡ଼େ ପୁଣି ନିଶ।

ସନ୍ଧ୍ୟା ରଙ୍ଗନାଥନ ସାବିତ୍ରୀ ଭଣ୍ଡାରୀ
ଗୋଲ ଦେଇ ଇନ୍ଦୁମତୀ
ଗୋକୁଲମ୍ କେରଳ ହ୍ୟାଟ୍ରିକ ମାରିଛି
ଆଇଡବ୍ଲ୍ୟୁଏଲ୍ ଜିତି
ଫେଭରିଟ ନାରୀ ଜାତି
ଫୁଟବଲ କଥା ଶୁଣି ଭାରତର
ଯୁବକଙ୍କ ଥରେ ଛାତି।

-ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ମେ ୨୬/୨୦୨୩ Bhubaneswar, Friday, May 26/ 2023

ମୁମ୍ବାଇକୁ ଭେଟିବ ଗୁଜରାଟ

ଆଜି କ୍ୱାଲିଫାୟର୍-୨

ଅହମଦାବାଦ, ୨୫।୫ (ପି.ଟି.)

ଇଣ୍ଡିଆନ ପ୍ରିମିୟର୍ ଲିଗ୍ (ଆଇପିଏଲ)ର କ୍ୱାଲିଫାୟର-୨ରେ ପରସ୍ପରକୁ ଭେଟିବେ ଡିଫେଣ୍ଡିଂ ଚାମ୍ପିୟନ ଗୁଜରାଟ ଟାଇଟନ୍ସ ଓ ୫ ଥର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ। ଆକାଶ ମାଧୱାଲଙ୍କ ଯାଦୁକରୀ ସ୍ପେଲ ଜରିଆରେ ଲକ୍ଷ୍ନୌକୁ ୮୧ ରନ୍‌ରେ ପରାସ୍ତ କରି କ୍ୱାଲିଫାୟର-୨ ବା ସେମିଫାଇନାଲରେ ପ୍ରବେଶ କରିଛି ମୁମ୍ବାଇ। ଅନ୍ୟ ପକ୍ଷରେ କ୍ୱାଲିଫାୟର-୧ରେ ଚେନ୍ନାଇଠାରୁ ହାରି ଗୁଜରାଟ ଏଠାରେ ପହଞ୍ଚିଛି। ଶୁକ୍ରବାର ବିଶ୍ୱର ସର୍ବବୃହତ୍ ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଉଭୟ ଦଳ ପରସ୍ପର ସମ୍ମୁଖୀନ ହେବେ। ମୁମ୍ବାଇ ଯଶପ୍ରୀତ୍ ବୁମରା, ଜୋଫ୍ରା ଆର୍ଚର ଓ ତିଲକ ବର୍ମାଙ୍କ ପରି ନିର୍ଭରଯୋଗ୍ୟ ଖେଳାଳିଙ୍କ ବିନା ଯେଉଁଭଳି ପ୍ରଦର୍ଶନ କରିଛି ତାହା ସମସ୍ତଙ୍କୁ ପ୍ରଭାବିତ କରିଛି। କାମେରନ୍ ଗ୍ରୀନ୍, ସୂର୍ଯ୍ୟକୁମାର ଯାଦବ ଓ ଟିମ୍ ଡେଭିଡ୍‌ଙ୍କ ପରି ଖେଳାଳିଙ୍କ ପ୍ରଦର୍ଶନ ପ୍ରଶଂସାଯୋଗ୍ୟ ରହିଥିବା ବେଳେ ବୋଲିଂରେ ପୀୟୂଷ ଚାୱଲା, ଜାସନ୍ ବେହ୍ରେଣ୍ଡଫ୍ ଓ ଆକାଶ ମାଧୱାଲ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଏହି ଖେଳାଳିମାନେ ବିପକ୍ଷ ଦଳ ଉପରେ ନିଜର ଏକ ଛାପ ଛାଡିବାରେ ସଫଳ ହୋଇଛନ୍ତି। ଆକାଶ ମାଧୱାଲ ହାଇଦ୍ରାବାଦ ବିପକ୍ଷ ଅନ୍ତିମ ଲିଗ୍ ମ୍ୟାଚ୍ ଓ ଏଲିମିନେଟର-୧ ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ପୀୟୂଷ ଚାୱଲା ୨୧ ଉଇକେଟ ନେଇ ଦଳର ବୋଲିଂ ମେରୁଦଣ୍ଡ ରହିଥିବା ବେଳେ ଜାସନ୍ ବେହ୍ରେଣ୍ଡଫ୍ ୧୪ ଉଇକେଟ ନେଇଛନ୍ତି। ଅନ୍ୟ ପକ୍ଷରେ ଗୁଜରାଟ ଟାଇଟନ୍ସ ମଧ୍ୟ ସମାନ ଭାବରେ ଶକ୍ତିଶାଳୀ। ଲିଗ୍ ପର୍ଯ୍ୟାୟରେ ଟେବୁଲ ଟପ୍ପର ଭାବେ ଦଳ ଯୋଗ୍ୟତା ଅର୍ଜନ କରିଥିଲା। ମହେନ୍ଦ୍ର ସିଂ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍ସ ନିକଟରୁ ପରାଜିତ ହୋଇ ଦଳ କ୍ୱାଲିଫାୟର-୨ ଖେଳୁଥିଲେ ହେଁ ଏହି ଦଳକୁ ହେୟଜ୍ଞାନ କରିହେବ ନାହିଁ। ଓପନର ଶୁବମନ ଗିଲ୍ ଦଳର ମୁଖ୍ୟ ଶକ୍ତି ରହିଛନ୍ତି। ଚେନ୍ନାଇ ବିପକ୍ଷରେ ସେ ଫେଲ୍ ମାରିଥିଲେ ମଧ୍ୟ ମୁମ୍ବାଇ ପାଇଁ ସେ ଘାତକ ସାବ୍ୟସ୍ତ ହୋଇପାରନ୍ତି। ୧୫ ମ୍ୟାଚ୍‌ରୁ ୫୫.୫୩ ଆଭରେଜ ସହ ସେ ୭୨୨ ରନ୍ କରିଛନ୍ତି। ଗୁଜରାଟର ଅନ୍ୟତମ ଶ୍ରେଷ୍ଠ ବ୍ୟାଟର ବିଜୟ ଶଙ୍କରଙ୍କଠାରୁ ସେ ୪୨୧ ରନ୍ ଆଗରେ ରହିଛନ୍ତି। ବିଗତ ୪ ମ୍ୟାଚ୍‌ରେ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବ୍ୟାଟ ଚାଲି ନ ଥିବା ବେଳେ ଦଳ ତାଙ୍କଠାରୁ ବଡ ଇନିଂସ ଆଶା କରିବ। ଚଳିତ ସିଜନରେ ଉଭୟ ଦଳ ପରସ୍ପରକୁ ଥରେ ଲେଖାଏ ହରାଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ଗୁଜରାଟ ୫୫ ରନରେ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚକୁ ମୁମ୍ବାଇ ୨୭ ରନ୍‌ରେ ଜିତିଥିଲା। ବୋଲିଂ ବିଭାଗରେ ଗୁଜରାଟ ସାମାନ୍ୟ ଶକ୍ତିଶାଳୀ ମନେହେଉଛି। ପର୍ପଲ କ୍ୟାପ୍ ହୋଲ୍ଡର ମହମ୍ମଦ ଶାମିଙ୍କ ସହିତ ରଶିଦ୍ ଖାନ୍ ଓ ନୁର ଅହମଦଙ୍କ ଭଳି ବୋଲର ଦଳ ନିକଟରେ ରହିଛନ୍ତି।

ଅଭ୍ୟାସ ସେସନ ଅବସରରେ ହାର୍ଦ୍ଦିକ ପାଣ୍ଡ୍ୟା (ବାମ) ଓ ରୋହିତ ଶର୍ମା।

କ୍ଷମା ମାଗିଲେ ସ୍ପାନିଶ୍ ଲିଗ୍ ସଭାପତି

ଭିନିସିୟସ ଜାତିଆଣ ଆକ୍ଷେପ ମାମଲା

ମାଡ୍ରିଡ୍, ୨୫।୫(ପି.ଟି.)

ସ୍ପାନିସ୍ ଲିଗ୍ ଫୁଟବଲରେ ବ୍ରାଜିଲର ଫରୱାର୍ଡ ଖେଳାଳି ଭିନିସିୟସ୍ ଜୁନିୟରଙ୍କୁ ଜାତିଆଣ ଆକ୍ଷେପ ମାମଲାରେ କ୍ଷମାପ୍ରାର୍ଥନା କରିଛନ୍ତି ସ୍ପାନିଶ ଲିଗ୍ ସଭାପତି ଜାଭିଏର ଟେବାସ୍। ଭାଲେନ୍ସିଆ ବିପକ୍ଷରେ ରିୟଲ ମାଡ୍ରିଡ୍‌ର ୧-୦ ପରାଜୟରେ ମଷ୍ଟାଲ୍ଲା ଷ୍ଟାଡିୟମରେ ଜାତିଆଣ ଆକ୍ଷେପ ହେବା ପରେ ଇନ୍ଷ୍ଟାଗ୍ରାମ ଓ ଟୁଇଟରରେ ସେ ଏହାକୁ ନେଇ ଏକ ଭିଡିଓ ମଧ୍ୟ ପୋଷ୍ଟ କରିଥିଲେ। ୪ ବର୍ଷ ମଧ୍ୟରେ ୯ ଥର ତାଙ୍କୁ ଏମିତି ଜାତିଆଣ ଆକ୍ଷେପର ଶିକାର ହେବାକୁ ପଡିଥିବା ନେଇ ସେ କହିଥିଲେ। ସ୍ପାନିଶ୍ ଲିଗ୍‌ରେ ଜାତିଆଣ ଆକ୍ଷେପକୁ ସମର୍ଥନ କରାଯାଉଥିବା ନେଇ ସେ ଅଭିଯୋଗ ଆଣିବା ପରେ ଏହା ଉପରେ ଟେବାସ୍ ପ୍ରତିକ୍ରିୟା ରଖିଥିଲେ। ସ୍ପାନିଶ୍ ଲିଗ୍‌କୁ ବଦନାମ କରିବାର କୌଣସି ଅଧିକାର ଭିନିସିୟସଙ୍କର ନାହିଁ। ଭିନିସିୟସ୍ ଏଭଳି ଅଭିଯୋଗ କରିଥିଲେ ହେଁ ଆଲୋଚନା ପାଇଁ ଡାକରା ମିଳିବା ପରେ ମଧ୍ୟ ଆସୁନାହାନ୍ତି ବୋଲି କହିଥିଲେ। ତେବେ ସମଗ୍ର ବିଶ୍ୱରୁ ଭିନିସିୟସଙ୍କ ପ୍ରତି ସମର୍ଥନର ସୁଅ ଛୁଟିବା ପରେ ଟେବାସ୍ କ୍ଷମା ପ୍ରାର୍ଥନା କରିଛନ୍ତି। ଟିଭି ଗୋଲବୋରେ ଏକ ସାକ୍ଷାତକାର ଅବସରରେ ସେ ନିଜ ମନ୍ତବ୍ୟକୁ ନେଇ ଦୁଃଖିତ ବୋଲି କହିଛନ୍ତି। ପୂର୍ବରୁ ଭିନିସିୟସଙ୍କ ଅଭିଯୋଗ ଆଧାରରେ ଫୁଟବଲ୍ କ୍ଲବ ଭାଲେନ୍ସିଆ ଉପରେ ୪୫ ହଜାର ୟୁରୋ ବା ଭାରତୀୟ ମୁଦ୍ରାରେ ୪୦ ଲକ୍ଷ ୧୬ ହଜାର ୩୫୮ ଟଙ୍କାର ଫାଇନ୍ ଲାଗୁ କରାଯାଇଥିବା ବେଳେ ୭ ଜଣଙ୍କୁ ଗିରଫ କରାଯାଇଛି। ଜାନୁୟାରୀ ମାସରେ ଭିନିସିୟସଙ୍କ ଏଫିଗି(କଣ୍ଢେଇ ଆକୃତିର ପ୍ରତିମୂର୍ତ୍ତି)କୁ ଫାଶୀ ଦେଇଥିବା ଘଟଣାରେ ମଙ୍ଗଳବାର ପୋଲିସ ୪ ଜଣଙ୍କୁ ଗିରଫ କରିଥିଲା। ଉକ୍ତ ୪ ଜଣଙ୍କୁ ଶନିବାର ଛଡାଯାଇଥିବା ଜଣାପଡିଛି। ରବିବାର ମ୍ୟାଚ୍ ଘଟଣାରେ ପୋଲିସ୍ ଭିଡିଓ ଫୁଟେଜ୍ ତର୍ଜମା କରିବା ପରେ ମଧ୍ୟ ୩ ଜଣଙ୍କୁ ଗିରଫ କରିଥିଲା। ଭାଲେନ୍ସିଆ ଦଳକୁ ୪୫ ହଜାର ୟୁରୋ ଫାଇନ୍ ସହିତ ମଷ୍ଟାଲ୍ଲା ଷ୍ଟାଡିୟମର ଉକ୍ତଦର୍ଶକ ଷ୍ଟାଣ୍ଡକୁ ସାମୟିକ ଭାବରେ ବନ୍ଦ କରି ଦିଆଯାଇଛି। ଉକ୍ତ ଷ୍ଟାଣ୍ଡରେ ଭାଲେନ୍ସିଆର ହାର୍ଡକୋର ସମର୍ଥକଙ୍କ ଉପସ୍ଥିତି ଅଧିକ ରହିଥାଏ।

ଜାଭିଏର ଟେବାସ୍

ଅଷ୍ଟ୍ରେଲିଆ 'ଏ'ଠାରୁ ହାରିଲା ଭାରତ

ଆଡିଲେଡ୍, ୨୫।୫ (ପି.ଟି.)

ଅଷ୍ଟ୍ରେଲିଆ ସିନିୟର ମହିଳା ଦଳଠାରୁ ପରାଜିତ ହେବା ପରେ ଭ୍ରମଣକାରୀ ଭାରତୀୟ ଦଳ ଗୁରୁବାର ଅଷ୍ଟ୍ରେଲିଆ 'ଏ'ଦଳଠାରୁ ୨-୩ ଗୋଲରେ ପରାସ୍ତ ହୋଇଛି। ଭାରତ ତରଫରୁ ସଲିମା ଟେଟେ (୪୦ତମ ମିନିଟ) ଓ ସଙ୍ଗୀତା କୁମାରୀ (୫୪ତମ) ଦୁଇଟି ଗୋଲ ଦେଇଥିବା ବେଳେ ବିଜୟୀ ଦଳ ପକ୍ଷରୁ ଆଲିସ ରୁବି ହାରିସ (୨୦ତମ ଓ ୩୫ତମ) ଦୁଇଟି ଏବଂ ଅର୍ନଟ (୧୮ତମ) ଗୋଟିଏ ଗୋଲ ଦେଇଥିଲେ। ଭାରତ ଅଷ୍ଟ୍ରେଲିଆ 'ଏ' ବିପକ୍ଷରେ ଆଉ ଏକ ମ୍ୟାଚ ଶନିବାର ଖେଳିବ। ପୂର୍ବରୁ ଭାରତ ଅଷ୍ଟ୍ରେଲିଆ ସିନିୟର ଦଳ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ସିରିଜ ୦-୨ରେ ପରାଜିତ ହୋଇଥିଲା। ପ୍ରଥମ ଦୁଇଟି ମ୍ୟାଚ ୨-୪ ଓ ୨-୩ରେ ପରାଜିତ ହୋଇଥିବା ବେଳେ ତୃତୀୟ ମ୍ୟାଚ ୧-୧ରେ ଡ୍ରଭାବେ ଶେଷ ହୋଇଥିଲା।

MARUTI SUZUKI ARENA
ପ୍ରସ୍ତୁତ ହେଉଛି
WAGONR
ହୃଦୟରୁ ଷ୍ଟ୍ରଙ୍ଗ୍
WAGONR
ଅତୁଳନୀୟ ଫିଉଲ୍ ଏଫିସିଏନସି
25.19## km/l (ପେଟ୍ରୋଲ)^^
ବିଭିନ୍ନ CNG ଭେରିଏଣ୍ଟରେ ମଧ୍ୟ ଉପଲବ୍ଧ**
ଆଡ୍‌ଭାନ୍ସଡ୍ 1.2LK-ସିରିଜ୍ ଇଞ୍ଜିନ୍ ସହିତ ଆଇଡ୍‌ଲ୍ ଷ୍ଟାର୍ଟ-ଷ୍ଟପ (ISS)
ସ୍ପେସିଅସ୍ କେବିନ ସହିତ ଏନ୍‌ହାନ୍ସଡ୍ ଇଣ୍ଟେରିୟର୍ସ
ସ୍ମାର୍ଟପ୍ଲେ ଷ୍ଟୁଡିଓ ସହିତ ସ୍ମାର୍ଟଫୋନ୍ ନେଭିଗେସନ୍ ଏବଂ 4 ସ୍ପିକର୍ସ
SAVE UP TO ₹61 000*
100%^ ON-ROAD FUNDING AVAILABLE
UPGRADE from 2 WHEELER to 4 WHEELER*
WAGONR

E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: soupayan.kar@maruti.co.in

APARNAA MOTORS
SAMBALPUR
PARDHIAPALI: 9237395001.

ODYSSEY MOTORS
SAMBALPUR: AINTHAPALI: 7381433909. BOLANGIR: 9438068327.
BARGARH: 9556352943. NUAPADA: 7381017851.
SONEPUR: 9438068327. JHARSUGUDA: 9439892153.
BOUDH: 8594908009. PADAMPUR: 7381661837.

ORBIT MOTORS
ROURKELA: 9437041155, 9040404444.
SUNDARGARH: 9437049161, 9437131074.
DEOGARH: 9437061223, 7064400290.

LEGEND CARS
JEYPORE: 7894406481.
RAYAGADA: 9692883042.
BHAWANIPATNA: 7894442907.

SKY AUTOMOBILES
BERHAMPUR: 9778202019.
BHANJANAGAR: 9778202019.
PARALAKHEMUNDI: 9778202019.
PHULBANI: 9778202019.

*Offer includes consumer offer, exchange bonus, institutional or rural offer and 2 ka 4 wheeler offer (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. For more details, please contact your nearest ARENA dealership. **Accessories and features shown in the pictures may not be a part of standard equipment and may vary according to the variant. ##As certified by Test agency under Rule 115(G) of CMVR 1989. ^^1.0 L VXI AGS petrol variants. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st May, 2023.

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ